

ଭାରତୀୟ ଫୁଟ୍‌ବଲ୍‌କୁ ନେଇ ଛେତ୍ରୀ ଚିନ୍ତିତ ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 117 | ଭାଗ ୩୩ | ସଂଖ୍ୟା ୧୧୭ | Bhubaneswar | Friday 18 July 2025 | Page 8 Rs. 4.00 | ● ଭୁବନେଶ୍ୱର ଶୁକ୍ରବାର ୧୮ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ପଞ୍ଚାୟତ ପ୍ରତିନିଧିଙ୍କୁ ମିଳିବ ଅନୁକମ୍ପାମୂଳକ ସହାୟତା




**ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଞ୍ଚାୟତ ପ୍ରତିନିଧିମାନଙ୍କ ପାଇଁ କାର୍ଯ୍ୟ ଅବଧି ସମୟରେ ମୃତ୍ୟୁ କିମ୍ବା ଅକ୍ଷମତା ଘଟିଲେ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଆଜି ହୋଇଥିବା ଘୋଷଣାନୁଯାୟୀ, ପଞ୍ଚାୟତିରାଜ ବ୍ୟବସ୍ଥାରେ କାର୍ଯ୍ୟରତ ୱାର୍ଡ ମେମ୍ବରଙ୍କଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ସଭାପତି ପର୍ଯ୍ୟନ୍ତ ସମସ୍ତେ ଏହି ସହାୟତା ରାଶି ପାଇବେ। ପଞ୍ଚାୟତ ପ୍ରତିନିଧିମାନଙ୍କ କାର୍ଯ୍ୟଅବଧି ସମୟରେ କୌଣସି କାରଣରୁ ମୃତ୍ୟୁ ଘଟିଲେ ସେମାନଙ୍କ ନିକଟତମ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ସେହିଭଳି ଉଭୟ ଆଖି, ହାତ କିମ୍ବା ଗୋଡ଼ ନଷ୍ଟ କ୍ଷେତ୍ରରେ ସମ୍ପୃକ୍ତ ପଞ୍ଚାୟତ ପ୍ରତିନିଧିଙ୍କୁ ୨ ଲକ୍ଷ ଟଙ୍କା ଏବଂ ଗୋଟିଏ ଆଖି କିମ୍ବା ଗୋଟିଏ ହାତ କିମ୍ବା ଗୋଡ଼ ନଷ୍ଟ ହେଲେ ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସାମ୍ବିଧାନିକ ବ୍ୟବସ୍ଥାରେ ପଞ୍ଚାୟତ ପ୍ରତିନିଧିମାନେ ତୃଣମୂଳ ସ୍ତରରେ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟ କରୁଛନ୍ତି। ସେମାନେ ସିଧାସଳଖ ଲୋକଙ୍କ ସହ ଯୋଡ଼ି ହୋଇ ରହିଥାନ୍ତି। ଲୋକଙ୍କ ସୁବିଧାଅସୁବିଧାରେ ସେମାନଙ୍କୁ ସହାୟତା ଯୋଗାଇ ଦେଇଆସୁଛନ୍ତି। ପୃଷ୍ଠା-୬

### ଉତ୍ତର ପ୍ରଶାସନିକ ଅଭ୍ୟାସ ସଂକ୍ରାନ୍ତ କର୍ମଶାଳା ଉଦ୍‌ଘାଟିତ

# ସୁଶାସନ ଲୋକଙ୍କ ହକ୍: ମୋହନ

- ପ୍ରଶାସନିକ ସଂସ୍କାରଠୁ ପେପରଲେସ ବଜେଟ୍‌ରେ ଓଡ଼ିଶା ଆଗୁଆ
- ତିଆରି ହୋଇଛି ଶାସନ-ଶାସିତ ସମ୍ପର୍କର ନୂଆ ଅଧ୍ୟାୟ
- ପ୍ରଶାସନିକ ମାନସିକତା ଏବେ ପ୍ରତିକ୍ରିୟାଶୀଳ ହୋଇଛି
- ସାଧାରଣ ଲୋକଙ୍କ ଆତ୍ମସମ୍ମାନ ବଢ଼ିଛି: ଜିତେନ୍ଦ୍ର ସିଂ



**ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ):** ଆଜି ଏଠାରେ ଉତ୍ତମ ପ୍ରଶାସନିକ ଅଭ୍ୟାସ ଉପରେ ଦୁଇ ଦିନିଆ କର୍ମଶାଳା ଉଦଘାଟିତ ହୋଇଯାଇଛି। କେନ୍ଦ୍ର ବିଜ୍ଞାନ ଓ କାରିଗରୀ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ସାଧାରଣ ଅଭିଯୋଗ, ପେନସନ ପ୍ରଶାସନ, ଆଣବିକ ଶକ୍ତି ଓ ମହାକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ମିଳିତ ଭାବେ ଉଦଘାଟନ କରିଛନ୍ତି।

ଓଡ଼ିଶା ସରକାରଙ୍କ ସହଯୋଗରେ କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ (ଡିଏଆରପିଜି) ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀ ଆସନ୍ତାକାଲି ଉଦ୍‌ଯାପିତ ହେବ। ସାଧାରଣ ପ୍ରଶାସନ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଉତ୍କର୍ଷତା ପୁରସ୍କାର ଦ୍ୱାରା ପୁରସ୍କୃତ ହୋଇଥିବା ଅନୁକରଣୀୟ ପ୍ରଶାସନିକ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଆଲୋକପାତ କରାଯାଇ ଉତ୍ତମ ପ୍ରଶାସନିକ ଅଭ୍ୟାସ ବିଷୟବସ୍ତୁକୁ ନେଇ ଏହି ସମ୍ମିଳନୀ ଆୟୋଜିତ ହେଉଛି। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରଶାସନିକ ସଂସ୍କାରରେ ଉଲ୍ଲେଖନୀୟ ପ୍ରଗତି ହୋଇଛି। ସ୍ୱାଧୀନତା ପରଠାରୁ ଅନୁଷ୍ଠିତ ୪୧ଟି ସୁଶାସନ ସମ୍ମିଳନୀ ମଧ୍ୟରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟକାଳ ମଧ୍ୟରେ ୨୯ଟି ପ୍ରଭାବଶାଳୀ ସମ୍ମିଳନୀ ଆୟୋଜିତ ହୋଇଛି। ଏହା ବର୍ତ୍ତମାନର ଯୁଗରେ ପ୍ରଶାସନିକ ସଂସ୍କାରର ବ୍ୟାପକତା, ଗତି ଓ ଧାରାକୁ ପ୍ରତିଫଳିତ କରୁଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ମୋଦିଙ୍କ ନେତୃତ୍ୱରେ ସଂସ୍କାରର ୪ଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଡକ୍ଟର ସିଂହ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ପ୍ରଥମତଃ ସେ ଏହି ସଂସ୍କାରଗୁଡ଼ିକୁ ବୈପ୍ଲବିକ ଭାବେ ଅଭିହିତ କରିଥିଲେ। ପୁରୁଣା ବ୍ୟବସ୍ଥାଗୁଡ଼ିକୁ ବଦଳାଇବା ସହିତ ଦୀର୍ଘ ଦିନ ଧରି ଚାଲିଆସୁଥିବା ପରମ୍ପରାକୁ ଶ୍ରୀ ମୋଦୀ ବଦଳାଇବାକୁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟତଃ, ସେ ଏଗୁଡ଼ିକର ସୁଦୂରପ୍ରସାରୀ ସାମାଜିକ-ଆର୍ଥିକ ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ତୃଣମୂଳ ସ୍ତରରେ ଏଗୁଡ଼ିକ ସେବା ପ୍ରଦାନରେ ଉନ୍ନତି ଆଣିଛନ୍ତି ଏବଂ ନାଗରିକଙ୍କ ଜୀବନର ଗୁଣବତ୍ତା ବୃଦ୍ଧି କରିଛନ୍ତି। ତୃତୀୟତଃ, ଏହି ସଂସ୍କାରଗୁଡ଼ିକ ସାଧାରଣ ନାଗରିକଙ୍କ ମାନସିକତାକୁ ମୌଳିକ ଭାବରେ ପରିବର୍ତ୍ତନ କରିଛି। ସେମାନଙ୍କ ମଧ୍ୟରେ ବ୍ୟବସ୍ଥା ପ୍ରତି ଆତ୍ମସମ୍ମାନ, ଆତ୍ମବିଶ୍ୱାସ ଏବଂ ଭରସାର ଏକ ନୂତନ ଭାବନା ସୃଷ୍ଟି କରିଛି। ଶେଷରେ, କେନ୍ଦ୍ରୀୟ ସାର୍ବଜନୀନ ଅଭିଯୋଗ ସମାଧାନ ପୃଷ୍ଠା-୬

## ଅଗ୍ନି-୧, ପୃଥିବୀ-୨ର ସଫଳ ପରୀକ୍ଷଣ




- ୧୨ କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବ ଅଗ୍ନି-୧
- ୩୫୦ କିମି ମଧ୍ୟରେ ଟାର୍ଗେଟ କରିବ ପୃଥିବୀ-୨

**ବାଲେଶ୍ୱର,୧୭।୭(ସଂଚାର ବ୍ୟୁରୋ):** ଆଜି ଅଗ୍ନି-୧ ଓ ପୃଥିବୀ-୨ କ୍ଷେପଣାସ୍ତ୍ରର ସଫଳ ପରୀୟଣ ହୋଇଛି। ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ସହଯୋଗରେ ଭାରତୀୟ ସେନାର ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ପକ୍ଷରୁ ଗୋଟିଏ ଦିନରେ ଏହି ଦୁଇଟି କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଛି । ଚାନ୍ଦିପୁର ସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ରୁ ହୋଇଥିବା ଅଳ୍ପ ଦୂରଗାମୀ ଅଗ୍ନି -୧ ଓ ପୃଥିବୀ - ୨ କ୍ଷେପଣାସ୍ତ୍ରର ସଫଳ ହୋଇଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଦେଶର ଇଂଟିଗ୍ରେଟେଡ ଗାଇଡେଡ ମିସାଇଲ ଡେଭେଲୋପମେଣ୍ଟ୍ ପ୍ରୋଗ୍ରାମ (ଆଇଜିଏମଡିପି) ଅନ୍ତର୍ଗତ ବିକଶିତ ହୋଇଥିବା ଅଗ୍ନି-୧ କ୍ଷେପଣାସ୍ତ୍ରର ୭ ଶହରୁ ୧୨ ଶହ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କ୍ଷମତା ରହିଛି । ଏଥିରେ ଏକ ହଜାର କିଲୋଗ୍ରାମ ପର୍ଯ୍ୟାନ୍ତ ପୃଷ୍ଠା-୬

# କଂଗ୍ରେସର ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ

- ବାଲେଶ୍ୱର ଛାତ୍ରୀଙ୍କୁ ନ୍ୟାୟ ପାଇଁ ଏକାଠି ହେଲେ ୮ ଦଳ
- ଯାନବାହନ ଚଳାଚଳ ଓ ବ୍ୟବସାୟ ପ୍ରଭାବିତ
- ବନ୍ଦ ସରିଛି, ବିରୋଧ ଜାରି ରହିବ: ଭକ୍ତ
- ପିକେଟିଂକୁ ଜଗିଥିଲା ଡ୍ରୋନ ଓ ଏଆଇ କ୍ୟାମେରା
- ଗିରଫ ହୋଇଛନ୍ତି ୪୮ କର୍ମୀ



**ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ଆଜି କଂଗ୍ରେସ ଓ ଅନ୍ୟ ୭ଟି ଦଳ ପକ୍ଷରୁ ଓଡ଼ିଶା ବନ୍ଦ ପାଳିତ ହୋଇଥିବା ବେଳେ ଏହା ରାଜ୍ୟରେ ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଅବଶ୍ୟ କେତେକ ସ୍ଥାନରେ କଂଗ୍ରେସ କର୍ମୀମାନେ ବନ୍ଦ ନାଁରେ ଗୁଣ୍ଡାଗିରି କରିଥିବା ଅଭିଯୋଗ ଆସିଛି। ଅଧ୍ୟାପକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣି ଆତ୍ମାହୁତି ଦେଇଥିବା ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ କଂଗ୍ରେସ ଓ ଅନ୍ୟ ୭ଟି ସମଭାବାପନ୍ନ ଦଳ ଅଖ ଚକ ବନ୍ଦ କରିଥିଲେ। ଏହାର ପ୍ରଭାବରେ ଦୋକାନ ବଜାରଠୁ ଆରମ୍ଭ କରି ସ୍କୁଲ୍ କଲେଜ ଆଦି ବନ୍ଦ ରହିଥିଲା। ରାଜ୍ୟରେ ମହିଳାଙ୍କ ପ୍ରତି ନିର୍ଯାତନା ଘଟଣା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ଘଟଣାରେ ସରକାରୀ ନିଷ୍କ୍ରିୟତା ପ୍ରତିବାଦରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ତେବେ ଆଜିର ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିଲେ ହେଁ ଆଗକୁ ମଧ୍ୟ ବିରୋଧ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ପୃଷ୍ଠା-୬

### ଏଫଏମ ଛାତ୍ରୀ ଆତ୍ମାହୁତି ମାମଲା

## ୫ଜଣିଆ ଟିମ୍‌ର ତନାଘନା



- ଆଇସିସି ସଦସ୍ୟଙ୍କୁ ହାଜର ହେବାକୁ ନିର୍ଦ୍ଦେଶ
- ଅଧ୍ୟକ୍ଷଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ

**ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଥିବା ବେଳେ ଆଜି କ୍ରାଇମବ୍ରାଞ୍ଚର ଏକ ଟିମ୍ କଲେଜରେ ପହଞ୍ଚି ତନାଘନା କରିଥିବା ଜଣାପଡ଼ିଛି। ଏଫଏମ କଲେଜ ପରିସରରେ ପହଞ୍ଚି ଟିମ୍‌ର ସଦସ୍ୟମାନେ ତଦନ୍ତ କରିଛନ୍ତି। କ୍ରାଇମ୍ ବ୍ରାଞ୍ଚ୍ ଆଇଜି ଏସ୍ ସାଇନି ଓ ତଦନ୍ତକାରୀ ଅଧିକାରୀ କଲେଜ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରସଙ୍ଗରେ ପଚରାଉଚରା କରିଛନ୍ତି। କ୍ରାଇମବ୍ରାଞ୍ଚ ଡିଏସପି ଇମାନ କଲ୍ୟାଣ ଓ ଆଉ ଜଣେ ସଦସ୍ୟ ରହିଛନ୍ତି। ସମସ୍ତ ଦିଗକୁ ନେଇ ତଦନ୍ତ କରାଯିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ସେହିପରି କ୍ରାଇମବ୍ରାଞ୍ଚର ଏକ ୩ ଜଣିଆ ଟିମ ଆଜି କଟକସ୍ଥିତ ଏସ୍‌ସିବି ମେଡିକାଲ୍‌ରେ ପହଞ୍ଚି ସେଠାକାର ବର୍ଣ୍ଣ ୟୁନିଟ୍‌ରେ ଚିକିତ୍ସାଧୀନ ଥିବା ଏଫ୍‌ଏମ୍ କଲେଜର ଯୁକ୍ତ ତିନି ଛାତ୍ର ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କୁ ଭେଟି ଘଟଣା ସମ୍ପର୍କରେ ପଚରାଉଚରା କରିଥିବା ଜଣାପଡ଼ିଛି। ଗତ ୧୨ ତାରିଖରେ ଘଟଣା ଦିନ ପୀଡ଼ିତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିବା ସମୟରେ ଜ୍ୟୋତି ପ୍ରକାଶ ଗୁରୁତର ପୃଷ୍ଠା-୬

## ରାଣୀତାଲ ଲିଙ୍କ କ୍ୟାବିନ୍-ଭଦ୍ରକ ଚତୁର୍ଥ ରେଳ ଲାଇନ୍‌କୁ ମଞ୍ଜୁରୀ



- ଖର୍ଚ୍ଚ ହେବ ୧୪୯.୩୨ କୋଟି
- ହାୱଡା-ଚେନ୍ନାଇ ରୁଟ୍‌ରେ ଭିଡ଼ କମିବ

**ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ):** ରାଜ୍ୟରେ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ସକାଶେ କେନ୍ଦ୍ର ସରକାର ନିୟମିତ ଭାବେ ବିଭିନ୍ନ ପ୍ରକଳ୍ପ ନେଇ ଘୋଷଣା ଜାରି ରଖିଛନ୍ତି। ଏହି କ୍ରମରେ ଆଜି ରେଳ ମନ୍ତ୍ରଣାଳୟ ଓଡ଼ିଶା ପାଇଁ ଏକ ବଡ଼ ପ୍ରୋତ୍ସାହନ ନେଇ ଘୋଷଣା କରିଛନ୍ତି। ଆଜି ମନ୍ତ୍ରଣାଳୟ ପକ୍ଷରୁ ୧୪୯.୩୨ କୋଟି ଟଙ୍କା ମୂଲ୍ୟର ରାଣିତାଲ ଲିଙ୍କ କ୍ୟାବିନ୍ ଓ ଭଦ୍ରକ ଷ୍ଟେସନ (୫.୦୬ କିମି) ମଧ୍ୟରେ ଚତୁର୍ଥ ଲାଇନକୁ ମଞ୍ଜୁରୀ ମିଳିଛି। ପୃଷ୍ଠା-୬

### କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ସହ ଶିକ୍ଷାମନ୍ତ୍ରୀଙ୍କ ବୈଠକ

## ସ୍କୁଲ ଶିକ୍ଷାରେ ସାମିଲ ହେବ 'ମିଶନ ଲାଇଫ୍'

**ନୂଆଦିଲ୍ଲୀ,୧୭।୭(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସ୍କୁଲ ଶିକ୍ଷାରେ 'ମିଶନ ଲାଇଫ'କୁ ସମନ୍ୱିତ କରି ଏକ ସ୍ଥାୟୀ ଭବିଷ୍ୟତ ପାଇଁ

> ୩୦ କୋଟି ଛାତ୍ରଛାତ୍ରୀ ଏହି ଜନଆନ୍ଦୋଳନରେ ଯୋଡ଼ିହେବେ

କାର୍ଯ୍ୟ କରିବା ଦିଗରେ ଆଜି ଏଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ସହ ପ୍ରାରମ୍ଭିକ ବୈଠକ କରିଛନ୍ତି। ବୈଠକରେ କେନ୍ଦ୍ର ସରକାରଙ୍କ




ଶିକ୍ଷା ମନ୍ତ୍ରଣାଳୟ ଓ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି ସ୍କୁଲ ପାଠ୍ୟକ୍ରମରେ ପରିବେଶ ସଚେତନତା ଓ ଜଳବାୟୁ ପରିବର୍ତ୍ତନ ଶିକ୍ଷାକୁ ସମନ୍ୱିତ କରିବା ଉପରେ ଗୁରୁତ୍ୱ ଦେଉଛି। ପୂର୍ବରୁ ମଧ୍ୟ ସ୍କୁଲ ଶିକ୍ଷାରେ ପରିବେଶଗତ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ସ୍କୁଲ ପାଠ୍ୟକ୍ରମରେ ମିଶନ ଲାଇଫକୁ ଯୋଡାଗଲେ ଦେଶରେ ୧୪.୭ ଲକ୍ଷରୁ ଅଧିକ ସ୍କୁଲ ଓ ୩୦ କୋଟିରୁ ଅଧିକ ଛାତ୍ରଛାତ୍ରୀ ଏହି ଜନଆନ୍ଦୋଳନ ସହ ଯୋଡ଼ିହେବେ। ଏହା ପୃଷ୍ଠା-୬

### ଶିକ୍ଷାନୁଷ୍ଠାନରେ ମହିଳାଙ୍କ ସୁରକ୍ଷା ଚିନ୍ତା

## ଗଣଶିକ୍ଷା ବିଭାଗର ହେଲ୍ପ ଲାଇନ ନମ୍ବର ଜାରି

**ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ):** ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମହିଳାମାନଙ୍କ ପ୍ରତି ହେଉଥିବା ନିର୍ଯାତନା ଓ ସମ୍ପ୍ରତି ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟଣା ସରକାରଙ୍କ ଉପରେ ଚାପ ବଢ଼ାଇଦେଇଛି। ଆଗାମୀ ଦିନରେ ଯେପରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏପରି ଘଟଣାକୁ ରୋକାଯାଇପାରିବ, ସେ ଦିଗରେ ପଦକ୍ଷେପ ସ୍ୱରୂପ ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ନିଦର୍ଦ୍ଦେଶନାମା ଜାରି କରାଯାଇଛି। ଆଜି ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ଧାରାକୁ ଆଗକୁ ନେଇ ହେଲ୍ପ ଲାଇନ୍ ନମ୍ବର ଜାରି କରିଛି। କର୍ମସ୍ଥଳୀରେ ମହିଳାଙ୍କ ପୃଷ୍ଠା-୬


## ସାମ୍ବାଦିକ ଆବଶ୍ୟକ

ଇଚ୍ଛୁକ ଓ ଅଭିଜ୍ଞ ବ୍ୟକ୍ତି ଆବେଦନ କରନ୍ତୁ

'ସଂଚାର' ପାଇଁ ରାଜ୍ୟର ସବୁ ଜିଲ୍ଲା ମୁଖ୍ୟାଳୟରେ ସାମ୍ବାଦିକ ଆବଶ୍ୟକ। ଏଥିପାଇଁ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ଥିବା ଜରୁରୀ। ଅଭିଜ୍ଞ ପ୍ରାର୍ଥୀ ବାୟୋଡାଟା ସହ ଉପରୋକ୍ତ ନମ୍ବରରେ ହ୍ୱାଟ୍ସଆପ୍ କରିପାରିବେ।



ବି.ଦ୍ର.: ସମ୍ପ୍ରତି କୌଣସି ସ୍ଥାନରେ 'ସଂଚାର'ର ସାମ୍ବାଦିକ ନାହାନ୍ତି। ତେଣୁ କେହି ବି ନିଜକୁ 'ସଂଚାର'ର ପ୍ରତିନିଧି ବୋଲି ଦାବି କରୁଥିଲେ କିମ୍ବା କୌଣସି ପ୍ରକାର ବ୍ୟାବସାୟିକ ଫାଇଦା ନେଉଥିଲେ, ସେମାନଙ୍କଠାରୁ ସତର୍କ ରହିବା ସହ ଉପରୋକ୍ତ ଠିକଣାରେ ସୂଚନା ଦେବାକୁ ନିବେଦନ।

ଯୋଗାଯୋଗ: ପ୍ଲଟ୍ ନଂ.୩୧୨, ଫ୍ଲାଟ୍ ନଂ.୦୦୩, ଗ୍ରୀନ୍ ହାଇ ଆପାର୍ଟମେଣ୍ଟ, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧ ମୋ-୯୪୩୭୨୨୭୭୭୭

email: sancharodisha@gmail.com


# ମିଛ ବୁଲେଟ, ସତ ନାଟକ

- ଭିଆଇପି ସୁଟ୍‌ରେ ଅୟସ କରୁଛନ୍ତି ଆହତ ବବି
- ନବୀନ ଏବେ ବି ନେତା ଓ କର୍ମୀଙ୍କ ପାଇଁ ଅପହଞ୍ଚ
- ଯୋଗଦେଲେନି ଜଣେ ବି ବରିଷ୍ଠ ନେତା

**ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ):** ମିଛ ରବର ବୁଲେଟ ଗୁଳିରେ ଆହତ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କ ଡ୍ରାମା ସତରେ ନିଆରା। ତାଙ୍କର ଏ ଡ୍ରାମା ଯେ କେହି ବୁଝିନାହାଁନ୍ତି ତା' ନୁହେଁ। ସୋସିଆଲ ମିଡିଆରେ ଏହାକୁ ନେଇ ଭାରି ଚର୍ଚ୍ଚା। ଆଉ ସବୁଠି ସମାଲୋଚିତ ହେଉଛି ବିଜେଡି। ସବୁଠୁ ବଡ଼ ଲଜ୍ଜାର କଥା ହେଉଛି, ବିଜେଡି ବିନା ମୁଖିଆ ଓ ସବୁ ହାରୁ ନେତାଙ୍କୁ ନେଇ ପ୍ରଥମ ଥର ପାଇଁ ବିଜେପି ସରକାର ବିରୋଧରେ ରାସ୍ତାକୁ ଓହ୍ଲାଇଥିବା ବେଳେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କର ଦେଖା ନଥିଲା। ସାଧାରଣ ଲୋକ ତ ଦୂରର କଥା, ନେତା ଓ କର୍ମୀଙ୍କ ପାଇଁ ଏବେ ବି ସେ ପୂର୍ବପରି ଅପହଞ୍ଚ।

ବିଜେଡିର ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମରେ ବବି କେମିତି ଆହତ ହେଲେ ତାହା ଏବେ ବି ନେତାଙ୍କ ପାଇଁ ଏକ ରହସ୍ୟ। ରାଲିରେ ଆଗରେ ନଥିଲେ, ପଛରେ ଥିଲେ। ପୁଲିସ ବି ଲାଠି ଚାର୍ଜ କରିନଥିଲା। ରବର ବୁଲେଟ ବ୍ୟବହାର ହୋଇନଥିବା ଖୋଦ କଟକ-ଭୁବନେଶ୍ୱର ପୁଲିସ କମିଶନର ସ୍ପଷ୍ଟ କରିସାରିଛନ୍ତି। ତେବେ ତାଙ୍କ ଗୋଡ଼ରେ ରବର ବୁଲେଟ ବାଜିଲା କେମିତି? ପ୍ରକୃତରେ ଗୋଡ଼ରୁ ରକ୍ତ ବାହାରୁଥିଲା ନା ମିଛଟାରେ ଗୋଟେ ଗାମୁଛା ଭିଡାଯାଇଥିଲା। ସବୁଠୁ ବଡ଼ କଥା ହେଲା, ସେ ରାଲି ଯାଗାରୁ ଆହତ ହୋଇ ଛୋଟେଇ ଛୋଟେଇ ଯାଉଥିବାର ଏକ ଭିଡିଓ ସାଙ୍ଗକୁ ଆଉ କିଛି ଭିଡିଓ ବି ଏବେ ଭାଇରାଲ ହେଉଛି। ତାହା ହେଉଛି ରାଲିରୁ ଛୋଟେଇ ଛୋଟେଇ ବାହାରିବା ବେଳେ ସେ ଭିଡିଓ କରୁଥିବା ଲୋକକୁ ସାମ୍ନାରୁ ଭିଡିଓ କରିବାକୁ



ଇଙ୍ଗିତ ଦେଉଛନ୍ତି। ତା'ପରେ ଘରକୁ ଯାଉଛନ୍ତି। ଘର ଭିତରକୁ ଯିବା ବେଳକୁ ସଫା ସାର୍ଟ ପ୍ୟାଣ୍ଟ ମାଗୁଛନ୍ତି। ତେବେ ପ୍ରଶ୍ନ ଉଠୁଛି ଯେ ଆଇସିୟୁରେ ପୃଷ୍ଠା-୬

### ମନୋବଳ ବଢ଼ାଇଛନ୍ତି ପାଣ୍ଡିଆନ



ବିଜେଡି ରାଲିକୁ ନେଇ ଏତେ ଚର୍ଚ୍ଚା ଭିତରେ ହଠାତ ପାଣ୍ଡିଆନ ଓ ତାଙ୍କ ପତ୍ନୀଙ୍କ ଆବିର୍ଭାବ ଯୁବ ନେତାଙ୍କୁ ଉତ୍ସାହିତ କରିଛି। ବିଜେଡିର ତିନି ଜଣ ନେତା ଭିନ୍ନ ଭିନ୍ନ ହସ୍ପିଟାଲରେ ଚିକିତ୍ସାଧିନ। ରାଲିରେ ସେମାନେ ଆହତ ହୋଇଥିବା କୁହାଯାଉଛି। ଆହତ ଖବର କେତେ ସତ କେତେ ମିଛ ତାହା ଭବିଷ୍ୟତ କହିବ। ହେଲେ ଯେଉଁମାନେ ହସ୍ପିଟାଲରେ ଅଛନ୍ତି ସେମାନଙ୍କୁ ଭେଟିବାକୁ ଯାଇଥିଲେ ନିଜେ ଭି.କେ ପାଣ୍ଡିଆନ ଓ ତାଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟ ରାଉତ। ଏହା ବିଜେଡିର ଯୁବ ନେତାଙ୍କୁ କିଛିଟା ଉତ୍ସାହ ଦେଇଛି। ଯଦିଓ ସେ ରାଜନୀତିରୁ ସନ୍ନ୍ୟାସ ନେଇ ସାରିଲେଣି, ସେ ତାଙ୍କ ଗୁରୁ ନବୀନ ପଟ୍ଟନାୟକଙ୍କୁ ଛାଡିପାରିବେ ନାହିଁ ଏକଥା ସମସ୍ତେ ଜାଣନ୍ତି। ପୃଷ୍ଠା-୬

### ପ୍ରତିଶ୍ରୁତି ଦେଇ ଠକିଦେଲା ପ୍ରଶାସନ

# ଶତପ୍ରତିଶତ ଭିନ୍ନକ୍ଷମ ପାଉନାହାନ୍ତି ରାସନ୍ ଚାଉଳ

**ମହାକାଳପଡ଼ା,୧୭।୭ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତ ବାଲିସୁଆଁ ଗ୍ରାମର ସତ୍ୟଭାମା ରାଉତ(୭୦ ବର୍ଷ)ଙ୍କ ୪୦ ବର୍ଷୀୟ ଝିଅ ଲକ୍ଷ୍ମିପ୍ରିୟା ରାଉତ ଙ୍କୁ ପ୍ରତିଶ୍ରୁତି ଦେଇ ଠକି ଦେଇଛି ପ୍ରଶାସନ। ଆଧାର କାର୍ଡ ନଥିବାରୁ ରାସନ୍ ଚାଉଳ ରୁ ବଞ୍ଚିତ ଥିଲେ ଲକ୍ଷ୍ମିପ୍ରିୟା। ତାଙ୍କୁ ତୁରନ୍ତ ରାସନ୍ ଚାଉଳ ଯୋଗାଇ ଦେବା ସହ ଅନ୍ତୋଦୟ ଅନ୍ନ ଯୋଜନାରେ ସାମିଲ କରିବାକୁ ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ପ୍ରତିଶ୍ରୁତିକୁ ୪ ମାସ ପୁରିବାକୁ ବସିଲାଣି ଅନ୍ତୋଦୟ ଅନ୍ନ ଯୋଜନା ତ ଛାଡ ୫ କିଲୋ ଲେଖାଏଁ ଚାଉଳ ବି ମିଳୁନି। ଯାହାକୁ ନେଇ ପରିବାର ଲୋକେ ସମସ୍ୟାରେ ପଡ଼ିଛନ୍ତି।

ଆଧାର କାର୍ଡ ନଥିବାରୁ ଲକ୍ଷ୍ମିପ୍ରିୟା ନା ଚାଉଳ ପାଉଥିଲେ ନା ତାଙ୍କର ହୋଇ ପାରୁଥିଲା ଭିନ୍ନକ୍ଷମ ପ୍ରମାଣପତ୍ର। ସମ୍ପୂର୍ଣ୍ଣ ମାନସିକ ବିକାରଗ୍ରସ୍ତ ସତ୍ତ୍ୱେ ତାଙ୍କ ସମସ୍ୟାର ସମାଧାନ ପାଇଁ ସଭିଏଁ ଯେପରି ସ୍ଥାଣୁ ପାଲଟିଥିଲେ। ଲକ୍ଷ୍ମିପ୍ରିୟା ଙ୍କୁ ନେଇ ମାଆ ସତ୍ୟଭାମା ଅଭାବ ଅନଟନ ଭିତରେ ଯନ୍ତ୍ରଣାଦାୟକ ଜୀବନ କାଟୁଥିବା ଖବର ଦୈନିକ ଖବରକାଗଜ ସଂଚାର ରେ ପ୍ରକାଶ ପାଇବା ପରେ ଜିଲ୍ଲାରେ ହଟଚମଟ ଦେଖାଦେଇଥିଲା। ସତ୍ୟଭାମାଙ୍କ ପାଇଁ ସରକାରଙ୍କ ଆବାସ ଯୋଜନା ଅପହଞ୍ଚ ହୋଇ ରହିଥିଲା। ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଡିଲର ମଧ୍ୟ ରାସନ୍ ଚାଉଳ ଦେବାକୁ ମନା କରିଦେଇଥିଲା। ଝିଅର ରାସନ୍ ଚାଉଳ ଓ ଘରଟିଏ ପାଇଁ ସରପଞ୍ଚଙ୍କ ପାଖରୁ ଆରମ୍ଭ କରି ନେତାଙ୍କୁ ଗୁହାରି କରିଥିଲେ ମଧ୍ୟ ତାଙ୍କ



ଗୁହାରି ଶୁଣି ସମସ୍ତେ ନିରବ ରହିଥିଲେ। ସଂଚାର ରେ ଏନେଇ ଖବର ପ୍ରକାଶ ପରେ ସମଗ୍ର ଜିଲ୍ଲାରେ ହଟଚମଟ ଆରମ୍ଭ ହେଲା। ପ୍ରଥମେ ଆଧାର ଟିମ୍ ଲକ୍ଷ୍ମିପ୍ରିୟାଙ୍କ ଘରେ ପହଞ୍ଚି ଲକ୍ଷ୍ମିପ୍ରିୟା ଙ୍କ ଆଧାର କାର୍ଡ କରାଇଥିଲେ। ପରେ ପରେ ସ୍ୱାସ୍ଥ୍ୟ ବିଭାଗର ଟିମ୍

**ଅନ୍ତୋଦୟ ଅନ୍ନ ଯୋଜନାରେ କଲେନି ସାମିଲ**

ଲକ୍ଷ୍ମିପ୍ରିୟାଙ୍କ ଘରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ତାଙ୍କୁ ୧୦୦ ପ୍ରତିଶତ ଭିନ୍ନକ୍ଷମ ବୋଲି ଚିହ୍ନଟ କରିଥିଲେ। ଘଟଣା ସ୍ଥଳକୁ ଖୋଦ୍ ଜିଲ୍ଲାପାଳ ଓ ବିଧାୟକ ପହଞ୍ଚି ଲକ୍ଷ୍ମିପ୍ରିୟା ଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ସହିତ ସରକାରଙ୍କ ବର୍ଦ୍ଧିତ ୩୫୦୦ ଭତ୍ତା ଟଙ୍କା ପ୍ରଦାନ କରିଥିଲେ। ଲକ୍ଷ୍ମିପ୍ରିୟା ଙ୍କୁ ଖୁବ୍ ଶୀଘ୍ର ଅନ୍ତୋଦୟ ଅନ୍ନ ଯୋଜନା ରେ ସାମିଲ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଯା ଭିତରେ ପ୍ରତିଶ୍ରୁତିକୁ ପୁରିବାକୁ ବସିଲାଣି ୪ ମାସ ହେଲେ ଅନ୍ତୋଦୟ ଅନ୍ନ ଯୋଜନାରେ ସାମିଲ୍ ହେବା ତ ଦୂରର କଥା ତାଙ୍କୁ ୫ କିଲୋ ଲେଖାଏଁ ଚାଉଳ ବି ଦେଉନି ପ୍ରଶାସନ। ସରକାର ଭିନ୍ନକ୍ଷମ ମାନଙ୍କ ପାଇଁ ତତ୍ପରତା ଦେଖାଉଥିବା ବେଳେ ଶତ ପ୍ରତିଶତ ଲକ୍ଷ୍ମିପ୍ରିୟା ଙ୍କ ପାଇଁ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି କିନ୍ତୁ ପ୍ରତାରଣାରେ ପରିଣତ ହୋଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲ୍ଲାପାଳ ଏ ଘଟଣାରେ ହସ୍ତକ୍ଷେପ କରି ଲକ୍ଷ୍ମିପ୍ରିୟା ଙ୍କୁ ଅନ୍ତୋଦୟ ଅନ୍ନ ଯୋଜନାରେ ସାମିଲ କରିବାକୁ ପରିବାର ଲୋକେ ଦାବି କରିଛନ୍ତି।

## ବନ୍ୟାରେ ଧୋୟାଞ୍ଚଳ ପରିଦର୍ଶନ କଲେ ବିଧାୟକ ଓ ବ୍ଲକ ପ୍ରଶାସନ



**ଆଳି,୧୭।୭(ସଂଚାର ବ୍ୟୁରୋ):** ଆଳି ଅଞ୍ଚଳରେ ପ୍ରବାହିତ ଖରସ୍ରୋତା, ବ୍ରାହ୍ମଣୀ ଓ ତାର ଶାଖା କାଣୀ ନଦୀରେ ପ୍ରଥମ ବନ୍ୟା ଜଳ ଆସିବା ଯୋଗୁଁ ବ୍ଲକର ଶତାଧିକ ଗ୍ରାମ ଜଳବନ୍ଦୀ ହୋଇ ପଡ଼ିଛି। ଆଳି ବ୍ଲକର ଧୋୟାଞ୍ଚଳର ୧୦ ପଞ୍ଚାୟତ ବନ୍ୟାରେ ବେଶି ପ୍ରଭାବିତ ହୋଇଛନ୍ତି। ନଦୀରେ ପ୍ରଥମ ବନ୍ୟା ଆସିଥିବାରୁ ସପ୍ତାହେରୁ ଉର୍ଦ୍ଧ୍ୱ ହେବ ବନ୍ୟାଘେରରେ ରହିଛନ୍ତି ଅଞ୍ଚଳର ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ। ଲୋକମାନଙ୍କ ସମସ୍ୟା ବୁଝିବା ନିମନ୍ତେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ସହ ଭୁଟୁଭୁଟି ସାହାଯ୍ୟରେ ଧୋୟାଞ୍ଚଳ ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ବିଧାୟକ ପ୍ରତାପ କେଶରୀ ଦେବ ସମସ୍ତ ପଞ୍ଚାୟତର ଲୋକେ ପ୍ରତିନିଧି ଓ ସାଧାରଣ ଲୋକଙ୍କୁ ଭେଟି ବନ୍ୟା ସମ୍ପର୍କରେ ବୁଝିଥିଲେ। ତାଙ୍କ ସାଥିରେ ରହିଥିଲେ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ, ଏବିଡିଓ଼ ସୁମନ୍ତ କୁମାର ବେହେରା, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଭାତ ପରିଡା, ମିହିର ଦାସ, ଏକ ନମ୍ବର ଜୋନ ଜିଲ୍ଲା ପରିଷଦ ପ୍ରତିନିଧି କେଦାରନାଥ ବେହେରା, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ଜ୍ୟୋତିରଞ୍ଜନ ଭୂୟାଁ, ସୁବ୍ରତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଧୋୟାଞ୍ଚଳ ବାସୀ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ବିଡ଼ିଓ ସରକାରୀ ସ୍ତରରେ ବନ୍ୟା ପୀଡ଼ିତଙ୍କ ପାଇଁ ସରକାରୀ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

## ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଜନଶକ୍ତି ପାର୍ଟିର ଧାରଣା

**କେନ୍ଦ୍ରାପଡା,୧୭।୭(ସଂଚାର ବ୍ୟୁରୋ):** ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ପ୍ରଦୀପ କୁମାର ଦାସଙ୍କ ନେତୃତ୍ୱ ରେ ଅନଶନ ଓ ଧାରଣାରେ ବସିଥିଲେ। ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଯୁକ୍ତ ୨ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟ ବରଣ ଘଟଣା କୁ ବିରୋଧ କରିବା ସହ ମୃତକ ସୌମ୍ୟାଶ୍ରୀ କୁ ନ୍ୟାୟ ଦାବିରେ ଆଜି ଜନଶକ୍ତି ପାର୍ଟି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଜନଶକ୍ତି ପାର୍ଟି ଦ୍ୱାରା ଦାବି କରାଯାଇଛି ମୃତ ସୌମ୍ୟାଶ୍ରୀ ଙ୍କ କେଶରେ କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଇ ପ୍ରକୃତ ଦୋଷୀ କୁ ଦଣ୍ଡ ମିଳୁ ବୋଲି ଦାବି କରିଛନ୍ତି।

## ସେତୁ ଉପରୁ ନଦୀକୁ ଡେଇଁ ଯୁବତୀ ନିଖୋଜ

ଆଳି, ୧୭।୭(ସଂଚାର ବ୍ୟୁରୋ): ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗାଁରେ ଘଟିଛି ଅଭାବନୀୟ ଘଟଣା। ଗୁରୁବାର ପୂର୍ବାହ୍ନ ସମୟରେ ଭରା ନଦୀକୁ ଡେ଼ଇଁ ଯୁବତୀ ନିଖୋଜ ଥିବା ଜାଣିବାକୁ ମିଳିଛି।କେନ୍ଦ୍ରାପଡ଼ା ଜିଲ୍ଲା ଓ଼ ଯାଜପୁର ଜିଲ୍ଲା କୁ ସଂଯୋଗ କରୁଥିବା ଆଳି ଗୋବିନ୍ଦ ପୁର ସେତୁରୁ ଭରା ନଦୀକୁ ଡେଇଁଥିବା ସୂଚନା ମିଳିଛି। ନଦୀକୁ ଡେଇଁ ନିଖୋଜ ଥିବା ଯୁବତୀ ଜଣକ ହେଲେ ଆଳି ଥାନା ଗୋବିନ୍ଦପୁର ଗ୍ରାମର ସୁଧାଂଶୁ ଶେଖର ମିଶ୍ରଙ୍କ ଝିଅ ମଧୁସ୍ମିତା ମିଶ୍ର (୨୨)। ସୂଚନା ମୁତାବକ ମଧୁସ୍ମିତା ମିଶ୍ର ଗୁରୁବାର ସକାଳେ ସିଂହପୁର ବଜାରରେ ଥିବା କମ୍ପ୍ୟୁଟର କ୍ଲାସ ଯାଇଥିଲାକ୍ଷ କମ୍ପ୍ୟୁଟର କ୍ଲାସରୁ ଫେରିବା ବେଳେ କଗୋବିନ୍ଦପୁର ସେତୁ ଉପରେ ସାଇକେଲ ରଖି ନଦୀକୁ ଡେଇଁ ପଡ଼ିଥିଲେ। ଯୁବତୀ ଜଣକ ଡେଇଁବା ପୂର୍ବରୁ ତାଙ୍କ ଭାଇଙ୍କୁ ଫୋନ କରି ଡାକିଥିଲେ। ତାଙ୍କ ଭାଇ ସେତୁ ଉପରେ ପହଂଚିବା ବେଳକୁ ଯୁବତୀ ଜଣକ ସେତୁ ଉପରୁ ଖରସ୍ରୋତା ନଦୀକୁ ଡେଇଁ ପଡ଼ିଥିଲେ। ଖବର ପାଇ ସ୍ଥାନୀୟ ଲୋକ ଘଟଣା ସ୍ଥଳରେ ରୁଣ୍ଡ ହୋଇ ଯାଇଥିବା ବେଳେ ବିଞ୍ଝାରପୁର ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି ଜାରି ରଖିଛନ୍ତି। ଖରସ୍ରୋତା ନଦୀରେ ଏବେ ପ୍ରବଳ ବନ୍ୟା ଥିବାରୁ ଯୁବତୀ ଜଣକ ଭାସି ଯାଇଥିଲେ। ଯୁବତୀ ନଦୀକୁ ଡେଇଁବାର କାରଣ ଜଣା ପଡ଼ି ନଥିବା ବେଳେ। ଅନ୍ୟ ପଟେ ବନ୍ୟା ହୋଇ ଥିବାରୁ ଆଳିର ପ୍ରଶାସନ କିମ୍ବା ଦମକଳ ବାହୀନି ସଠିକ ସମୟରେ ପହଞ୍ଚି ନଥିବାରୁ କିଛି ସମୟ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା।ଖବର ଲେଖା ହେବା ପର୍ଯ୍ୟନ୍ତ ଦମକଳ ବାହିନୀ ନଦୀରେ ଖୋଜାଖୋଜି ଜାରି ରଖିଛନ୍ତି।

## ଏଫଏମ ଛାତ୍ରୀ ପାଇଁ ଏବିଭିପିର ନ୍ୟାୟ ଦାବି

**କେନ୍ଦ୍ରାପଡା, ୧୭।୭(ସଂଚାର ବ୍ୟୁରୋ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କେନ୍ଦ୍ରାପଡା ନଗର ତରଫରୁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ, ବାଲେଶ୍ୱର ର ପୀଡ଼ିତା ସୌମ୍ୟାଶ୍ରୀ ଙ୍କ ନ୍ୟାୟ ଦାବି ସହିତ ଦୋଷୀ ଙ୍କୁ ସମୀର କୁମାର ସାହୁ, ଅଧ୍ୟକ୍ଷ ଦିଲୀପ ଘୋଷ ଙ୍କୁ ଆଇନ ଅନୁସାରେ କଠୋର ରୁ କଠୋର ଦଣ୍ଡ ଦିଆଯାଉ ଏବଂ ଯେଉଁ ଛାତ୍ର ନେତା ଙ୍କ ଦ୍ୱାରା ବାରମ୍ବାର ଲଜ୍ଜ୍ୟା ଜନକ ମନ୍ତବ୍ୟ କରିବା ସହିତ ଭଉଣୀ ସୌମ୍ୟାଶ୍ରୀଙ୍କ ଚରିତ୍ର ଚିତ୍ରଣ କରିଥିବାରୁ ଭଉଣୀ ଯେଉଁ କଠୋର ପଦକ୍ଷେପ ନେଇଥିଲା ସେଥି ପାଇଁ ସେ ଛାତ୍ର ନେତା ମାନଙ୍କୁ ଏବଂ କମିଟି ର ସଦସ୍ୟ ମାନଙ୍କୁ ଗିରଫ ଏବଂ ଓଡ଼ିଶା ସରକାର ଏଥିରେ ସଂପୃକ୍ତ ଥିବା ଦୋଷୀ ମାନଙ୍କୁ କଠୋର ରୁ ଅତି କଠୋର ଦଣ୍ଡ ଦେବେ ଏହା ଦାବି ରଖି ବିଦ୍ୟାର୍ଥୀ ପରିଷଦ ଆନ୍ଦୋଳନ କରିଥିଲା। ଏହି ଆନ୍ଦୋଳନ ରେ ପ୍ରାନ୍ତ ଏସ ଏଫ୍ ଡି ସହ ସଂଯୋଜକ ଶଶି ପ୍ରସାଦ ମହାରଣା, ଜିଲ୍ଲା ସଂଯୋଜକ ଚିନ୍ମୟ ପ୍ରସାଦ ବାହାଲିଆ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହରିଶ ରାଉତ, ନଗର ସମ୍ପାଦକ ଶ୍ରୀକାନ୍ତ କର, ସହ ସଂପାଦିକା ତୁଳସୀ ମଲ୍ଲିକ, ସହ ସମ୍ପାଦକ ସୋମନାଥ ନାୟକ ଓ ସୌମ୍ୟ ରଂଜନ ନାୟକ, ନଗର କାର୍ଯ୍ୟକାରିଣୀ ସଦସ୍ୟ ଶୁଭମ୍ ସାହୁ, ଜୟଶ୍ରୀ କର ଓ ଜୀବନ ପ୍ରଦୀପ ଜେନା ଙ୍କ ସହିତ ତିନୋଟି କ୍ୟାମ୍ପସର ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଆନ୍ଦୋଳନରେ ଭଉଣୀ ସୌମ୍ୟଶ୍ରୀ ଙ୍କ ପାଇଁ ଲଢ଼ୁଥିବା ବିଦ୍ୟାର୍ଥୀଙ୍କ ମନରେ ଲାଗିଥିବା ନିଆଁ କୁ ବର୍ଷା, ଝଡ଼ କେହି ଅଟକେଇ ପାରିଲେ ନାହିଁ। ବିଦ୍ୟାର୍ଥୀ ପରିଷଦ ଭଉଣୀ ସୌମ୍ୟାଶ୍ରୀ ଙ୍କ ପାଇଁ ଲଢ଼ୁଥିବା, ଲଢ଼ୁଛି ଏବଂ ଯେ ପର୍ଯ୍ୟନ୍ତ ନ୍ୟାୟ ନ ମିଳିଛି ସେ ପର୍ଯ୍ୟନ୍ତ ଲଢ଼ୁଥିବା ବୋଲି କହିଛନ୍ତି।

## ଜଳିଗଲା ବ୍ୟାଟେରୀ ଗାଡ଼ି



**ଡେରାବିଶ,୧୭।୭ (ସଂଚାର ବ୍ୟୁରୋ):** ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ବଜାର ଠାରେ ଆଜି ଅପରାହ୍ନରେ ଏକ ବ୍ୟାଟେରୀ ଗାଡ଼ି ହଠାତ୍ ଜଳି ଉଠିଥିଲା। ସୂଚନାରୁ ପ୍ରକାଶ ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ଜାମୁଦଣ୍ଡା ଗ୍ରାମର ଲୋକନାଥ ପ୍ରଧାନ ଆଜି ଅପରାହ୍ନରେ ଘରୁ ତାଙ୍କ ବ୍ୟାଟେରୀ ଗାଡ଼ି ଆସି ଚାନ୍ଦୋଳ ବଜାର ସ୍ଥିତ ତାଙ୍କ ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖିରେ ରଖିଥିଲେ। ତେବେ କିଛି ସମୟ ପରେ ତାଙ୍କ ବ୍ୟାଟେରୀ ଗାଡ଼ିରୁ ଧୂଆଁ ବାହାରୁଥିବା ସେ ଦେଖିବାକୁ ପାଇଥିଲେ। ପାଖକୁ ଯାଇ ବ୍ୟାଟେରୀ ଚାମ୍ବରରୁ ଧୂଆଁ ବାହାରୁଥିବାରୁ ସେ ଗାଡ଼ି ମଧ୍ୟରୁ ବ୍ୟାଟେରୀକୁ ବାହାର କରିବା ପାଇଁ ଚେଷ୍ଟା କରିବା ବେଳେ ଗଡ଼ିରୁ ନିଆଁ ବାହାରି ହଠାତ୍ ଜଳି ଉଠିଥିଲା। ଏହି ନିଆଁରେ ଗାଡ଼ିଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ଜଣାଯାଇଛି।

## ଡେରାବିଶରେ ପୁଣି ବାର୍ଡ଼ ଫ୍ଲୁ ଆତଙ୍କ

● ପଞ୍ଚାୟତରେ ହେଉଛି କୁକୁଡ଼ା ମଡ଼କ



**ଡେରାବିଶ,୧୭।୭ (ସଂଚାର ବ୍ୟୁରୋ):** ଗତ କିଛି ମାସ ତଳେ ଡେରାବିଶ ବ୍ଲକ ଅଞ୍ଚଳର ଗୋଲରାହାଟ, ବାଲିଆ ଓ ଏଣ୍ଡର ଇତ୍ୟାଦି ପଞ୍ଚାୟତରେ ବାର୍ଡ଼ଫ୍ଲୁ ତାର କାୟା ବିସ୍ତାର କରିବା ସହିତ ବହୁ କୁକୁଡ଼ା ଚାଷୀଙ୍କୁ ସର୍ବସ୍ୱାନ୍ତ କରିଦେଇଥିଲା। ସେତେବେଳେ ସରକାରଙ୍କ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇ ଏହି ପଞ୍ଚାୟତ ଠାରୁ ତିନିକିଲୋମିଟର ପରିଧିରେ ରହିଥିବା ସମସ୍ତ ଫାର୍ମର କୁକୁଡ଼ା ଗୁଡ଼ିକୁ ସୁରକ୍ଷିତ ଭାବରେ ମରାଯିବା ସହିତ ଘରୋଇ କୁକୁଡ଼ା, ବତକ ଇତ୍ୟାଦିଙ୍କୁ ମଧ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ମରାଯାଇଥିଲା। ତେବେ ଏହାପରେ ବେଶ କିଛି ଦିନ ବ୍ୟବଧାନରେ ଏବେ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତରେ ଗତ ଦୁଇ ତିନିଦିନ ହେବ କୁକୁଡ଼ା ମଡ଼କ ଦେଖାଦେଇଛି। ଏହି ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ଗ୍ରାମର ପ୍ରଭାକର ଲେଙ୍କାଙ୍କ କୁକୁଡ଼ା ଫାର୍ମରେ ଦୈନିକ ୨୦ରୁ ୩୦ଟି କୁକୁଡ଼ା ମରିଯାଉଥିବା ବେଳେ ଅନ୍ୟ କୁକୁଡ଼ା ମାନେ ଘୁମାଉଥିବା ଦେଖିବାକୁ ମିଳୁଛି। ଫାର୍ମ ମାଲିକ ଶ୍ରୀ ଲେଙ୍କାଙ୍କ କହିବା ଆନୁଯାୟୀ ସେ ତାଙ୍କ ଫାର୍ମରେ ପାଖାପାଖି ୫୨୦୦ କୁକୁଡ଼ା ରଖିଥିଲେ। ଗତ ତିନିଦିନ ହେବ ଫାର୍ମରେ ରହିଥିବା କୁକୁଡ଼ାମାନେ ଏପରି ଘୁମାଇ ଧିରେ ଧିରେ ମୁଣ୍ଡମାଡ଼ି ପଡ଼ି ମରିଯାଉଥିବା ଜଣାଯାଇଛି। ଏ ସମ୍ପର୍କରେ ଡେରାବିଶ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରିବା ପରେ ଡେରାବିଶ ପ୍ରାଣୀ ଚିକିତ୍ସା ଅଧିକାରୀ ଦିଲ୍ଲିପ କୁମାର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ସମ୍ପୃକ୍ତ ଫାର୍ମକୁ ଯାଇ ଏହି କୁକୁଡ଼ାମାନଙ୍କର ରକ୍ତ ନମୁନା ସଂଗ୍ରହ କରି ଫେରିଥିବା ବେଳେ ମଲା କୁକୁଡ଼ା ଗୁଡ଼ିକୁ ମାଟି ଖୋଳି ପୋତିବା ପାଇଁ ପରାମର୍ଶ ଦେଇଛନ୍ତି।

### ଜିଲ୍ଲାର ମୁଖ୍ୟ ରାଜପଥ ଓ ଦୋକାନ ବଜାର ବନ୍ଦ କଲେ ପ୍ରତିବାଦକାରୀ

## ଓଡ଼ିଶା ବନ୍ଦ ଡାକରାର ପଡ଼ିଲା ପ୍ରଭାବ

**କେନ୍ଦ୍ରାପଡ଼ା, ୧୭।୭ (ସଂଚାର ବ୍ୟୁରୋ):** ବାଲେଶ୍ୱର ଫକୀରମୋହନ ସ୍ୱୋୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାରେ ଓଡିଶା ହାଇକୋର୍ଟର ବିଚାରପତିଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ, ପ୍ରକୃତ ଦୋଷୀମାନଙ୍କ ବିରୋଧରେ କଠୋର ଦଣ୍ଡ ବ୍ୟବସ୍ଥା କରିବା, ତଦନ୍ତରେ ସ୍ୱଚ୍ଛତା ପାଇଁ ଓ ନୈତିକତା ଦୃଷ୍ଟିରୁ ଉଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ପ୍ରତାପ ଷଡଙ୍ଗୀ ଓ ସ୍ଥାନୀୟ ବିଧାୟକ ନିଜ ନିଜ ପଦରୁ ଇସ୍ତଫା ଦେବା ଦାବିରେ ଗୁରୁବାର ଆହୁତ ଓଡିଶାବନ୍ଦ କେନ୍ଦ୍ରାପଡା ଜିଲ୍ଲା ଓ ସହରରେ ସମ୍ପୂର୍ଣ ସଫଳ ହୋଇଛି। କଂଗ୍ରେସ, ସିପିଆଇ(ଏମ୍), ସିପିଆଇ ଓ ସିପିଆଇ(ଏମ୍ଏଲ) ସମେତ ଆଠଟି ବିରୋଧୀ ଦଳଙ୍କ ଡ଼ାକରାରେ ସମସ୍ତ ଗଣସଙ୍ଗଠନ ଓ ବୁଦ୍ଧିଜୀବୀ ସାମିଲ ହୋଇ ବନ୍ଦକୁ ସଫଳ କରିଛନ୍ତି। ଜିଲ୍ଲାର ସମସ୍ତ ନଅଟି ବ୍ଲକ ଓ ପଟ୍ଟାମୁଣ୍ଡାଇ



କଂଗ୍ରେସ୍ ସମେତ ଆଠଟି ଦଳ ସାମିଲ

ପୌରସଂସ୍ଥା ସହିତ କେନ୍ଦ୍ରାପଡା ସହର ସମ୍ପୂର୍ଣ ଅଚଳ ହୋଇଯାଇଥିଲା। କଟକ ଚାନ୍ଦବାଲି ରାସ୍ତାର ତିନିମୁହାଣୀ ଠାରେ ରାସ୍ତାକୁ ସତ୍ୟାଗ୍ରହୀମାନେ ବନ୍ଦ ରଖିବା ଫଳରେ ସକାଳ ଛଅଟାରୁ ସମ୍ପୂର୍ଣ ଅଚଳ ହେଇପଡ଼ିଥିଲା। ଜିଲ୍ଲାପାଳ ଅଫିସ ସହିତ ସମସ୍ତ ସରକାରୀ ଓ ବେସରକାରୀ ଅଫିସ, କୋର୍ଟ, ସମସ୍ତ ବ୍ୟାଙ୍କ, ପୋଷ୍ଟ ଅଫିସ, ବୀମା କାର୍ଯ୍ୟାଳୟ, ସମସ୍ତ ସ୍କୁଲ କଲେଜ ଓ ସହରର ସମସ୍ତ ଦୋକାନ ବନ୍ଦ ରହିଥିଲା। ଏହା ସହ କଂଗ୍ରେସ ପତାକା ଧରି ଶତାଧିକ ଯୁବକ ପୁରା ସହରରେ ପିକେଟିଂ କରି ଯେଉଁ ସବୁ ଦୋକାନ ଖୋଲା ଯାଇଥିଲା ତାକୁ ବନ୍ଦ କରିବାକୁ କହିଥିଲେ। ଫଳରେ ସମ୍ପୂର୍ଣ ସହର ନିଶବ୍ଦ ହୋଇ ଯାଇଥିଲା। କଂଗ୍ରେସ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ରମଣୀରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ଆଜିର ବନ୍ଦରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଡ. ସିପ୍ରା ମଲ୍ଲିକ, କଂଗ୍ରେସ ରାଜ୍ୟ ସମ୍ପାଦିକା ସସ୍ମିତା ପଣ୍ଡା, କ୍ଷୀରୋଦ ରାଉତ ପ୍ରମୁଖ ବନ୍ଦରେ ନେତୃତ୍ୱ ନେଇଥିଲେ।

## ମଙ୍ଗଳପୁରରେ ବ୍ୟାପୁଛି ଜଣ୍ଡିସ

● ଖବର ପାଇ ଗାଁରେ ପହଞ୍ଚିଲେ ଡାକ୍ତରୀ ଟିମ୍



**ଡେରାବିଶ,୧୭।୭(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଜଣ୍ଡିସ ତାର କାୟା ବିସ୍ତାର କରିବାରେ ଲାଗିଛି। ଏବେ ସୁଦ୍ଧା ଏହି ଗ୍ରାମରେ ୯ ଜଣ ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଗ୍ରାମର ଲକ୍ଷ୍ମୀପ୍ରିୟା ମଲିକ(୧୪), ସସ୍ମିତା ମଲିକ (୧୫), ରୁବିନା ମଲିକ(୧୦), ସାଇ ଶ୍ରଦ୍ଧା ମଲିକ(୭), ରାନି ଦାସ(୧୦), ମାମୁନି ମଲିକ(୧୧), କ୍ରୀଷ୍ଟା ମଲିକ(୭), ରଶ୍ମିରଞ୍ଜନ ମିଶ୍ର(୧୫), ସୂର୍ଯ୍ୟକାନ୍ତ ମଲିକ(୧୨) ପ୍ରମୁଖ ଜଣ୍ଡିସରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ଏହି ଖବର ବ୍ୟାପିବା ପରେ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି ଚା ସୂଚନା ପାଇ ଜିଲ୍ଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରାଙ୍ଗ ଚରଣ ଗିରିଙ୍କ ନେତୃତ୍ୱରେ ଏଡିପିଏଚଓ ଡା. ଶ୍ୟାମସୁନ୍ଦର ଟୁଡୁ, ଏପିଡେମିକୋଲୋଜିଷ୍ଟ ଡା. ଆଶୋକ କୁମାର ସାହୁ, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ସ୍ମିତା ପ୍ରିୟଦର୍ଶନୀଙ୍କ ସମେତ ଏକ ସ୍ୱାସ୍ଥ୍ୟ ବିଭାଗ ଟିମ ମଙ୍ଗଳପୁର ଗ୍ରାମରେ ପହଞ୍ଚି ପିଡିତଙ୍କୁ ଭେଟିଥିଲେ ଓ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ରୋଗ ବ୍ୟାପିବାର କାରଣ ସମ୍ପର୍କରେ ଅନୁଧାନ କରିବା ସହ ଆକ୍ରାନ୍ତମାନଙ୍କ ରକ୍ତନମୁନା ସଂଗ୍ରହ କରି ପରିକ୍ଷା ପାଇଁ ପଠାଇଥିଲେ। ତେବେ ଗ୍ରାମରେ ଥିବା ଅସ୍ୱାସ୍ଥ୍ୟକର ପରିବେଶ, ଦୁଃଷିତ ପାନୀୟ ଜଳ ଓ ଖାଦ୍ୟ ଏହି ରୋଗର କାରଣ ହୋଇଥାଇ ପାରେ ବୋଲି ଡାକ୍ତରୀ ଦଳ ସନ୍ଦେହ ପ୍ରକାଶ କରିଛନ୍ତି।

## ଛାତ୍ରୀଙ୍କୁ ନ୍ୟାୟ ଦାବିରେ ରାଜରାସ୍ତାରେ କଂଗ୍ରେସ




**ଆଳି,୧୭।୭(ସଂଚାର ବ୍ୟୁରୋ):** ଆଳି ଥାନା ଅନ୍ତର୍ଗତ ସବୁ ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଡାକରାକୁ ପୂର୍ଣ୍ଣ ସମର୍ଥ ଦେଇଛନ୍ତି ଆଳି ବ୍ଲକର ଜନସାଧାରଣ।ଦିବଙ୍ଗତା ଛାତ୍ରୀଙ୍କୁ ନ୍ୟାୟ ଦାବୀ ଓ ନାରୀ ନିର୍ଯ୍ୟାତନା ରୋକିବାରେ ବିଜେପି ସରକାର ବିଫଳତା ବିରୋଧରେ ୧୭ ଜୁଲାଇ ଓଡ଼ିଶା ବନ୍ଦ ଡାକରାରେ ଆଳିର ହଜାର ହଜାର କଂଗ୍ରେସ କର୍ମୀଙ୍କ ଡାକରାରେ ଆଳି ନୂଆ ବଜାରରେ କଂଗ୍ରେସ କର୍ମୀମାନେ ଆଳି ପୋଲିସ ଉପସ୍ଥିତିରେ ଆଳି ନୂଆ ବଜାରରେ ବ୍ୟାରିକେଡ଼ ପକାଇ ଯାନବାହାନ ଚଳାଚଳ ବନ୍ଦ ରଖିଥିଲେ। ଆଉ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ସରକାରୀ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଥିଲା।ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବଜାରରେ ପ୍ରତ୍ୟେକ ଔଷଧାଳୟ ଖୋଲିବାକୁ ଅନୁମତି କଂଗ୍ରେସ ତରଫରୁ ଥିଲା। କଂଗ୍ରେସ ଓ ବାମପନ୍ଥୀ ଦଳ ପକ୍ଷରୁ ଓଡିଶା ବନ୍ଦ ଆଜି ସାରା ଓଡ଼ିଶାରେ ସାମାଜିକ ନ୍ୟାୟ ଦାବୀରେ, ଫକୀର ମୋହନ କଲେଜର ଛାତ୍ରୀ ସୌମ୍ୟା ବିଶିର ହତ୍ୟା ପ୍ରତିବାଦ, କୃଷକ ଶ୍ରମିକ, ମହିଳାଙ୍କ ସୁରକ୍ଷା ତା' ଛଡା ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ ଓ ଡବଲ ଇଞ୍ଜିନ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି ବିରୁଦ୍ଧରେ ଆଳି ନୂଆବଜାର ଠାରେ ଅନୁଷ୍ଠିତ ବନ୍ଦ କର୍ମସୂଚୀରେ କଂଗ୍ରେସ ନେତ୍ରୀ ଡାକ୍ତର ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ହଜାର ହଜାର କଂଗ୍ରେସ କର୍ମୀ ଏକଜୁଟ ହୋଇଥିଲେ।

## ବିପ୍ଳବୀ ଆନନ୍ଦ ଜେନାଙ୍କ ଜୟନ୍ତୀ ପାଳିତ

**କେନ୍ଦ୍ରାପଡ଼ା,୧୭।୭(ସଂଚାର ବ୍ୟୁରୋ):** ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୧୪୧ତମ ଜୟନ୍ତୀ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ କେନ୍ଦ୍ରାପଡା ସହରର ଆନନ୍ଦମାର୍ଗସ୍ଥିତ ଶ୍ରୀଜେନାଙ୍କ ପ୍ରତିମୂର୍ତ୍ତି ନିକଟରେ ଗୁରୁବାର ପୂର୍ବାହ୍ନରେ ମହାସମାରୋହରେ ପାଳିତ ହୋଇଯାଇଛି। ସ୍ମୃତି କମିଟି ସଭାପତି ବରିଷ୍ଠ ଆଇନଜୀବୀ ବିଚିତ୍ରାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଗ୍ରାମୀ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ ଭଳି ଜଣେ ମହାନ ସଂଗ୍ରାମୀ ସାରା ରାଜ୍ୟରେ ବିରଳ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲ୍ଲା



ପରିଷଦ ସଭାପତି ଲିଲିତା ଦାସ ଯୋଗଦେଇ ସଂଗ୍ରାମୀ ଜେନାଙ୍କ ଆଦର୍ଶରେ ଯୁବପିଢ଼ୀ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାଜଜ ବିଷ୍ଣୁଦେବ ଜେନା, ଅତିରିକ୍ତ ଜିଲ୍ଲାଜଜ ତ୍ରୀବିକ୍ରମ କେଶରୀ ଚିନ୍ନାରା, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ବିପ୍ଳବୀ ଜେନା ଜଣେ ମହାନ ସଂଗ୍ରାମୀ ଥିଲେ ବୋଲି କହିବା ସହ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ସିଡିଏମଓ ଡାଃ. ଅଜୟ କୁମାର ରାଉତ, ପୌରନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ପୌରାଦକ୍ଷା ସରିତା ସାହୁ, ଅଧ୍ୟାପକ ନନ୍ଦ କିଶୋର ପରିଡା, ଅବନ୍ତୀ ବେହେରା, ଗବେଷକ ନିରଞ୍ଜନ ମେକାପ, ସାହିତ୍ୟିକ ଡ. ବାସୁଦେବ ଦାସ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆମେରିକାର ଏକ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ହାସଲ କରିଥିବା ଅଧ୍ୟାପକ ଡ. ଅଜୟ କୁମାର ରାଉତଙ୍କୁ ବିପ୍ଳବୀ ଆନ୍ଦ ଚନ୍ଦ୍ର ଜେନାଙ୍କ ସ୍ମୃତିରେ 'କେନ୍ଦ୍ରାପଡା ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସଂଯୋଜକ ମୁକ୍ତାର ଖାଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ସଂଯୋଜକ ସରକାରୀ ଓକିଲ ସଞ୍ଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ବିରୁପା ନଦୀରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ବହୁଛି

## ବନ୍ୟାପାଣିରେ ବ୍ୟାପକ ଫସଲ ନଷ୍ଟ

**ଡେରାବିଶ,୧୭।୭(ସଂଚାର ବ୍ୟୁରୋ):** ବ୍ରାହ୍ମଣୀ ସିଷ୍ଟମରେ ବନ୍ୟାଜଳ ଆସି ଏବେ ବିରୁପା ନଦୀ ଫୁଲିବାରେ ଲାଗିଛି। ରେଙ୍ଗାଲି ଠାରେ ତିନୋଟି ଗେଟ୍ ଦେଇ ବନ୍ୟାପାଣି ବ୍ରାହ୍ମଣୀ ପ୍ରବେଶ କରିବା ଫଳରେ ଏହାର ଶାଖାନଦୀ ବିରୁପା ନଦୀରେ ଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ନଦୀ ଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ଏହି ନଦୀ କୂଳରେ ଥିବାର ଡେରାବିଶ ଅନ୍ତର୍ଗତ ବେଣିପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ଜନସାଧାରଣ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବନ୍ୟା ପାଣି ଏବେ ନଦୀବନ୍ଧ କଡ଼କୁ ଲାଗିଯାଇଥିବା ବେଳେ ନଦୀ ପଠାରେ ରହିଥିବା ବ୍ୟାପକ ପରିବା ଫସଲ ପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି। ଛୋଟି ଗ୍ରାମର ପରିବା ଚାଷୀ ପ୍ରଦୀପ ଜେନା, ହଳଧର ସେଠୀ, ଜଳଧର ସେଠୀ, ବଳରାମ ସେଠୀ, ନିରଞ୍ଜନ ମଳିକ ନଦୀ ପଠାରେ ଚାଷକରିଥିବା ବହୁ ପରିମାଣରେ କଖାରୁ, କାକୁଡ଼ି ଓ ପୋଟଳ ଫସଲ ପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି। ସେହିପରି ମଙ୍ଗଳପୁର ଗ୍ରାମର ଚାଷୀ ପ୍ରମୋଦ ଜେନା, ଅନନ୍ତ ମଳିକ ନଦୀ ପଠାରେ କରିଥିବା ବ୍ୟାପକ ବାଇଗଣ ଫସଲ ନଷ୍ଟ ହୋଇଯାଇଥିବା ପ୍ରକାଶ କରିଛନ୍ତି। ଚାଷୀମାନେ କହିଛନ୍ତି ଆମେ ଧାର କରଜ କରି ବହୁ କଷ୍ଟରେ ଫସଲ ଲଗାଇ ଅମଳ କରିବା ବେଳକୁ ବନ୍ୟା ଆମର ସବୁ ଫସଲ ନଷ୍ଟ କରିଦେଲା। ବେଣିପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ଆହୁରି ଅନେକ ଚାଷୀଙ୍କର ଫସଲ ବିରୁପା ନଦୀ ପଠାରେ ବୁଡ଼ି ନଷ୍ଟ ହୋଇଯାଇଥିବାରୁ ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବନ୍ୟାପାଣି ବଢ଼ୁଥିବାରୁ ମଙ୍ଗଳପୁର ପଞ୍ଚାୟତର ମଙ୍ଗଳପୁର ଦଳିତ ସାହି (ଧୋବାସହି) ଓ ବେଣିପୁର ପଞ୍ଚାୟତର ବେଣିପୁର ପୋଲ ପାଖରେ ରହିଥିବା କିଛି ଲୋକଙ୍କ ଘରେ ପାଣି ପଶିଯିବା ଆଶଙ୍କା ରହିଥିବାରୁ ସେମାନେ ଏବେ ଉଚ୍ଚସ୍ଥାନକୁ ଯିବା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଏଥିସହିତ ସେମାନଙ୍କ ଗାଇଗୋରୁମାନଙ୍କୁ ମଧ ଉଚ୍ଚସ୍ଥାନକୁ ନେଇଯାଇଥିବା ଜଣାଯାଇଛି। ଏଥିପାଇଁ ବ୍ଲକ ପ୍ରଶାସନ ଓ ଜଳସମ୍ପଦ ବିଭାଗ ହାଇଆଲର୍ଟରେ ରହିଛି। ଆଜି ଡେରାବିଶ ବିଡ଼ିଓ ନମିତା ବାରିକ ଓ ତହସିଲଦାର ସରୋଜ କୁମାର ନାୟକ ନଦୀକୂଳିଆ ଅଞ୍ଚଳକୁ ଯାଇ ବନ୍ୟାସ୍ଥିତି ଦେଖିବା ସହିତ ନଦୀକୂଳିଆ ପଞ୍ଚାୟତର ସରପଞ୍ଚମାନଙ୍କୁ ହାଇଆଲର୍ଟରେ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଛୋଟି ସରପଞ୍ଚ ରଜନୀ ମଳିକ କହିଛନ୍ତି ଡେରାବିଶ ବ୍ଲକ ପ୍ରଶାସନ ପକ୍ଷରୁ ବିରୁପା ନଦୀରେ ବନ୍ୟା ପାଇଁ ହାଇ ଆଲର୍ଟ ଜାରି କରାଯାଇଛି।

**ହାଇ ଆଲର୍ଟରେ ବ୍ଲକ ପ୍ରଶାସନ ଓ ଜଳସମ୍ପଦ ବିଭାଗ**



# ଟ୍ରକରେ ଲଦା ହୋଇ ମୁମ୍ବାଇ ଗଲା ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର




**କେନ୍ଦ୍ରାପଡ଼ା, ୧୭।୭ (ସଂଚାର ବ୍ୟୁରୋ):** ପୋଲିସ, ଅଗ୍ନିଶମ ବାହିନୀ ଓ ଇଞ୍ଜିନିୟରମାନଙ୍କ ମିଳିତ ସହଯୋଗରେ ହେଲକପ୍ଟରକୁ ଲୋଡିଂ କରାଯାଇଥିଲା। ଗତ ଜୁନ୍ ୯ରେ ମୁଖ୍ୟମନ୍ତ୍ରୀଙ୍କୁ ନେଇ ଏହି ହେଲିକପ୍ଟର କେନ୍ଦ୍ରାପଡ଼ା ଆସିଥିଲା। କେନ୍ଦ୍ରପଡ଼ାରୁ ମୁମ୍ବାଇ ଗଲା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ହେଲିକପ୍ଟର । ଉଡ଼ି ଉଡ଼ି ନୁହେଁ ବରଂ ସଡ଼କ ପଥରେ ଟ୍ରକରେ ଲଦା ହୋଇ ନିଆଗଲା ମୁମ୍ବାଇ । ମାସାଧିକ କାଳ ଅଚଳ ହୋଇ ପଡିରହିବା ପରେ ମୁମ୍ବାଇରୁ ଆସିଥିବା ଟେକ୍ନିକାଲ ଟିମ୍ ହେଲିକପ୍ଟରକୁ ଟ୍ରକରେ ଲଦି ନେଇଛନ୍ତି । ଆଜି ଟ୍ରକଟି ବାହାରିଥିବା ବେଳେ, ମୁମ୍ବାଇ ପହଞ୍ଚିବାକୁ ୮ରୁ ୧୦ ଦିନ ସମୟ ଲାଗିବ । ପୋଲିସ, ଅଗ୍ନିଶମ ବାହିନୀ ଓ ଇଞ୍ଜିନିୟରମାନଙ୍କ ମିଳିତ ସହଯୋଗରେ ହେଲକପ୍ଟରକୁ ଲୋଡିଂ କରାଯାଇଥିଲା। ଗତ ଜୁନ୍ ୯ରେ ମୁଖ୍ୟମନ୍ତ୍ରୀଙ୍କୁ ନେଇ ଏହି ହେଲିକପ୍ଟର କେନ୍ଦ୍ରାପଡ଼ା ଆସିଥିଲା। ତେବେ ବଜ୍ରପାତ ଯୋଗୁଁ ହେଲିକପ୍ଟରଟି ଅଚଳ ହୋଇପଡ଼ିଥିଲା । ଏନେଇ ଓଟିଭିରେ ଖବର ପ୍ରସାରଣ ପରେ ପ୍ରଶାସନ ତତ୍ପରତା ଦେଖାଇଥିଲା ।

# ମାଗଣା ବିଜୁଳି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ଭୁବନେଶ୍ୱର, ୧୭।୭(ସଂଚାର ବ୍ୟୁରୋ):** ବିହାରରେ କ୍ଷମତାସୀନ ବିଜେପି-ଜେଡିୟୁ ସରକାର ରାଜ୍ୟରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ସକାଶେ ୧୨୫ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ଦେବା ସକାଶେ ଘୋଷଣା କରିଛନ୍ତି। ଆସନ୍ତା ଅଗଷ୍ଟ ୧ ତାରିଖରୁ ଏହା ଲାଗୁ ହେବା ନେଇ ଘୋଷଣା କରାଯାଇଛି। କିନ୍ତୁ ରାଜ୍ୟରେ ବର୍ଷେ ହେଲା କ୍ଷମତାକୁ ଆସିସାରିଥିବା ବିଜେପି ସରକାର ନିଜର ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିନଥିବାରୁ ଏନେଇ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ମହାସଂଘ ପକ୍ଷରୁ ଏକ ଚିଠି ଲେଖାଯାଇଛି। ଏଥିରେ ଦର୍ଶାଯାଇଛି ଯେ ସରକାର କ୍ଷମତାକୁ ଆସିବା ଇତିମଧ୍ୟରେ ୧୩ ମାସ ପୂରିଗଲାଣି। କିନ୍ତୁ ଆଜି ପର୍ଯ୍ୟନ୍ତ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଣ ସଂକ୍ରାନ୍ତ ପ୍ରତିଶ୍ରୁତି ପୂରଣ ହୋଇନାହିଁ। ତେଣୁ ଏଥିପ୍ରତି ଦୃଷ୍ଟି ଦେଇ ମୁଖ୍ୟମନ୍ତ୍ରୀ ଅତି କମ୍‌ରେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଣ ଦିଗରେ ପଦକ୍ଷେପ ନେବା ସକାଶେ ମହାସଂଘ ସମ୍ପାଦକ ରବି ବେହେରା ନିବେଦନ କରିଛନ୍ତି।

# ଟ୍ରେନ୍‌ର ସମୟସୀମା ବୃଦ୍ଧି ଓ ଅତିରିକ୍ତ କୋଚ୍ ସଂଯୋଗ

**ଭୁବନେଶ୍ୱର, ୧୬।୭(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ପକ୍ଷରୁ ଯାତ୍ରୀଙ୍କ ସୁବିଧା ବୃଦ୍ଧି ସହ ବର୍ଦ୍ଧିତ ଯାତ୍ରା ଚାହିଦାକୁ ପୂରଣ କରିବା ସହ ଉତ୍ତମ ଯାତ୍ରା ସୁନିଶ୍ଚିତ କରିବା ସକାଶେ କେତେକ ଟ୍ରେନର ସମୟସୀମା ବୃଦ୍ଧି କରାଯିବା ସହ ଆଉ କେତେକ ଟ୍ରେନ୍‌ରେ ଅତିରିକ୍ତ କୋଚ୍ ସଂଯୋଗ ବ୍ୟବସ୍ଥା କରାଯାଇଛି। ଯେଉଁସବୁ ଟ୍ରେନ୍‌ଗୁଡ଼ିକର ସମୟ ସୀମା ବୃଦ୍ଧି କରାଯାଇଛି, ସେଗୁଡ଼ିକ ହେଲା ଟ୍ରେନ ନମ୍ବର ୦୨୮୩୨/ ୦୨୮୩୧ ଭୁବନେଶ୍ୱର-ଧାନବାଦ-ସ୍ପେଶାଲ। ଏହାର ଯାତ୍ରାକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରୁ ଓ ଅଗଷ୍ଟ ୧ରୁ ଧାନବାଦରୁ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ଟ୍ରେନ ନମ୍ବର ୦୨୮୩୯/୦୨୮୪୦ ଶାଲିମାର-ପୁରୀ-ସ୍ପେଶାଲର ଚଳାଚଳ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଶାଲିମାରରୁ ଓ ପୁରୀରୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚଳାଚଳ ବୃଦ୍ଧି କରାଯାଇଛି। ଅନ୍ୟପକ୍ଷରେ ଅତିରିକ୍ତ କୋଚ୍ ସଂଯୋଗ ହୋଇଥିବା ଟ୍ରେନ୍ ମଧ୍ୟରେ ୨୦୭୦୭/୨୦୭୦୮ ସିକନ୍ଦରାବାଦ-ବିଶାଖାପାଟନମ୍-ସିକନ୍ଦରାବାଦ ବନ୍ଦେ ଭାରତ ଏକ୍ସପ୍ରେସ ରହିଛି। ଏହାର କୋଚ୍ ସଂଖ୍ୟା ୧୬ରୁ ୨୦କୁ ବୃଦ୍ଧି କରାଯାଇଛି। ସେହିପରି ୧୮୧୧୭/୧୮୧୧୮ ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସରେ ଗୋଟିଏ ସ୍ଲିପର୍ କ୍ଲାସ କୋଚ୍ ଓ ଗୋଟିଏ ଏସି ୨-ଟାୟାର ଅତିରିକ୍ତ କୋଚ୍ ଯୋଡ଼ାଯାଇଛି।

# ସିବିଏସଇ ସ୍କୁଲରେ ଲାଗିବ 'ଅଏଲ ବୋର୍ଡ'




**ଭୁବନେଶ୍ୱର, ୧୭।୭(ସଂଚାର ବ୍ୟୁରୋ):** ସିବିଏସଇ ବର୍ତ୍ତମାନ୍ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଏକ ନିର୍ଦ୍ଦେଶନାମା ଜାରି କରିଛି। ଯେଉଁଥିରେ ସମସ୍ତ ସ୍କୁଲକୁ ଏକ 'ଅଏଲ ବୋର୍ଡ' ଲଗାଇବା ପାଇଁ କୁହାଯାଇଛି। ଯାହା ଦ୍ୱାରା ପିଲାମାନେ ଅତ୍ୟଧିକ ତେଲ ଖାଇବାରୁ ନିଜକୁ ରୋକିପାରିବେ ଓ ଏହାଦ୍ୱାରା ହେଉଥିବା କ୍ଷତି ବିଷୟରେ ମଧ୍ୟ ଜାଣିପାରିବେ। ବର୍ତ୍ତମାନ ପିଲାମାନେ ଅଧିକ ତେଲଯୁକ୍ତ ଖାଦ୍ୟ ଖାଇବା ସହ ବହୁତ କମ୍ ଶାରୀରିକ କାର୍ଯ୍ୟକଳାପ କରୁଛନ୍ତି। ତେଣୁ ଆଜିକାଲି ପିଲାମାନଙ୍କ ମଧ୍ୟରେ ମେଦ ବହୁଳତା ବୃଦ୍ଧି ପାଉଛି। ତେବେ ଭାରତରେ ୨୦୨୧ରେ ୧୮ କୋଟି ଲୋକ ମେଦ ବହୁଳତାର ଶିକାର ହୋଇଥିବା ବେଳେ ୨୦୫୦ ସୁଦ୍ଧା ଏହା ୪୫ କୋଟିରେ ପହଞ୍ଚିବା ନେଇ ଅନୁମାନ କରାଯାଉଛି। ସିବିଏସଇ ସମସ୍ତ ସ୍କୁଲକୁ ସେମାନଙ୍କ ଛାତ୍ର ଏବଂ କର୍ମଚାରୀମାନଙ୍କୁ ତେଲଯୁକ୍ତ ଖାଦ୍ୟର ନକାରାତ୍ମକ ପ୍ରଭାବ ବିଷୟରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛି। ସ୍କୁଲ କାଫେଟେରିଆ, ଲବି, ୱେଟିଂ ହଲ ଭଳି ସାର୍ବଜନୀନ ସ୍ଥାନରେ ଅଏଲ ବୋର୍ଡ କିମ୍ବା ପୋଷ୍ଟର (ଡିଜିଟାଲ୍ କିମ୍ବା ପ୍ରିଣ୍ଟ) ଲଗାଇବାକୁ କୁହାଯାଇଛି। ଯାହା ଦ୍ୱାରା ପିଲାମାନେ ଏବଂ କର୍ମଚାରୀମାନେ ବୁଝିପାରିବେ ଯେ ଏହା ସେମାନଙ୍କ ପାଇଁ କ୍ଷତିକାରକ ଅଟେ। ସ୍କୁଲଗୁଡ଼ିକରେ ପିଲାମାନଙ୍କୁ ଫଳ, ପନିପରିବା ଏବଂ କମ୍ ଚର୍ବିଯୁକ୍ତ ଖାଦ୍ୟ ଖାଇବାକୁ ଉତ୍ସାହିତ କରିବା ସହ ପିଲାମାନଙ୍କୁ ସିଢ଼ି ଚଢ଼ିବା, ବ୍ୟାୟାମ କରିବା ଏବଂ ଚାଲିବା ଭଳି କାର୍ଯ୍ୟକଳାପ କରିବାକୁ କହିବା। ଏହା ବ୍ୟତୀତ ସ୍କୁଲଗୁଡ଼ିକ ଏଫଏସଏସଏଆଇ ୟୁଟ୍ୟୁବ ଚ୍ୟାନେଲରୁ ଏବଂ ଭିଡିଓ, ପୋଷ୍ଟର ଇତ୍ୟାଦି ଦେଖିପାରିବେ ବୋଲି କୁହାଯାଇଛି।

## ଆସିକା ଓ ଚିକିଟିକୁ ମିଳିଲା ସ୍ୱତନ୍ତ୍ର ରାଷ୍ଟ୍ରପତି ପୁରସ୍କାର

# ଭୁବନେଶ୍ୱରକୁ ସମ୍ଭାବନାପୂର୍ଣ୍ଣ ସ୍ୱଚ୍ଛ ସହର ପୁରସ୍କାର



**ଭୁବନେଶ୍ୱର, ୧୭।୭(ସଂଚାର ବ୍ୟୁରୋ):** ଦେଶର ସ୍ୱଚ୍ଛ ସହରଗୁଡ଼ିକର ତାଲିକା ପ୍ରକାଶ ପାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ (ଏମଓଏଚୟୁଏ) ଦ୍ୱାରା ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ପୁରସ୍କାର ପ୍ରଦାନ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଏବଂ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ତୋଖନ ସାହୁଙ୍କ ଉପସ୍ଥିତିରେ ୨୩ଟି ସୁପର ସ୍ୱଚ୍ଛ ଲିଗ୍ ସହରକୁ ପୁରସ୍କାର ଦିଆଯାଇଛି। ଅହମ୍ମଦାବାଦ, ଭୋପାଳ ଏବଂ ଲକ୍ଷ୍ନୌ ଶ୍ରେଷ୍ଠ ସ୍ୱଚ୍ଛ ସହର ଭାବରେ ଉଭା ହେବା ସହିତ ଭାରତର ନୂତନ ପିଢ଼ିର ସ୍ୱଚ୍ଛ ସହର ରୂପେ ମାନ୍ୟତା ଲାଭ କରିଛନ୍ତି। ମହାକୁମ୍ଭ ପାଇଁ ଏକ ବିଶେଷ ସ୍ୱୀକୃତି ସହିତ ୪୩ଟି ଜାତୀୟ ପୁରସ୍କାର ଘୋଷଣା କରାଯାଇଛି। ପ୍ରମୁଖ ସୁପର ସ୍ୱଚ୍ଛ ଲିଗରେ ଇନ୍ଦୋର, ସୁରଟ, ନଭି ମୁମ୍ବାଇ ସ୍ଥାନ ପାଇଛନ୍ତି। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରକୁ ସମ୍ଭାବନାପୂର୍ଣ୍ଣ ସ୍ୱଚ୍ଛ ସହର ବର୍ଗରେ ପୁରସ୍କୃତ କରାଯାଇଛି। ଏହାଛଡ଼ା ୨୦ ହଜାରରୁ ୫୦ ହଜାର ମଧ୍ୟରେ ଜନସଂଖ୍ୟା ଥିବା ସ୍ୱଚ୍ଛ ସହର ତାଲିକାରେ ଗଞ୍ଜାମ ଜିଲ୍ଲାର ଆସିକା ଏବଂ ୨୦ ହଜାରରୁ କମ୍ ଜନସଂଖ୍ୟା ଥିବା ସ୍ୱଚ୍ଛ ସହର ତାଲିକାରେ ଗଞ୍ଜାମର ଚିକିଟିକୁ ସ୍ୱତନ୍ତ୍ର ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱଚ୍ଛ ସହର ସହଭାଗୀତା ପ୍ରୟାସର ଶୁଭାରମ୍ଭ କରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ମନୋହର ଲାଲ ସମକକ୍ଷ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ସବୁ ଜନସଂଖ୍ୟା ବର୍ଗର ସମସ୍ତ ୭୮ଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ସହର ସମ୍ପୃକ୍ତ ରାଜ୍ୟରୁ ଗୋଟିଏ ଲେଖାଏଁ ଖରାପ ପ୍ରଦର୍ଶନକାରୀ ସହରକୁ ଗ୍ରହଣ କରିବେ ଏବଂ ସ୍ୱଚ୍ଛତା ପାଇଁ ପରାମର୍ଶ ଦେବେ।

## ପାରିବାରିକ କଳହରୁ ହୃଦୟ ବିଦାରକ ଘଟଣା

# ୨ ଝିଅଙ୍କୁ ବିଷ ଦେଇ ମା'ର ଆତ୍ମହତ୍ୟା ଉଦ୍ୟମ




**ବଣାଇ, ୧୭।୭(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲାର ଲହୁଣୀପଡ଼ା ଥାନା ଅନ୍ତର୍ଗତ ବନ୍ଧବେର୍ଣ୍ଣା ଗ୍ରାମରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ସ୍ୱାମୀର ମଦ ପିଇବା ଅଭ୍ୟାସ ଓ ନୀତି ଦିନିଆ ଝଗଡ଼ାରୁ ବିରକ୍ତ ହୋଇ ତାରିଣୀ ମୁଣ୍ଡା ନାମକ ଜଣେ ମହିଳା ନିଜର ଦୁଇ ଝିଅ ସୋନାଲୀ (୧୪) ଓ ଜ୍ୟୋତ୍ସ୍ନାମୟୀ (୧୨)ଙ୍କୁ ବିଷମିଶ୍ରିତ ଥଣ୍ଡା ପାନୀୟ ପିଆଇବାକୁ ଦେଇ ନିଜେ ମଧ୍ୟ ବିଷ ପିଇଛନ୍ତି। ଘଟଣା ଅନୁଯାୟୀ, ତାରିଣୀଙ୍କ ସ୍ୱାମୀ ପ୍ରତିଦିନ ମଦ ପିଇ ତାଙ୍କ ସହ ଝଗଡ଼ା କରୁଥିଲେ। ଏହାକୁ ଦୀର୍ଘଦିନ ସହ୍ୟ କରିବା ପରେ ତାରିଣୀଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗିଯାଇଥିଲା। ଆଜି ସନ୍ଧ୍ୟାରେ ପୁନର୍ବାର ସ୍ୱାମୀ ସହ ଝଗଡ଼ା ହେବା ପରେ ଉତ୍ୟକ୍ତ ହୋଇ ତାରିଣୀ ଘରେ ଥିବା କୀଟନାଶକକୁ ଥଣ୍ଡା ପାନୀୟରେ ମିଶାଇ ଦୁଇ ଝିଅଙ୍କୁ ପିଆଇବାକୁ ଦେଇଥିଲେ ଏବଂ ନିଜେ ମଧ୍ୟ ସେହି ବିଷ ପିଇଥିଲେ। ଘରର ଅନ୍ୟ ସଦସ୍ୟମାନେ ଏହା ଦେଖି ତୁରନ୍ତ ତାରିଣୀ ଓ ତାଙ୍କ ଦୁଇ ଝିଅଙ୍କୁ ଏକ ଅଟୋ ଯୋଗେ ବଣାଇ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ୩ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ରାଉରକେଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଲହୁଣୀପଡ଼ା ଥାନା ପୁଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି। ଏହି ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

# ରେଳ ଯାତ୍ରୀଙ୍କୁ ଲୁଟ୍ ବେଳେ ମାଡ଼ିବସିଲେ ଲୋକେ

**କଣ୍ଟାବାଞ୍ଜି/ତୁରେକେଲା, ୧୭।୭(ସଂଚାର ବ୍ୟୁରୋ):** ରେଳ ଯାତ୍ରୀଙ୍କୁ ଲୁଟୁଥିବା ସମୟରେ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରିବା ସହ ଉତ୍ତମ ମଧ୍ୟମ ଦେଇଛନ୍ତି। ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଳ ଷ୍ଟେସନରେ ଏଭଳି ଘଟଣା ଘଟିଥିବା ବେଳେ ଷ୍ଟେସନ ଅଟୋ ଚାଳକ ସଂଘର ସଦସ୍ୟମାନେ ୩ ଜଣ ଚୋରଙ୍କୁ କାବୁ କରି ରେଳବାଇ ପୁଲିସ ଜିମା ଦେଇଛନ୍ତି। କଣ୍ଟାବାଞ୍ଜି ରେଳ ଷ୍ଟେସନରେ ଦିନକୁ ଦିନ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ୁଛି। ଚୋରମାନେ କେତେବେଳେ ଯାତ୍ରୀଙ୍କ ସୁନା ଚେନ୍ ଝାମ୍ପି ନେଉଛନ୍ତି ତ ଆଉ କେତେବେଳେ ଟଙ୍କା ଓ ମୋବାଇଲ୍ ଛଡ଼ାଇ ନେଉଛନ୍ତି। ଆଜି ଷ୍ଟେସନରେ ଜଣେ ଯାତ୍ରୀଙ୍କଠାରୁ ଟଙ୍କା ଓ ମୋବାଇଲ୍ ଲୁଟିବା ସମୟରେ ସଂଘର ସଦସ୍ୟ ୩ ଚୋରଙ୍କୁ କାବୁ କରି ପ୍ରଥମେ ଭୀଷଣ ମାଡ଼ ମାରିଥିଲେ। ଏହି ଚୋରମାନେ ହେଲେ କଣ୍ଟାବାଞ୍ଜି ଆଶ୍ରମପଡ଼ାର ରାଧେ ସୁନା, ହିମାନ ସୁନା ଓ ରାଇପୁର ଅଞ୍ଚଳର ସେଖ ଗୁଲାମ ମୁସ୍ତାଫା। କିଛି ଦିନ ପୂର୍ବରୁ ସେମାନେ ବରଗଡ଼ ଅଞ୍ଚଳର ଜଣେ ଯାତ୍ରୀଙ୍କଠାରୁ ୧୦ ହଜାରରୁ ଅଧିକ ଟଙ୍କା ଲୁଟିନେଇଥିବା ନେଇ ଜିଆରପି ଥାନାରେ ଅଭିଯୋଗ ହୋଇଥିଲା।

## ଆରଟିଓ ଚାକିରି ପାଇଁ ମିଛ ବିଜ୍ଞାପନ

# ସତର୍କ କଲା ରାଜ୍ୟ ପରିବହନ ପ୍ରାଧିକରଣ




**ଭୁବନେଶ୍ୱର, ୧୭।୭(ସଂଚାର ବ୍ୟୁରୋ):** ସାମାଜିକ ଗଣମାଧ୍ୟମ ଏବଂ କିଛି ୱେବସାଇଟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ବିଭିନ୍ନ ପଦବୀରେ ଚାକିରି ସଂକ୍ରାନ୍ତରେ ମିଥ୍ୟା ବିଜ୍ଞାପନ ପ୍ରଚାର କରାଯାଉଥିବା ଦୃଷ୍ଟିକୁ ଆସୁଛି। ଏଭଳି ମିଥ୍ୟା ବିଜ୍ଞାପନକୁ ବିଶ୍ୱାସ ନକରିବାରୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ପରାମର୍ଶ ଦିଆଯାଉଛି। ଏଭଳି ୱେବସାଇଟ ମାନଙ୍କରେ ଆସୁଥିବା ବିଜ୍ଞାପନରେ ବିଶ୍ୱାସ କରି ଆପଣମାନେ ଠକାମିର ଶିକାର ହୁଅନ୍ତୁ ନାହିଁ । ଜନସାଧାରଣଙ୍କ ସଚେତନତା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଅନେକ ନିରୀହ ଚାକିରି ଆଶାୟୀଙ୍କୁ ୱେବସାଇଟରେ ମିଥ୍ୟା ବିଜ୍ଞାପନ ଦେଇ ଠକେଇ ହେଉଛି। ଅନେକ ଲୋକ ଏହି ଠକାମିର ଶିକାର ହେଉଥିବା ଅଭିଯୋଗ ଆସୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଗଣମାଧ୍ୟମ ଜରିଆରେ ନିବେଦନ କରାଯାଇଛି ଯେ, ଏଭଳି କୌଣସି ବିଜ୍ଞାପନକୁ ସତ ଭାବନ୍ତୁ ନାହିଁ। କେବଳ ସରକାରଙ୍କ ଦ୍ୱାରା ଆନୁଷ୍ଠାନିକ ପ୍ରକ୍ରିୟା ମାଧ୍ୟମରେ ହିଁ ଚାକିରି ସମ୍ପର୍କରେ କୌଣସି ବିଜ୍ଞାପନ ପ୍ରକାଶିତ ହୋଇଥାଏ। ଏଥିପାଇଁ ସରକାରଙ୍କର ଏକ ବିଶେଷ ପ୍ରକ୍ରିୟା ରହିଛି। ହ୍ୱାସଟଆପକୁ ବିଭିନ୍ନ ୱେବସାଇଟର ମିଥ୍ୟା ବିଜ୍ଞାପନ ଲିଙ୍କ ଆସିଲେ ଏହାର ସତ୍ୟତା ଯାଞ୍ଚ କରନ୍ତୁ। ଏଭଳି ମିଥ୍ୟା ୱେବସାଇଟ ବିଜ୍ଞାପନ ମାଧ୍ୟମରେ ଚାକିରି ମିଳେନାହିଁ ବୋଲି ଏସଟିଏ ସ୍ପଷ୍ଟ କରିଛି।

# ମଣ୍ଡଳ ରେଳବାଇ ପ୍ରବନ୍ଧକ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳଙ୍କ ରେଳ ସେକ୍ସନ ନୀରିକ୍ଷଣ

**ଭୁବନେଶ୍ୱର, ୧୭।୭ (ସଂଚାର ବ୍ୟୁରୋ):** ଭିତ୍ତିଭୂମି, ସୁରକ୍ଷା ଏବଂ ଯାତ୍ରୀ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଏକ ଉନ୍ନୟନମୂଳକ ଅଭିଯାନରେ, ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍. ଏସ୍. ବାଜୱା ଆଜି ସମସ୍ତ ଶାଖା ଅଧିକାରୀଙ୍କ ସହିତ ଖୋର୍ଦ୍ଧା ରୋଡ୍-ବ୍ରହ୍ମପୁର ରେଳ ସେକ୍ସନର ନୀରିକ୍ଷଣ କରିଛନ୍ତି । ରେଳ ସେକ୍ସନର ମଧ୍ୟବର୍ତ୍ତୀ ଷ୍ଟେସନଗୁଡ଼ିକରେ ୱିଣ୍ଡୋ ଟ୍ରେଲିଂ, ବିସ୍ତୃତ ଯାଞ୍ଚ ଏବଂ ଭୂମି ସମୀକ୍ଷା ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ ପଏଣ୍ଟଗୁଡ଼ିକର ମୂଲ୍ୟାଙ୍କନ ମାଧ୍ୟମରେ ଯାଞ୍ଚ କରାଯାଇଥିଲା। ନିରୀକ୍ଷଣ ସମୟରେ, ଶ୍ରୀ ବାଜୱା ଭାରତୀୟ ରେଳବାଇର ଆଧୁନିକ, ଯାତ୍ରୀ-ଅନୁକୂଳ ଷ୍ଟେସନର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ବିଭିନ୍ନ ଷ୍ଟେସନରେ ଅମୃତ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ମଧ୍ୟ ମୂଲ୍ୟାଙ୍କନ କରାଯାଇଥିଲା। ନିରୀକ୍ଷଣ ସମୟରେ ବ୍ରହ୍ମପୁର, ବାଲୁଗାଁ, ଇଚ୍ଛାପୁର ଏବଂ ଛତ୍ରପୁର ଷ୍ଟେସନରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରାଯାଇଛି । ବ୍ରହ୍ମପୁରରେ, ଯାତ୍ରୀ ସୁବିଧା ବୃଦ୍ଧି କରିବା ପାଇଁ ଢାଞ୍ଚାଗତ ଉନ୍ନତି ଏବଂ ମୁଖବନ୍ଧ ବିକାଶ ପାଇଁ ପରାମର୍ଶ ଦିଆଯାଇଛି। ବାଲୁଗାଁ ଷ୍ଟେସନରେ ସର୍କୁଲେଟିଂ ଏରିଆ ଏବଂ ପ୍ଲାଟଫର୍ମ ପୃଷ୍ଠରେ ଉଲ୍ଲେଖନୀୟ ଉନ୍ନତି ହୋଇଛି।

## ● ସାଂସଦଙ୍କ ଉପରେ ବର୍ଷିଲା ବିଜେଡି

# ଆକ୍ଷେପ ଛାଡ଼ି ପୀଡ଼ିତାଙ୍କୁ ନ୍ୟାୟ ପାଇଁ ସ୍ୱର ଉଠାନ୍ତୁ



**ଭୁବନେଶ୍ୱର, ୧୭।୭(ସଂଚାର ବ୍ୟୁରୋ):** ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ଆଜି ବିଜେଡି ଉପରେ ବର୍ଷିଥିବା ବେଳେ ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ଜବାବ ରଖାଯାଇଛି। ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସ୍ନେହାଙ୍ଗିନୀ ଛୁରିଆ ଓ ପୂର୍ବତନ ସାଂସଦ ଡ. ରାଜଶ୍ରୀ ମଲ୍ଲିକ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀଙ୍କୁ ସମାଲୋଚନା କରିବା ସହ ଜଣେ ଭଉଣୀର ମୃତ୍ୟୁ ଉପରେ ଶସ୍ତା ରାଜନୀତି କରୁଥିବା ଅଭିଯୋଗ ଆଣିଛନ୍ତି। ସେମାନେ କହିଛନ୍ତି ଯେ ରାଜ୍ୟ ଜନସାଧାରଣ ପୀଡ଼ିତାଙ୍କ ଦୁଃଖଦ ମୃତ୍ୟୁ ପାଇଁ ଦୁଃଖରେ ମ୍ରିୟମାଣ ହୋଇଥିବା ବେଳେ ସାଂସଦ ନିଜ ସରକାରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ବିଏମସି ଅତିରିକ୍ତ କମିଶନରଙ୍କ ଉପରେ ଆକ୍ରମଣ ଘଟଣାରେ ସାଂସଦଙ୍କ ମନ୍ତବ୍ୟ ଯାହା ଥିଲା, ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ମାମଲାରେ ତାଙ୍କ ସ୍ୱର ଦବିଯାଉଛି ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି। ରାଜ୍ୟରେ ବିଜେପି କ୍ଷମତାରେ ରହିଛି, ତେଣୁ ଛାତ୍ରୀଙ୍କୁ ଯିଏ ଟାହିଟାପରା କରି ଆତ୍ମାହୁତି ପାଇଁ ଉସକାଇଛି, ତା' ବିରୋଧରେ ପଦକ୍ଷେପ ନେବାକୁ ସେ ଆହ୍ୱାନ ଦେଇଛନ୍ତି। ଏଥିସହ ପୀଡ଼ିତା ପୁଲିସ୍‌ରେ ଅଭିଯାଗ କରିବା ସତ୍ତ୍ୱେ କେଉଁ ବିଜେପି ନେତାଙ୍କ ଚାପରେ ମାମଲା ରୁଜୁ ହେଲା ନାହିଁ, ତା'ର ମଧ୍ୟ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ତା'ଛଡ଼ା ଛାତ୍ରୀଙ୍କ ମୃତ୍ୟୁ ପରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କହୁଥିବା ଦଳ ନ୍ୟାୟ ପାଇଁ ବିଭିନ୍ନ ମହଲରେ ଅଭିଯୋଗ କରିବା ସମୟରେ ଉକ୍ତ ପୀଡ଼ିତାଙ୍କୁ କାହିଁକି ନ୍ୟାୟ ଦେଇପାରିଲା ନାହିଁ ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ସେହିପରି ଡ. ମଲ୍ଲିକ କହିଛନ୍ତି ଯେ ନିଜ ସରକାରଙ୍କ ଅପାରଗତାକୁ ଲୁଚାଇବାକୁ ଯାଇ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ବିଜେଡି ସରକାର ଓ ନବୀନ ପଟ୍ଟନାୟକଙ୍କୁ ଦୋଷ ଦେଉଛନ୍ତି। ରାଜ୍ୟରେ ମହିଳାଙ୍କ ସମ୍ମାନ ବୃଦ୍ଧି ଓ ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଯଥେଷ୍ଟ ପଦକ୍ଷେପ ନେଇଛନ୍ତି। ତେଣୁ ଶ୍ରୀ ପଟ୍ଟନାୟକଙ୍କ ଉପରେ ଦୋଷାରୋପ କରିବା ପୂର୍ବରୁ ସାଂସଦ ନିଜର ଅବଦାନ ତର୍ଜମା କରିବା ଉଚିତ ବୋଲି ଡ. ମଲ୍ଲିକ କହିଛନ୍ତି। ଏଥିସହ ଜଣେ ନାରୀନେତ୍ରୀ ଭାବେ ସେ ରାଜନୀତି ନ କରି ବରଂ ପୀଡ଼ିତା ଛାତ୍ରୀ କିପରି ନ୍ୟାୟ ପାଇବେ, ସେ ଦିଗରେ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ସେ ଶ୍ରୀମତୀ ଷଡ଼ଙ୍ଗୀଙ୍କୁ ଆହ୍ୱାନ ଦେଇଛନ୍ତି।

## ଆଇନ୍‌କୁ ବ୍ୟବସ୍ଥାର ଉପେକ୍ଷା

# ଏଫ୍‌ଏମ୍ ପୀଡ଼ିତାମାନଙ୍କ ବିପତ୍ତିର କାରଣ



**ଭୁବନେଶ୍ୱର ୧୭।୭:** ଆଗତ ଅଭିଯୋଗ ଆଧାରରେ ତ୍ୱରିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଓ ଫୌଜଦାରୀ ମାମଲା ବହୁ କ୍ଷେତ୍ରରେ ଚାଲୁନଥିବାରୁ ଶାସନ ବ୍ୟବସ୍ଥାରେ ବିଭ୍ରାଟ ଉପୁଜିଛି । ଏହାର ପ୍ରତିଫଳନ ହେଉଛି ବାଲେଶ୍ୱର ଫକୀରମୋହନ କଲେଜ୍ ଛାତ୍ରୀଙ୍କ ଆତ୍ମହତ୍ୟା ବୋଲି ଆଇନ୍ ବିଶେଷଜ୍ଞମାନେ କହୁଛନ୍ତି।

ଏବେ ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ ସ୍ନାତକୋତ୍ତର ଛାତ୍ରୀ ଖୋଲା ଅଭିଯୋଗ କରିଛନ୍ତି ଯେ ତାଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ପ୍ରସଙ୍ଗରେ। ସେ ପ୍ରାୟ ୯ ମାସ ତଳେ ଅଭିଯୋଗ କରିଥିଲେ ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ କେବଳ ସମୟ ଗଡ଼ା ଚାଲିଛି। ସେହିଭଳି ଅନ୍ୟ ଗୋଟେ କଲେଜ୍‌ର ଜଣେ ଛାତ୍ରୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିବା ଜଣେ ଅଧ୍ୟାପକ ତାଙ୍କୁ ଧୋକ୍କା ଦେବା ପରେ ସେ ପ୍ରାୟ ୪ମାସ ତଳେ ପୁଲିସ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏବେ ଏଫ୍‌ଏମ୍ ପୀଡ଼ିତାଙ୍କ ପ୍ରତି ହୋଇଥିବା ନିର୍ଯାତନା ସାମ୍ନାକୁ ଆସିବା ପରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଗିରଫ କରାଯାଇଛି।

ସେହିପରି ଅନ୍ୟ ଏକ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଧରିବାର ପୁଲିସ ଟାଳଟୁଳ ନୀତି ଅବଲମ୍ବନ କରୁଥିବାବେଳେ ମୃତକଙ୍କ ବିଧବା ପତ୍ନୀ ଆତ୍ମାହୁତି ଲାଗି ଧମକ ଦେବା ପରେ ମାତ୍ର ଦୁଇ ଜଣ ଅଭିଯୁକ୍ତଙ୍କୁ ପୁଲିସ ଧରିଥିବା ଜଣାପଡ଼ିଛି। ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ଯୁକ୍ତ ଦୁଇ ବାଣିଜ୍ୟ ଛାତ୍ରୀ ନିର୍ଯାତନାର ଶିକାର ହୋଇ ଆତ୍ମହତ୍ୟା କରିଥିଲେ ମଧ୍ୟ ଏଯାବତ୍ ତାଙ୍କୁ ନ୍ୟାୟ ଦେବାରେ ବ୍ୟବସ୍ଥା ବିଫଳ ହୋଇଛି। ଏହାଛଡ଼ା ବିଦ୍ୟାଳୟର ନାବାଳିକା କେତେକ ଛାତ୍ରୀଙ୍କୁ ଯୌନ ଶୋଷଣ କରି ଗର୍ଭବତୀ କରାଯାଉଥିବା ଘେନି ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିବାବେଳେ ସଂଖ୍ୟାଧିକ କ୍ଷେତ୍ରରେ ଅଭିଯୁକ୍ତମାନଙ୍କ ପ୍ରତି କଠୋର ଦଣ୍ଡବିଧାନ କରାଯାଇପାରୁନାହିଁ।

ଏ ସଂକ୍ରାନ୍ତରେ ବିଧି ବିଶେଷଜ୍ଞ ପ୍ରହ୍ଲାଦ କୁମାର ସିଂହ କହିଛନ୍ତି ଯେ ଯୌନ ନିର୍ଯାତନା ରୋକିବା ପାଇଁ ସ୍ୱତନ୍ତ୍ର ଆଇନ୍ ସହ ପକ୍‌ସୋ ଭଳି ଆଇନ୍‌ର କଡ଼ାକଡ଼ି ଅନୁପାଳନ ସଂଖ୍ୟାଧିକ କ୍ଷେତ୍ରରେ କରାଯାଉନାହିଁ। ଆଭ୍ୟନ୍ତରୀଣ ତଦନ୍ତ କମିଟି ଗଠନ ନକଲେ ସମ୍ପୃକ୍ତ ଅନୁଷ୍ଠାନକୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାର ଆଇନ୍‌ଗତ ବ୍ୟବସ୍ଥା ଥିବା ସ୍ଥଳେ ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ କେତୋଟି ଶିକ୍ଷାନୁଷ୍ଠାନ ଓ ଦପ୍ତର ଉପରେ ଏହି ଜରିମାନା ଲାଗୁ କରାଯାଇଛି ସରକାର ତା'ର ତଦନ୍ତ କରିବା ଆବଶ୍ୟକ। ଏହାଛଡ଼ା ବିଭିନ୍ନ ଅପରାଧିକ ଆଇନ୍‌ରେ ମହିଳାମାନଙ୍କ ପ୍ରତି ଅଶାଳୀନ ବ୍ୟବହାର ଓ ସେମାନଙ୍କ ପ୍ରତି ଘଟୁଥିବା ଦୁଷ୍କର୍ମ ଭଳି ଗୁରୁତର ଅଭିଯୋଗ ପାଇଁ କଠୋର ଦଣ୍ଡବିଧାନର ବ୍ୟବସ୍ଥା ଥିବାବେଳେ ମହିଳାମାନଙ୍କ ପ୍ରତି ଘଟୁଥିବା ଅପରାଧିକ ମାମଲାରେ ଦଣ୍ଡବିଧାନର ହାର ଓଡ଼ିଶାରେ କାହିଁକି ୧୦ ପ୍ରତିଶତରୁ କମ୍ ଓ ଏଭଳି ସମ୍ବେଦନଶୀଳ ମାମଲାର ଫଇସଲା ହାର ୬ ପ୍ରତିଶତରୁ କମ୍ ବୋଲି ସେ ପ୍ରଶ୍ନ ଉଠାଇ ସରକାର ଓ ସମାଜ ଏ ଦିଗରେ କଠୋର ପଦକ୍ଷେପ ନେବାକୁ ମତ ଦେଇଛନ୍ତି।

ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ, ସୌମ୍ୟାଶ୍ରୀଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ ଅଭିଯୋଗ ଯେଉଁ ଅଧ୍ୟାପକଙ୍କ ବିରୋଧରେ ଆସିଛି ତାଙ୍କ ବିରୋଧରେ ପୂର୍ବରୁ କେନ୍ଦ୍ରାପଡ଼ାର ବାଲିଆ, ଢେଙ୍କାନାଳର ଭୁବନ ଓ କେନ୍ଦୁଝରର ଚମ୍ପୁଆରେ ମଧ୍ୟ ଅନୁରୂପ ଅଭିଯୋଗମାନ ରହିଥିଲା। ସରକାର କେବଳ ତାଙ୍କୁ ବଦଳି କରିଦେଇ ହାତବନ୍ଧି ବସିଗଲେ। ଏଭଳି ଅଭିଯୋଗ ସରକାରୀ କର୍ମଚାରୀ ଆଚରଣ ବିଧିର ଖୋଲା ଉଲ୍ଲଂଘନ ଦର୍ଶାଇ ଅଧିବକ୍ତା ଶ୍ରୀ ସିଂହ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ସିସିଆର ରୁଲ୍‌ର ୧୫ ଧାରା ଅନୁଯାୟୀ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ୧୩ ଧାରା ଅନୁଯାୟୀ ନିଲମ୍ବନ ଆଦି ପ୍ରଥମ ଅଭିଯୋଗ ସମୟରୁ କରାଯାଇଥିଲେ ସୌମ୍ୟାଶ୍ରୀଙ୍କୁ ଆତ୍ମାହୁତି ଦେବାକୁ ପଡ଼ିନଥାନ୍ତା କିମ୍ବା ଓଡ଼ିଶା ନିନ୍ଦିତ ହୋଇନଥାନ୍ତା। ବହୁ କ୍ଷେତ୍ରରେ ଏକ ସଙ୍ଗରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ତଦନ୍ତ, ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନଷ୍ଠାନ ଓ ଫୌଜଦାରୀ ମାମଲା ଚାଲୁନଥିବାରୁ ଏଭଳି ବିଭ୍ରାଟ ଉପୁଜିଛି। ଯେଉଁ କେତେକ ସ୍ଥଳରେ ନିଲମ୍ବନ ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ତଦନ୍ତ ହେଉଛି ତାହା ବର୍ଷ ବର୍ଷ ଧରି ଗଡୁଛି।

ଏ ସଂକ୍ରାନ୍ତରେ ଗତ ୨୦୧୦ରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କର ଯେଉଁ ମାର୍ଗ ନିର୍ଦ୍ଦେଶିକା ଜାରି କରାଯାଇଥିଲା ତାହାର ଠିକଣା ଅନୁପାଳନ ହେଉନାହିଁ କିମ୍ବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତୀୟ ବିଧି ବ୍ୟବସ୍ଥାର ମଧ୍ୟ ସଂଶୋଧନ କରାଯାଉନାହିଁ। ଫଳରେ ବ୍ୟବସ୍ଥାରେ ବିଶୃଙ୍ଖଳା ବଢ଼ି ଚାଲି ସରକାରୀ କଳରେ କଳଙ୍କି ଲାଗିଯାଉଛି ଓ ସାଧାରଣ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଥିବାବେଳେ ସେମାନଙ୍କ ରାଜକୋଷର ଲକ୍ଷଲକ୍ଷ କୋଟି ଟଙ୍କା ବାରବାଦ ହେଉଛି ବୋଲି ଉଲ୍ଲେଖି କରି ଏ ଦିଗରେ ରାଜ୍ୟ ସରକାର ସକରାତ୍ମକ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଧିବକ୍ତା ଶ୍ରୀ ସିଂହ ପ୍ରସ୍ତାବ ଦେଇଛନ୍ତି। (ତଥ୍ୟ)

# କେନ୍ଦୁଝର ମେଡିକାଲ କଲେଜ୍ ଟ୍ରମା କେୟାର ସେଣ୍ଟରରେ ପ୍ରଥମ ଅସ୍ଥିଶଲ୍ୟ ଅସ୍ତ୍ରୋପଚାର



ଖୀରୋଦଙ୍କୁ ମିଳିଲା ନୂଆ ଜୀବନ

**ଭୁବନେଶ୍ୱର, ୧୭।୭(ସଂଚାର ବ୍ୟୁରୋ):** କେନ୍ଦୁଝରର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ସେଣ୍ଟରରେ ପ୍ରଥମ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଛି। ଫଳସ୍ୱରୂପ ୧୦ ବର୍ଷୀୟ ବାଳକ ଖୀରୋଦ ଜାମୁଡ଼ାଙ୍କୁ ନୂଆ ଜୀବନ ମିଳିଛି। ଗତ ୧୪ ତାରିଖ ସନ୍ଧ୍ୟାରେ ଖୀରୋଦ ଏକ ସଡ଼କ ଦୁର୍ଘଟଣାରେ ଗମ୍ଭୀର ଭାବେ ଆହତ ହୋଇଥିଲେ। ଖୀରୋଦଙ୍କ ଚିକିତ୍ସା ପ୍ରଥମେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କରାଯିବା ପରେ କେନ୍ଦୁଝରର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲକୁ ଟ୍ରମା କେନ୍ଦ୍ରକୁ ଉଚ୍ଚତର ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ଟ୍ରମା କେନ୍ଦ୍ରରେ ପରୀକ୍ଷା ନିରୀକ୍ଷା ପରେ ଚିକିତ୍ସକମାନେ ତାଙ୍କ ଦେହରେ ହିମୋଗ୍ଲୋବିନ ମାତ୍ରା କମ୍ ଥିବା ଲକ୍ଷ୍ୟ କରିଥିଲେ। ତେଣୁ ବିଶେଷଜ୍ଞ ଡାକ୍ତରମାନେ ତାଙ୍କୁ ଆବଶ୍ୟକୀୟ ଆଶୁ ଚିକିତ୍ସା ଦେଇଥିଲେ। ତାଙ୍କ ଶରୀରର ଗୁରୁତ୍ୱପୂର୍ଣ୍ଣ ମାନକଗୁଡ଼ିକ ଅସ୍ତ୍ରୋପଚାର ସ୍ଥିତିକୁ ଆସିଲା ପରେ ଅର୍ଥୋପେଡିକ ଅସ୍ତ୍ରୋପଚାର ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଏଥିପାଇଁ ଅର୍ଥୋପେଡିକ ପ୍ରଫେସର ଅଶୋକ କୁମାର ନାୟକ, ଆନାସ୍ଥେସିଆ ପ୍ରଫେସର ଦେବାଶିଷ ସ୍ୱାଇଁ, ଡାକ୍ତର ଅନନ୍ତ ନାରାୟଣ ପାତ୍ର ଓ ଅଧ୍ୟକ୍ଷ ପ୍ରଫେସର ମହେନ୍ଦ୍ର କୁମାର ନାୟକଙ୍କୁ ନେଇ ଏକ ବିଶେଷଜ୍ଞ ଟିମ୍ ଗଠନ କରାଯାଇଥିଲା। ସଫଳ ଅସ୍ତ୍ରୋପଚାର ପରେ ଏବେ ଖୀରୋଦଙ୍କୁ ଟ୍ରମା କେୟାର ଆଇସିୟୁରେ ୨୪ଘଣ୍ଟିଆ ନିରୀକ୍ଷଣ ପାଇଁ ରଖାଯାଇଛି। ବିଶେଷଜ୍ଞ ଟିମ ମଧ୍ୟ ଖୀରୋଦଙ୍କ ଅସ୍ତ୍ରୋପଚାର ପରବର୍ତ୍ତୀ ସ୍ଥିତି ନେଇ ଆତ୍ମସନ୍ତୋଷ ପ୍ରକାଶ କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶୁକ୍ରବାର ୧୮ ଜୁଲାଇ ୨୦୨୫, ଭୁବନେଶ୍ୱର
Friday 18 July 2025, Bhubaneswar

# ଡିଜିଟାଲ ଇଣ୍ଡିଆ ଓ ଅର୍ଥନୈତିକ ଆତଙ୍କବାଦ

ପ୍ରାୟ ୮ ବର୍ଷ ତଳେ ପ୍ରଧାନମନ୍ତ୍ରୀ ମୋଦି କଳା ଟଙ୍କାର ବିଲୋପ ପାଇଁ ବିମୁଦ୍ରିକରଣ ଘୋଷଣା କରିଥିଲେ। ରାତାରାତି ହଜାରେ ଏବଂ ୫ ଶହ ଟଙ୍କିଆ ନୋଟ ଅଚଳ ହୋଇ ଯାଇଥିଲା। ଅବଶ୍ୟ ଯାହା ପାଖରେ ଏହିସବୁ ନୋଟ ରହିଥିଲା ତାହାକୁ ବ୍ୟାଙ୍କରେ ଜମା କରିବାକୁ ବା ବଦଳାଇବାକୁ ସୁଯୋଗ ମିଳିଥିଲା। ଏହା ପରିବର୍ତ୍ତେ ନୂଆ ଦୁଇ ହଜାର ଏବଂ ପାଞ୍ଚ ଶହ ଟଙ୍କିଆ ନୋଟ ପ୍ରଚଳନ କରାଯାଇଥିଲା। କିଛି ବର୍ଷ ପରେ ୨ହଜାର ଟଙ୍କିଆ ନୋଟକୁ ବି ପ୍ରତ୍ୟାହାର କରାଗଲା। ବିମୁଦ୍ରିକରଣ ଦ୍ୱାରା ଅନେକ ନକଲି ନୋଟ କାରବାର କମିଗଲା। ଏହା ଦ୍ୱାରା କେତେ କଳାଟଙ୍କା ପଦାକୁ ଆସିଲା, ବିମୁଦ୍ରିକରଣର ଉଦ୍ଦେଶ୍ୟ କେତେ ସଫଳ ହେଲା ତାହା ବିତର୍କର ବିଷୟ। କିନ୍ତୁ ଏହା ଦ୍ୱାରା ଭାରତରେ ଡିଜିଟାଲ ଅର୍ଥନୀତିର ଯୁଗ ଆରମ୍ଭ ହେଲା। ଏହା ସହିତ ଏକ ନୂଆ ଆତଙ୍କବାଦ ମଧ୍ୟ ଆରମ୍ଭ ହୋଇଛି। ତାହା ହେଲା ସାଇବର କ୍ରାଇମ। ଲୋକଙ୍କ ସଂଚିତ ଅର୍ଥକୁ ଲୁଟ କରିବା ପାଇଁ ସାଇବର ଅପରାଧୀମାନେ କଳବଳ କୌଶଳ ପ୍ରୟୋଗ କରୁଛନ୍ତି। ତେବେ ସେ ଯାହା ହେଉନା କାହିଁକି ଏବେ ଭାରତ ବିଶ୍ୱର ବୃହତ୍ତମ ଡିଜିଟାଲ ଅର୍ଥନୀତିର ମାନ୍ୟତା ପାଇଛି। ଅତି ସାଧାରଣ ବ୍ୟକ୍ତି ମଧ୍ୟ ନଗଦ କାରବାର ଅପେକ୍ଷା ଡିଜିଟାଲ କାରବାରକୁ ପସନ୍ଦ କରୁଛନ୍ତି। ବିମୁଦ୍ରିକରଣ ପରେ ଅଧିକ ବ୍ୟକ୍ତି ଆୟକର ପରିସୀମା ଭିତରକୁ ଆସିଲେ। ଡିଜିଟାଲ କାରବାର ଦ୍ୱାରା ଆୟ ଲୁଚାଇବା ମଧ୍ୟ ଆଉ ସମ୍ଭବ ହେଉନାହିଁ। ଦେଶରେ ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ଲାଗି ଦୁଇ ବର୍ଷ ତଳେ ଆରବିଆଇ ଇ-ରୁପି ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏହା ଦେଶରେ ନଗଦ କାରବାରକୁ କମାଇବା ସହ ଡିଜିଟାଲ କାରବାରକୁ ସମୃଦ୍ଧ କରିବ ବୋଲି ଆଶା।୨୦୧୬ରେ ହୋଇଥିବା ବିମୁଦ୍ରିକରଣର ଏହା ହିଁ ଉଦ୍ଦେଶ୍ୟ ଥିଲା। ନଗଦ କାରବାର ଯେତେ କମିବ ଅର୍ଥ ବ୍ୟବସ୍ଥା ସେତେ ସୁଦୃଢ଼ ହେବ, ସ୍ୱଚ୍ଛତା ବଜାୟ ରହିବ ଏବଂ ଜାଲ ନୋଟ କାରବାର ବନ୍ଦ ହେବ। ୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ୫୦୦ ଏବଂ ୧୦୦୦ଟଙ୍କିଆ ନୋଟକୁ ଅଚଳ କରିଦେଇଥିଲେ। କଳାଧନ ଏବଂ ଜାଲି ନୋଟ କାରବାରକୁ ରୋକିବା ଥିଲା ଏହାର ଉଦ୍ଦେଶ୍ୟ। ଏହା ସହିତ ନଗଦ କାରବାର ପ୍ରତିବଦଳରେ ଡିଜିଟାଲ କାରବାରକୁ ସମ୍ପ୍ରସାରିତ କରିବା ଥିଲା ଏହାର ଏକ ପ୍ରମୁଖ ଉଦ୍ଦେଶ୍ୟ। ତେବେ ଏହା ଦ୍ୱାରା ଗରିବ ଲୋକେ ବିଶେଷ ଭାବେ ପ୍ରଭାବିତ ହେଲେ। ଅନେକ ଶିଳ୍ପ ଏବଂ ବ୍ୟବସାୟିକ ସଂସ୍ଥା ଠପ ହୋଇଗଲା। କିନ୍ତୁ ଅନ୍ୟ କେତେକଙ୍କ ମତରେ ଭାରତରେ ଡିଜିଟାଲ କାରବାର ବୃଦ୍ଧି ଲାଗି ଏହା ବାଟ ଫିଟାଇ ଦେଲା। ବିମୁଦ୍ରିକରଣ ପରେ ଅନେକ ପୁରୁଣା ଟଙ୍କାରେ ସେମାନଙ୍କର ବକେୟା ପ୍ରାପ୍ୟ ପ୍ରଦାନ କରିଦେଲେ। ବର୍ଷ ବର୍ଷ ଧରି ଅନେକ ଟିକସ ଦେଉନଥିଲେ। ତାହା ତତ୍କାଳ ପ୍ରଦାନ କରିଦେଲେ। ଏହା ସହିତ ବ୍ୟାଙ୍କରେ ବିପୁଳ ଅର୍ଥ ଜମା ହେଲା ଏବଂ ଅନେକ ଆୟକର ସୀମା ଭିତରକୁ ଆସିଲେ। ନିକଟରେ ଆରବିଆଇ ମନିଟାରୀ ପଲିସି କମିଟିର ଜଣେ ସଦସ୍ୟ କହିଛନ୍ତି ବିମୁଦ୍ରିକରଣ ପରେ ଦେଶରେ ଟିକସ ସଂଗ୍ରହ ବୃଦ୍ଧି ପାଇଛି। ଡିଜିଟାଲ କାରବାର ଯୋଗୁ ଏହା ସମ୍ଭବ ହୋଇଛି। ଲଗାତର ଜିଏସଟି ସଂଗ୍ରହ ୧ଲକ୍ଷ ୫୦ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଆୟକର ଏବଂ କର୍ପୋରେଟ ଟ୍ୟାକ୍ସ ସଂଗ୍ରହ ପରିମାଣ ୨୬ ପ୍ରତିଶତ ବଢ଼ିଛି। ଏହା କିଛି କମ କଥା ନୁହେଁ। ରାଜସ୍ୱ ସଂଗ୍ରହ ବଢ଼ିବା ଦ୍ୱାରା ସରକାର ବିକାଶମୂଳକ କାର୍ଯ୍ୟରେ ଏହାର ବିନିଯୋଗ ବୃଦ୍ଧି କରିପାରିବେ। ୨୦୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ୭୫ଟି ଜିଲ୍ଲାରେ ୭୫ଟି ଡିଜିଟାଲ ବ୍ୟାଙ୍କିଙ୍ଗ ୟୁନିଟର ଲୋକାର୍ପଣ କରିଥିଲେ। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ଏହାକୁ ଲୋକାର୍ପିତ ହୋଇଥିଲା। ମାତ୍ର ୬ ମାସରେ ଏହିସବୁ ଡିଜିଟାଲ ବ୍ୟାଙ୍କିଙ୍ଗ ୟୁନିଟ ପ୍ରତିଷ୍ଠା ହୋଇଥିଲା। ଏହି ସବୁ ବ୍ୟାଙ୍କ କେବଳ ଡିଜିଟାଲ କାରବାର ଉପରେ ପର୍ଯ୍ୟବେସିତ। ପେପରଲେସ ପ୍ରକ୍ରିୟାରେ ଏସବୁ କାର୍ଯ୍ୟ କରିବ। ଭବିଷ୍ୟତରେ ଦେଶର ଅଧିକ ଅଞ୍ଚଳକୁ ଏହା ସମ୍ପ୍ରସାରିତ ହେବ। ଅଧିକରୁ ଅଧିକ ବ୍ୟାଙ୍କ ଶାଖା ଡିଜିଟାଇଜେସନ ପ୍ରକ୍ରିୟାରେ ସାମିଲ ହେବ। ଏମିତି ଦେଶର ସବୁ ବ୍ୟାଙ୍କରେ ଏବେ ଡିଜିଟାଲ ପ୍ରକ୍ରିୟା ଚାଲିଛି। କିନ୍ତୁ ଅନେକ ଲୋକ ଏ ସମ୍ପର୍କରେ ଶତ ପ୍ରତିଶତ ସଚେତନ ବା ଅଭ୍ୟସ୍ତ ନୁହଁନ୍ତି। ତେଣୁ ଅନେକ ମାନୁଆଲ କାରବାରକୁ ଏବେ ସୁଦ୍ଧା ଛାଡ଼ିପାରିନାହାଁନ୍ତି। ଏଟିଏମରୁ ଟଙ୍କା ଉଠାଇବା ମଧ୍ୟ ଅନେକଙ୍କ ପାଇଁ କାଠିକରପାଠ। ଅନଲାଇନ ପେମେଣ୍ଟତ ବହୁ ଦୁର କଥା। ସେମାନଙ୍କୁ ଏଥିରେ ଅଭ୍ୟସ୍ତ ହେବାକୁ ପଡ଼ିବ। ଅନଲାଇନ କାରବାର ସବୁଠାରୁ ସହଜ ଏବଂ ଦ୍ରୁତତର। ଇଣ୍ଟରନେଟ ଯୁଗରେ ଏହାକୁ ଆପଣାଇବା ନିହାତି ଜରୁରୀ। ସେ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୭୫ଟି ଡିବିୟୁ ଉଦଘାଟିତ ହେବା ଏକ ମହତ୍ୱପୂର୍ଣ୍ଣ ଘଟଣା। ଡିଜିଟାଲ ଇଣ୍ଡିଆ ରିଭଲ୍ୟୁସନରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇପାରେ। ବର୍ତ୍ତମାନର ଯୁଗ ହେଲା ଡିଜିଟାଲ ବା ଅନଲାଇନର ଯୁଗ। ସବୁ କିଛି ଘରେ ବସି ଅନଲାଇନ ମାଧ୍ୟମରେ କରାଯାଇପାରୁଛି। ଏବେ ପ୍ରତି ଲୋକଙ୍କ ନିକଟରେ ସ୍ମାର୍ଟ ଫୋନ ରହିଛି। ଏହି ଫୋନ ମାଧ୍ୟମରେ ସବୁ କିଛି ସମ୍ଭବ ହୋଇପାରୁଛି। ଆଗକୁ ୫-ଜି ଆସୁଛି। ଏହା ଫଳରେ ଇଣ୍ଟରନେଟ ଆହୁରି ଦ୍ରୁତତର ହେବ ଏବଂ ଲୋକଙ୍କୁ ସବୁ ପ୍ରକାର ସେବା ଅତି ସହଜରେ ମିଳିଯିବ। କରୋନା ମହାମାରୀ ବେଳେ ଯେତେବେଳେ ସ୍କୁଲ-କଲେଜ ସବୁ ବନ୍ଦ ରହିଲା ସେତେବେଳେ ଅନେକ ଘରେ ବସି ଅନଲାଇନରେ ପାଠ ପଢ଼ିଲେ। ଅନଲାଇନରେ ପରୀକ୍ଷା ବି ଦେଲେ। ବିମୁଦ୍ରାକରଣ ପରେ ସରକାର ନଗଦ କାରବାରକୁ ଯଥାସମ୍ଭବ ହ୍ରାସ କରି ଡିଜିଟାଲ ପେମେଣ୍ଟ ମାଧ୍ୟମରେ କାରବାରକୁ ଅଧିକ ଗୁରୁତ୍ୱ ଦେଲେ। କେନ୍ଦ୍ର ସରକାର ଏଥିପାଇଁ ସମସ୍ତଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ରହିବା ନିହାତି ଜରୁରୀ ବୋଲି ମନେ କରି ଏଥିଲାଗି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କଲେ। ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଗଲା। ଏହା କୁହାଯାଉଛି ଡିବିଟି। ଏଥିରେ ଚଞ୍ଚକତା ଅନେକାଂଶରେ ହ୍ରାସ ପାଇଛି। ଧିରେ ଧିରେ ଲୋକେ ଡିଜିଟାଲ ପେମେଣ୍ଟ ସହିତ ଅଭ୍ୟସ୍ତ ହେଉଛନ୍ତି। ଅବଶ୍ୟ ଡିଜିଟାଲ କାରବାର ସହିତ ଅଭ୍ୟସ୍ତ ନଥିବା ଲୋକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। କିନ୍ତୁ ସେହି ସମୟ ଆଉ ବେଶୀ ଦୂର ନାହିଁ, ଯେତେବେଳେ ଲୋକେ ଘରେ ବସି ସବୁ କାରବାର କରିବେ। ଏପରିକି ଘରେ ବସି ଅନଲାଇନ ମାଧ୍ୟମରେ ଖାଇବା ପିନ୍ଧିବାଠାରୁ ଆରମ୍ଭ କରି ସବୁ କିଛି ପାଇପାରିବେ। ଏବେ ବି ସେହି ସୁବିଧା ରହିଛି, କିନ୍ତୁ ସମସ୍ତେ ଏହାକୁ ଗ୍ରହଣ କରିପାରିନାହାଁନ୍ତି। ନିକଟରେ ଆରବିଆଇ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଦେଶରେ କ୍ରେଡିଟ କାର୍ଡ ମାଧ୍ୟମରେ କିଣାବିକା ବଢ଼ୁଛି। ସେହିପରି ୟୁପିଆଇରେ ପେମେଣ୍ଟ ବଢ଼ି ଚାଲିଛି। ପ୍ରତି ମାସରେ ଏହା ବୃଦ୍ଧି ପାଉଛି। ଏହା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ ଏବଂ ଦେଶର ଆର୍ô୍ଥକ ବ୍ୟବସ୍ଥା ପ୍ରତି ଏକ ଶୁଭସଙ୍କେତ। ନଗଦ କାରବାର ଯେତେ ବଢ଼ିବ, କଳାଧନ ଏବଂ ନକଲି ନୋଟ କାରବାର ସେତେ କମିବ। ଆରବିଆଇ ଉପରେ ଟଙ୍କା ଛପାଇବାର ବୋଝ ହାଲୁକା ହୋଇଯିବ। ଆଉ ଲୋକେ ନିଜ ପାଖରେ ଥିବା କଳାଧନକୁ ଲୁଚାଇପାରିବେ ନାହିଁ। ଜଣେ ବ୍ୟକ୍ତିର ବ୍ୟାଙ୍କ ଆକାଉଣ୍ଟରେ କେତେ ଟଙ୍କା ରହିଛି , କେତେ ଆୟ କରୁଛନ୍ତି ତାହା ସ୍ପଷ୍ଟ ହୋଇଯିବ। ତେଣୁ କେହି ଟିକସ ଫାଙ୍କିପାରିବେ ନାହିଁ। ଏହା ହିଁ ଡିଜିଟାଲ କାରବାରର ଫାଇଦା। ଗୋଟିଏ ବାକ୍ୟରେ କହିଲେ ଦେଶରେ ଡିଜିଟାଲ ଯୁଗ ଆରମ୍ଭ ହୋଇଯାଇଛି ଏବଂ ଏ କ୍ଷେତ୍ରରେ ଏକପ୍ରକାର ବୈପ୍ଲବିକ ପରିବର୍ତ୍ତନ ହୋଇଛି। ଦୁର୍ନୀତି, କଳାଧନ କାରବାର, ନକଲି ନୋଟ କାରବାର ରୋକିବାକୁ ଡିଜିଟାଲ ପେମେଣ୍ଟ ହିଁ ଏକମାତ୍ର ଉପାୟ। ପିସି କାରବାର ରୋକିବାକୁ ହେଲେ ଡିଜିଟାଲ କାରବାରକୁ ପ୍ରସାରିତ କରିବାକୁ ପଡ଼ିବ। ୧୦୦ ଟଙ୍କାରୁ ଅଧିକ କେହି ନଗଦ କାରବାର କରିପାରିବେ ନାହିଁ, ଏଭଳି ବ୍ୟବସ୍ଥା ହେଲେ ଦୁର୍ନୀତିଖୋରଙ୍କ ନିଦ ହଜିଯିବ। ଆଶା କରାଯାଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ଦିଗରେ ତ୍ୱରିତ ପଦକ୍ଷେପ ନେବେ ଏବଂ ଦେଶରେ କଳାଧନର ପ୍ରସାରକୁ ରୋକିବେ। ଏଥିପାଇଁ ଲୋକଙ୍କୁ ସଚେତନ ଏବଂ ଶିକ୍ଷିତ କରିବାକୁ ପଡ଼ିବ। ଘରେ ଘରେ ଲୋକଙ୍କୁ ନଗଦ କାରବାର ଛାଡ଼ି ଡିଜିଟାଲ କାରବାରକୁ ଆପଣାଇବାକୁ ପ୍ରରୋଚିତ କରିବାକୁ ପଡ଼ିବ। ଏହାର ଫାଇଦା ଏବଂ ଆବଶ୍ୟକତା ସମ୍ପର୍କରେ ବୁଝାଇବାକୁ ପଡ଼ିବ। ଡିଜିଟାଲ କାରବାର କିପରି ସହଜରେ କରାଯାଇପାରିବ ସେ ସମ୍ପର୍କରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅବଗତ କରାଇବାକୁ ପଡ଼ିବ। ସ୍କୁଲ ସ୍ତରରୁ ଏଥିପାଇଁ ସମସ୍ତଙ୍କୁ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ବୁଝାଇବାକୁ ପଡ଼ିବ। ବ୍ୟାଙ୍କ କାରବାରର ମହତ୍ୱ ସମ୍ପର୍କରେ ଅବଗତ କରାଇବାକୁ ପଡ଼ିବ। ତେବେ ଏ କ୍ଷେତ୍ରରେ ସବୁଠାରୁ ବଡ଼ ପ୍ରତିବନ୍ଧକ ଏବଂ ଅସୁବିଧା ହେଲା ସାଇବର କ୍ରାଇମ। ସାଧାରଣ ଲୋକେ ଏ ସମ୍ପର୍କରେ ଅବଗତ ହେବା ଉଚିତ ଏବଂ ନିଜେ ସତର୍କ ରହିବା ସହିତ ଅନ୍ୟକୁ ସତର୍କ କରାଇବା ଉଚିତ। ନଚେତ ଡିଜିଟାଲ ରିଭଲ୍ୟୁସନ ସଫଳ ହୋଇପାରିବ ନାହିଁ।

# ବୋଲବମ୍ ଓ ନିଶା



## ପ୍ରଫେସର ଡାକ୍ତର ସମ୍ରାଟ କର

ଶ୍ରାବଣ ମାସ ସୋମବାର ସକାଳୁ ମୁଁ ଗାଧୋଇ ପାଧେଇ ପୂଜା କରୁଥାଏ। ଏହି ସମୟରେ ଆମ ଘରର ରୋଷେୟା ଚନ୍ଦ୍ର ଆସି ଡାକିଲା 'ବାବୁ ଆସନ୍ତୁ ଟିକେ କ୍ଲିନିକ୍‌କୁ। ଆମ ଗାଁର କାଉଡିଆମାନେ ବୋଲ୍‌ବମ୍ ଧରି ଲିଙ୍ଗରାଜ ମନ୍ଦିରକୁ ଯାଉଥିଲେ। ମୋର ଦାଦାପୁଅ ଭାଇ ଶଙ୍କରା ହଠାତ୍ ଏମିତି ପାଟିତୁଣ୍ଡ କଲା ଯେ ସମସ୍ତେ ଅଧାରୁ ପଳାଇ ଆସିଲେ'। ମୁଁ ଡ୍ରେସ୍ ପିନ୍ଧି କ୍ଲିନିକ୍‌କୁ ଶୀଘ୍ର ଆସିଲି। ମୁଁ ଯାଇ ଦେଖିଲି ଶଙ୍କରାକୁ ତିନି ଚାରିଜଣ ମାଡି ବସିଛନ୍ତି। ସେ ବଡ଼ ପାଟିରେ ଗପି ଚାଲିଛି 'ମୁଁ ହେଉଛି ସ୍ୱୟଂ ମହାଦେବ। ମୋତେ ଧରିଲେ ସମସ୍ତଙ୍କୁ ମାରିଦେବି। ମୋ ପାଖରେ ବହୁତ ଟଙ୍କା ଅଛି। ସବୁ ସରପଞ୍ଚ, ମନ୍ତ୍ରୀ ମୋତେ ମୁଣ୍ଡିଆ ମାରିବେ। ତମେମାନେ ସବୁ ମୋତେ ମାରିଦେବାକୁ ଆଣିଛ। ଛାଡିଦିଅ ମୋତେ ଛାଡିଦିଅ।' ମୁଁ ପଚାରିଲି 'ତୁମେମାନେ ମୋତେ ସତକଥା କୁହ? ସେ ଗଞ୍ଜେଇ ଖାଇଛି ?' ଜଣେ ଯୁବକ ଟିକିଏ ହସିଦେଇ କହିଲା 'ସାର୍, ଆପଣ ଜାଣିଲେ ତ, ଲୁଚାଇବୁ କାହିଁକି? ଆମେ ସମସ୍ତେ ଟିକେ ଟିକେ ଗଞ୍ଜେଇ ମାରିଛୁ। ଗଞ୍ଜେଇ ନ ଟାଣିଲେ କଅଣ ବୋଲ୍‌ବମ୍ ନେଇ ଯାଇହେବ?' ମୁଁ ପଚାରିଲି, 'ତୁମେମାନେ କଅଣ ଗଞ୍ଜେଇ ଟାଣିବାକୁ କାଉଡିଆ ପାଲଟିଛ? ନିଶା ସେବନ ପାଇଁ କଅଣ ଏହା ଏକ ବାହାନା? ନା ପ୍ରକୃତରେ ମହାଦେବଙ୍କ ପାଖରେ ଆସ୍ଥା ଅଛି ?' ସମସ୍ତେ ମୁଣ୍ଡ ତଳକୁ ପୋତି ଛିଡାହେଲେ। ପାଖରେ ଛିଡା ହୋଇଥିବା ଜଣେ ମଧ୍ୟବୟସ୍କ ବ୍ୟକ୍ତି ପଚାରିଲେ 'ଲୋକମାନେ ନିଶାସେବନ କାହିଁକି କରନ୍ତି?' ସମସ୍ତେ ଗଞ୍ଜେଇ ଟାଣିଲେ, କେବଳ ଏହି ଟୋକାଟିର କାହିଁକି ମୁଣ୍ଡ ଖରାପ ହେଲା? ଆଉ କେତେଜଣ ଏତେ ମଦ ପିଉଛନ୍ତି ଯେ ଦିନେ ନ ପିଇଲେ ରହିପାରୁନାହାନ୍ତି। ଏହାର କଅଣ ଚିକିତ୍ସା ଅଛି ?' ମୁଁ କହିଲି 'ଆଗ ଏହି ପିଲାଟିକୁ ଇଞ୍ଜେକସନ୍ ଦେଇ ଶାନ୍ତ କରେ। ତା'ପରେ ସବୁ ପ୍ରଶ୍ନର ଉତ୍ତର ଦେବି।'

**ନିଶା ସେବନର କାରଣ:** ନିଶା ମନରୁ ଦୁଃଖ ସାମୟିକ ଭାବେ ଦୂର କରାଇ ଆନନ୍ଦ ଅନୁଭବ କରାଏ। ପ୍ରତିଥର ଏହି ଆନନ୍ଦ ଅନୁଭବ କରିବାକୁ ହେଲେ ଅଧିକରୁ ଅଧିକ ନିଶା ବ୍ୟବହାର କରିବାକୁ ପଡ଼ିଥାଏ। କାରଣ ଆମ ଶରୀରରେ ଥିବା ଜୀବକୋଷଗୁଡ଼ିକ ସମାନ ଫଳ ଦେଖାଇବା ପାଇଁ ପ୍ରତିଥର ଅଧିକ ନିଶା ମାତ୍ରା ଦରକାର କରିଥାନ୍ତି। ଏହାକୁ ଜୀବକୋଷଗୁଡ଼ିକର 'ନିଶା ଆସକ୍ତି ଭାବ' କୁହାଯାଏ। କେତେକ ନିଶା ଅଛି, ଯାହାକୁ ଥରଟିଏ ବ୍ୟବହାର କଲେ ମଧ୍ୟ ଜୀବକୋଷରେ ଆସକ୍ତିଭାବ ସୃଷ୍ଟି ହୋଇଥାଏ। ତେଣୁ ଏହି ନିଶା ଛାଡ଼ିଲାବେଳେ ଶରୀରରେ କେତେକ ଲକ୍ଷଣ ଦେଖାଯାଏ। ତେଣୁ ପୁଣି ଥରେ ନିଶା ଖାଇବା ପାଇଁ ଆସକ୍ତି ଭାବନା ସୃଷ୍ଟି ହୁଏ। ବାରମ୍ବାର ନିଶା ସେବନ ଦ୍ୱାରା ଆମର ଶାରୀରିକ ଓ ମାନସିକ ସ୍ତରରେ ନିଶାଦ୍ରବ୍ୟ ପ୍ରତି ନିର୍ଭରତା ଆସେ। ଯଦି କୌଣସି କାରଣରୁ ନିଶା ଦ୍ରବ୍ୟ ବ୍ୟବହାର କରୁଥିବା ଲୋକ କୌଣସି ଦିନ ନିଶା ନ ପାଏ, ତେବେ ତାହାର ଶାରୀରିକ ଓ ମାନସିକ ସ୍ତରରେ ପ୍ରଭାବ ଅନୁଭୂତ ହୁଏ। ମଦ ନିଶାଶକ୍ତ ବ୍ୟକ୍ତିମାନେ ଯେତେ କହିଲେ ମଧ୍ୟ ନିଶା ଛାଡି ପାରନ୍ତି ନାହିଁ; କାରଣ ମଦ ବନ୍ଦ କରିଦେଲେ ହାତ ଥରେ, ଛାତି ଧଡ଼ଧଡ଼୍ ହୁଏ, ମୁଣ୍ଡ ବିନ୍ଧେ, ଡର ଲାଗେ ଓ ନିଦ ହୁଏନାହିଁ। ଭାଙ୍ଗ, ଗଞ୍ଜେଇ ପ୍ରଭୃତି ନିଶାକୁ ଲୋକେ ସହଜରେ ଗ୍ରହଣ କରିନେଇଥାନ୍ତି ଓ ଏହା ସାମାଜିକ ପର୍ବପର୍ବାଣିରେ ବ୍ୟବହାର ହୋଇଥାଏ। ଆଜିକାଲି ମଦକୁ ମଧ୍ୟ ଗ୍ରହଣ କରାଗଲାଣି। ସେହି ନିଶାଗୁଡ଼ିକୁ 'ନରମ ନିଶା' ବୋଲି କୁହାଯାଏ। ଅଫିମ ଓ ଅଫିମରୁ ତିଆରି ମର୍ଫିନ୍, ପେଥିଡିନ୍, ହେରୋଇନ୍ ପ୍ରଭୃତି ନିଶା, ବେଶି ପରିମାଣରେ ମଦ ଇତ୍ୟାଦି ଜୀବକୋଷଗୁଡ଼ିକରେ ଶୀଘ୍ର ପରିବର୍ତ୍ତନ ସୃଷ୍ଟି କରିପାରୁଥିବାରୁ 'ଟାଣୁଆ ନିଶା' ବୋଲି କୁହାଯାଏ। ଆମର ପ୍ରକୃତି ଓ ବ୍ୟକ୍ତିତ୍ୱ ଉପରେ ନିଶାସେବନ ମଧ୍ୟ ନିର୍ଭର କରେ। ଯେଉଁମାନେ ସାମାନ୍ୟ ନିରାଶାରେ ଭାଙ୍ଗିପଡ଼ନ୍ତି, ସେମାନେ ନିଶା ସେବନ କଲେ ତାହା ଆଉ ଛାଡ଼ିପାରନ୍ତି ନାହିଁ। ଏହା ପରୀକ୍ଷା କରି ଦେଖାଯାଇଛି ଯେ ଯେଉଁମାନଙ୍କ ବାପ ମା' ନିଶା ସେବନ କରନ୍ତି, ସେମାନଙ୍କ ପିଲାମାନେ ମାନସିକ ନିଶାସେବନ ପ୍ରତି ଦୁର୍ବଳତା ପ୍ରକାଶ କରିଥାନ୍ତି। ତେଣୁ ସେମାନେ ସୁବିଧା ପାଇଲେ ଖୁବ୍ ଶୀଘ୍ର ନିଶାଗ୍ରସ୍ତ ହୋଇଯାନ୍ତି। ନିଶା ଖାଇବାକୁ ନ ପାଇଲେ ଚୋରି, ଡକାୟତି ପ୍ରଭୃତି କରିବା ପାଇଁ ଲୋକମାନେ ବାଧ ହୁଅନ୍ତି। ନିଶା ରଖିବା ଓ ତା'ର ଚୋରାରେ ବ୍ୟବହାର କରିବା ଏକ ଲାଭଜନକ ବ୍ୟବସାୟ। ମାଗଣାରେ ନିଶାଦେଇ ସହକର୍ମୀ ଓ ସହପାଠୀମାନଙ୍କୁ ନିଶା



ସେବନ ରାସ୍ତାରେ ପକାଇ ଦିଅନ୍ତି। ନୂଆ ବ୍ୟକ୍ତି ମଧ୍ୟ ନିଶାଦ୍ରବ୍ୟ ସରବରାହର ଏକ ଏଜେଣ୍ଟ ଭଳି କାର୍ଯ୍ୟ କରେ ଓ ଏହା ସହଜ ଅର୍ଥ ଉପାର୍ଜନର ଏକ ପନ୍ଥା ହୋଇଯାଏ। କେତେକଙ୍କ ଧାରଣା ଯେ ନିଶାଦ୍ରବ୍ୟ ଯୌନକ୍ରୀଡ଼ାରେ ଅଧିକ ଆନନ୍ଦ ଦିଏ। ଅଳ୍ପ ପରିମାଣର କେତେକ ନିଶା ସାମୂହିକ ଭାବେ ମନର ବିହ୍ୱଳ ଭାବ ଦୂର କରୁଥିବାରୁ ଯୌନକ୍ରିୟା ସମୟରେ ଅଧିକ ଆନନ୍ଦ ଦେଲା ପରି ବୋଧହୁଏ। ତେଣୁ ଅନେକ ବ୍ୟକ୍ତି ପ୍ରତି ସମ୍ଭୋଗ ସମୟରେ ଏହାକୁ ବ୍ୟବହାର କରନ୍ତି। କିନ୍ତୁ କିଛିଦିନ ବ୍ୟବହାର କରିବାଦ୍ୱାରା ନିଶାର ପରିମାଣ ବଢ଼ିଯାଏ ଓ ନିଶା ହେବାର କୁପ୍ରଭାବ ଦ୍ୱାରା ନିଶାଗ୍ରସ୍ତ ମନୁଷ୍ୟ ନପୁଂସକ ହୋଇଯାଏ।

**ମାନସିକ ସମସ୍ୟା:** ନିଶାସେବନ ଦ୍ୱାରା ମସ୍ତିଷ୍କରେ ଥିବା ସ୍ନାୟୁବିକ ରସ ଡୋପାମିନ୍, ସେରୋଟନିନ୍, ନରଆଡ୍ରେନାଲିନ୍ ଆଦିର ସାମୟିକ ବିଶୃଙ୍ଖଳା ହୁଏ। ଏହା ମସ୍ତିଷ୍କରେ ଥିବା ପୁରସ୍କାର କେନ୍ଦ୍ର (ଜରଙ୍ଗବକ୍ସ୍ୟ ଉରଭଗ୍ୱକ୍ସର) କୁ ଉତ୍ତେଜିତ କରେ ଓ ମନକୁ ଆନନ୍ଦ ଦିଏ। ମାତ୍ର ଯେଉଁମାନଙ୍କର ଏହି ବିଶୃଙ୍ଖଳା ଅଧିକ ତଥା ଚିରସ୍ଥାୟୀ ହୋଇଥାଏ, ମାନସିକ ସମସ୍ୟା ବାହାରେ। ତେଣୁ ଏହା ସମସ୍ତଙ୍କର ହୁଏନାହିଁ। ନିଶା ବ୍ୟବହାରଦ୍ୱାରା କେତେକ ସୁପ୍ତ ମାନସିକ ରୋଗ ଯଥା-ସିଜୋଫ୍ରେନିଆ, ମାନିଆ ଓ ମାନସିକ ବିଷାଦ ଆଦି ରୋଗ ଜାଗ୍ରତ ହୋଇପାରେ। ମନୁଷ୍ୟ ନିଜର ହିତାହିତ ଜ୍ଞାନ ହରାଇ ବସେ ଓ ସ୍ଥାନ, କାଳ ପାତ୍ରର ମର୍ଯ୍ୟାଦା ବୁଝିବାକୁ ଅକ୍ଷମ ହୋଇପଡ଼େ।

**ଶାରୀରିକ ସମସ୍ୟା:** ଶାରୀରିକ ରୋଗମାନଙ୍କ ମଧ୍ୟରେ ଜଣ୍ଡିସ୍ ବା କାମଳ ରୋଗ ପ୍ରଧାନ। ଏହାଛଡ଼ା ପେପ୍‌ଟିକ ଅଲସର, ନ୍ୟୁରାଇଟିସ, ପାରାଲିସିସ୍ ରୋଗ ମଧ୍ୟ ଦେଖାଦିଏ। ନିଶାଗ୍ରସ୍ତ ଅବସ୍ଥାରେ ଦୁର୍ଘଟଣା ହୋଇ ହାଡ଼ ଭାଙ୍ଗିଯାଇପାରେ ବା ମସ୍ତିଷ୍କରେ ଧକ୍କା ବାଜି ରକ୍ତସ୍ରାବ ହୋଇ ସାରା ଜୀବନପାଇଁ ମନୁଷ୍ୟ ପଙ୍ଗୁ ହୋଇଯାଇପାରେ।

**ସାମାଜିକ ସମସ୍ୟା:** ଆମ ଦେଶରେ କେତେକ ଲୋକ ନିଶା ବ୍ୟବହାର କରୁଛନ୍ତି ତାହା ସଠିକ୍ ଭାବେ ଜଣା ପଡ଼ୁ ନାହିଁ। କେବଳ ଯେଉଁମାନେ ନିଶାଦ୍ରବ୍ୟ ବ୍ୟବହାର କରିବା ଦ୍ୱାରା ଶାରୀରିକ ତଥା ମାନସିକ ରୋଗରେ ଆକ୍ରାନ୍ତ ହେଉଛନ୍ତି ଓ ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନାରେ ଧାଡ଼ି ବାନ୍ଧି ଠିଆ ହେଉଛନ୍ତି, କେବଳ ସେହିମାନଙ୍କ ବିଷୟରେ ବୈଜ୍ଞାନିକ ବିଶ୍ଳେଷଣ କରାଯାଇପାରୁଛି। ଏହି ବିଶ୍ଳେଷଣରୁ ଜଣାପଡୁଛି ଯେ ଯୁବଗୋଷ୍ଠୀ ଓ କଲେଜ ଛାତ୍ରମାନେ ନିଶା ସେବନରେ ବୃଦ୍ଧ ଓ ମଧ୍ୟବୟସ୍କମାନଙ୍କ ଅପେକ୍ଷା ଆଗୁଆ ଅଛନ୍ତି। ଏହାର କାରଣ ଯୁବକ ଓ ଛାତ୍ରମାନେ ଦଳ ଦଳ ହୋଇ ଏକାଠି ନିଶା ବ୍ୟବହାର କରୁଛନ୍ତି। ସରକାରୀ ଓ ବେସରକାରୀ ସ୍ତରରେ ନିଶା ଦ୍ରବ୍ୟର ବିକ୍ରି ଦିନକୁ ଦିନ ଦ୍ରୁତଗତିରେ ବଢ଼ି ଚାଲିଛି। ଅଧିକରୁ ଅଧିକ ବିକ୍ରି ହେଉଥିବା ନିଶାଦ୍ରବ୍ୟଗୁଡ଼ିକ ଯୁବ ସମାଜ ଓ ଛାତ୍ରସମାଜ ପ୍ରତି ଏକ ଭୟଙ୍କର ଧମକ କହିଲେ ଅତ୍ୟୁକ୍ତି ହେବ ନାହିଁ। ନିଶାଗ୍ରସ୍ତ ବ୍ୟକ୍ତି ଏକ ସାମାଜିକ ସମସ୍ୟା। ବ୍ୟକ୍ତିଗତ ଓ ପାରିବାରିକ ଜୀବନରେ ସେମାନେ ନିଜକୁ କୌଣସି ରକମ ଖାପ ଖୁଆଇପାରନ୍ତି ନାହିଁ। ସେମାନଙ୍କୁ ନିଶା ସେବନ ରୋଗରୁ ମୁକ୍ତ କରିବାକୁ ହେଲେ ଚିକିତ୍ସା ସହ ଉପଯୁକ୍ତ ଥଇଥାନ ବନ୍ଦୋବସ୍ତ ମଧ୍ୟ କରିବା ଆବଶ୍ୟକ।

**ଆଇନଗତ ସମସ୍ୟା:** ବର୍ତ୍ତମାନ ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କର ନୈତିକ ମାନ ଓ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା। ଅପରାଧୀମାନଙ୍କୁ ପରୀକ୍ଷା କରି ଦେଖାଯାଇଛି ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଶାଗ୍ରସ୍ତ ବା ନିଶା ଖାଇ ପାପକର୍ମ ଘଟାଇଛନ୍ତି। ତେଣୁ ୧୯୮୫ ମସିହାରେ ଭାରତ ସରକାର ନିଶା ବା ମାଦକ ଦ୍ରବ୍ୟର ବ୍ୟବହାର ବାରଣ ପାଇଁ ଏକ ଆଇନ ପ୍ରଣୟନ କରିଛନ୍ତି। ଏଥିରେ କେତେକ ନିର୍ଦ୍ଦିଷ୍ଟ ନିଶା ବ୍ୟବହାର ପାଇଁ ବାରଣ ଅଛି ଓ ସେଗୁଡ଼ିକ ରଖିବା ଓ ଅନ୍ୟମାନଙ୍କୁ ଖାଇବା ପାଇଁ ପ୍ରରୋଚନା କରିବା ଇତ୍ୟାଦି ଏକ ବଡ଼ ଅପରାଧ ହିସାବରେ ଯଥେଷ୍ଟ ଦଣ୍ଡ ଓ ଜେଲଭୋଗର ନିୟମାବଳୀ ପ୍ରଭୃତି ହୋଇଛି।

**ଚିକିତ୍ସା:** ଔଷଧ ଦ୍ୱାରା ମଦ, ଗଞ୍ଜେଇ, ଭାଙ୍ଗ ଆଦି ନିଶାସେବନ କରିବାର ଇଚ୍ଛା ଓ ନିଶା ସେବନ ଦ୍ୱାରା ହେଉଥିବା ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା କରିହେବ। ନିଶାସେବନ ବନ୍ଦ ପାଇଁ ଅନେକ ପ୍ରକାର ଔଷଧ ବାହାରିଲାଣି। କେତେକ ଔଷଧ ଅଛି ଯାହାକୁ ଖାଇଲେ ନିଶାସେବନ କରୁଥିବା ବ୍ୟକ୍ତିର ଯେଉଁ ଲକ୍ଷଣ ଦେଖାଯାଏ, ସେଗୁଡିକ କମିଯାଏ। ଏପରି ଔଷଧ ମଧ୍ୟ ଅଛି ଯାହାଦ୍ୱାରା ନିଶାସେବନ କରିବାକୁ ଇଚ୍ଛା ହେବନାହିଁ। ଆଉ ଗୋଟିଏ ପ୍ରକାର ବଟିକା ଅଛି ତା'ର ପ୍ରଭାବରେ, ମଦ ଖାଇଲେ ବାନ୍ତିହେବ ଓ ମୁଣ୍ଡ ବିନ୍ଧିବ। ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ଏକ ଜରୁରୀ ଆବଶ୍ୟକ। ଏହି ଚିକିତ୍ସା କେବଳ ଯେ ଡାକ୍ତରମାନଙ୍କ ଦ୍ୱାରା ସମ୍ଭବ ହେବ, ଏହା ଭାବିବା ଉଚିତ ନୁହେଁ। କାରଣ ଏହା ଗୋଟିଏ ସାମାଜିକ ବ୍ୟାଧି, ଦେଶୀୟ ଓ ଅନ୍ତର୍ଦେଶୀୟ ସମସ୍ୟା। ତେଣୁ ଏହାର ଚିକିତ୍ସା ପାଇଁ ସମାଜର ପ୍ରତ୍ୟେକ ସ୍ତରରୁ ସ୍ୱେଚ୍ଛାସେବୀ ଆବଶ୍ୟକ। ଆଇନଜ୍ଞ, ପୋଲିସ, ଶିକ୍ଷାବିତ୍, ମନସ୍ତତ୍ତ୍ୱବିତ୍ ତଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞଙ୍କ ବ୍ୟତୀତ ଏ ବିଷୟରେ ସମ୍ବାଦ ସରବରାହ ସଂସ୍ଥାର ସାହାଯ୍ୟ ନିହାତି ଆବଶ୍ୟକ।

ଦି' ବ୍ରେନ୍ ଫାଉଣ୍ଡେସନ, ପୁରୀଘାଟରୋଡ଼, କଟକ-୭୫୩୦୦୯
ମୋବାଇଲ: ୯୧୩୨୪୩୩୩୩୩

# ଇଷ୍ଟପ୍ରାଣ ମଣିଷ



## ପ୍ରଫେସର ଉମେଶ ଚନ୍ଦ୍ର ପାତ୍ର

ମଣିଷ ଇଷ୍ଟପ୍ରାଣ ହେଲେ ତା'ର ଚଳନ-ଚରିତ୍ର ସୁନିୟନ୍ତ୍ରିତ ହୁଏ, ତାର ବୁଦ୍ଧିବୃତ୍ତି, ଦକ୍ଷତା, ଯୋଗ୍ୟତା, ସେବାବୁଦ୍ଧି, କର୍ମକ୍ଷମତା ପୁଷ୍ଟ ହୋଇଉଠେ। ଏତେକରେ ସେ ଲୋକର ପ୍ରୟୋଜନପୂରଣୀ ସ୍ୱଭାବ ସମ୍ପନ୍ନ ହୋଇଉଠେ, ସେଥିରେ ତା'ର ଅର୍ଥନୈତିକ ସମସ୍ୟାର ସମାଧାନ ହେବା ହିଁ ତ ଉଚିତ। ତା'ଛଡ଼ା ମଣିଷ ହିଁ ମଣିଷର ସବୁଠାରୁ ବଡ଼ ସମ୍ପଦ, ସେ ଦିଗକୁ ଯାଜନ ମୁଖର, ସେବାପ୍ରାଣ, ଇଷ୍ଟାନୁରାଗୀ ଯେ, ଯା'ର ଚଳନା ସୁସମଞ୍ଜସ, ବ୍ୟବହାର ହୃଦ୍ୟ ଓ ମନୋଜ୍ଞ, ତା'ର ଲୋକ-ସମ୍ପଦ ତ ବଢ଼ିଯିବା ହିଁ ସ୍ୱାଭାବିକ। ତା'ର ଦରିଦ୍ର ରହିବାର ତ କାରଣ ଖୋଜି ପାଇ ହୁଏନା। କାରଣ, ଅର୍ଥନୈତିକ ଉନ୍ନତିର ବୁନିୟାଦ ଯେ ଦକ୍ଷତା, ଯୋଗ୍ୟତା, କ୍ଷୀପ୍ରତା, ଚରିତ୍ର, ନିରଳସ-ସେବାବୁଦ୍ଧି, ସୁସଙ୍ଗତ ଚଳନ ତା'ର କୌଣସିଟାର ହିଁ ଅଭାବ ରହେନା ସେଥିରେ। ଅବଶ୍ୟ ସେମାନେ ହୁଏତ ପ୍ରୟୋଜନାତିରିକ୍ତ କନଜ୍ୟୁମ (ବ୍ୟବହାର) ନ ବି କରିପାରନ୍ତି। ତେବେ ଅର୍ଥ ପ୍ରତି ତା'ର ଲୋଭ ନଥିବାରୁ ଅର୍ଥକରୀ ପ୍ରୟାସ ଦିଗରେ ଝୁଙ୍କ ଦେଲା, ଯା'ର ଫଳ ନଗଦାନଗଦି ପାଇବାର ନୁହେଁ, ଅଥଚ ସେଇଟା କି ନା ଭବିଷ୍ୟତରେ ଦିନେ ହୁଏତ ପରିବେଶ ସୁଦ୍ଧା ତାକୁ ପ୍ରଭୂତ ସମୃଦ୍ଧ କରି ତୋଳିବ। ଏପରିବି ହୁଏତ ହୋଇପାରେ ଯେ, ତା'ର ଫଳ ସେ ନିଜ ଜୀବନରେ ପାଇଲାନି, ଉପକୃତ ହେଲେ ଭବିଷ୍ୟତ ବଂଶଧରଗଣ। ଏ ଅବସ୍ଥାରେ ତାକୁ କ'ଣ କହିବାକୁ ହେବ ଯେ ସେ ଅର୍ଥନୈତିକ ଜୀବନରେ ଅକୃତକାର୍ଯ୍ୟ ହେଲା?

ବିପୁଳ ସୃଷ୍ଟିର, ବୃହତ୍ ସଂଗଠନର ଦାୟ ଓ ଦାୟିତ୍ୱ ଯେଉଁମାନେ ବହନ କରନ୍ତି, ଅନେକ ଦୁଃଖର ନିଆଁରେ ପୋଡ଼ିଯାଇ, ଅନେକଙ୍କ ପାଇଁ ପ୍ରାୟଶ୍ଚିତ୍ତ କରି, ଅନେକଙ୍କ କ୍ଷମତାର ବିପଦ ବହନ କରି ସେମାନଙ୍କୁ ଆଗେଇବାକୁ ହୁଏ। ସେମାନଙ୍କର ପୁରା ଗତି ଓ ପରିଣତିଟା ଲକ୍ଷ୍ୟ ନକରି ମଝିର କୌଣସି ଗୋଟେ ଅବସ୍ଥାକୁ ଦେଖି ଗୋଟେ ରାୟ ଦେବା ସବୁବେଳେ ବୁଦ୍ଧିମାନର କାମ ନୁହେଁ। ଆଜି ଆମ ମାନଙ୍କର ଋତ୍ୱିକମାନଙ୍କୁ ଯେଉଁ ମାନଙ୍କୁ ହୁଏତ ଦେଖୁଛ - କେତେ ଅର୍ଥନୈତିକ କୃଚ୍ଛ୍ରତା, ସେମାନଙ୍କର ନିରଳସ ସେବା ଫଳରେ ହୁଏତ ଦେଖିବ ଦିନେ ସମଗ୍ର ଜାତି କେତେ ଦୂର ସମୃଦ୍ଧ ହୋଇ ଉଠିଛି - ଯେ ଏମାନେ କିଛି ହିଁ ପାଇଲେନି, କିଛିହିଁ ପାଇଲେନି, କିଛିହିଁ କରିଲେନି? ବ୍ୟକ୍ତିଗତ ଭାବେ ଦୁଇଚାରି ଜଣଙ୍କ ସମ୍ବନ୍ଧରେ ସେ କଥା ଖଟାଇଲେ ବି, ଏମାନଙ୍କ ମଧ୍ୟରୁ ବେଶୀ ଭାଗ ସମ୍ବନ୍ଧରେ ସେ କଥା ଖାଟେନା। ମୁଁ କହିବି, ଗୋଟେ ମରଣୋନ୍ମୁଖ ଜାତିକୁ ବଞ୍ଚାଇବା ପାଇଁ ମଣିଷ କରିବା ପାଇଁ ଏମାନେ ପ୍ରତ୍ୟେକ ଯଦି ଲକ୍ଷେ କଷ୍ଟଦାରିଦ୍ର୍ୟ ବରଣ କରି ନିଅନ୍ତିକି, ତାହାହିଁ ସେମାନଙ୍କର ପରମ ଐଶ୍ୱର୍ଯ୍ୟ। ଆଉ ଏମାନେ ଯଦି ମଣିଷ ପଛରେ (ଆନ୍ତରିକ ଭାବେ) ଖଟନ୍ତି, ତେବେ ଏମାନଙ୍କର ଦୁଃଖ ଘୁଞ୍ଚିବାକୁ ଡେରି ଲାଗିବନି - ଏମାନେ ତା' ଚାହାନ୍ତୁ ବା ଚାହାନ୍ତୁ। ମଣିଷର ଐଶ୍ୱର୍ଯ୍ୟର ଗୋଟେ କଣାବି ସେମାନଙ୍କୁ ପ୍ରଚୁର କରି ହେବ। ତେବେ ମଣିଷ ଯଦି ମୁହେଁ ମୁହେଁ ଇଷ୍ଟପ୍ରାଣ ହୁଏ, ଅଥଚ ବାସ୍ତବରେ ସେପରି ନହୁଏ, ତା'ହେଲେ ବି ସେ ଅର୍ଥନୈତିକ ଜୀବନରେ କୃତୀ ହେବନି, ଏକଥା କହିପାରେନା। ପୁଣି ଚୋରା କାରବାର କରି ବା ଫାଙ୍କିବାଜିର ଭିତର ଦେଇ କେହି ଯଦି ବେଶ ଦୁଇପଇସା କମାଏ ତା'ହେଲେ ହିଁ ଯେ ସେ ଖୁବ ଗୋଟେ ଯୋଗ୍ୟ ହୋଇଉଠିଲା, ଏକଥା ବି ମୁଁ କହିବାକୁ ଚାହେଁନା। ମୋର କଥା ହେଲା, ମଣିଷର ଇଷ୍ଟପ୍ରାଣତା ସଙ୍ଗେ ଜଡ଼ିତ ଅଛି ତା'ର ସୁନିୟନ୍ତ୍ରିତ ଯୋଗ୍ୟତା ଏବଂ ଏହା ସଙ୍ଗେ ଜଡ଼ିତ ଅଛି ତା'ର ଅର୍ଥନୈତିକ ଅବସ୍ଥା। (ଆଲୋଚନା - ପ୍ରସଙ୍ଗ, ୧ମ ଖଣ୍ଡ ତା୦୭/୧୨/୪୧) ଗୁରୁଙ୍କଠାରୁ ଜ୍ଞାନ ଲାଭ କରିବାକୁ ହେଲେ ତାଙ୍କ ପ୍ରତି ଶ୍ରଦ୍ଧାନ୍ୱିତ ହେବା ଦରକାର। ଜ୍ଞାନ ଠାରୁ ପବିତ୍ର ଜିନିଷ ଆଉ କିଛି ନାହିଁ ଏବଂ ଶ୍ରଦ୍ଧା ବିନା ଜ୍ଞାନଲାଭ ହୋଇପାରେ ନାହିଁ। ଗୀତାରେ କୁହାଯାଇଛି - 'ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ ତତ୍ପରୋ ସଂଯତେନ୍ଦ୍ରିୟଃ। ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତିମଚିରେଣାଧିଗଚ୍ଛତି।' ସୁତରାଂ ସୁଖ ପଛରେ ନ ଗୋଡ଼ାଇ ମଣିଷକୁ ସଦଗୁରୁଙ୍କ ଦୀକ୍ଷା ଗ୍ରହଣ କରି ତନ୍ନିଷ୍ଠ ଚଳନରେ ଚାଲିବାକୁ ହେବ। ତା'ହେଲେ ଯାଇ ଜ୍ଞାନ, ଅର୍ଥ, ଧର୍ମ, ସୁଖ, ଶାନ୍ତି, ଆନନ୍ଦ ସବୁକିଛି ଲାଭ ହୋଇପାରିବ।

ପ୍ରତିଋତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, କଟକ,
ମୋବାଇଲ୍: ୯୪୩୭୦୫୧୯୫୭



# ବୀର ରାଜକୁମାରମାନଙ୍କ ସ୍ମୃତିର ସ୍ମାରକୀ ପୁରୀ ଅଠରନଳା ପୋଲ



## ସନ୍ତୋଷ କୁମାର ଦାଶ

ପୁରୁଷୋତ୍ତମ କ୍ଷେତ୍ର ଶ୍ରୀକ୍ଷେତ୍ର ପୁରୀ ର ପ୍ରବେଶ ପଥ ରେ ପଡ଼େ ଅଠରନଳା ପୋଲ। ଯେଉଁ ଭକ୍ତ, ଯାତ୍ରୀ, ପର୍ଯ୍ୟଟକ ଶଙ୍ଖ କ୍ଷେତ୍ର ପୁରୀ ଆସିଛନ୍ତି ସମସ୍ତେ ନିଶ୍ଚୟ ଅଠରନଳା ପୋଲ ଦେଖିଛନ୍ତି। ଏହା ଏକ କ୍ଷୁଦ୍ର ପୋଲ , ଯାହା ମୂଷା ନଈ ଉପରେ ପୁରାତନ ଇଟା ରେ ନିର୍ମିତ ହୋଇଛି ଓ ଏଥିରେ ୧୮ ଟି ନଳା ରହିଛି । ଅଠରନଳା ର ନିର୍ମାଣ ଶୈଳୀ ମଧ୍ୟ ବିଚିତ୍ର । ଏହି ପୋଲ ର ପ୍ରତିଟି ନଳାର ଦୈର୍ଘ୍ୟ ୨୦ ଫୁଟ । ମାତ୍ର ନଳା ଗୁଡ଼ିକର ଝୁଲଣ ଗୁଡ଼ିକର ପ୍ରସ୍ଥ ସମାନ ନୁହେଁ । ମଧ୍ୟ ଭାଗରେ ଥିବା ଝୁଲଣ ଦୁଇଟି ସବୁଠୁ ବଡ ପ୍ରାୟ ୧୭ ଫୁଟ । ଯାହା କ୍ରମାନ୍ୱୟରେ ଉଭୟ ଦିଗରେ ଛୋଟ ହୋଇ , ଶେଷ ଝୁଲଣ ରେ ମାତ୍ର ୧୨ ଫୁଟ ହୋଇଛି । ମାଦଳାପାଞ୍ଜି ରେ ଏହି ପୋଲ ସମ୍ପର୍କରେ କିଛି କଥା ଲିପିବଦ୍ଧ ରହିଛି ।ଏଥିରେ ଲେଖା ହୋଇଛି ଯେ,ଅଠରନଳା ପୋଲ ରାଜା ପଦ୍ମନାଭ ସିଂହ ନରେନ୍ଦ୍ରଙ୍କ ପୁତ୍ର । ଆଶ୍ଚର୍ଯ୍ୟ ଲାଗେ ଗୋଟିଏ ପୋଲ କିପରି ଜଣେ ରାଜାଙ୍କ ପୁତ୍ର ହୋଇ ପାରିଲା। ପୁରୀ ଠାରୁ ୫୦ କିମି ଦୂର ପଶ୍ଚିମରେ ଥିଲା ରଣପୁର ରାଜ୍ୟ । ରଣପୁର ର ତତ୍କାଳୀନ ରାଜା ପଦ୍ମନାଭ ସିଂହ ନରେନ୍ଦ୍ର ପୁତ୍ରହୀନ ଥିଲେ। ଅପୁତ୍ରିକ ଦୋଷ ରୁ ମୁକ୍ତି ପାଇବା ପାଇଁ ରାଜା ସନ୍ଥ ଅଚ୍ୟୁତାନନ୍ଦ ଙ୍କ ଶରଣାପନ୍ନ ହେଲେ । ସନ୍ଥ ଅଚ୍ୟୁତାନନ୍ଦ ଙ୍କୁ ନିଜ ରାଜପ୍ରସାଦକୁ ଡକାଇ ସେଠାରେ ତାଙ୍କ ରହଣି ପାଇଁ ସବୁ ପ୍ରକାରର ବ୍ୟବସ୍ଥା କଲେ । ରଣପୁର ର ରହଣି କାଳରେ ସନ୍ଥ ଅଚ୍ୟୁତାନନ୍ଦ ଓଡ଼ିଆ ରେ ହରିବଂଶ ପୁରାଣ ରଚନା କରିଥିଲେ ବୋଲି ଗବେଷକ ମାନେ କୁହନ୍ତି। ଲୋକକଥା ରହିଛି ଯେ, ପ୍ରତ୍ୟହ ରାଜା ହରିବଂଶ ପୁରାଣ ଶ୍ରବଣ କରିବାରୁ ହରି ଙ୍କ ଆଶୀର୍ବାଦ ରୁ କାଳାନ୍ତରେ ସେ ୧୮ ଟି ପୁତ୍ର ଙ୍କ ର ପିତା ହୋଇପାରିଥିଲେ। ଦୈବୀ କୃପା ରୁ ଜନ୍ମିତ ଏହି ୧୮ ଜଣ ରାଜକୁମାର ପ୍ରାପ୍ତବୟସ୍କ ହୋଇ ବହୁ କଳାର ଅଧିକାରୀ ହୋଇଥିଲେ । ନିଜ ନିଜର ବୀରତ୍ୱ ରଣକୌଶଳ ହେତୁ ପରବର୍ତ୍ତୀ ସମୟରେ ସେମାନେ ତତ୍କାଳୀନ ଉତ୍କଳର ଗଜପତି ମହାରାଜା ମୁକୁନ୍ଦଦେବ ଙ୍କ ଠାରୁ ୧୮ ଟି ଉପାଧି ପାଇବାକୁ



ଯୋଗ୍ୟ ବିବେଚିତ ହୋଇଥିଲେ । ସେହି ୧୮ ଟି ଉପାଧି ଗୁଡ଼ିକ ଥିଲା ଶ୍ରୀଚନ୍ଦନ ,ଜଗଦେବ, ବିଦ୍ୟାଧର, ଛୋଟରାୟ, ହରିଚନ୍ଦନ, ଭ୍ରମରବର,କ୍ଷତ୍ରିବର,ବୀରବର ,ମଙ୍ଗରାଜ , ରାୟସିଂହ ,ଜଗତସିଂହ , ରାଜେନ୍ଦ୍ର ସିଂହ , ମର୍ଦ୍ଦରାଜ ସିଂହ ,ସୁରେନ୍ଦ୍ର ସିଂହ, ମାନସିଂହ , ଗଜେନ୍ଦ୍ର ସିଂହ , ପୃଥ୍ୱିସିଂହ ଓ ବିରସିଂହ । ଏହି ୧୮ ଉପାଧି ନିମନ୍ତେ ସେମାନେ ଗଜପତି ମହାରାଜା ମୁକୁନ୍ଦଦେବଙ୍କ ଠାରୁ ୧୮ ଟି ସନନ୍ଦ ମଧ୍ଯ ପାଇଥିଲେ ଓ ସେମାନଙ୍କ ସୁଖ୍ୟାତି ଭାରତର ବିଭିନ୍ନ ରାଜ୍ୟରେ ବିଖ୍ୟାତ ହୋଇଥିଲା । ଗଜପତି ମହାରାଜା ମୁକୁନ୍ଦ ଦେବଙ୍କ ରାଜତ୍ୱ କାଳରେ ତତ୍କାଳୀନ ବଙ୍ଗଳା ର ନବାବ ଙ୍କ ସେନାପତି କଳାପାହାଡ଼ ଓଡ଼ିଶା ଆକ୍ରମଣ କରିଥିଲା । ଜଗନ୍ନାଥ ମନ୍ଦିର କୁ ତଥା ଓଡ଼ିଶା କୁ ମୁସଲମାନ ଆକ୍ରମଣରୁ ରକ୍ଷାକରିବା ନିମନ୍ତେ କଳାପାହାଡ଼ ସହ ଅତ୍ୟନ୍ତ ବିରତାର ସହ ଯୁଦ୍ଧ କରି ରଣପୁର ରାଜା ପଦ୍ମନାଭ ସିଂହ ନରେନ୍ଦ୍ରଙ୍କ ୧୮ ପୁତ୍ର ମଧ୍ୟରୁ ୧୭ ଜଣ ବୀରଗତି ପ୍ରାପ୍ତ ହୋଇଥିଲେ । କେବଳ ଯୁବରାଜ ପାର୍ଥ ଶ୍ରୀଚନ୍ଦନ ଏହି ଭୟାବହ ଯୁଦ୍ଧରୁ ବଞ୍ଚିଯାଇଥିଲେ । ମାତ୍ର କିଛି ଦିନ ପରେ ତାଙ୍କର ମଧ୍ୟ ଆକସ୍ମିକ ମୃତ୍ୟୁ ହୋଇଥିଲା । ସମସ୍ତ ଅଠର ଜଣ ପୁତ୍ର ଙ୍କ ବିୟୋଗ ରେ ଶୋକରେ ରାଜା ପଦ୍ମନାଭ ସିଂହ ନରେନ୍ଦ୍ର ସଂପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ।ତେଣୁ ରାଜା ତାଙ୍କର ୧୮ ପୁତ୍ର ଙ୍କର ଅମର ସ୍ମୃତି ରକ୍ଷା ନିମନ୍ତେ ପୁରୀ ସହର ର ଉତ୍ତର ଦିଗରେ ଥିବା କ୍ଷୁଦ୍ର ମୂଷା ନଦୀ ଉପରେ ଅଠରନଳା ନିର୍ମାଣ କରି ଥିଲେ। ରଣପୁର ରାଜ୍ୟର ବୀର ୧୮ ଜଣ ରାଜକୁମାର ଙ୍କ ସ୍ମୃତିରେ ନିର୍ମିତ ଏହି ସ୍ମାରକୀ ବର୍ତ୍ତମାନ ଅଠରନଳା ରୂପରେ ପ୍ରସିଦ୍ଧି ଲାଭ କରିଛି। ଖାଲି ସେତିକି ନୁହେଁ ପୁତ୍ର ବିୟୋଗ ରେ ଜର୍ଜରିତ ରଣପୁର ରାଜା ପଦ୍ମନାଭ ସିଂହ ନରେନ୍ଦ୍ର ଚାରିଧାମ ମଧ୍ୟରେ ଶ୍ରେଷ୍ଠ ଏହି ଅନନ୍ୟ ପୁରୁଷୋତ୍ତମ କ୍ଷେତ୍ରରେ ଅଠରନଳା ନିର୍ମାଣ ସହିତ ଅନେକ ଜନହିତକର କାର୍ଯ୍ୟ କରିଥିଲେ । ସେ ସହରରେ ଦେଶର ବିଭିନ୍ନ ରାଜ୍ୟରୁ ତୀର୍ଥାଟନ ନିମନ୍ତେ ଆସୁଥିବା ତୀର୍ଥଯାତ୍ରୀ ମାନଙ୍କ ଦୈନିକ ସ୍ନାନ ଓ ଶୌଚ ଆଦି ନିମନ୍ତେ ଏକ ବୃହତ ପୁଷ୍କରିଣୀ ଖନନ କରିଥିଲେ ଯାହାର ନାମ ତାଙ୍କ ନାମ ଅନୁସାରେ ନରେନ୍ଦ୍ର ପୁଷ୍କରିଣୀ ହୋଇ ଥିଲା। ଚତୁର୍ଦ୍ଧାମୂର୍ତ୍ତି ଙ୍କ ଜନ୍ମସ୍ଥାନ ଶ୍ରୀ ଗୁଣ୍ଡିଚା ମନ୍ଦିର ର ଚତୁଃଦିଗରେ ପ୍ରାଚୀର ନିର୍ମାଣ କରି ବେଢ଼ା ବୁଲାଇବା ସହିତ ଶ୍ରୀ ଗୁଣ୍ଡିଚା ମନ୍ଦିର ପରିସର ରେ ପାନୀୟ ଜଳ ପାଇଁ କୂପ ମଧ ଖୋଳାଇଥିଲେ। ପୁରୀ ର ପ୍ରସିଦ୍ଧ ଅଠରନଳା ପୋଲ ବୀର ରାଜ କୁମାରଙ୍କ ସ୍ମୃତି ର ସ୍ମାରକୀ ହୋଇ ରହିଆସିଛି ସେହି ଦିନ ଠାରୁ।

ତୁଳସୀପୁରା ପୁରୀ, ମୋବାଇଲ୍: ୯୪୩୯୩୬୧୮୮

## ନାଗ ପଞ୍ଚମୀରେ ସାପ ଧରି ଶ୍ରଦ୍ଧାଳୁଙ୍କ ଶୋଭାଯାତ୍ରା



**ବିହାର,୧୭।୭:** ବିହାରର ସମସ୍ତୀପୁର ଜିଲାର ସିଂହିଆ ଘାଟରେ ଚଳିତ ସପ୍ତାହରେ ନାଗ ପଞ୍ଚମୀ ମେଳାରେ ଶତାଧିକ ଭକ୍ତ ସାପ ଧରି ଧାର୍ମିକ ରୀତିନୀତିରେ ଅଂଶଗ୍ରହଣ କରିଥିଲେ। ଏହି ଐତିହ୍ୟ ମେଳା ସିଂହିଆ ବଜାରର ମା' ଭାଗବତୀ ମନ୍ଦିରରେ ପୂଜାର୍ଚ୍ଚନାରୁ ଆରମ୍ଭ ହୋଇଥିଲା। ଏହାପରେ ଭକ୍ତମାନେ ବୁଢ଼ୀ ଗଣ୍ଡକ ନଦୀ କୂଳକୁ ଶୋଭାଯାତ୍ରାରେ ଯାଇଥିଲେ। ଶିଶୁଠାରୁ ବଇସ୍ଥ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ସାପକୁ ଗଳାରେ, ହାତରେ, ମୁଣ୍ଡ ଉପରେ କିମ୍ବା ହାତରେ ଧରି ଚାଲୁଥିବା ଦୃଶ୍ୟ ଦେଖାଯାଇଥିଲା। ଅନଲାଇନରେ ଭାଇରାଲ ଭିଡିଓଗୁଡ଼ିକରେ ଏହି ଅଭୂତପୂର୍ବ ଦୃଶ୍ୟ ସ୍ପଷ୍ଟ ରହିଛି। କେତେକ ଲୋକ କାଠ ବାଡ଼ିରେ ସାପ ବାନ୍ଧି ତାହାକୁ ପବିତ୍ର ବସ୍ତୁ ପରି ଧରିଥିବା ଦେଖାଯାଇଛି।

## ମହାକାଶରୁ ଫେରି ପରିବାରକୁ ଭେଟି ଭାବୁକ ହେଲେ ଶୁଭାଂଶୁ



**ନୂଆଦିଲ୍ଲୀ,୧୭।୭:** ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ୧୮ ଦିନର ମିଶନ ପରେ ପୃଥିବୀକୁ ଫେରିଥିବା ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ବୁଧବାର ତାଙ୍କ ପତ୍ନୀ କାମନା ଶୁକ୍ଳା ଏବଂ ଛଅ ବର୍ଷର ପୁଅ କିୟାଶ ଶୁକ୍ଳାଙ୍କୁ ଭେଟିବା ପରେ ଭାବପ୍ରବଣ ହୋଇ ପଡ଼ିଥିଲେ। ଶୁଭାଂଶୁ ଶୁକ୍ଳା ପରିବାର ସହିତ ସାକ୍ଷାତ କରିବାର ଭାବପ୍ରବଣ ମୁହୂର୍ତ୍ତଗୁଡ଼ିକୁ ସୋସିଆଲ ମିଡ଼ିଆରେ ଶେୟାର କରିଛନ୍ତି। ଇନଷ୍ଟାଗ୍ରାମରେ ଫଟୋ ଶେୟାର କରି ଶୁଭାଂଶୁ ଲେଖିଛନ୍ତି ଯେ ମହାକାଶ ଯାତ୍ରା ଏକ ଅନନ୍ୟ ଅଭିଜ୍ଞତା, କିନ୍ତୁ ଦୀର୍ଘ ସମୟ ପରେ ପ୍ରିୟଜନଙ୍କୁ ଭେଟିବା ମଧ୍ୟ ସମାନ ଭାବରେ ଆଶ୍ଚର୍ଯ୍ୟଜନକ। ମୁଁ କ୍ୱାରାଣ୍ଟାଇନରେ ରହିବା ଦୁଇ ମାସ ହୋଇଗଲାଣି। କ୍ୱାରାଣ୍ଟାଇନ ସମୟରେ, ଯେତେବେଳେ ପରିବାର ଭେଟିବାକୁ ଆସିଥିଲେ, ଆମକୁ ଆଠ ମିଟର ଦୂରତା ବଜାୟ ରଖିବାକୁ ପଡିଥିଲା। ମୋ ସାନ ପୁଅକୁ ବୁଝାଯାଇଥିଲା ଯେ ତା' ହାତରେ ଜୀବାଣୁ ଅଛି, ତେଣୁ ସେ ତା' ବାପାଙ୍କୁ ଛୁଇଁ ପାରିବ ନାହିଁ। ସେ ଆହୁରି ଲେଖିଛନ୍ତି, ଯେତେବେଳେ ମୁଁ ପୃଥିବୀକୁ ଫେରିଲି ଏବଂ ମୋ ପରିବାରକୁ ପୁଣି ଥରେ ଆଲିଙ୍ଗନ କଲି, ସେତେବେଳେ ଏପରି ଅନୁଭବ ହେଲା ଯେପରି ମୁଁ ପୁଣି ଘରକୁ ଫେରି ଆସିଛି।

## ଆକାଶ ପ୍ରାଇମ୍ ଏଡିଏସ୍‌ର ସଫଳ ପରୀକ୍ଷଣ



**ନୂଆଦିଲ୍ଲୀ,୧୭।୭:** ଆଜି ଭାରତୀୟ ସେନା ଲଦାଖ ସେକ୍ଟରରେ ପନ୍ଦର ହଜାର ଫୁଟରୁ ଅଧିକ ଉଚ୍ଚତାରେ, ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ବିକଶିତ, ଆକାଶ ପ୍ରାଇମ୍ ଏୟାର ଡିଫେନ୍ସ ସିଷ୍ଟମ- ଏଡିଏସ୍‌ର ସଫଳ ପରୀକ୍ଷଣ କରିଛି। ଏହି ପରୀକ୍ଷଣ ଏଏଡି ଏବଂ ଡିଆରଡିଓର ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା କରାଯାଇଥିଲା ଯେଉଁମାନେ ଏହି ସିଷ୍ଟମକୁ ବିକଶିତ କରିଛନ୍ତି। ପରୀକ୍ଷଣ ସମୟରେ ଶ୍ୟାମ୍‌ସ ଅତ୍ୟନ୍ତ ଉଚ୍ଚତାରେ ବିରଳ ବାୟୁମଣ୍ଡଳରେ ଅତି ଦ୍ରୁତ ଗତିଶୀଳ ଟାର୍ଗେଟ୍ ବିମାନ ଉପରେ ଦୁଇଟି ସିଧାସଳଖ ଆକ୍ରମଣ କରି ଲକ୍ଷ୍ୟ ହାସଲ କରିଥିଲା। ଭାରତୀୟ ସେନା ଲଦାଖରେ ୧୫,୦୦୦ ଫୁଟ ଉଚ୍ଚତାରେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଆକାଶ ପ୍ରାଇମ୍ ବାୟୁ ପ୍ରତିରକ୍ଷା ପ୍ରଣାଳୀର ସଫଳ ପରୀକ୍ଷଣ କରିଛି। 'ଅପରେସନ୍ ସିନ୍ଦୂର'ରେ ପାକିସ୍ତାନୀ ଡ୍ରୋନ୍ ଏବଂ ବାୟୁ ଆକ୍ରମଣକୁ ପ୍ରତିହତ କରିବାରେ ଏହି ପ୍ରଣାଳୀ ପ୍ରଭାବଶାଳୀ ପ୍ରମାଣିତ ହୋଇଛି। ଆକାଶ ପ୍ରାଇମ୍ ଏବେ ସେନାର ତୃତୀୟ ଏବଂ ଚତୁର୍ଥ ବାୟୁ ପ୍ରତିରକ୍ଷା ରେଜିମେଣ୍ଟର ଅଂଶ ହେବ, ଯାହା ବିଭିନ୍ନ ଦିଗରୁ ଆସୁଥିବା ଲକ୍ଷ୍ୟକୁ ପ୍ରତିହତ କରିବାରେ ସକ୍ଷମ। ପରୀକ୍ଷଣ ସମୟରେ ଏହି ବାୟୁ ପ୍ରତିରକ୍ଷା ପ୍ରଣାଳୀ ବାୟୁମଣ୍ଡଳରେ ଅତି ଦ୍ରୁତ ଗତିରେ ଉଡୁଥିବା ଏୟାର ଟାର୍ଗେଟକୁ ସିଧା ସିଧା ପ୍ରତିହତ କରିଥିଲା। ଏହି ପରୀକ୍ଷଣ ଅତି ଅଧିକ ଉଚ୍ଚତା ଲଦାଖ ଅଞ୍ଚଳରେ ସମ୍ପନ୍ନ ହୋଇଥିଲା। ଆକାଶ ପ୍ରାଇମ୍ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏଣିକି ଭାରତୀୟ ସେନାର ତୃତୀୟ ଏବଂ ଚତୁର୍ଥ ୟୁନିଟ ରେଜିମେଣ୍ଟରେ ସାମିଲ ହେବ। ଏଥିରୁ ଏହା ସ୍ପଷ୍ଟ ଯେ, ଏଣିକି ଏହି ନୂଆ ପ୍ରଣାଳୀ ସେନାର ଦୁଇଟି ରେଜିମେଣ୍ଟରେ ସାମିଲ ହେବାଦ୍ୱାରା ଶତ୍ରୁ ପକ୍ଷର ବାୟୁ ପ୍ରତିରକ୍ଷାକୁ ଆହୁରି ଭଲ ଭାବେ ମୁକାବିଲା କରିପାରିବ।

# ଭାରତ ତିଆରି କଲା 'ଗାଣ୍ଡିବ' ମିସାଇଲ୍: ବିଶ୍ୱରେ ଚହଳ

**ନୂଆଦିଲ୍ଲୀ,୧୭।୭:** ଭାରତର ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆର୍‌ଡିଓ) ଦ୍ୱାରା ସମ୍ପ୍ରତି ବିକଶିତ ନୂତନ ଅସ୍ତ୍ର କେବଳ ବୈଷୟିକ ଦୃଷ୍ଟିକୋଣରୁ ନୁହେଁ ବରଂ ରଣନୈତିକ ଦୃଷ୍ଟିକୋଣରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ମିଶାଇଲ୍‌ର ନାମ ଗାଣ୍ଡିବ ରଖାଯାଇଛି, ଯାହା ମହାଭାରତର ମହାନ ଧନୁର୍ଦ୍ଧର ଅର୍ଜୁନଙ୍କ ଧନୁ ନାମ ଥିଲା।

ଗାଣ୍ଡିବ କ୍ଷେପଣାସ୍ତ୍ର ୨୧ ଶତାବ୍ଦୀର ବାୟୁ ଯୁଦ୍ଧରେ ଭାରତକୁ ନୂତନ ଉଚ୍ଚତାକୁ ନେଇଯିବ। ଏହା କେବଳ ଏକ ମିଶାଇଲ୍ ନୁହେଁ, ବରଂ ଭାରତର ବାୟୁ ସୁରକ୍ଷାରେ ଏକ ବିପ୍ଳବୀ ପଦକ୍ଷେପ। ଏହାର ପରିସର, ଗତି ଏବଂ ଶକ୍ତି ଏହାକୁ ଚାଇନା ଏବଂ ଆମେରିକା ଭଳି ମହାଶକ୍ତିର ମିଶାଇଲ୍‌ଠାରୁ ଆଗକୁ ନେଇଯାଏ। ବିଶେଷକରି ଏହାର 'ବିୟଣ୍ଡ ଭିଜୁଆଲ ରେଞ୍ଜ' (ବିଭିଆର) କ୍ଷମତା ଭାରତକୁ ସେହି ଶକ୍ତି ପ୍ରଦାନ କରେ, ଯାହା




ଏପର୍ଯ୍ୟନ୍ତ ବିଶ୍ୱର କେବଳ କିଛି ଦେଶ ପାଖରେ ଥିଲା।

ଡିଆର୍‌ଡିଓ ଦ୍ୱାରା ବିକଶିତ ଗାଣ୍ଡିବ ମିଶାଇଲ୍‌ର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର ବହୁତ ଦୂରତାରେ ଆକ୍ରମଣ କରିବାର କ୍ଷମତା। ଏହି ମିଶାଇଲ୍‌କୁ ଅସ୍ତ୍ର ଏମ୍‌କେ-୩ ପ୍ରକଳ୍ପ ଅଧୀନରେ ବିକଶିତ କରାଯାଇଛି, ଯାହା ଭାରତୀୟ ବାୟୁସେନା (ଆଇଏଏଫ୍) ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ହୋଇପାରିବ। ଏହାର ପରିସର ୩୪୦ କିଲୋମିଟର ପର୍ଯ୍ୟନ୍ତ। ଏହାର ଇଞ୍ଜିନ ଡୁଆଲ-ଫୁଏଲ ଡକ୍ଟେଡ ରାମଜେଟ। ଏହା ଶତ୍ରୁପକ୍ଷର ଲଢୁଆ ବିମାନ, ବୋମାବର୍ଷୀ ବିମାନ, କାର୍ଗୋ ଏବଂ ଏଡବ୍ଲ୍ୟୁଏସିଏସ୍ ବିମାନକୁ ଟାର୍ଗେଟ କରିପାରିବ। ଯେତେବେଳେ ଏହାକୁ ୨୦ କିଲୋମିଟରରୁ ଲଞ୍ଚ କରାଯାଏ, ଏହାର ପରିସର ୩୪୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିଥାଏ। ସେହି ସମୟରେ, ଯେତେବେଳେ ୮ କିଲୋମିଟରରୁ ଲଞ୍ଚ କରାଯାଏ, କ୍ଷମତା ୧୯୦ କିଲୋମିଟରକୁ ବୃଦ୍ଧି ପାଏ। ଏହି ପରିସର ଚାଇନାର ପିଏଲ୍-୧୫ ମିାଇଲ୍ (୩୦୦ କିଲୋମିଟର) ଏବଂ ଆମେରିକାର ଏଆଇଏମ୍-୧୭୪ ବିଭିଆର୍‌ଏଏମ୍ (୨୪୦ କିଲୋମିଟର) ଅପେକ୍ଷା ମଧ୍ୟ ଅଧିକ, ଯାହା ଭାରତକୁ ବାୟୁ ପ୍ରତିରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ପ୍ରଦାନ କରେ।

ଗାଣ୍ଡିବ ମିଶାଇଲ୍‌ରେ ସ୍ଥାପିତ ଡୁଆଲ-ଫୁଏଲ ଡକ୍ଟେଡ ରାମଜେଟ ଇଞ୍ଜିନ ଏହାକୁ ଅନ୍ୟ ମିଶାଇଲ୍‌ଠାରୁ ଭିନ୍ନ କରିଥାଏ। ଏହି ପ୍ରଯୁକ୍ତିବିଦ୍ୟା ଏହାକୁ କମ ଇନ୍ଧନରେ ଅଧିକ ଦୂରତା ଅତିକ୍ରମ କରିବାକୁ ସକ୍ଷମ କରିଥାଏ। ଏହାର ସାହାଯ୍ୟରେ, ମିଶାଇଲ୍ ଦୀର୍ଘ ଦୂରତାରେ ଉଚ୍ଚ ଗତିରେ ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିପାରିବ। ଏହା ଇନ୍ଧନ ସଞ୍ଚୟ କରେ, ଯାହା ଯୋଗୁଁ ଏହା ଅଧିକ ଦୂରତା ଅତିକ୍ରମ କରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା ବିଭିନ୍ନ ଉଚ୍ଚତା ଏବଂ ମିଶନ ପାଇଁ ଉପଯୁକ୍ତ। ଏହି କାରଣରୁ, ଗାଣ୍ଡିବ ମିଶାଇଲ୍ କେବଳ ପ୍ରତିରକ୍ଷା ପାଇଁ ନୁହେଁ ବରଂ ରଣନୈତିକ ବାୟୁ ନିୟନ୍ତ୍ରଣ ପାଇଁ ମଧ୍ୟ ଆବଶ୍ୟକ ହୋଇଯାଏ।

ଭାରତ ଜୁଲାଇ ୧୧ ତାରିଖରେ ଅସ୍ତ୍ର ଏମ୍‌କେ-୧ ମିଶାଇଲ୍‌ର ସଫଳ ପରୀକ୍ଷଣ କରିଥିଲା, ଯାହା ବଙ୍ଗୋପସାଗରରେ ସୁଖୋଇ-୩୦ ଏମ୍‌କେଆଇ ବିମାନରୁ କରାଯାଇଥିଲା। ଏହି ପରୀକ୍ଷଣରୁ ଜଣାପ ଯେ, ଭାରତ ଏବେ 'ବିୟଣ୍ଡ ଭିଜୁଆଲ ରେଞ୍ଜ' ମିଶାଇଲ୍ ପ୍ରଯୁକ୍ତିବିଦ୍ୟାରେ ଆତ୍ମନିର୍ଭରଶୀଳ ହୋଇସାରିଛି। ଏବେ ଏଲ୍‌ସିଏ ଏମ୍‌କେ୧ ଏ, ଅର୍ଥାତ୍ ସ୍ୱଦେଶୀ ତେଜସ ଲଢୁଆ ବିମାନର ଏକ ଉନ୍ନତ ସଂସ୍କରଣ, ଅସ୍ତ୍ର ମିଶାଇଲ୍ ସହିତ ସଜ୍ଜିତ ହୋଇ ଭାରତର ବାୟୁ ଶକ୍ତିକୁ ଆହୁରି ମଜଭୁତ କରିପାରିବ। ଏହା ସହିତ, ଭାରତ ଆତ୍ମନିର୍ଭର ପ୍ରତିରକ୍ଷା ନୀତି (ଆତ୍ମନିର୍ଭର ଭାରତ) ରେ ମଧ୍ୟ ଏକ ପ୍ରମୁଖ ସଫଳତା ହାସଲ କରିଛି। ମଧ୍ୟ ଜାତୀୟ ରାଜପଥ ଉପରେ କଂଗ୍ରେସ କର୍ମୀମାନେ ବନ୍ଦ ପାଳନ କରିଛନ୍ତି।

## ଏଣିକି ସଂସଦରେ ସାଂସଦ ଓ ଦର୍ଶକଙ୍କ ପାଇଁ ମିଳିବ ସ୍ୱାସ୍ଥ୍ୟକର ଓ ସୁଷମ ଖାଦ୍ୟ



**ନୂଆଦିଲ୍ଲୀ,୧୭।୭:** ଏବେ ସଂସଦରେ ମିଳିବ ସ୍ୱାସ୍ଥ୍ୟକର ଖାଦ୍ୟ। ରାଗି-ମାଣ୍ଡିଆ ଇଡଲି ସାଙ୍ଗକୁ ମିଳିବ ଜୁଆର ଉପମା। ଖାଲି ଏତିକି ନୁହେଁ, ଏହା ସହିତ ମିଳିବ ମୁଗ ଡାଲି ପିଠା ଆଉ ଏବଂ ସିଝା ତରଆରୀ ସାଙ୍ଗକୁ ଗ୍ରିଲ୍ଡ ଫିସ୍। ଏବେ ସଂସଦରେ ମିଳିବ ସ୍ୱାସ୍ଥ୍ୟକର ଖାଦ୍ୟ। ରାଗି-ମାଣ୍ଡିଆ ଇଡଲି ସାଙ୍ଗକୁ ମିଳିବ ଜୁଆର ଉପମା। ଖାଲି ଏତିକି ନୁହେଁ, ଏହା ସହିତ ମିଳିବ ମୁଗ ଡାଲି ପିଠା ଆଉ ଏବଂ ସିଝା ତରକାରୀ ସାଙ୍ଗକୁ ଗ୍ରିଲ୍ଡ ଫିସ୍। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅନୁରୋଧ କ୍ରମେ ଏଭଳି ସୁସ୍ଥ ଖାଦ୍ୟର ମେନୁ ପ୍ରସ୍ତୁତ ହୋଇଛି। ବାଚସ୍ପତିଙ୍କ ଅନୁସାରେ ଜନ କଲ୍ୟାଣ କାମ କରିବା ବେଳେ ସ୍ୱାସ୍ଥ୍ୟ ସହିତ ସାଲିସ୍ ନ କରିବା ଉଚିତ। ସୂଚନାଯୋଗ୍ୟ ଯେ, ଅଧିବେଶନ ସମୟରେ କାମ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିଥାଏ ଏବଂ କେତେକ ସମୟରେ ବିଳମ୍ବିତ ରାତି ମଧ୍ୟ ହୋଇଥାଏ। ତେବେ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ, ସଂସଦ କ୍ୟାଣ୍ଟିନ୍ ପୋଷଣଯୁକ୍ତ ଖାଦ୍ୟକୁ ଗୁରୁତ୍ୱ ଦେଇ ଏକ ସ୍ୱତନ୍ତ୍ର ମେନୁ କରିବାର ପଦକ୍ଷେପ ନେଇଛି। ଏଥିରେ ସ୍ୱାସ୍ଥ୍ୟ ଉପଯୋଗୀ ଓ ଦେଶୀ ଖାଦ୍ୟ ପ୍ରଦାନ କରାଯିବ।

## ଅଷ୍ଟମ ଥର ପାଇଁ ସ୍ୱଚ୍ଛ ସହର ତାଲିକାରେ ଏକ ନମ୍ବରରେ ରହିଲା ଇନ୍ଦୋର

**ନୂଆଦିଲ୍ଲୀ,୧୭।୭:** କେନ୍ଦ୍ର ସରକାରଙ୍କ ବାର୍ଷିକ ସ୍ୱଚ୍ଛତା ସର୍ଭେରେ, ଇନ୍ଦୋର ଲଗାତାର ଅଷ୍ଟମ ଥର ପାଇଁ ଭାରତର ସବୁଠାରୁ ସ୍ୱଚ୍ଛ ସହର ହେବାର ଟାଇଟଲ ପାଇଛି। ସେହିପରି ସୁରଟ ଦ୍ୱିତୀୟ ସ୍ଥାନ ପାଇଛି। ପୂର୍ବରୁ, ମଧ୍ୟପ୍ରଦେଶର ଇନ୍ଦୋର ଲଗାତାର ସାତ ଥର ପାଇଁ ଦେଶର ସବୁଠାରୁ ସ୍ୱଚ୍ଛ ସହର ହେବାର ଟାଇଟଲ ଜିତିଛି। ଏଥର ଇନ୍ଦୋର ସ୍ୱଚ୍ଛତା ସର୍ଭେ ୨୦୨୪-୨୫ର ସୁପର ଲିଗରେ ସାମିଲ ହୋଇଥିଲା। ସୁପର ଲିଗରେ କେବଳ ସେହି ୨୩ଟି ସହର ସାମିଲ ହୋଇଥିଲା, ଯେଉଁମାନେ ଏପର୍ଯ୍ୟନ୍ତ ହୋଇଥିବା ସର୍ଭେରେ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନ ପାଇଛନ୍ତି। ଇନ୍ଦୋର ୨୦୨୪-୨୫ ସୁପର ଲିଗ ମଧ୍ୟ ଜିତିଛି।

ସର୍ଭେର ଫଳାଫଳ ଗୁରୁବାର ଘୋଷଣା କରାଯାଇଥିଲା। ଜାତୀୟ ରାଜଧାନୀର ବିଜ୍ଞାନ ଭବନରେ ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ (ମହୁଆ) ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱଚ୍ଛ ସର୍ଭେ ୨୦୨୪-୨୫ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଏବଂ ଅନ୍ୟମାନେ ଯୋଗ ଦେଇଥିଲେ। ସରକାରଙ୍କ ଅନୁଯାୟୀ, 'ସ୍ୱଚ୍ଛ ସର୍ଭେ' ମିଶନର ଲକ୍ଷ୍ୟ ହେଉଛି ବୃହତ ପରିମାଣର ନାଗରିକ ଅଂଶଗ୍ରହଣକୁ ଉତ୍ସାହିତ କରିବା। ଏହା ସହିତ, ଏହା ସମାଜର ସମସ୍ତ ବର୍ଗଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ମଧ୍ୟ ଚେଷ୍ଟା



କରେ ଯାହା ଦ୍ୱାରା ସହର ଏବଂ ସହରଗୁଡ଼ିକୁ ରହିବା ପାଇଁ ଉତ୍ତମ ସ୍ଥାନ ଭାବରେ ଗଢ଼ି ତୋଳିବା ପାଇଁ ଏକାଠି କାମ କରାଯାଇପାରିବ। ନବମ ବର୍ଷରେ ପ୍ରବେଶ କରି, ସ୍ୱଚ୍ଛ ସର୍ଭେ ପରିଷ୍କାର ପରିଚ୍ଛନ୍ନତା, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସେବା ପ୍ରଦାନ ମୂଲ୍ୟାଙ୍କନ କରିଥିଲା। ଏହା ୧୦ ପାରାମିଟର ଏବଂ ୫୪ ସୂଚକ ବ୍ୟବହାର କରି ୪,୫୦୦ ରୁ ଅଧିକ ସହରକୁ କଭର କରିଥିଲା।

# ୧.୧୭କୋଟିରୁ ଅଧିକ ଆଧାର ନମ୍ବର ନିଷ୍କ୍ରିୟ

**ନୂଆଦିଲ୍ଲୀ,୧୭।୭:** ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ଏପର୍ଯ୍ୟନ୍ତ ୧.୧୭କୋଟିରୁ ଅଧିକ ୧୨-ଅଙ୍କ ବିଶିଷ୍ଟ ଆଧାର ନମ୍ବରକୁ ନିଷ୍କ୍ରିୟ କରିସାରିଛି। ଏହି ପଦକ୍ଷେପ ଏଥିପାଇଁ ନିଆଯାଇଛି ଯାହା ଦ୍ୱାରା ମୃତ୍ୟୁବରଣ କରିଥିବା ଲୋକଙ୍କ ଆଧାର ନମ୍ବରର ଅପବ୍ୟବହାର ହୋଇପାରିବ ନାହିଁ।

ଏହି ପଦକ୍ଷେପ ଅନ୍ତର୍ଗତ, ୟୁଆଇଡିଏଆଇ ୨୪ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ପଞ୍ଜିକୃତ ମୃତ୍ୟୁ ପାଇଁ ମାଇ ଆଧାର ପୋର୍ଟାଲରେ ଏକ ନୂତନ ସେବା - ପରିବାର ସଦସ୍ୟଙ୍କ ମୃତ୍ୟୁ ରିପୋର୍ଟିଂ - ଆରମ୍ଭ କରିଛି। ଯାହା ଦ୍ୱାରା ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ ହେଲେ, ବ୍ୟକ୍ତି ପୋର୍ଟାଲକୁ ଆସି ୟୁଆଇଡିଏଆଇକୁ ଏହା ବିଷୟରେ ଜଣାଇପାରିବେ। ବୁଧବାର ଜାରି ଏକ ସରକାରୀ ବିବୃତ୍ତିରେ କୁହାଯାଇଛି ଯେ, ଆଧାର ଡାଟାବେସର ନିରନ୍ତର ସଠିକତା ବଜାୟ ରଖିବା ପାଇଁ, ୟୁଆଇଡିଏଆଇ ବିଭିନ୍ନ ଉତ୍ସରୁ ମୃତ୍ୟୁ ରେକର୍ଡ ପାଇବା ଏବଂ ଉପଯୁକ୍ତ ଯାଞ୍ଚ ପରେ ଆଧାର ନମ୍ବରକୁ ନିଷ୍କ୍ରିୟ କରିବା ପାଇଁ ସକ୍ରିୟ ଭାବରେ ଏହି ପଦକ୍ଷେପଗୁଡ଼ିକୁ ଗ୍ରହଣ କରୁଛି। ୟୁଆଇଡିଏଆଇ କହିଛି , ଏହା ଆଧାର ନମ୍ବର ସହିତ ଜଡିତ ମୃତ୍ୟୁ ରେକର୍ଡଗୁଡ଼ିକୁ ଶେୟାର କରିବାକୁ ଭାରତର ରେଜିଷ୍ଟ୍ରାର ଜେନେରାଲ (ଆର୍‌ଜିଆଇ)ଙ୍କୁ ଅନୁରୋଧ କରିଛି ଏବଂ ସିଭିଲ ପଞ୍ଜିକରଣ ପ୍ରଣାଳୀ (ସିଆର୍‌ଏସ୍) ବ୍ୟବହାର କରି ୨୪ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୧.୫୫ କୋଟି ମୃତ୍ୟୁ ରେକର୍ଡ ପାଇଛି। ସଠିକ ଯାଞ୍ଚ ପରେ, ପ୍ରାୟ ୧.୧୭ କୋଟି ଆଧାର ନମ୍ବରକୁ ନିଷ୍କ୍ରିୟ କରାଯାଇଛି। ପ୍ରାୟ ୬.୭ ଲକ୍ଷ ମୃତ୍ୟୁ ରେକର୍ଡ ଆଧାରରେ ନମ୍ବରକୁ ନିଷ୍କ୍ରିୟ କରିବାର କାମ ଏବେ ବି ଚାଲିଛି।

## 'ବାପା' ଡାକିବାରୁ ୫ ବର୍ଷର ଝିଅକୁ ତଣ୍ଟି ଚିପି ମାରିଲା ପରେ ସମୁଦ୍ରରେ ଫିଙ୍ଗିଲା ବାପା

**ନୂଆଦିଲ୍ଲୀ,୧୭।୭ :** ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ଘଟିଛି ଲୋମଟାଙ୍କୁରା ହତ୍ୟାକାଣ୍ଡ । ଜଣେ ୪୦ ବର୍ଷୀୟ ବ୍ୟକ୍ତି ନିଜ ୫ ବର୍ଷର ସାବତ ଝିଅକୁ ତଣ୍ଟି ଚିପି ହତ୍ୟା କରିଛି । ହତ୍ୟା କରିବା ପରେ ମୃତଦେହକୁ ଆରବ ସାଗରରେ ଫିଙ୍ଗି ଦେଇଛି । ଅଭିଯୁକ୍ତ ଇମ୍ରାନ ଶେଖକୁ ଗିରଫ କରିଛି ମୁମ୍ବାଇ ପୋଲିସ୍ । ପୋଲିସ୍ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ମଙ୍ଗଳବାର ସକାଳେ ଦକ୍ଷିଣ ମୁମ୍ବାଇର ସସୁନ ଡାକ ପାଖ ସମୁଦ୍ରରେ କୋଲାବା ପୋଲିସ୍ ଏକ ଛୋଟ ପିଲାଟିର ମୃତଦେହ ଠାବ କରିଥିଲା । କିନ୍ତୁ ଏହି ହତ୍ୟାର କାରଣ ସ୍ପଷ୍ଟ ହୋଇ ପାରିନଥିଲା । ପୋଲିସ୍ ଅଧିକାରୀ କହିଛନ୍ତି, ମଧ୍ୟ ମୁମ୍ବାଇର ଆଣ୍ଟପ ହିଲ୍ ଅଞ୍ଚଳର ଏକ ଝିଅ ନିଖୋଜ ହୋଇ ଯାଇଥିଲା । ଏ ନେଇ ଉକ୍ତ ଝିଅର ସାବତ ବାପା ଶେଖ ଓ ମାଆ ନାଜିଆ ଆଣ୍ଟପ ହିଲ୍ ଥାନାରେ ଏକ ନିଖୋଜ ମାମଲା ରୁଜୁ କରିଥିଲେ । ନାଜିଆ ଘରୋଇ ସହାୟିକା ଭାବରେ କାମ କରନ୍ତି । ଛୋଟ ଝିଅଟି ଶେଖକୁ ବାପା ବୋଲି ଡାକେ, ଯାହା ଶୁଣିବାକୁ ଚାହୁଁନଥିଲା ଶେଖ୍ । ତେଣୁ ସେ ଝିଅକୁ ହତ୍ୟା କରିଥିଲା । ସିସିଟିଭି ଫୁଟେଜ୍‌ରେ ଶେଷ ଥର ପାଇଁ ଝିଅକୁ ଶେଖଙ୍କ ସହିତ ହିଁ ଦେଖାଦେବାର ଜଣା ପଡିଛି ।

## ଆମେରିକାରେ ଭୟଙ୍କର ଭୂମିକମ୍ପ, ତୀବ୍ରତା ୭.୩



**ୱାଶିଂଟନ,୧୭।୭:** କିଛି ସମୟ ଧରି ଭାରତ ସମେତ ବିଶ୍ୱର ବିଭିନ୍ନ ସ୍ଥାନରେ ନିରନ୍ତର ଭୂମିକମ୍ପ ଅନୁଭୂତ ହେଉଛି । ଅନେକ ସ୍ଥାନରେ ଭୂମିକମ୍ପ ଯୋଗୁଁ ବହୁ ସଂଖ୍ୟକ ଲୋକଙ୍କର ମୃତ୍ୟୁ ମଧ୍ୟ ହୋଇଛି । ଏହି ଭୂମିକମ୍ପ ଘଟଣା ସାଧାରଣ ଲୋକଙ୍କ ମନରେ ଭୟ ଭରି ଦେଇଛି । ଏବେ ଆମେରିକାର ଆଲାସ୍କା ରାଜ୍ୟ ମଧ୍ୟ ଭୟଙ୍କର ଭୂମିକମ୍ପ ଝଟକାରେ ଥରି ଉଠିଛି । ଭୂମିକମ୍ପ ପରେ, ଅଞ୍ଚଳର ଉପକୂଳବର୍ତ୍ତୀ ଅଞ୍ଚଳରେ ସୁନାମି ଚେତାବନୀ ମଧ୍ୟ ଜାରି କରାଯାଇଛି । ଭାରତୀୟ ସମୟ ଅନୁସାରେ ୧୭ ଜୁଲାଇ, ଗୁରୁବାର ଦିନ ସକାଳ ୨:୦୭ ମିନିଟରେ ଆମେରିକାର ଆଲାସ୍କା ରାଜ୍ୟରେ ଭୂମିକମ୍ପ ହୋଇଥିଲା । ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୭.୩ ମାପ କରାଯାଇଥିଲା, ଯାହାକୁ ଏକ ଅତ୍ୟନ୍ତ ଶକ୍ତିଶାଳୀ ଭୂମିକମ୍ପ ବୋଲି ବିବେଚନା କରାଯାଏ । ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ଆଲାସ୍କା ଉପଦ୍ୱୀପର ୩୬ କିଲୋମିଟର ଭିତରେ ଥିଲା । ଆମେରିକୀୟ ବୈଜ୍ଞାନିକଙ୍କ ଅନୁଯାୟୀ, ଆଲାସ୍କା ଉପଦ୍ୱୀପର ମଧ୍ୟଭାଗରେ ଥିବା ପୋପଫ୍ ଦ୍ୱୀପର ସ୍ୟାଣ୍ଡ ପଏଣ୍ଟ ନିକଟରେ ସ୍ଥାନୀୟ ସମୟ ଅପରାହ୍ନ ୧୨:୩୦ ପରେ ଏହି ଭୂମିକମ୍ପ ହୋଇଥିଲା । ୭.୩ ତୀବ୍ରତାର ଭୂମିକମ୍ପ ପରେ ଉପକୂଳ ଆଲାସ୍କାର କିଛି ଅଂଶ ପାଇଁ ସୁନାମି ଚେତାବନୀ ଜାରି କରାଯାଇଛି । ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ସତର୍କ ରହିବାକୁ ଏବଂ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ କୁହାଯାଇଛି ।

## ଜମି ଦୁର୍ନୀତି ମାମଲା: ରବର୍ଟ ଭଦ୍ରାଙ୍କ ନାଁରେ ଇଡିର ଚାର୍ଜସିଟ୍



**ନୂଆଦିଲ୍ଲୀ,୧୭।୭:** ଜମି କିଣାଯିବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ଜମିର ମ୍ୟୁଟେସନ ସ୍କାଇଲାଇଟ୍ ହସ୍ପିଟାଲିଟି ନାମରେ ହୋଇଥିଲା । ଏହା ସାଧାରଣତଃ ତିନି ମାସ ବା ଅଧିକ ସମୟ ନେଇଥାଏ। ଏକ ମାସ ପରେ ହରିୟାଣା ସରକାର ସ୍କାଇଲାଇଟ୍ ହସ୍ପିଟାଲିଟିକୁ ଏହି ଜମିରେ ଏକ ଆବାସିକ ପ୍ରୋଜେକ୍ଟ ବିକାଶ ପାଇଁ ଅନୁମତି ଦେଇଥିଲେ, ଯାହା ଜମିର ମୂଲ୍ୟକୁ ତୁରନ୍ତ ବୃଦ୍ଧି କରିଥିଲା। ଏନଫୋର୍ସମେଣ୍ଟ ଡିରେକ୍ଟୋରେଟ (ଇଡି) ବ୍ୟବସାୟୀ ରବର୍ଟ ଭଦ୍ରାଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିଛି। ହରିୟାଣାର ଗୁରୁଗ୍ରାମର ଶିଖୋପୁର ଗାଁରେ ଏକ ଜମି ଦୁର୍ନୀତି ଓ ମନି ଲଣ୍ଡରିଂ ମାମଲାରେ ଏହି ଚାର୍ଜସିଟ୍ ଦାଖଲ କରାଯାଇଛି। ଏହି ମାମଲା ୨୦୦୮ ମସିହାରେ ରବର୍ଟ ଭଦ୍ରାଙ୍କ କମ୍ପାନୀ ସ୍କାଇଲାଇଟ୍ ହସ୍ପିଟାଲିଟି ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ ହୋଇଥିବା ଏକ ଜମି କାରବାର ସହ ଜଡ଼ିତ। ଏହି ଚାର୍ଜସିଟ୍ ପ୍ରିଭେନସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟଅଧୀନରେ ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟରେ ଦାଖଲ ହୋଇଛି। ଇଡି ଏହି ମାମଲାରେ ରବର୍ଟ ଭଦ୍ରା ଓ ତାଙ୍କ ସମ୍ପର୍କୀୟ ସଂସ୍ଥାଗୁଡ଼ିକ ପ୍ରାୟ ୩୭ କୋଟି ଟଙ୍କାର ୪୩ଟି ଅଚଳ ସମ୍ପତ୍ତି ଜବତ କରିଛି। ୨୦୦୮ ମସିହା ଫେବୃଆରୀରେ ରବର୍ଟ ଭଦ୍ରାଙ୍କ କମ୍ପାନୀ ସ୍କାଇଲାଇଟ୍ ହସ୍ପିଟାଲିଟି ପ୍ରାଇଭେଟ୍ ଲିମିଟେଡ୍ ଗୁରୁଗ୍ରାମର ଶିଖୋପୁର ଗାଁରେ ଅବସ୍ଥିତ ୩.୫୩ ଏକର ଜମି ଓଁକାରେଶ୍ୱର ପ୍ରପର୍ଟିଜ୍ ନାମକ ଏକ କମ୍ପାନୀଠାରୁ ୭.୫ କୋଟି ଟଙ୍କାରେ କିଣିଥିଲା। ଏହି ସମୟରେ ହରିୟାଣାରେ କଂଗ୍ରେସ ନେତା ଭୂପିନ୍ଦର ସିଂ ହୁଡ୍ଡାଙ୍କ ନେତୃତ୍ୱାଧୀନ ସରକାର କ୍ଷମତାରେ ଥିଲା ।

## ହସ୍ପିଟାଲରେ ପଶି କଏଦୀଙ୍କୁ ହତ୍ୟା କଲେ ୫ ଦୁର୍ବୃତ୍ତ



**ପାଟନା,୧୭।୭:** ପାଟନାର ପାରସ ହସ୍ପିଟାଲରେ ଚନ୍ଦନ ନାମକ ଜଣେ ଅପରାଧୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଏହି ଗୁଳିବିନିମୟର ଏକ ଲାଇଭ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ଅପରାଧୀଙ୍କ ଫଟୋ କଏଦ ହୋଇଛି। ସିସିଟିଭି ଫୁଟେଜରେ ଦେଖାଯାଉଛି ଯେ, ପାଞ୍ଚ ଜଣ ଅପରାଧୀ ଆରାମରେ ପାରସ ହସ୍ପିଟାଲରେ ପ୍ରବେଶ କରୁଛନ୍ତି ଏବଂ ଚନ୍ଦନ ରହୁଥିବା ୱାର୍ଡ ଆଡକୁ ଯାଉଛନ୍ତି। ସମସ୍ତ ପାଞ୍ଚ ଜଣ ଅପରାଧୀ ଜଣକ ପରେ ଜଣେ ୱାର୍ଡରେ ପ୍ରବେଶ କରନ୍ତି ଏବଂ ଗୁଳି ଚଳାଇ ତାଙ୍କୁ ହତ୍ୟା କରନ୍ତି। ଭିଡିଓରେ ସମସ୍ତ ଅପରାଧୀଙ୍କ ମୁହଁ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ଏହାର ଅର୍ଥ ହେଉଛି ପୋଲିସ ପାଇଁ ସେମାନଙ୍କୁ ଧରିବା ସହଜ ହେବ। ପାଞ୍ଚ ଜଣ ଅପରାଧୀଙ୍କ ମଧ୍ୟରୁ ଚାରି ଜଣଙ୍କ ମୁଣ୍ଡରେ ଟୋପି ଅଛି। ଆଗରେ ଥିବା ଜଣେ ଅପରାଧୀ ଟୋପି ପିନ୍ଧି ନାହାନ୍ତି। ହତ୍ୟା ପରେ, ସମସ୍ତେ ଆରାମରେ ଘଟଣାସ୍ଥଳରୁ ଗୋଟିଏ ଗୋଟିଏ କରି ଖସି ପଳାଇ ଯାଇଛନ୍ତି। ଭିଡିଓ ଦେଖିଲେ ଏହା ଏକ ଫିଲ୍ମ ପରି। ଭିଡିଓରେ ସ୍ପଷ୍ଟ ଭାବରେ ଦେଖାଯାଉଛି ଯେ, ହତ୍ୟା କରିଥିବା ଅପରାଧୀଙ୍କ ମୁହଁରେ କୌଣସି ଭୟ ନାହିଁ। ୱାର୍ଡ ବାହାର ଦ୍ୱାର ପାଖରେ ପହଞ୍ଚିବା ମାତ୍ରେ ସେମାନେ ଗୋଟିଏ ଗୋଟିଏ କରି ସେମାନଙ୍କର ଅସ୍ତ୍ର ବାହାର କରନ୍ତି। ଆଗରେ ଯାଉଥିବା ଅପରାଧୀ ପ୍ରଥମେ ତାଙ୍କ ଅସ୍ତ୍ର ବାହାର କଲେ। ଏହା ପରେ, ତାଙ୍କ ପଛରେ ଥିବା ଅପରାଧୀମାନେ ସେମାନଙ୍କର ଅସ୍ତ୍ର ବାହାର କଲେ। ଭିଡିଓ ସେୟାର କରି ବିହାର କଂଗ୍ରେସ ଏନ୍‌ଡିଏ ସରକାରଙ୍କୁ ଆକ୍ରମଣ କରିଛି। ଭିଡିଓରେ ଲେଖାଯାଇଛି, 'ବିହାରର 'ଗୁଣ୍ଡା ରାଜ'। ଗତ ୧୭ ଦିନରେ ୪୬ଟି ହତ୍ୟା ହୋଇଛି। ଏବେ ଦୁର୍ବୃତ୍ତମାନେ ରାଜଧାନୀ ପାଟନାର ପାରସ ହସ୍ପିଟାଲରେ ଅସ୍ତ୍ର ଧରି ପ୍ରବେଶ କରି ଗୁଳି କରି ହତ୍ୟା କରିଛନ୍ତି। ଏହି ଭିଡିଓ ଦେଖନ୍ତୁ ଏବଂ ବୁଝନ୍ତୁ ଯେ ବିହାରରେ ଅପରାଧୀମାନେ କେତେ ନିର୍ଭୀକ।

# ଜମ୍ମୁ-କଶ୍ମୀରରେ ପ୍ରବଳ ବର୍ଷା ଓ ଭୂସ୍ଖଳନ

**ଶ୍ରୀନଗର,୧୭।୭:** ଅମରନାଥ ଯାତ୍ରା ଆଜି ପାଇଁ ବନ୍ଦ କରିଦିଆଯାଇଛି । ଏହି ଯାତ୍ରା ପହଲଗାମ ଏବଂ ବାଲତାଲ ଦୁଇଟି ଯାକ ବେସ କ୍ୟାମ୍ପରୁ ରୋକି ଦିଆଯାଇଛି। ଗତ ଦୁଇଦିନ ହେଲାଣି ଲଗାତାର ବର୍ଷା ହେଉଛି, ଏଥିପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି । ଜମ୍ମୁ କଶ୍ମୀର ସୂଚନା ବିଭାଗ ସୂଚନା ଦେଇଛି ।

ପ୍ରବଳ ବର୍ଷା ଯୋଗୁଁ ରାସ୍ତା ଅବସ୍ଥା ଭଲ ନାହିଁ । ପ୍ରଶାସନିକ ଅଧିକାରୀ ରାସ୍ତାକୁ ଠିକ୍ କରିବା ପାଇଁ କାମ ଜାରି ରଖିଛନ୍ତି । ମାର୍ଗର ଅନେକ ସ୍ଥାନରେ ଭୂସ୍ଖଳନ ହୋଇଛି। ବାଲତାଲ ରୁଟରେ ଭୂସ୍ଖଳନ ଯୋଗୁଁ ୧୦ ଜଣ ତୀର୍ଥଯାତ୍ରୀ ଆହତ ହୋଇଛନ୍ତି । ଅନେକ ତୀର୍ଥଯାତ୍ରୀ ବନ୍ୟାରେ ମଧ୍ୟ ଫସି ରହିଛନ୍ତି । ଏହି




କାରଣରୁ ଆଜି ଅର୍ଥାତ୍ ଗୁରୁବାର ଅମରନାଥ ଯାତ୍ରା ସ୍ଥଗିତ ରହିବ । ଆଜି ଜମ୍ମୁ ବେସ୍ କ୍ୟାମ୍ପ ବାହାରକୁ ଯାତ୍ରା ଆଗକୁ ବଢ଼ିବ ନାହିଁ ବୋଲି ସୂଚନା ମିଳିଛି ।

ଅମରନାଥ ଯାତ୍ରା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏପର୍ଯ୍ୟନ୍ତ ଅଢ଼େଇ ଲକ୍ଷରୁ ଅଧିକ ଭକ୍ତ ବାବା ବର୍ଫାନୀଙ୍କ ଦର୍ଶନ କରିଛନ୍ତି । ଜୁଲାଇ ୧ ରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ଅମରନାଥ ଯାତ୍ରା ରୁଟକୁ 'ନୋ ଫ୍ଲାଇଂ ଜୋନ୍' ଘୋଷଣା କରାଯାଇଛି । ଯେଉଁଥିରେ ଡ୍ରୋନ୍, ୟୁଏଭି ଏବଂ ବେଲୁନ୍ ନିଷେଧ କରାଯାଇଛି । ପାଣିପାଗ ବିଭାଗ ଏହି ଅଞ୍ଚଳରେ ପ୍ରବଳ ବର୍ଷାର ସତର୍କତା ମଧ୍ୟ ଜାରି କରିଛି । ତୀର୍ଥଯାତ୍ରୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

ଜମ୍ମୁ କଶ୍ମୀର ଜନସଂପର୍କ ବିଭାଗ ଏକ ବୟାନ ଜାରି କରିଛି ଯେ, ଗତ ଦୁଇଦିନ ହେଲାଣି ଲଗାତାର ବର୍ଷା ହେଉଛି । ଏଥିପାଇଁ ରାସ୍ତା ଅବସ୍ଥା ବହୁତ ଖରାପ ରହିଛି । ରାସ୍ତାକୁ ମରାମତି କରିବା ଜରୁରୀ । ବିଆର୍‌ଓ ପକ୍ଷରୁ ଲୋକମାନେ ଏବଂ ମେସିନ କାମରେ ଲାଗିଛନ୍ତି । ଆସନ୍ତାକାଲି ସୁଦ୍ଧା ରାସ୍ତା କାମ ହୋଇଯିବ। ଏହାପରେ ବେସ କ୍ୟାମ୍ପରୁ ଯାତ୍ରା ଆରମ୍ଭ ହେବ ।

# ଭାରତୀୟ ଫୁଟ୍‌ବଲ୍‌କୁ ନେଇ ଛେତ୍ରୀ ଚିନ୍ତିତ

## ଅନିଶ୍ଚିତତାରେ ଆଇଏସ୍‌ଏଲ୍



ନୂଆଦିଲ୍ଲୀ, ୧୭।୭: ଭାରତବର୍ଷର ଶୀର୍ଷ ମାନ୍ୟତାପ୍ରାପ୍ତ ପେସାଦାର ଫୁଟ୍‌ବଲ୍ ଲିଗ୍ 'ଆଇଏସ୍‌ଏଲ୍' ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ହୋଇଯାଇଛି। ସମଗ୍ର ଫୁଟ୍‌ବଲ୍ କ୍ରୀଡ଼ାମଣ୍ଡଳ ଏଥିନେଇ ଚିନ୍ତିତ, ଦୁଃଖିତ ଓ ଭୟଭୀତ। ବ୍ୟକ୍ତିଗତ ଭାବେ ମୁଁ ବି ବହୁତ ଚାପରେ ଅଛି। ଦେଶରେ ଫୁଟ୍‌ବଲ୍‌ର ଭବିଷ୍ୟତ ନେଇ ସୃଷ୍ଟି ହୋଇଥିବା ଅନିଶ୍ଚିତତା ନେଇ ଦିନକୁ ଶହ ଶହ ଫୋନ୍ କଲ୍ ଓ ମେସେଜ୍ ପାଉଛି। ସମସ୍ତେ ଭାରତୀୟ ଫୁଟ୍‌ବଲ୍‌ର ଭବିଷ୍ୟତ କ'ଣ ବୋଲି ପ୍ରଶ୍ନ କରୁଛନ୍ତି। ଭାରତରେ ସଂପ୍ରତି ବିଶ୍ୱର ସବୁଠାରୁ ଲୋକପ୍ରିୟ କ୍ରୀଡ଼ା 'ଫୁଟ୍‌ବଲ୍'ର ସାଂପ୍ରତିକ ସ୍ଥିତିକୁ ନେଇ ଘୋର ଚିନ୍ତା ଜାହିର କରି ପୂର୍ବତନ ଅଧିନାୟକ ତଥା ଭାରତ ପକ୍ଷରୁ ସର୍ବାଧିକ ଅନ୍ତର୍ଜାତୀୟ ଗୋଲ୍ ଦେଇଥିବା ସୁନୀଲ ଛେତ୍ରୀ ଏହା କହିଛନ୍ତି। ଆଇଏସ୍‌ଏଲ୍‌ରେ ବେଙ୍ଗାଲୁରୁ ଏଫ୍‌ସିର ପ୍ରତିନିଧିତ୍ୱ କରୁଥିବା ଛେତ୍ରୀ ନିଜ 'ଏକ୍ସ' ପୃଷ୍ଠାରେ ଲେଖିଛନ୍ତି, ଭାରତୀୟ ଫୁଟ୍‌ବଲ୍‌ର ସ୍ଥିତି ଅତ୍ୟନ୍ତ ଦୟନୀୟ। ମୋ ପାଖକୁ ଏଥିନେଇ ଖେଳାଳି, ପ୍ରଶିକ୍ଷକ, ଅଧିକାରୀ ଏପରିକି ପଡ଼ିଆ କର୍ମଚାରୀଙ୍କଠାରୁ ଶହ ଶହ ଫୋନ୍ କଲ୍ ଓ ମେସେଜ୍ ଆସୁଛି। ଭାରତୀୟ ଫୁଟ୍‌ବଲ୍ ସହ ସଂପର୍କ ଥିବା ପ୍ରତିଟି ବ୍ୟକ୍ତି ଏବେ ଘୋର ଅବସାଦରେ ଅଛନ୍ତି। ସୂଚନାଯୋଗ୍ୟ ଯେ ସର୍ବଭାରତୀୟ ଫୁଟବଲ୍ ମହାସଂଘ ଏବଂ ଆଇଏସ୍‌ଏଲ୍‌ର ଆୟୋଜକଙ୍କ ମଧ୍ୟରେ ଏପର୍ଯ୍ୟନ୍ତ ମାଷ୍ଟର୍ସ ରାଇଟ୍‌ସ ଏଗ୍ରିମେଣ୍ଟ୍ ବା ଏମ୍‌ଆର୍‌ଏ ସ୍ୱାକ୍ଷର ହୋଇ ନଥିବାରୁ ଆଇଏସ୍‌ଏଲ୍‌ର ୨୦୨୬ ସଂସ୍କରଣକୁ ସ୍ଥଗିତ କରି ଦିଆଯାଇଛି। ଆଇଏସ୍‌ଏଲ୍ ସାଧାରଣତଃ ସେପ୍ଟେମ୍ବରରୁ ଏପ୍ରିଲ୍ ମଧ୍ୟରେ ଖେଳାଯାଉଥିଲା ବେଳେ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ଚୁକ୍ତି ଡିସେମ୍ବର ୮ ତାରିଖରେ ଶେଷ ହୋଇଯାଉଛି। ସେତେବେଳକୁ ଆଇଏସ୍‌ଏଲ୍ ତା'ର ତୃତୀୟ ମାସରେ ଥିବ। ଆୟୋଜକଙ୍କ ସହ ଚୁକ୍ତିର ନୂଆ ସର୍ତ୍ତକୁ ନେଇ କୌଣସି ଆଲୋଚନା ନକରିବାକୁ ଏଆଇଏଫ୍‌ଏଫ୍‌କୁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଏହି କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ଭାବେ ଉଭା ହୋଇଛି।

# କୋହଲି-ରୋହିତଙ୍କ ବିଦାୟ ନେଇ ମୁହଁ ଖୋଲିଲା ବିସିସିଆଇ



ମୁମ୍ବାଇ, ୧୭।୭: ଭାରତୀୟ କ୍ରିକେଟ୍‌ର ଦୁଇ ମହାରଥୀ ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ କ୍ରିକେଟ୍‌ରୁ ଅଚାନକ ସନ୍ନ୍ୟାସ ନେବା ଘଟଣାରେ ପ୍ରଥମ ଥର ମୁହଁ ଖୋଲିଛି ବିସିସିଆଇ। ଏଥିନେଇ ସୃଷ୍ଟି ହୋଇଥିବା କଳ୍ପନାଜଳ୍ପନା, ଅଙ୍କକଷା ଓ ବିତର୍କ ଉପରେ ବିରାମ ଲଗାଇବାକୁ ଯାଇ ବୋର୍ଡର ବରିଷ୍ଠ ଉପସଭାପତି ରାଜୀବ ଶୁକ୍ଲା କହିଛନ୍ତି ଯେ ଅବସର ନିଷ୍ପତ୍ତି ସଂପୂର୍ଣ୍ଣ ଭାବେ ସେମାନଙ୍କର (କୋହଲି ଓ ରୋହିତଙ୍କର) ବ୍ୟକ୍ତିଗତ ନିଷ୍ପତ୍ତି ଥିଲା। ଆମେ ସେମାନଙ୍କୁ ଅବସର ନେବାକୁ କେବେବି କହି ନଥିଲୁ। କୋହଲି ଓ ରୋହିତଙ୍କୁ ଅବସର ନେବାକୁ ବିସିସିଆଇ ବାଧ କରିଥିବା ଖବରକୁ ଦୃଢ଼ ହସ୍ତରେ ଖଣ୍ଡନ କରିଛନ୍ତି ସେ। ସମସ୍ତ ନକାରାତ୍ମକ ଚର୍ଚ୍ଚାକୁ ଦୂର କରିବାକୁ ଯାଇ ସେ ଆହୁରି କହିଛନ୍ତି, ମୁଁ ଏଠାରେ ପ୍ରଥମ ଓ ଶେଷ ଥର ପାଇଁ ସ୍ପଷ୍ଟ କରିଦେବାକୁ ଚାହେ ଯେ ଆମେ ରୋହିତ ଓ କୋହଲିଙ୍କ ଅନୁପସ୍ଥିତିକୁ ଅନୁଭବ କରୁଛୁ। ହେଲେ ସେମାନଙ୍କ ନିଷ୍ପତ୍ତି ସେମାନେ ନିଜେ ନେଇଥିଲେ। ବିସିସିଆଇ ନୀତିଗତ ଭାବେ କୌଣସି ଖେଳାଳିଙ୍କୁ କେବେ ଓ କେଉଁ ଫର୍ମାଟ୍‌ରୁ ଅବସର ନେବା କଥା କେବେ କହେ ନାହିଁ। ଏହି ନିଷ୍ପତ୍ତି ଖେଳାଳିମାନଙ୍କର ନିଜସ୍ୱ ହୋଇଥାଏ। ଉଭୟ ଜଣେ ଜଣେ ମହାନ ଖେଳାଳି। ଭଲ କଥା ହେଲା ସେମାନେ ଦିନିକିଆ କ୍ରିକେଟ୍‌ରେ ଦେଖିବାକୁ ମିଳିବେ। ଭାରତୀୟ ଟେଷ୍ଟ ଦଳ ଏବେ ପରିବର୍ତ୍ତନ ବେଳାରେ ରହିଛି। ଆଗାମୀ ସମୟରେ ଦଳ ନିଶ୍ଚିତ ଭାବେ ତା'ର ପ୍ରଦର୍ଶନରେ ଆହୁରି ଉନ୍ନତି ଆଣିବ।

# ବ୍ରୁକ୍‌ଙ୍କୁ ଏକ ନମ୍ବରରୁ ହଟାଇଲେ ରୁଟ୍

## ଷଷ୍ଠରୁ ନବମକୁ ଖସିଲେ ଗିଲ୍



ଦୁବାଇ, ୧୭।୭: ଲର୍ଡସ୍ ଟେଷ୍ଟର ପ୍ରଥମ ପାଳିରେ ୧୦୪ ଏବଂ ଦ୍ୱିତୀୟରେ ଲଢ଼ୁଆ ୪୦ ରନ୍ କରିବା ପରେ ଇଂଲଣ୍ଡର ପୁରୁଖା ବ୍ୟାଟର୍ ଜୋ ରୁଟ୍ ନିଜ ଦେଶର ହ୍ୟାରି ବ୍ରୁକ୍‌ଙ୍କୁ ହଟାଇ ଆଇସିସି ଟେଷ୍ଟ ମାନ୍ୟତାରେ ଶୀର୍ଷ ସ୍ଥାନ ଦଖଲ କରି ନେଇଛନ୍ତି। ଏହି ସ୍ଥାନରେ ଅଷ୍ଟମ ଥର ପାଇଁ ପହଞ୍ଚିଛନ୍ତି ସେ। ସେହିଭଳି ୨୦୧୪ ଡିସେମ୍ବର ମାସରେ ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ କୁମାର ସାଙ୍ଗାକାରା ୩୭ବର୍ଷ ବୟସରେ ଆଇସିସି ଟେଷ୍ଟ ବ୍ୟାଟର୍ ମାନ୍ୟତାର ପ୍ରଥମ ସ୍ଥାନରେ ରହିବା ପରେ ୩୪ ବର୍ଷୀୟ ରୁଟ୍ ବୟୋଜ୍ୟେଷ୍ଠ ହୋଇଛନ୍ତି। ୱେଷ୍ଟଇଣ୍ଡିଜ୍ ବିପକ୍ଷ ଜାମାଇକା ଟେଷ୍ଟରେ ୪୮ ରନ୍ କରିବା ପରେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ମଧ୍ୟ ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନରେ ପହଞ୍ଚି ଯାଇଛନ୍ତି। ସେ ଟିମ୍ ଇଣ୍ଡିଆର ଯୁବ ଓପନର୍ ଯଶସ୍ୱୀ ଜୟସ୍ୱାଲଙ୍କ ଗୋଟିଏ ସ୍ଥାନ ଉପରେ ରହିଛନ୍ତି। ଲର୍ଡସ୍ ଟେଷ୍ଟର ଉଭୟ ପାଳିରେ ବିଫଳ ହେବା ପରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଷଷ୍ଠରୁ ନବମ ସ୍ଥାନକୁ ଖସି ଯାଇଛନ୍ତି। ଏହି ମ୍ୟାଚ୍‌ର ପ୍ରଥମ ପାଳିରେ ୭୪ ରନ୍ କରିବା ସତ୍ତ୍ୱେ ଭାରତୀୟ ଉପଅଧିନାୟକ ଋଷଭ ପନ୍ତ ମଧ୍ୟ ସପ୍ତମରୁ ଅଷ୍ଟମରେ ପହଞ୍ଚିଛନ୍ତି। ଶତକ ହାସଲକାରୀ କେଏଲ୍ ରାହୁଲ ଏବଂ ଉଭୟ ପାଳିରେ ଅର୍ଦ୍ଧଶତକ ଅର୍ଜନ କରିଥିବା ରବୀନ୍ଦ୍ର ଜାଡ଼େଜା ଯଥାକ୍ରମେ ୩୪ ଓ ୩୫ତମ ସ୍ଥାନକୁ ଉଠିଛନ୍ତି। ଭାରତୀୟ ବୋଲର୍‌ଙ୍କ ମଧ୍ୟରେ ୱାସିଂଟନ୍ ସୁନ୍ଦର ୧୨ସ୍ଥାନ ଲମ୍ଫ ମାରି ୪୬ତମ ସ୍ଥାନରେ ରହିଛନ୍ତି।

## ପ୍ରଥମ ଯୁବ ଟେଷ୍ଟ

# ପରାଜୟରୁ ବର୍ତ୍ତିଲା ଇଂଲଣ୍ଡ

ବେକେନହାମ୍, ୧୭।୭: ଏଠାରେ ଖେଳାଯାଇଥିବା ଭ୍ରମଣକାରୀ ଭାରତ ବିପକ୍ଷ ପ୍ରଥମ ୧୯ ବର୍ଷରୁ କମ୍ (ଯୁବ) ଟେଷ୍ଟରେ ପରାଜୟରୁ ବର୍ତ୍ତିଯାଇଛି ଘରୋଇ ଇଂଲଣ୍ଡ। ଶେଷ ଦିନରେ ଇଂଲଣ୍ଡ ସମ୍ମୁଖରେ ୩୫୦ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ପ୍ରଥମ ୩ ୱିକେଟ୍ ୫୭ ରନ୍‌ରେ ଅକ୍ତିଆର କରି ଭାରତ ବିଜୟ ସୁଯୋଗ ସୃଷ୍ଟି କରିଥିଲା। ହେଲେ ମଧ୍ୟଭାଗରେ ଅଧିନାୟକ ହାମ୍‌ଜା ସେଖ (୧୧୨) ଶତକ ଏବଂ ବେନ୍ ମୟାସ (୫୧) ଓ ଥୋମାସ ରିଉ (୫୦) ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିଥିଲା। ମ୍ୟାଚ୍ ଶେଷ ବେଳକୁ ଦଳ ୨୭୦/୭ କରି ପରାଜୟ ବର୍ତ୍ତିବା ସହ ଡ୍ର' ରଖିଥିଲା। ଭାରତ ପକ୍ଷରୁ ଆର୍‌ଏସ୍ ଅମ୍ବ୍ରିସ ୨ ଏବଂ ବିହାନ ମାଲହୋତ୍ରା, ଅନମୋଲଜିତ ସିଂହ ଓ ଦୀପେଶ ଦେବେନ୍ଦ୍ରନ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଆୟୁଷ ମହାତ୍ରେ (୧୦୨)ଙ୍କ ଶତକ, ଅଭିଜ୍ଞ କୁଣ୍ଡୁ (୯୦), ରାହୁଲ କୁମାର (୮୫), ଅମ୍ବ୍ରିସ (୭୦) ଓ ବିହାନ (୬୭)ଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମ ପାଳିରେ ଭାରତ ୫୪୦ ରନ୍ କରିଥିଲା। ଜବାବରେ ଇଂଲଣ୍ଡ ୪୩୯ ରନ୍ କରି ୧୦୧ ରନ୍‌ରେ ପଛୁଆ ରହିଥିଲା।

# ଦୟାଲଙ୍କ ଗିରଫ୍‌ଦାରୀ ଉପରେ ରହିତାଦେଶ

ନୂଆଦିଲ୍ଲୀ, ୧୭।୭: ୫ ବର୍ଷ ଧରି ଜଣେ ମହିଳାଙ୍କୁ ଯୌନ ଶୋଷଣ ଦେଉଥିବା ମାମଲାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ବୋଲର ଯଶ୍ ଦୟାଲଙ୍କୁ ଆଶ୍ୱସ୍ତି ମିଳିଛି। ଏହି ମାମଲାରେ ଆହ୍ଲାବାଦ ହାଇକୋର୍ଟ ମଙ୍ଗଳବାର ଯଶ୍ ଦୟାଲଙ୍କୁ ଗିରଫ୍‌ଦାରୀ ଉପରେ ରହିତାଦେଶ ଦେଇଛନ୍ତି। ଜଷ୍ଟିସ୍ ସିଦ୍ଧାର୍ଥ ବର୍ମା ଓ ଜଷ୍ଟିସ୍ ଅନିଲ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଗାମୀ ତାରିଖ ପର୍ଯ୍ୟନ୍ତ ଯଶ୍‌ଙ୍କୁ ଗିରଫ ନ କରିବାକୁ ଆଦେଶ ଦେଇଛନ୍ତି। ବିବାହ ପ୍ରତିଶ୍ରୁତି ଦେଇ ୫ ବର୍ଷ ଧରି ସମ୍ପର୍କ ରଖିବା ପରେ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇଥିବା ନେଇ ଜଣେ ମହିଳା ଗାଜିଆବାଦର ଇନ୍ଦିରାପୁରମ ପୁଲିସ ଷ୍ଟେସନ୍‌ରେ ୨୭ ବର୍ଷୀୟ ଯଶ୍‌ଙ୍କ ବିରୋଧରେ ଅଭିଯୋଗ କରିଥିଲେ।

## ସାହାଣୀ କପ୍ ଫୁଟ୍‌ବଲ୍ ଉଦ୍‌ଘାଟିତ

# ସମ୍ବଲପୁର, ବୌଦ୍ଧ, ଝାରସୁଗୁଡ଼ା ଓ ଭଦ୍ରକ ବିଜୟୀ





**କଟକ/ବ୍ରହ୍ମପୁର, ୧୭।୭ (ସଂଚାର ବ୍ୟୁରୋ):** ଓଡ଼ିଶା ଫୁଟ୍‌ବଲ୍ ସଂଘ (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଫୁଟବଲ୍ ପ୍ରତିଯୋଗିତା 'ସାହାଣୀ କପ୍' ବୁଧବାରଠୁ ଓଡ଼ିଶାର ୪ଟି ଜୋନ୍‌ରେ ଉଦ୍‌ଘାଟିତ ହୋଇଛି। ବୌଦ୍ଧ ଜୋନ୍‌ରେ ସମ୍ବଲପୁର ୩-୦ ଗୋଲ୍‌ରେ କନ୍ଧମାଳକୁ ଏବଂ ବୌଦ୍ଧ ୧-୦ରେ ନୂଆପଡ଼ାକୁ ପରାସ୍ତ କରିଛି। ସେହିପରି କେନ୍ଦ୍ରାପଡ଼ା ଜୋନ୍‌ରେ ଝାରସୁଗୁଡ଼ା ୨-୧ ଗୋଲ୍‌ରେ ଜଗତସିଂହପୁରକୁ ଏବଂ ଭଦ୍ରକ ୨-୦ରେ କେନ୍ଦ୍ରାପଡ଼ାକୁ ହରାଇଛି। କେନ୍ଦୁଝର ଜୋନ୍‌ରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ୪-୧ ଗୋଲ୍‌ରେ ଯାଜପୁରକୁ ଏବଂ କେନ୍ଦୁଝର ୧-୦ ଗୋଲ୍‌ରେ ଅନୁଗୁଳକୁ ପରାସ୍ତ କରିଛି। ବ୍ରହ୍ମପୁର ଜୋନ୍‌ରେ ଭୁବନେଶ୍ୱର ୩-୦ ଗୋଲ୍‌ରେ ନବରଙ୍ଗପୁରକୁ ପରାସ୍ତ କରିଥିବା ବେଳେ ଗଞ୍ଜାମ-ଗଜପତି ମ୍ୟାଚ୍‌ଟି ଗୋଲଶୂନ୍ୟ ଅମୀମାଂସିତ ରହିଛି। ଫାଓ ପକ୍ଷରୁ ୪ଟି ଜୋନ୍‌ରେ ଭିନ୍ନଭିନ୍ନ ଭାବେ ଉଦ୍‌ଘାଟନୀ ସମାରୋହ ଆୟୋଜିତ ହୋଇଥିଲା। କେନ୍ଦୁଝର ଜୋନ୍‌ରେ କେନ୍ଦୁଝର ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ସଂଘ ସଭାପତି ବିଶାଳ ସିଂହ, ସାହାଣୀ କପ୍ ଆବାହକ ଗଣେଶ୍ୱର ମହନ୍ତ, କେନ୍ଦୁଝର ଏସ୍‌ପି ନୀତିନ୍ କୌଶଳ କର, ଡିଏଫ୍‌ଓ ଏଚ୍‌ଡି. ଧନକର, ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ, 'ଫାଓ' ଉପସଭାପତି ଦିଲୀପ ସାହୁ, ଯୁଗ୍ମସଂପାଦକ ବିଶ୍ୱରଞ୍ଜନ ଘଡ଼େଇ, କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକ ଜନାର୍ଦ୍ଦନ ଦାସ, ଉପସଭାପତି ସୁରେଶ କୁମାର ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ମହାନ୍ତ, କେନ୍ଦ୍ରାପଡ଼ା ଜୋନ୍‌ରେ ଅତିଥି ଭାବେ ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ାର ଅତିରିକ୍ତ ଏସ୍‌ପି ଦେବାଶିଷ ଧଳ, ରାଜକନିକା ତହସିଲଦାର ଭାନୁମତି ମାଝି, 'ଫାଓ' ଉପସଭାପତି ବିଜୟ ଦାସ, ସହଦେବ ରାଉତ, କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକ ଏସ୍‌ଡି ଆକ୍‌ମଲ ଅଲୀ, କୃଷ୍ଣଚନ୍ଦ୍ର ପଣ୍ଡା, ବ୍ରହ୍ମପୁର ଜୋନ୍‌ରେ ବ୍ରହ୍ମପୁର ଏସ୍‌ପି ସୁବର୍ଣ୍ଣ ବିବେକ, 'ଫାଓ' କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ସଦସ୍ୟ ନବକିଶୋର ମିଶ୍ର, ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକ ଜେ. କାମେଶ୍ୱର ରାଓ, ସହସଂପାଦକ ଜି. ମନ୍ମଥ ବାବୁ, ବୌଦ୍ଧ ଜୋନ୍‌ରେ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ବୌଦ୍ଧ ଏଡିଏମ୍ ଅନିରୁଦ୍ଧ ପ୍ରଧାନ, ବୌଦ୍ଧ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାନ୍ନା, ବ୍ଲକ୍ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ବୌଦ୍ଧ ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକ ଯୁଗଳ କିଶୋର ସାମଲ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅଗ୍ନି-୧...

ଯୁଦ୍ଧାସ୍ତ୍ର କରାଯାଇପାରୁଥିବା ବେଳେ ଏହାକୁ ଯେ କୌଣସି ସ୍ଥାନରୁ ମୋବାଇଲ ଲଂଚର ମାଧ୍ୟମରେ ଉତକ୍ଷେପଣ କରାଯାଇପାରିବ। କ୍ଷେପଣାସ୍ତ୍ରର ଶକ୍ତିଶାଳୀ ନିୟୋଜନ ବ୍ୟବସ୍ଥା ଯୋଗୁଁ ଶତ୍ରୁପକ୍ଷ ଏହାକୁ ସହଜରେ ଟାର୍ଗେଟ୍ କରିପାରିବ ନାହିଁ । ଅଗ୍ନି-୧ ଭାରତର ଆଣବିକ ରକ୍ଷା ଶକ୍ତିର ବ୍ୟବସ୍ଥିତ ଯୁଦ୍ଧାସ୍ତ୍ର ଭାବେ ପରିଗଣିତ ହୋଇଛି। ଗତ ୨୦୦୨ରେ ଏହି କ୍ଷେପଣାସ୍ତ୍ରର ପ୍ରଥମ ପରୀକ୍ଷଣ ହୋଇଥିବା ବେଳେ ୨୦୦୭ ମସିହାରେ ଏହା ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡରେ ସାମିଲ ହୋଇଥିଲା। ଲକ୍ଷ୍ୟଭେଦ କ୍ଷମତା ହିସାବରେ ପୃଥିବୀ - ୨ ଓ ଅଗ୍ନି - ୨ କ୍ଷେପଣାସ୍ତ୍ର ମଧ୍ୟରେ ଥିବା ଶୂନ୍ୟସ୍ଥାନ ପୂରଣରେ ଅଗ୍ନି -୧ ଅତ୍ୟନ୍ତ ସଠିକ ମାନକରେ କାର୍ଯ୍ୟ ସମ୍ପାଦନ କରେ ।

ସେହିପରି ସଳଫତାର ପରୀକ୍ଷଣ ହୋଇଥିବା ସ୍ୱଳ୍ପ ଦୂରଗାମୀ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ପୃଥିବୀ - ୨ ମଧ୍ୟ ଆଣବିକ ଯୁଦ୍ଧାସ୍ତ୍ର ବାହକ କ୍ଷମତା ରହିଛି । ୩୫୦କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କ୍ଷମତା ରହିଥିବା ସ୍ଥଳ ଭାଗରୁ ସ୍ଥଳ ଭାଗକୁ ନିକ୍ଷେପ ହେଉଥିବା ଏହି କ୍ଷେପଣାସ୍ତ୍ରରେ ଲିକ୍ୟୁଡ ପ୍ରୋପୁଲସନ ଟୁଇନ ଇଞ୍ଜିନ ରହିଛି । ଅତ୍ୟନ୍ତ ଆଧୁନିକ ସ୍ୱଦେଶୀ ଜ୍ଞାନକୌଶଳ ଯୁକ୍ତ ଆନ୍ତରିକ ମାର୍ଗଦର୍ଶନ ଏବଂ ଯୁକ୍ତିପୂର୍ଣ୍ଣ ପ୍ରକ୍ଷେପ ପଥ ସଂଚାଳନ ବ୍ୟବସ୍ଥା ରହିଛି । ଏହି ପରୀକ୍ଷଣ ଦେଶର ଯୁଦ୍ଧକାଳୀନ ପ୍ରସ୍ତୁତି ତଥା ବିଭିନ୍ନ ଯୁଦ୍ଧ ଉପକରଣର କାର୍ଯ୍ୟଦକ୍ଷତା ଓ ବିଶ୍ୱାସନୀତା ଯାଂଚ ପାଇଁ ହୋଇଥିଲା । ଏଥିରେ ଦେଶର ରଣନୀତିକ ଦକ୍ଷତା ପ୍ରଦର୍ଶିତ ହୋଇପାରିଛି । ଦୁଇ କ୍ଷେପଣାସ୍ତ୍ର ସଫଳ ପରୀକ୍ଷଣରେ ସମସ୍ତ ସଂଚାଳନ ଓ ଯାନ୍ତ୍ରିକ ମାନଦଣ୍ଡ ପୂରଣ ହୋଇଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ୫ଜଣିଆ ...

ଭାବେ ଆହତ ହୋଇଥିଲେ। ଘଟଣା ସମ୍ପର୍କରେ କ୍ରାଇମ୍ ବ୍ରାଞ୍ଚ୍ ଟିମ୍ ଜ୍ୟୋତି ପ୍ରକାଶଙ୍କ ମା'ଙ୍କୁ ମଧ୍ୟ ପଚରାଉଚରା କରିଛି। ସୂଚନାଯୋଗ୍ୟ ଯେ ଘଟଣାର ସମ୍ବେଦନଶୀଳତାକୁ ହୃଦ୍‌ବୋଧ କରି ଗତକାଲି ସରକାର ଏହି ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମ୍ ବ୍ରାଞ୍ଚକୁ ଦେଇଥିଲେ। ଏହି ନିଷ୍ପତ୍ତି ପରେ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ତଦନ୍ତ ଗ୍ରହଣ କରିଥିଲେ।

ସେହିପରି ଆଜି କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସମସ୍ତ ସଦସ୍ୟଙ୍କୁ ତଦନ୍ତ କମିଟି ନିକଟରେ ହାଜର ହେବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କୁ ଆସନ୍ତାକାଲି ଓ ୧୯ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ କୁହାଯାଇଛି। ଏଫ୍‌ଏମ୍ କଲେଜରେ ହାଜର ହୋଇ ନିଜ ନିଜ ପକ୍ଷ ରଖିବା ସକାଶେ ବାଲେଶ୍ୱର ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏପରି ନିର୍ଦ୍ଦେଶନାମା ଜାରି ହୋଇଛି। ଏହାଛଡ଼ା ଆହତ ଜ୍ୟୋତିପ୍ରକାଶଙ୍କୁ ଛାଡ଼ି ଅନ୍ୟ ୯ ଜଣଙ୍କୁ ବି ହାଜର ହେବାକୁ କୁହାଯାଇଛି। ଆଇସିସି ସଦସ୍ୟଙ୍କୁ ଏ ସଂକ୍ରାନ୍ତରେ ସୂଚନା ଦେବା ସକାଶେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ନିକଟକୁ ଏ ସଂକ୍ରାନ୍ତ ନିର୍ଦ୍ଦେଶ ପଠାଯାଇଛି। ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ କମିଟି ସେମାନଙ୍କୁ ପଚରାଉଚରା କରି ଘଟଣା ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ ଉଦ୍ୟମ କରିବେ।

ଅନ୍ୟପକ୍ଷରେ ଅଧ୍ୟାପକଙ୍କ ନିର୍ଯାତନାରେ ଜୀବନ ହାରିଥିବା ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ବାପା ଅଧ୍ୟକ୍ଷଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ସେ ଝିଅର ମୃତ୍ୟୁ ପାଇଁ ସିଧାସଳଖ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ଦାୟୀ କରିଛନ୍ତି। ସେ କ୍ରମାଗତ ଭାବେ ମାନସିକ ଚାପ ସୃଷ୍ଟି କରିଥିବାରୁ ଆଜି ତାଙ୍କ ଝିଅ ତାଙ୍କ ପାଖରେ ନାହିଁ ବୋଲି କହିଛନ୍ତି। ତାଙ୍କ କହିବା କଥା ଯେ ଝିଅ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ଆଣିବା ପରେ ତାକୁ ବାରମ୍ବାର ଅପମାନିତ କରିବାକୁ ଉଦ୍ୟମ ହେଉଥିଲା। ବିଭିନ୍ନ ସ୍ତରରେ ତାଙ୍କୁ ମାନସିକ ଭାବେ ନିର୍ଯାତନା ଭୋଗିବାକୁ ପଡୁଥିଲା। ଏସବୁ ଦୃଷ୍ଟିରୁ ସେ ଝିଅକୁ ଅନ୍ୟ କଲେଜକୁ ସ୍ଥାନାନ୍ତର କରିବା ସକାଶେ ଅଧ୍ୟକ୍ଷଙ୍କ ପାଖରେ ପହଞ୍ଚି ଟିସି ପାଇଁ ଦାବି କରିଥିଲେ। କିନ୍ତୁ ସେତେବେଳେ ଅଧ୍ୟକ୍ଷ ତାଙ୍କୁ ଭରସା ରଖିବାକୁ ପରାମର୍ଶ ଦେଇଥିଲେ। ତଦନ୍ତ ରିପୋର୍ଟ ଆସିବା ପରେ ନିଶ୍ଚିତ ଭାବେ କିଛି ପଦକ୍ଷେପ ନେବେ ବୋଲି ମଧ୍ୟ ଭରସା ଦେଇଥିଲେ। କିନ୍ତୁ ସେ ନିଜ କଥା ନ ରଖି ସମ୍ପୃକ୍ତ ଅଧ୍ୟାପକଙ୍କ ବୋଲକରା ହୋଇ ମୋ ଝିଅକୁ କାର୍ଯ୍ୟାନୁଷ୍ଠାନ ଧମକ ଦେଇଥିବା ତା'ର ସାଙ୍ଗମାନଙ୍କଠାରୁ ଶୁଣିବାକୁ ପାଇଥିଲି। ଏପରିକି ତାଙ୍କ ଝିଅକୁ ଅଭିଯୋଗ ପ୍ରତ୍ୟାହାର କରିବା ସକାଶେ ସେ ଚାପ ସୃଷ୍ଟି କରିବା ସହ ମିଡିଆ ଓ ସମ୍ପୃକ୍ତ ଅଧ୍ୟାପକଙ୍କ କ୍ଷମା ପ୍ରାର୍ଥନା କରିବାକୁ ବି କହିଥିଲେ। ନଚେତ୍ କଲେଜରୁ ତାଙ୍କୁ ବହିଷ୍କାର କରିବା ଭଳି ଧମକ ବି ଶ୍ରୀ ଘୋଷ ଦେଇଥିଲେ ବୋଲି ପୀଡ଼ିତା ଛାତ୍ରୀଙ୍କ ବାପା ଆଜି ଅଭିଯୋଗ କରିଛନ୍ତି।

## ସୁଶାସନ...

ଏବଂ ଅନୁଧ୍ୟାନ ପ୍ରଣାଳୀ (ସିପିଗ୍ରାମ୍ସ) ଏବଂ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଭଳି ଅନେକ ପଦକ୍ଷେପ ଅଭିନବ ପ୍ରଶାସନିକ ସଂସ୍କାରର ବିଶ୍ୱ ମଡେଲ ରୂପେ ବିକଶିତ ହୋଇଛି ବୋଲି ଡକ୍ଟର ସିଂହ ସୂଚାଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକକୈନ୍ଦ୍ରିକ, ପ୍ରଯୁକ୍ତିବିଦ୍ୟା ପରିଚାଳିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରଶାସନ ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୃଢ଼ ଭାବେ ବ୍ୟକ୍ତ କରିବା ସହ ସୁଶାସନ ଲୋକଙ୍କ ବିଶେଷ ଅଧିକାର ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ହକ୍ ଓ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟ ବୋଲି କହିଛନ୍ତି।

ରାଜ୍ୟର ରୂପାନ୍ତରକାରୀ ଯାତ୍ରା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନଠାରୁ ଆରମ୍ଭ କରି ସମାବେଶୀ ଅଭିବୃଦ୍ଧି ଓ ନାଗରିକ ସେବା ଏବଂ ସର୍ବୋପରି ତଥ୍ୟ ଆଧାରିତ ନିଷ୍ପତ୍ତି ଗ୍ରହଣ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। । ଏହା ଶାସନ ଓ ଶାସିତଙ୍କ ମଧ୍ୟରେ ସମ୍ପର୍କକୁ ପୁନଃପରିଭାଷିତ କରିଛି। ସରକାର ପେପରଲେସ ବଜେଟ ଉପସ୍ଥାପନ କରିବା ସହ ପ୍ରଶାସନିକ କାର୍ଯ୍ୟର ମଧ୍ୟ ଡିଜିଟାଲାଇଜେସନ୍ କରିଛନ୍ତି। ଓସ୍ୱାସ ଦ୍ୱାରା ପ୍ରଶାସନିକ ସ୍ତରରେ ଆସିଛି ସ୍ୱଚ୍ଛତା, ବଢ଼ିଛି ଦକ୍ଷତା ଏବଂ ଲୋକଙ୍କ ସମ୍ପୃକ୍ତି । ଯାହାଦ୍ୱାରା ପ୍ରଶାସନିକ ମାନସିକତା ପ୍ରତିକ୍ରିୟାଶୀଳ ହୋଇଥିବା ବେଳେ ଫାଇଲଗୁଡ଼ିକ ଡାଟାକୁ ଓ ନିର୍ଦ୍ଦେଶ ଅନୁପାଳ ଫଳାଫଳକୁ ରୂପାନ୍ତରିତ ହୋଇଛି ବୋଲି ଶ୍ରୀ ମାଝୀ କହିଛନ୍ତି। ସେହିପରି ଡିଏଆରପିଜି ସଚିବ ଭି. ଶ୍ରୀନିବାସ ବିକଶିତ ଭାରତର ଦୃଷ୍ଟିକୋଣକୁ ସାକାର କରିବା ପାଇଁ ପ୍ରଶାସନିକ କର୍ମଚାରୀଙ୍କ ମଧ୍ୟରେ ପ୍ରତିବଦ୍ଧତା, ସହଯୋଗ ଓ ଦକ୍ଷତା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଦୋହରାଇଛନ୍ତି। ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଶାସନରେ ଏକ ନୂତନ ଉଦାହରଣ ପ୍ରଦର୍ଶନ କରେ, ଯେଉଁଠାରେ ଯୁବ ପ୍ରଶାସନିକ କର୍ମଚାରୀମାନେ ଚିନ୍ତାନାୟକ ଓ ନବସୃଜନର ଉତପ୍ରେରକ ଭାବରେ ଉଭା ହେଉଛନ୍ତି। ଏହା ସାରା ଦେଶରେ ପ୍ରଭାବଶାଳୀ ପରିବର୍ତ୍ତନ ଆଣିଛି। ଉଦଘାଟନୀ ଅଧିବେଶନରେ ଦେଶବ୍ୟାପୀ ୪୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

## ମିଛ...

ଭର୍ତ୍ତି ହେଉଥିବା ଆହତ ବ୍ୟକ୍ତି ହସ୍ପିଟାଲ ଯିବା ପୂର୍ବରୁ ଘରକୁ ଯାଇ ସାର୍ଟ ପ୍ୟାଣ୍ଟ ପରିବର୍ତ୍ତନ କରିବାକୁ ଥୟ ଧରିବ କି? ଏଭଳି ଘଟଣା ବବି ଦାସଙ୍କ କ୍ଷେତ୍ରରେ ଘଟିଛି। ଆଉ ଏବେ ପୁଣି ଭାଇରାଲ ହେଉଥିବା କିଛି ଫଟୋ ଦେଖିଲେ ଲାଗୁଛି ସେ ଚିକିତ୍ସା ନାଁରେ ଭିଆଇପି ସୁଟ୍‌ରେ ଅୟେସ କରୁଛନ୍ତି। କାଲି ଦେହରେ ନାନାଦି ଯନ୍ତ୍ରପାତି ଲଗେଇ ଦାନ୍ତ ନେଫେଡୁଥିବା ବ୍ୟକ୍ତି ଆଜି ସୋଫାରେ ଗୋଡ ଲମ୍ବେଇ ବସିଛି। ଶୁଣିବାକୁ ମିଳୁଛି ସହାନୁଭୂତି ଗୋଟେଇବାକୁ ତାଙ୍କୁ ହସ୍ପିଟାଲରେ ରହିବାକୁ କୁହାଯାଇଛି।

ଆଉ ଏକ ସମ୍ବେଦନଶୀଳ ଘଟଣା ଯାହା ବିଜେଡିର ସବୁ ନେତାଙ୍କୁ ବିବ୍ରତ କରୁଛି ତାହା ହେଲା ପ୍ରଥମ ଥର ପାଇଁ ରାଜ୍ୟରେ ବିଜେପି ସରକାର ବିରୋଧରେ ବିଜେଡି ବଡ ଅଭିଯାନ କରିଥିବା ବେଳେ ଏଥିରେ ସଭାପତିଙ୍କ ଯୋଗଦାନ ନଥିଲା। ଅପରେସନ ପାଇଁ ଯିବା ଏବେ ଏବଂ ଆସିବା ବେଳେ ରାଲି ହୋଇପାରୁଛି। ହେଲେ ଦଳର ରାଲିକୁ ଆସିପାରୁନାହାଁନ୍ତି ନବୀନ। ଏବେ ବି ନବୀନ ଦଳର ନେତା ଓ କର୍ମୀଙ୍କ ପାଇଁ ଅପହଞ୍ଚ। ସେହିଭଳି ଏହି ରାଲିରେ ଦଳର କୌଣସି ବରିଷ୍ଠ ନେତା ସାମିଲ ହୋଇନଥିଲେ। ଜଣେ ଦୁଇ ଜଣ ବିଧାୟକଙ୍କୁ ଛାଡିଦେଲେ ସବୁ ହାରୁ ନେତା ଏହି ରାଲିର ନେତୃତ୍ୱ ନେଉଥିଲେ।

## ମନୋବଳ...

ଯେଉଁଥିପାଇଁ ମୁମ୍ବାଇରେ ନବୀନଙ୍କ ଅପରେସନ ବେଳେ ସେ ପୁଅ ଭଳି ଧର୍ମ ତୁଲାଇଥିଲେ। ଆଉ ଏବେ ଆହତ ବିଜେଡି ନେତାଙ୍କୁ ଜଣେ ପୂର୍ବ ସହଯୋଗୀ ଭାବେ ଭେଟି ସମବେଦନ ଜଣାଇଛନ୍ତି। ପ୍ରାୟ ବର୍ଷେ ପରେ ପାଣ୍ଡିଆନ ପୁଣି ସାମ୍ନାକୁ ଆସିବା ବିଜେଡି ରାଜନୀତିକୁ ନୂଆ ମୋଡ ଦେବ ବୋଲି ଚର୍ଚ୍ଚା ହେଉଛି।

## କଂଗ୍ରେସର...

ଏହି ୧୨ ଘଣ୍ଟିଆ ବନ୍ଦ ପାଳନ ପ୍ରାତଃ ୬ଟାରୁ ଆରମ୍ଭ ହୋଇଯାଇଥିବା ବେଳେ ଏହାର ପ୍ରଭାବରେ ଟ୍ରେନ୍‌ଠାରୁ ଆରମ୍ଭ କରି ବସ୍, ଘରୋଇ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଜାତୀୟ ରାଜପଥରେ ଗାଡ଼ିର ଲମ୍ବା ଲାଇନ୍‌ଟା ରିଆଡେ ପିକେଟିଂ ସାଙ୍ଗକୁ ରାସ୍ତାରୋକ ହୋଇଥିଲା। ସକାଳୁ ସକାଳୁ କଂଗ୍ରେସ ନେତା ଓ କର୍ମୀମାନେ ସହରର ପ୍ରମୁଖ ସ୍ଥାନ, ଛକ ଓ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଯେଉଁ କେତେକ ଗାଡ଼ି ଚଳାଚଳ କରୁଥିଲା, ତାକୁ ଅଟକାଇଥିଲେ। କଂଗ୍ରେସ ସମେତ ବାମପନ୍ଥୀ ଓ ଅନ୍ୟ ଦଳର ନେତା ଓ କର୍ମୀ ମଧ୍ୟ ଜୋରଦାର ପ୍ରତିବାଦ କରିଥିଲେ। କେତେକ ସ୍ଥାନରେ ବନ୍ଦ ନାଁରେ କଂଗ୍ରେସ ନେତା ଓ କର୍ମୀ ଗୁଣ୍ଡାଗର୍ଦ୍ଦିକୁ ଓହ୍ଲାଇଥିବା ମଧ୍ୟ ଦେଖିବାକୁ ମିଳିଥିଲା। ରାସ୍ତାରେ ଲୋକଙ୍କ ସହ ଧସ୍ତାଧସ୍ତି ସାଙ୍ଗକୁ ଚିକିତ୍ସା ପାଇଁ ଯାଉଥିବା ରୋଗୀଙ୍କୁ ବି ଛାଡ଼ିନଥିଲେ।

ଓଡ଼ିଶା ବନ୍ଦ ପାଇଁ ପ୍ରମୁଖ ସହରଠାରୁ ଆରମ୍ଭ କରି ଜାତୀୟ ରାଜପଥ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପ୍ରତିବାଦ କରିଥିଲେ କଂଗ୍ରେସ ଓ ଅନ୍ୟ ଦଳର ନେତା। କିଛି ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ କରାଯିବା ସହ ବିଶାଳ ବାଇକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲେ। କଂଗ୍ରେସ ସହ ଅନ୍ୟ ଦଳର ନେତା ଓ କାର୍ଯ୍ୟକର୍ତ୍ତା ବିଧାନସଭା ଆଡ଼କୁ ଧସେଇ ପଶିବାକୁ ଅଗ୍ରସର ହେଉଥିବା ବେଳେ ପୁଲିସ ସହ ଧସ୍ତାଧସ୍ତି ହୋଇଥିଲା। ଗୋଟିଏ ପଟେ ନିରୀହ ଲୋକଙ୍କ ଉପରେ ଜୁଲୁମ ହୋଇଥିବା ବେଳେ ଅନ୍ୟ ପଟେ ନିଜ ଚେହେରା ଢାଙ୍କିବାକୁ କଂଗ୍ରେସ କର୍ମୀ ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ୍ ଛକରେ ଲୋକଙ୍କୁ ଫୁଲ ଓ ଚକୋଲେଟ ବାଣ୍ଟୁଥିବା ମଧ୍ୟ ଦୃଷ୍ଟିଗୋଚର ହୋଇଥିଲା।

ବନ୍ଦ ପାଳନ ବେଳେ ଆନ୍ଦୋଳନକାରୀ ଚିକିତ୍ସା ପାଇଁ ବାହାର ରାଜ୍ୟରୁ ଆସିଥିବା କର୍କଟ ରୋଗୀଙ୍କୁ ବି ଛାଡ଼ିନଥିଲେ। କଂଗ୍ରେସ କର୍ମୀଙ୍କ ଦୌରାତ୍ମ୍ୟରେ ହନ୍ତସନ୍ତ ହୋଇଛନ୍ତି ଡାକ୍ତରଙ୍କଠାରୁ ଆରମ୍ଭ କରି ଆଇନଜୀବୀ ପର୍ଯ୍ୟନ୍ତ ପେସାଦାର। କଂଗ୍ରେସର ଓଡ଼ିଶା ବନ୍ଦକୁ ଦୃଷ୍ଟିରେ ରଖି କମିଶନରେଟ ପୁଲିସ ପକ୍ଷରୁ ସହାୟତା ପାଇଁ ଟୋଲ ଫ୍ରି ନମ୍ବର ଜାରି କରାଯାଇଥିଲା, ଯେଉଁଥିରେ ସମସ୍ୟାରେ ପଡ଼ିଲେ କେହି ବି ଫୋନ୍ କରିବା ସକାଶେ ପରାମର୍ଶ ଦିଆଯାଇଥିଲା। ତେବେ ଦ୍ୱୈତ ନଗରୀରେ କଂଗ୍ରେସ ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିଥିବା ପୁଲିସ କମିଶନର ଏସ. ଦେବଦତ୍ତ ସିଂ କହିଛନ୍ତି। ତାଙ୍କ ସୂଚନାନୁସାରେ, ରାଜ୍ୟର କୌଣସି ସ୍ଥାନରେ ବନ୍ଦ ପାଳନ ସମୟରେ ବଡ଼ ଧରଣର ଅଘଟଣ ଘଟିନାହିଁ। ଗଣତାନ୍ତ୍ରିକ ପଦ୍ଧତିରେ ଧାରଣା ଓ ପିକେଟିଂ କରାଯାଇଛି। ଜାତୀୟ ରାଜପଥ ବନ୍ଦ ଯୋଗୁଁ କିଛି ଲୋକ ସମସ୍ୟାରେ ପଡ଼ିଛନ୍ତି। କେତେକ ସ୍ଥାନରେ ପୁଲିସ ମଧ୍ୟ ଲୋକଙ୍କୁ ସହାୟତା ଯୋଗାଇଦେଇଛି। ସକାଳ ସମୟରୁ ସହରର କୋଣଅନୁକୋଣର ଦୃଶ୍ୟ କ୍ୟାମେରା ଓ ଡ୍ରୋନ୍, ଏଆଇ କ୍ୟାମେରାରୁ ନିରୀକ୍ଷଣ କରାଯାଇଥିଲା। ପୁଲିସ ସେବା ଭବନରୁ ଏସବୁ ଉପରେ ଦୃଷ୍ଟି ରଖାଯାଇଥିଲା। ସେହିପରି ଜାରି ହୋଇଥିବା ଟୋଲ ଫ୍ରି ନମ୍ବରରେ ୮ଟି କଲ ଆସିଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ୪୮ ଜଣଙ୍କୁ ଗିରଫ କରାଯାଇଛି ବୋଲି କମିଶନର୍ ଶ୍ରୀ ସିଂ ସୂଚନା ଦେଇଛନ୍ତି।

## ରାଣୀତାଲ...

ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହାଓ୍ୱଡ଼ା-ଚେନ୍ନାଇ ମୁଖ୍ୟ ଲାଇନ ସହ ଟ୍ରେନ ପରିଚାଳନାର କ୍ଷମତା ଓ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବଢ଼ାଇବା ସହ ଧାମରା ଏବଂ ପାରାଦୀପ ବନ୍ଦରକୁ ମାଲ ପରିବହନ ସଂଯୋଗକୁ ମଧ୍ୟ ଉନ୍ନତ କରିବ। ରାଣିତାଲ ଲିଙ୍କ କ୍ୟାବିନ୍-ଭଦ୍ରକ ସେକ୍ସନ ହାଓ୍ୱଡ଼ା-ଚେନ୍ନାଇ ହାଇ-ଡେନ୍‌ସିଟି ନେଟୱାର୍କ (ଏଚ୍‌ଡିଏନ୍)ର ଏକ ଅଂଶ, ଯାହା ଦେଶର ସବୁଠାରୁ ବ୍ୟସ୍ତବହୁଳ ରେଳ କରିଡର ମଧ୍ୟରୁ ଅନ୍ୟତମ। ନୂତନ ଭାବେ ମଞ୍ଜୁର ହୋଇଥିବା ଚତୁର୍ଥ ଲାଇନଟି ମୁଖ୍ୟ ଲାଇନରୁ ବନ୍ଦର ଅଭିମୁଖୀ ମାଲ ପରିବହନକୁ ପୃଥକ କରି କରିଡରକୁ ଭିଡ଼ ହ୍ରାସ ଦିଗରେ ସହାୟତା କରିବ। ତା'ଛଡ଼ା ଏହା ଯାତ୍ରୀ ଓ ମେଲ୍/ଏକ୍ସପ୍ରେସ୍ ଟ୍ରେନ ପାଇଁ ଦ୍ରୁତ ଓ ଅଧିକ ସମୟାନୁବର୍ତ୍ତୀ ପରିଚାଳନାକୁ ମଧ୍ୟ ସୁନିଶ୍ଚିତ କରିବ। ଆହୁରି ଏହି ନୂତନ ଲାଇନ୍‌ଟି ଖଡ଼ଗପୁରରୁ ଭୁବନେଶ୍ୱର ମଧ୍ୟରେ ଅଧିକ କୋଚିଂ ଟ୍ରେନ୍‌ର ସୁଗମ ଚଳାଚଳକୁ ମଧ୍ୟ ପ୍ରୋତ୍ସାହିତ କରିବ। ସମ୍ପ୍ରତି ସମ୍ପୃକ୍ତ ସେକ୍ସନରେ ଯଥେଷ୍ଟ ଭିଡ଼ ହେଉଛି। ଏହା ପ୍ରାୟତଃ ଟ୍ରେନଗୁଡ଼ିକର ଗତିରେ ବାଧା ସୃଷ୍ଟି କରୁଛି। ଆଜି ମଞ୍ଜୁର ହୋଇଥିବା ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପରିଚାଳନାଗତ ପ୍ରତିବନ୍ଧକ ହ୍ରାସ ହେବ, ଯାହା ଜନସାଧାରଣଙ୍କ ପାଇଁ ଏକ ଅଧିକ ନିର୍ଭରଯୋଗ୍ୟ ଓ ସମୟାନୁବର୍ତ୍ତୀ ଟ୍ରେନ ସମୟସୂଚୀକୁ ସକ୍ଷମ କରିବ। ଆଲୋଚ୍ୟ ପ୍ରକଳ୍ପ ମାଲ ପରିବହନ ଓ କୋଚିଂ ଟ୍ରେନଗୁଡ଼ିକୁ ପୃଥକ କରିବା ସହ ବିଳମ୍ବ ହ୍ରାସ କରିବ ଏବଂ ସାମଗ୍ରିକ ରୁଟ୍ ଦକ୍ଷତାକୁ ଅଧିକ ଉନ୍ନତ କରିବାରେ ସହାୟତା କରିବ। ଏହି ପଦକ୍ଷେପ ପୂର୍ବତଟ ରେଳପଥର ଭିତ୍ତିଭୂମିର ଆଧୁନିକୀକରଣ ଓ ରାଜ୍ୟବାସୀଙ୍କ ପାଇଁ ଏକ ବିଶ୍ୱସ୍ତରୀୟ ରେଳ ନେଟୱାର୍କ ସୃଷ୍ଟି କରିବାର ନିରନ୍ତର ମିଶନର ଏକ ଅଂଶବିଶେଷ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ସ୍କୁଲ ଶିକ୍ଷାରେ...

ପରିବେଶ ପାଇଁ ସୁସ୍ଥ ଜୀବନଶୈଳୀକୁ ବ୍ୟାପକ କରିବାରେ ସାହାଯ୍ୟ କରିବ। ସେହିପରି ତୃଣମୂଳ ସ୍ତରରେ ଜଳବାୟୁ ଶିକ୍ଷାକୁ ଗ୍ରହଣ କରିବା, ଗାମିଫିକେସନ୍ ଏବଂ ଡିଜିଟାଲ୍ ପଦ୍ଧତି ମାଧ୍ୟମରେ ପରିବେଶଗତ ଶିକ୍ଷା ଏବଂ ତାଲିମକୁ ପ୍ରୋତ୍ସାହିତ କରିବା, ମିଶନ୍ ଲାଇଫ୍‌ର ଉପାଦାନଗୁଡ଼ିକ ଉପରେ ଶିକ୍ଷକ ହ୍ୟାଣ୍ଡବୁକକୁ ବିକଶିତ କରିବା ଏବଂ ଛାତ୍ରଛାତ୍ରୀ ତଥା ସମସ୍ତ ଷ୍ଟେକହୋଲଡରଙ୍କ ଦ୍ୱାରା ପରିବେଶ-ଅନୁକୂଳ ଆଚରଣକୁ ପ୍ରୋତ୍ସାହିତ କରିବା ପାଇଁ ମିଶନ ଲାଇଫ୍‌ର ସକରାତ୍ମକ ଦିଗକୁ କ୍ରେଡିଟ୍ ଫ୍ରେମୱାର୍କରେ ଅନ୍ତର୍ଭୁକ୍ତ କରିବା ପାଇଁ ଡାଏଟଗୁଡ଼ିକୁ ସାମିଲ କରାଯିବା ଜରୁରୀ। ଶିକ୍ଷା ମନ୍ତ୍ରଣାଳୟ ଏବଂ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରଣାଳୟ ଜଳବାୟୁ-ସଚେତନ ନାଗରିକଙ୍କୁ ଯୋଡ଼ିବା ସହ ଆମ ପରିବେଶ ସୁରକ୍ଷା ପାଇଁ ସାମୂହିକ କାର୍ଯ୍ୟ କରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିବା ସହ ଦେଶର ଜଳବାୟୁ ଲିଡରସିପ ପ୍ରତିଷ୍ଠା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

## ପଞ୍ଚାୟତ...

ଏଥିସହ ଗ୍ରାମାଞ୍ଚଳ ବିକାଶରେ ସେମାନଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। କିନ୍ତୁ ଦୁର୍ଘଟଣା କିମ୍ବା କୌଣସି ଅଘଟଣ କ୍ଷେତ୍ରରେ ସେମାନେ ସମସ୍ୟା ଭୋଗୁଥିଲେ ମଧ୍ୟ ପୂର୍ବ ସରକାର ସେମାନଙ୍କ ପ୍ରତି ଧ୍ୟାନ ଦେଇନଥିଲେ। କିନ୍ତୁ ବିଜେପି ଲୋକଙ୍କ ସରକାର ହୋଇଥିବାରୁ ଏବେ ସେମାନଙ୍କ ସମସ୍ୟାକୁ ହୃଦ୍‌ବୋଧ କରି ଉପରୋକ୍ତ ନିଷ୍ପତ୍ତି ନେଇଛି।

## ଗଣଶିକ୍ଷା...

ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ-୨୦୧୩ ଅନ୍ତର୍ଗତ ବ୍ୟବସ୍ଥାଗୁଡ଼ିକ ପାଳନ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ ଉକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସମସ୍ତ କର୍ମକ୍ଷେତ୍ର, ବିଦ୍ୟାଳୟ ଏବଂ ଆବାସିକ ଛାତ୍ରାବାସର ପ୍ରମୁଖ ସ୍ଥାନରେ ହେଲ୍ପଲାଇନ୍ ନମ୍ବରଗୁଡ଼ିକ ପ୍ରଦର୍ଶିତ କରାଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ନମ୍ବରଗୁଡ଼ିକ ହେଲା- ମହିଳାଙ୍କ ସକାଶେ ୧୮୧, ଶିଶୁ ସହାୟତା କେନ୍ଦ୍ର ସକାଶେ ୧୦୯୮, ପୁଲିସ ସହାୟତା (ଜରୁରୀକାଳୀନ ପ୍ରତିକ୍ରିୟା ସହାୟତା ପ୍ରଣାଳୀ) ସକାଶେ ୧୧୨ ଓ ସ୍କୁଲ ଷ୍ଟୁଡେଣ୍ଟ ହେଲ୍ପଲାଇନ୍ ନମ୍ବର ହେଲା ୧୮୦୦୩୪୫୬୭୨୨। ପୂର୍ବରୁ ମଧ୍ୟ ଉଚ୍ଚ ଶିକ୍ଷା ବିଭାଗ ଶିକ୍ଷାନୁଷ୍ଠାନରେ ମହିଳା ଓ ଛାତ୍ରୀଙ୍କୁ ସୁରକ୍ଷା ପାଇଁ କମିଟି ଗଠନ କରିଛି। ଏହି କମିଟିରେ ଯେଉଁମାନେ ଅଭିଯୋଗ କରିବେ ୨୪ ଘଣ୍ଟା ମଧ୍ୟରେ ଅଭିଯୋଗ ଦାଖଲ କରାଯିବ। ସେହି ଅନୁଯାୟୀ କାର୍ଯାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତଯୋଗ୍ୟ ପ୍ରତିଷ୍ଠାନରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସମୟସାପେକ୍ଷ ଗଠନ ଓ ପୁନଃଗଠନ ପାଇଁ ନିର୍ଦ୍ଦେଶାବଳୀ ଜାରି ହୋଇଛି। ଏଥିସହ ଆପଣଙ୍କ ଅଧିକାର କ୍ଷେତ୍ର ଅନ୍ତର୍ଗତ ସମସ୍ତ କାର୍ଯ୍ୟସ୍ଥଳରେ ଆଇନର ସମସ୍ତ ବ୍ୟବସ୍ଥା ଅକ୍ଷର ଓ ଆତ୍ମାରେ ପାଳନ କରାଯାଉଛି ନା ନାହିଁ ଏହା ନିଶ୍ଚିତ କରିବାକୁ ହେବ।

**ବନ୍ଦର ପ୍ରଭାବ: ଖୋଲିଲାନି ଦୋକାନ, ଗଡ଼ିଲାନି ଯାନବାହନ**

# ପିକେଟିଂ କଲେ କଂଗ୍ରେସ ଓ ବାମପନ୍ଥୀ ଦଳ



**ବ୍ରହ୍ମପୁର,୧୭।୭ (ସଂଚାର ବ୍ୟୁରୋ):** ଏଫଏମ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାକୁ ନେଇ କଂଗ୍ରେସ ଓ ବାମଦଳ ପକ୍ଷରୁ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ବ୍ରହ୍ମପୁରରେ ଦେଖିବାକୁ ମିଳିଥିଲା। ସହରରେ ହାତ ଗଣତି କ୍ଷୁଦ୍ର ବ୍ୟବସାୟୀଙ୍କୁ ଛାଡିଦେଲେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସହ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ମାନ ପ୍ରାୟ ବନ୍ଦ ରହିଥିଲା। ଗାଡି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ରେଶମ ସହରର ପ୍ରମୁଖ ସ୍ଥାନ ବଡ ବଜାର, ଅର୍ଣ୍ଣପୂର୍ଣ୍ଣା ମାର୍କେଟ୍, ପୁରୁଣା ବସଷ୍ଟାଣ୍ଡ, ନୂଆ ବସଷ୍ଟାଣ୍ଡ ସମେତ ବିଭିନ୍ନ ସ୍ଥାନରେ ଥିବା ଦୋକାନ ଓ ହୋଟେଲ ଗୁଡିକ ବନ୍ଦ ସହ ରାସ୍ତା ଘାଟ ଖାଁ ଖାଁ ରହିଥିଲା। ଦିନ ତମାମ୍ କଂଗ୍ରେସ ସମେତ ବାମପନ୍ଥୀ ଦଳ ଓ ସମର୍ଥିତ ଅନ୍ୟାନ୍ୟ ସଂଗଠନର କର୍ମକର୍ତ୍ତା ମାନେ ସହର ସାରା ପିକେଟିଂ କରି ଖୋଲା ଥିବା କିଛି ସରକାରୀ, ବେସରକାରୀ କାର୍ଯ୍ୟାଳୟ ସମେତ ଦୋକାନ ଓ ସପିଂ ମଲକୁ ବନ୍ଦ କରିଥିଲେ। ବାମପନ୍ଥୀ ଦଳ ଗୁଡିକ ପକ୍ଷରୁ ମିଳିତ ଭାବେ ପୁରୁଣା ବସଷ୍ଟାଣ୍ଡ ସ୍ଥିତ ମୁଖ୍ୟ ଡାକ ବିଭାଗ ସାମ୍ନାରେ ପ୍ରତିବାଦ କରାଯିବା ସହ କାର୍ଯ୍ୟାଳୟ ଭିତରକୁ ଯାଇ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ବନ୍ଦ ପାଳନ ସଫଳ କରିବାକୁ କୁହାଯାଇଥିଲା। ସେହିପରି କଂଗ୍ରେସ ଦଳର କର୍ମକର୍ତ୍ତା ମାନେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ବାଇକ ଶୋଭାଯାତ୍ରା କରି ପ୍ରମୁଖ ଛକ ମାନଙ୍କରେ ରାସ୍ତା ଅବରୋଧ କରି ବାଲେଶ୍ୱରର ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଥିଲେ। ଏହାସହ ଅପାରଗତାକୁ ନେଇ ରାଜ୍ୟ ବିଜେପି ସରକାରଙ୍କ ଉପରେ ସ୍ଥାନୀୟ କଂଗ୍ରେସ ନେତାଏ ବର୍ଷିଥିଲେ। ବ୍ରହ୍ମପୁର ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭକାରୀ ମାନେ ଜୋରଦାର ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଥିଲା। ଗେଟ୍ କୁ ଠେଲିବା ସହ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିବାକୁ ଆନ୍ଦୋଳନକାରୀ ମାନେ ଉଦ୍ୟମ କରିଥିବା ବେଳେ ପୋଲିସ୍ ସେମାନଙ୍କୁ ଅଟକାଇଥିଲା। ସେହିପରି ରେଳ ଷ୍ଟେସନ ସମ୍ମୁଖରେ ମଧ ବିକ୍ଷୋଭ କରାଯାଇଥିଲା। ଉପସ୍ଥିତ ପୋଲିସ୍ କର୍ମଚାରୀ ଟିକେଟ୍ ଦେଖି ଯାତ୍ରୀଙ୍କୁ ଷ୍ଟେସନ ପରିସରକୁ ଯିବାକୁ ଅନୁମତି ଦେଇଥିଲେ। ବନ୍ଦ ଡାକରାର ପ୍ରଭାବରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ସିଟି ବସ୍ ଚାଳିନଥିଲା। ଚାଲୁଥିବା ମୋ ବସ୍ କୁ ରାସ୍ତାରେ ଆନ୍ଦୋଳନକାରୀଙ୍କ ଦ୍ୱାରା ଅଟକା ଯାଇଥିବା ଦେଖିବାକୁ ମିଳିଥିଲା। ସକାଳୁ ସକାଳୁ ବସଷ୍ଟାଣ୍ଡରୁ କିଛି ଗାଡି ଗଡ଼ିଥିବା ବେଳେ ଦିନ ତମାମ୍ ସମସ୍ତ ସରକାରୀ ଓ ଘରୋଇ ବସ୍ ଅଟକି ରହିଥିଲା। ଜରୁରୀକାଳୀନ ସେବା ସହ ଦୁଇ ଚକିଆ ଯାନକୁ ଛାଡିଦେଲେ ଯାତ୍ରୀବାହୀ ଅଟୋ, ଚାରି ଚକିଆ ଯାନ ଯାତାୟାତ କାଁ ଭାଁ ଦେଖିବାକୁ ମିଳିଥିଲା। ଅଖ ଚକ ବନ୍ଦ ଯୋଗୁଁ ସହର ମଧରୁ ଆଖପାଖ ଗ୍ରାମାଞ୍ଚଳକୁ ଯିବା ଅପେକ୍ଷାରେ ଥିବା ଯାତ୍ରୀ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅନ୍ୟପଟେ ସହରରେ ପୋଲିସ୍ ମଧ ସଜାଗ ରହିଥିଲା। ବିଭିନ୍ନ ଥାନା ଅଞ୍ଚଳ ସମେତ ପ୍ରମୁଖ ଛକ, ବସଷ୍ଟାଣ୍ଡ, ରେଳ ଷ୍ଟେସନରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା।

# ମାଙ୍କଡ଼ କାମୁଡ଼ାରେ ୨୦ରୁ ଊର୍ଦ୍ଧ୍ୱ ଗୁରୁତର



**ମାଙ୍କଡ଼ ଧରିବାକୁ ଯାଇ ଦୁଇ ବନ କର୍ମଚାରି ଆହତ**

**ଗୋପ,୧୭।୭(ସଂଚାର ବ୍ୟୁର):** ଗୋପ ବ୍ଲକରେ ମାଙ୍କଡ଼ ଆତଙ୍କ, ମାଙ୍କଡ଼ କାମୁଡ଼ାରେ ବନବିଭାଗର ଦୁଇ କର୍ମଚାରୀ ସମେତ ଅଣ୍ଟରା ଇଚ୍ଛାପୁର ପଞ୍ଚାୟତ ଦିହୁଡା ପୋଇତରା ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ଲୋକ ଗୁରୁତର ହୋଇଛନ୍ତି। ଗୋପ ବନବିଭାଗ ତରଫରୁ ଗ୍ରାମରେ ୧୫ ସ୍କ୍ୱାର୍ଡ ମୁତୟନ କରଯାଇଥିବା ବେଳେ ମାଙ୍କଡ଼ ଭୟରେ ଗାଁରେ ତାଟି କବାଟ ପଡ଼ି ଯାଇଛି। ସୂଚନା ଅନୁସାରେ ଗୋପ ବ୍ଲକ ଅଣ୍ଟରା ଇଚ୍ଛାପୁର ପଞ୍ଚାୟତ ଦିହୁଡା ଏବଂ ପୋଇତରା ଗ୍ରାମରେ ଗୋଟିଏ ମାଙ୍କଡ଼ ଆତଙ୍କ ସୃଷ୍ଟି କରିଛି। ଦୀର୍ଘ ତିନି ଦିନ ହେବ ମାଙ୍କଡ଼ଟି ଗାଁ ଲୋକଙ୍କ ସମେତ ଯାତାୟାତ କରୁଥିବା ଯାତ୍ରୀଙ୍କୁ ମଧ୍ୟ ଗୋଡେଇ ଗୋଡେଇ କାମୁଡି ଦେଉଛି। ଏନେଇ ୨୦ ରୁ ଉର୍ଦ୍ଧ୍ୱ ଲୋକ ଗୁରୁତର ହେବା ସହ ଦୁଇ ଜନ ବନ କର୍ମଚାରୀ ମଧ୍ୟ ମାଙ୍କଡ଼ କାମୁଡ଼ାରେ ଆହତ ହୋଇଛନ୍ତି। ସମସ୍ତ ଆହତ ଗୋପ ମେଡିକାଲ ରେ ଚିକିତ୍ସା ହୋଇଛନ୍ତି। ମାଙ୍କଡ଼ଟିକୁ ଧରିବା ପାଇଁ ବନ ବିଭଗ ତରଫରୁ ଯନ୍ତା ଯାଇଥିଲେ ସୁଦ୍ଧା ମାଙ୍କଡ଼ଟି ଲୁଚି ରହି ଥିବାରୁ ଏପର୍ଯ୍ୟନ୍ତ ବନ କର୍ମଚାରୀ ଧରିବାରେ ସକ୍ଷମ ହୋଇନାହାନ୍ତି। ଫଳରେ ଗାଁ ଲୋକଙ୍କ ସହିତ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟନାୟକ ଏବଂ ଅଣ୍ଟରା ଇଚ୍ଛାପୁର ସରପଞ୍ଚ ମିନା କୁମାରୀ ମହାନ୍ତି ଦିନ ରାତି ଠେଙ୍ଗା ଧରି ବୁଲୁଛନ୍ତି। କାମୁଡା ମାଙ୍କଡ଼ ଟିକୁ କାବୁ କରିବା ପାଇଁ ଅଣ୍ଟରା ଇଚ୍ଛାପୁର ପୂର୍ବତନ ସରପଞ୍ଚ ଅଶ୍ୱନୀ ପଟନାୟକ ପୁରୀ ଜିଲ୍ଲା ବନଧିକାରୀ ଅଶୋକ ବେହେରାଙ୍କ ସହିତ ଆଲୋଚନା କରିଛନ୍ତି ଖୁବ ଶୀଘ୍ର ନନ୍ଦନକାନନରୁ ଏକ ଟିମ ଗ୍ରାମରେ ପହଁଚି ମାଙ୍କଡ଼କୁ ଧରାଯିବ ବୋଲି କହିଛନ୍ତି। ଏପଟେ ବନ ବିଭାଗ ତରଫରୁ ବନପାଳଙ୍କ ସମେତ ୧୫ ଜଣ ସ୍କ୍ୱାର୍ଡ ଗ୍ରାମରେ ମୁତୟନ କାରଯାଇଛି।

## ଜୟପୁର ଝିଅକୁ ରେଭେନ୍ସାରେ ଇଂରାଜୀ ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ



**ଜୟପୁର,୧୭।୭ (ସଂଚାର ବ୍ୟୁର):** ଜୟପୁର ସହରର ଝିଅ ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ସ୍ନାତକୋତ୍ତରରେ ଛାତ୍ରୀ ଆନନ୍ଦିତା ଜାହ୍ନବୀ ସୁଆର ରାଷ୍ଟ୍ରପତିଙ୍କ ଠାରୁ ସ୍ୱର୍ଣ୍ଣପଦକ ହାସଲ କରି ଜୟପୁର ତଥା କୋରାପୁଟ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଜୟପୁରର ଝିଅ ଅନିନ୍ଦିତା ରେଭେନ୍ସା ବିଶ୍ୱବିଦ୍ୟାଳୟ ଅନୁମୋଦିତ ପାଠ୍ୟକ୍ରମ ସମାପନ ପୂର୍ବକ ୨୦୨୪ ମସିହା ଏପ୍ରିଲ ମାସରେ ଅନୁଷ୍ଠିତ ସ୍ନାତକୋତ୍ତର ଇଂରାଜୀ ପରୀକ୍ଷାରେ ୭୧ପ୍ରତିଶତ ମାର୍କ ରଖୁବା ସହ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଥିବାରୁ ତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ସ୍ୱର୍ଣ୍ଣପଦକରେ ପୁରସ୍କୃତ କରାଯାଇଛି। କୁଳସଚିବ କାହ୍ନୁଚରଣ ମଲ୍ଲିକ ସ୍ୱର୍ଣ୍ଣପଦକ ଓ ଡିଗ୍ରୀ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପିଜି କାଉନସିଲ ଅଧ୍ୟକ୍ଷା ପ୍ରଫେସର ଲୁନା ସାମନ୍ତ ଶପଥପାଠ କରାଇଥିଲେ। ଗତକାଲି ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ଯୋଗ ଦେଇଥିବା ବେଳେ କୁଳାଧିପତି ତଥା ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ। ଝିଅ ଜାହ୍ନବୀଙ୍କ ସଫଳତାରେ ପିତା ଆଇନ ମହାବିଦ୍ୟାଳୟର ଅଧ୍ୟାପକ ରବିନ୍ଦ୍ର କୁମାର ସୁଆର ଓ ମାତା ସୁନିତା ପାଣିଗ୍ରାହୀଙ୍କ ଉତ୍ସାହ ଏବଂ ପ୍ରେରଣା ଯୋଗୁଁ ସମ୍ଭବପର ହୋଇଛି ବୋଲି ଛାତ୍ରୀ ଜାହ୍ନବୀ ପ୍ରକାଶ କରିଛନ୍ତି।

## ଜିଲ୍ଲା ସାମ୍ବାଦିକ ସଂଘର ଆଲୋଚନା ବୈଠକ




**ବ୍ରହ୍ମପୁର,୧୭।୭(ସଂଚାର ବ୍ୟୁରୋ):** ଓଡିଶା ସାମ୍ବାଦିକ ମହାସଂଘ ଓ ଜିଲ୍ଲା ସାମ୍ବାଦିକ ସଙ୍ଘ ପକ୍ଷରୁ କମାପଲ୍ଲୀ ସ୍ଥିତ ବିକଳ୍ପ ଭବନ ଠାରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରେ ଦିନକୁ ଦିନ ବୃଦ୍ଧି ପାଉଥିବା ହତ୍ୟା, ଗଣଧର୍ଷଣ, ନାରୀ ନିର୍ଯ୍ୟାତନା ସହ ସାମ୍ବାଦିକଙ୍କ ଉପରେ ହେଉଥିବା ଦମନ ଓ ହତ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରାଯିବା ସହ ସୁରକ୍ଷା ଦାବି କରାଯାଇଥିଲା। ଏହାସହ ନିକଟରେ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ ଘଟିଥିବା ଛାତ୍ରୀ ଆତ୍ମାହୁତି ଘଟଣାକୁ ସଂଘ ସଦସ୍ୟ ମାନେ ଦୃଢ଼ ନିନ୍ଦା କରିଛନ୍ତି। ସରକାର ଉଚିତ୍ ନନେବାରୁ ଏଭଳି ଘଟଣା ସାମ୍ନାକୁ ଆସିଥିବା ସଂଘ ପକ୍ଷରୁ କୁହାଯାଇଛି। ସେହିପରି ମାଲକାନଗିରିରେ କାର୍ଯ୍ୟରତ ୱେବ ସାମ୍ବାଦିକଙ୍କୁ ହତ୍ୟା ଘଟଣାରେ ତାଙ୍କ ପରିବାରକୁ ସରକାର ଆର୍ଥିକ ସହାୟତା ପ୍ରଦାନ ସହ ଅପରାଧୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ସଦସ୍ୟ ମାନେ ଦାବି କରିଥିଲେ। ଆୟୋଜିତ ବୈଠକରେ ଆଇନଜୀବୀ ତଥା ଓଡ଼ିଶା ସାମ୍ବାଦିକ ମହାସଂଘ ସାଧାରଣ ସମ୍ପାଦକ ଗୌରାଙ୍ଗ ଚୌଧୁରୀ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଜୟରାମ ମହାରଣା, ଆଇନଜୀବୀ ତଥା ମହାସଂଘର ସଦସ୍ୟ ଟି ସତିଶ କୁମାର ପାତ୍ର, ମହିଳା ସଦସ୍ୟା ଈଶ୍ୱରୀ ରାଉତ, ସାମ୍ବାଦିକା ହରପ୍ରିୟା ସାହୁ, ସଂପାଦକ ଅନିଲ କୁମାର ଚୌଧୁରୀ, ସଦସ୍ୟ ରମେଶ ଚନ୍ଦ୍ର ବେହେରା, ଜୋତିରଞ୍ଜନ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

● ଏମକେସିଜିରୁ ଘରୋଇ ହସ୍ପିଟାଲକୁ ରୋଗୀ ଚାଲାଣ ଘଟଣା

## ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କଲା ୫ ଜଣିଆ କମିଟି

**ବ୍ରହ୍ମପୁର,୧୭।୭ (ସଂଚାର ବ୍ୟୁରୋ):** ଏମକେସିଜି ମେଡିକାଲ ଆଶୁ ଚିକିତ୍ସା ବିଭାଗରେ ଚିକିତ୍ସିତ ଜଣେ ଗୁରୁତର ରୋଗୀଙ୍କୁ ଘରୋଇ ହସ୍ପିଟାଲକୁ ଡ଼ାକ୍ତର ଜଣକ ରୋଗୀ ଚାଲାଣ କରିବା ଘଟଣାର ଗୁରୁବାର ତଦନ୍ତ ଆରମ୍ଭ ହୋଇଛି। ଏହି ଘଟଣାର ତଦନ୍ତ ନିମନ୍ତେ ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ ୫ ଜଣିଆ ଟିମ ଗଠନ କରିଛନ୍ତି। ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଟିମରେ ମେଡ଼ିକାଲର ଅସ୍ଥିଶଲ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ସୁଧୀର ମହାପାତ୍ର, ନିଶ୍ଚେତକ ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ଖଗେଶ୍ୱର ରାଉତ, ମେଡ଼ିକାଲ ଆଜୁଆଲଟି ଅଫିସର ଡ଼ା. ସୁବ୍ରତ ଦାଶ ଓ ହସ୍ପିଟାଲ ମ୍ୟାନେଜର ସିଦ୍ଧାର୍ଥ ପ୍ରଧାନ ରହିଛନ୍ତି। ଏମକେସିଜି ମେଡିକାଲ ସ୍ଥିତ ରେଜିଷ୍ଟ୍ରାରଙ୍କ ଚ୍ୟାମ୍ବରରେ ପ୍ରଥମ ଦିନରେ କମିଟିର ସମସ୍ତ ସଦସ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମେଡିକାଲ ଆଶୁ ଚିକିତ୍ସା ବିଭାଗରୁ ଘରୋଇ ବିନାୟକ ହସ୍ପିଟାଲକୁ ଚାଲାଣ କରିଥିବା ଅଭିଯୋଗରେ କେତେ ଦୂର ସତ୍ୟତା ରହିଛି, ଯଦି ଅଭିଯୋଗରେ ସତ୍ୟତା ରହିଛି ତେବେ ଡ଼ାକ୍ତର ଜଣେଙ୍କ କାହିଁକି ଓ କେଉ ପରିସ୍ଥିତିରେ ରୋଗୀଙ୍କୁ ଚାଲାଣ କରିଥିଲେ ଏବଂ ରୋଗୀ ଜଣଙ୍କୁ ଯେଉଁ ଚିକିତ୍ସାର ଆବ୍ୟଶକ ରହିଥିଲା ତାହା ଏମକେସିଜି ମେଡ଼ିକାଲରେ ଉପଲବ୍ଧ ରହିଛି କି ନାହିଁ ସେନେଇ ତଦନ୍ତ କରାଯିବ। ଆଶୁ ଚିକିତ୍ସା ବିଭାଗର ସମସ୍ତ ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଛି। ସମ୍ପ୍ରତି କମିଟି ବିଭିନ୍ନ ଦିଗକୁ ନେଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଘଟଣା ତଦନ୍ତ ସମ୍ପର୍କରେ ବଳରାମ ଗୌଡଙ୍କ ପରିବାରଙ୍କୁ ଅବଗତ କରାଯାନଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପରିବାର ସଦସ୍ୟମାନେ ତଦନ୍ତ ଚାଲିଥିବା ଜାଣିବା ପରେ ଏମକେସିଜି ମେଡ଼ିକାଲରେ ଆସି ପହଞ୍ଚିଥିଲେ। ଅଧୀକ୍ଷକ ପ୍ରଫେସର ଡ଼ା.ଦୁର୍ଗାମାଧବ ଶତପଥୀଙ୍କୁ ସାକ୍ଷାତ କରିବା ସହ ଏହି ତଦନ୍ତ ପ୍ରକ୍ରିୟାରେ ସାମିଲ କରିବାକୁ ଦାବି କରିଥିଲେ।

## ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଘଟଣାରେ ବନ୍ଦ ପାଳନ

**ଉମରକୋଟ,୧୭।୭(ସଂଚାର ବ୍ୟୁର):** ରିଖ ଗୁରୁବାର ଦିନ ସକାଳ ୬ଘଃ ଠାରୁ ସନ୍ଧ୍ୟା ୬ଘଃପର୍ଯ୍ୟନ୍ତ ଉମରକୋଟ ନିର୍ବାଚନ ମଣ୍ଡଳୀ ସହ ଉମରକୋଟର ଟାଉନ୍ ର ହାଟ ବଜାର, ଦୁକାନବାଡି, ସ୍କୁଲ କଲେଜ, ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ସମେତ ପ୍ରତ୍ୟେକ ବେଙ୍କ୍ ଠାରୁ ଆରମ୍ଭ କରି ଉଠା ପରିବା ଦକାନି ମଧ ବନ୍ଦ ଥିଲା। ଏଥିରେ ରାଜ୍ୟ ପିସିସି ସଭାପତି ଶ୍ରୀଯୁକ୍ତ ଭକ୍ତ ଦାସ୍ ଙ୍କ ନିର୍ଦ୍ଦେଶ କ୍ରମେ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୈମମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଓ ବିଜେପି ସରକାରଙ୍କ ବିରୋଧରେ ସ୍ୱର ଉଠୋଳନ କରିଛନ୍ତି। ଏଥିରେ ନେତୃତ୍ୱ ନେଇଥିଲେ ସଙ୍କର ଦେଓ, ରାଶଚନ୍ଦ୍ର ନାୟକ, ରାମହରିଜନ, ସମେତ ପ୍ରାୟ ଏକ ଶହ କଂଗ୍ରେସ କର୍ମୀ ବନ୍ଦ ପାଳନ ରେ ସହଯୋଗ କରିଥିଲେ ଶେଷରେ ସନ୍ଧ୍ୟା ୬ଘଃ, ସମୟରେ ଯାନ ବାହାନ ଚଳାଚଳ ହୋଇ ଥିଲା।

## ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବିରୋଧରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ବୋରିଗୁମ୍ମା/ କୋଟପାଡ଼ ,୧୭।୭(ସଂଚାର ବ୍ୟୁର):** ଉନ୍ନୟନମୂଳକ କାର୍ଯ୍ୟରେ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ସହଯୋଗ ନକରିବା ତଥା ଜନ ସାଧାରଣଙ୍କୁ ବିଭିନ୍ନ ଆଳ ଦେଖାଇ ନିରାଶ କରୁଥିବା ନେଇ କୋଟପାଡ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବିରୁଦ୍ଧରେ ବ୍ଲକ ଅଧ୍ୟକ୍ଷା ଓ ଜିଲ୍ଲା ପରିଷଦ ସଦସ୍ୟ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ଲକ ଅଧ୍ୟକ୍ଷା କମଳା ଭତ୍ରା, ଜିଲ୍ଲା ପରିଷଦ ସଦସ୍ୟା ଗୀତା ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ତ୍ରିପତି ଚାଲାଣ ବୁଧବାର ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ବାଘସିଂ ୨୦୧୯ ରୁ କୋଟପାଡ ବ୍ଲକରେ କାର୍ଯ୍ୟ କରି ଆସୁଛନ୍ତି। ସେ ବିଭିନ୍ନ ସମୟରେ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା ସହ ସମାଜ କଲ୍ୟାଣ ଯୋଜନା ହିତାଧ୍ୟାକାରୀ ଓ ବ୍ଲକରେ କାର୍ଯ୍ୟ କରୁଥିବା ଠିକାଦାର ମାନଙ୍କୁ ଦୁବ୍ୟବହାର କରୁଛନ୍ତି। ଏଭଳି ଅଭିଯୋଗ ହେବାରୁ ୨୦୨୪ ଡିସେମ୍ବର ୪ରେ ଯନ୍ତ୍ରୀଙ୍କୁ ବୋରିଗୁମ୍ମା ବ୍ଲକକୁ ଡେପୁଟେଶନ କରା ଯାଇଥିଲା। କିନ୍ତୁ ବିଡ଼ମ୍ବନାର ବିଷୟ ଆଜି ପର୍ଯ୍ୟନ୍ତ ତାଙ୍କୁ କୋଟପାଡ ବ୍ଲକରୁ ରିଲିଭ କରା ଯାଇନାହିଁ। ତେଣୁ ଶ୍ରୀ ବାଘସିଂଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ଲୋକ ପ୍ରତିନିଧି ମାନେ ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରି ଦାବିପତ୍ର ପ୍ରଦାନ କରିଛନ୍ତି।

## କଂଗ୍ରେସର ବନ୍ଦ ସଫଳ

**ବାଲିଅନ୍ତା,୧୭।୭(ସଂଚାର ବ୍ୟୁର):** ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣା ପ୍ରତିବାଦରେ ପିସିସି ସଭାପତି ଭକ୍ତ ଦାଶଙ୍କ ଆହ୍ୱାନକ୍ରମେ ବାଲିଅନ୍ତା ବ୍ଲକ କଂଗ୍ରସ ସଂଗଠନ ପକ୍ଷରୁ କଂଗ୍ରେସର ଅଖିଚକ ବନ୍ଦ ଆନ୍ଦୋଳନ ବେଶ ପ୍ରଭାବୀ ଢଙ୍ଗରେ ସଫଳ ହୋଇଛି। ବାଲିଅନ୍ତା ବ୍ଲକ କଂଗ୍ରେସ ସଭାପତି ଜନ୍ମେଞ୍ଜୟ ସ୍ୱାଇଁ, ବରିଷ୍ଠ ନେତା ବେଣୁଧର ଭୋଇ ଓ ଉପେନ୍ଦ୍ର ନାଥ ଶତପଥୀ ଓ ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏହି ୧୨ ଘଣ୍ଟିଆ ଆନ୍ଦୋଳନ ଚାଲିଥିଲା। କେନାଲବନ୍ଧ ଛକ, ଭିଙ୍ଗାରପୁର ରାମଚନ୍ଦ୍ରପୁର ଛକ, ଖମଙ୍ଗ ବଜାର, ବାଲିଅନ୍ତା ଗାନ୍ଧୀ ଛକରେ କଂଗ୍ରସ ନେତୃବୃନ୍ଦ ରାସ୍ତା ଅବରୋଧ ପ୍ରତିବାଦ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଇଞ୍ଜିନିୟର ପ୍ରଭାସ ବାରିକ, କାଳନ୍ଦୀ ସାମଲ, ଜଗତଜୀବନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଯୁବନେତା ସ୍ୱାଗତ କରଙ୍କ ନେତୃତ୍ୱରେ ସେତୁ ନିକଟରେ, ଅକ୍ଷୟ ପାତ୍ରଙ୍କ ନେତୃତ୍ୱରେ ଭିଙ୍ଗାରପୁର ରାମଚନ୍ଦ୍ରପୁର ଛକ ଓ ଶରତ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ରାସ୍ତା ଅବରୋଧ ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ।

## ପୀଡ଼ିତା ମୃତ୍ୟୁ ଘଟଣାରେ କଂଗ୍ରେସର ବନ୍ଦ ସଫଳ

**ମାହାଙ୍ଗା,୧୭।୭(ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବଶିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ମାହାଙ୍ଗା ବ୍ଲକ କଂଗ୍ରେସ ପକ୍ଷରୁ ବାଲେଶ୍ୱର ରଗ କଲେଜ ଛାତ୍ରୀ ଘଟଣାରେ ମାହାଙ୍ଗା ବ୍ଲକ ସମସ୍ତ ଦୋକାନ ବଜାର ଓ ସରକାରୀ କାର୍ଯ୍ୟାଳୟ ଶାନ୍ତି ପୂର୍ଣ୍ଣ ଭାବେ ବନ୍ଦ କରାଯାଇଥିଲା। ମୃତ ସୋମ୍ୟାସ୍ରି ଙ୍କ ଅମର ଆତ୍ମାର ସଦଗତି କାମନା ସହ କଲେଜ ଅଧକ୍ଷ ଙ୍କ ସମେତ ଅନ୍ୟ ସଂପୃକ୍ତ ଥିବା ବ୍ୟକ୍ତି ମାନଙ୍କୁ ଗିରଫ ସହ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରଯାଇଥିଲା। ଏପରିକି ସୋମ୍ୟାଶ୍ରି ଙ୍କ ପରିବାରଙ୍କୁ ସଠିକ ଭାବେ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସରକାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାଛଡା ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଇସ୍ତଫା ଦାବୀ କରିଛନ୍ତି। ଆସନ୍ତା ୨୧ ତାରିଖ ରେ ଲୋକସଭା ଭବନ ବନ୍ଦ ଡାକରା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ରଞ୍ଜନ ସାମଲ କଂଗ୍ରେସ୍ ଯୁବ ନେତା, ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ଅଲେଖ ସ୍ୱାଇଁ, ଯୁବ ସଂଗଠନ ଉତ୍ତମ କୁମାର ବେହେରା, ଚୈତନ୍ୟ ଚରଣ ପାଣି, ରାମଚନ୍ଦ୍ର କାହାଲୀ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।




**ପୁଲିସ ବିଭାଗର ଦୁଇ ଯୋଜନା ଦିଗହରା**

## କୋମାରେ 'ଆମ ପୁଲିସ'ଓ 'ମହିଳା ଶିଶୁ ଡେସ୍କ'




**କାକଟପୁର /ଅସ୍ତରଙ୍ଗ ,୧୭।୭(ସଂଚାର ବ୍ୟୁର):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଟି ୧୫ଟି ପଞ୍ଚାୟତ କୁ ନେଇ ଗଠିତ ହୋଇଥିବା ବେଳେ ଆଇନି ଶୃଙ୍ଖଳା ପାଇଁ ୩ ଟି ଥାନା କାକଟପୁର, ଅସ୍ତରଙ୍ଗ ଓ ନୂଆଗଡ଼ ସାମୁଦ୍ରିକ ଥାନା ଅଞ୍ଚଳରେ ରହିଛି। କିନ୍ତୁ ଆମ ପୁଲିସ ଓ ମହିଳା ଶିଶୁ ଡେସ୍କ କୋମାରେ ଥିବା ଦେଖିବାକୁ ମିଳିଛି। ରାଜ୍ୟ ପୁଲିସ ବିଭାଗ ପୁଲିସ କୁ ଗତିଶୀଳ କରିବା ଓ ସାଧାରଣ ଲୋକଙ୍କ ଆସ୍ଥା ଭାଜନ ହେବା ନେଇ ଆମ ପୁଲିସ ସମିତି ଗଠନ କରାଯାଇଥିଲା। ଏହି ଆମ ପୁଲିସ ସମିତିର ସଦସ୍ୟ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଥାନା ଅଧିକାରୀ ଙ୍କୁ ନେଇ ସାଧାରଣ ଲୋକଙ୍କ ଉପସ୍ଥିତ ରେ ବୈଠକ କରାଯିବ। ଯାହା ଦ୍ୱାରା କି ପୁଲିସ ତୁରନ୍ତ ଅସାମାଜିକ କାର୍ଯ୍ୟ କଳାପ ସୃଷ୍ଟି ହେଲେ ଜାଣି ପାରିବ। ଆମ ପୁଲିସ ବୈଠକ ଦ୍ୱାରା ପୁଲିସ ସାଧାରଣ ଲୋକଙ୍କର ନିକଟତର ହେବା ସହ ଆସ୍ଥା ଭାଜନ ମଧ ହୋଇପାରିବ। ସାଧାରଣ ଲୋକ ପୁଲିସ କୁ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିବା ସହ ସୂଚନା ମଧ ଦେଇପାରିବେ। ଯଦ୍ୱାରା କି ପୁଲିସ ଅପରାଧ ନିୟନ୍ତ୍ରଣ କରି ପାରିବ। ଥାନା ଅଞ୍ଚଳରେ କୌଣସି ଗଣ୍ଡଗୋଳ ହେଲେ ପୁଲିସ ତୁରନ୍ତ ଖବର ପାଇପାରିବ ଓ ଖବର ଦେଇଥିବା ବ୍ୟକ୍ତି ଙ୍କ ନାମ ଗୋପନ ରଖାଯିବ। ଏହାକୁ ଆଧାର କରି ରାଜ୍ୟ ପୁଲିସ ଆମ ପୁଲିସ ସମିତି ଥାନାରେ ଗଠନ କରିବା ପାଇଁ ପରାମର୍ଶ ଦେଲେ। ପରାମର୍ଶ ଅନୁଯାୟୀ ଆମ ପୁଲିସ ଗଠନ କରାଗଲା। କିଛି ଦିନ କାର୍ଯ୍ୟକ୍ଷମ ହେବା ପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ ବନ୍ଦ ହୋଇଯାଇଥିଲା, ପୁନର୍ବାର ମାର୍ଚ୍ଚ ୭ତାରିଖ ରେ ଅସ୍ତରଙ୍ଗ ଥାନା ପରିସରରେ ଆମ ପୁଲିସ ସମିତି ବୈଠକ ହୋଇଥିଲା। କିନ୍ତୁ ସେହି ବୈଠକ କେବଳ ବାକ୍ୟ ରେ ଥିଲା, କିନ୍ତୁ ତାହା କାର୍ଯ୍ୟ ରେ ହେଉନାହିଁ, ନା ଅଛି କଡା ପାଟ୍ରୋଲିଂ ନା ଚୋରା ମଦ ବ୍ୟବସାୟ ରୋକିବା। ପୁଲିସ ନିକଟତର ହେବା ପରିବର୍ତ୍ତେ ସମ୍ପୂର୍ଣ୍ଣ ଦୂରେଇ ଗଲା। ସାଧାରଣ ଲୋକଙ୍କ ଆସ୍ଥା ଭାଜନ ହୋଇ ପାରିଲା ନାହିଁ। ଯାହା ଫଳରେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଗ୍ରାମାଞ୍ଚଳ ଠୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ଘଟିଲା। ଏହାକୁ ନିୟନ୍ତ୍ରଣ କରିବା ରେ ପୁଲିସ ସମ୍ପୂର୍ଣ୍ଣ ବିଫଳ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଅସ୍ତରଙ୍ଗ ଥାନା ଅଞ୍ଚଳରେ ବିଭିନ୍ନ ମନ୍ଦିର ରୁ ଗୋଟିଏ ପରେ ଗୋଟିଏ ଚୋରି, ଦିନ ଦ୍ୱିପ୍ରହର ରେ କଳା ପଲସର ନାବାଳିକା ଙ୍କୁ କଳା ମୁଖା ଧାରୀ ଙ୍କ ଆକ୍ରମଣ ଯାହା ସାଧାରଣ ଲୋକଙ୍କୁ ଭୟଭୀତ କରିଛି।

**ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ମେଳି**

## ଅନାସ୍ଥା ପ୍ରସ୍ତାବ ଗ୍ରହଣ ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



**ଜୟପୁର,୧୭।୭ (ସଂଚାର ବ୍ୟୁର):** ଜୟପୁର ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଗ୍ରହଣ କରିବା ପାଇଁ ଉପାଧ୍ୟକ୍ଷଙ୍କ ନେତୃତ୍ୱରେ ସରପଞ୍ଚ ଏବଂ ସମିତିସଭ୍ୟ ଓ ସଭ୍ୟାମାନେ ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ବୁଧବାର ପ୍ରଦାନ କରିଛନ୍ତି। ଆଜି ପୂର୍ବାହ୍ନରେ ଉପାଧ୍ୟକ୍ଷ ଗଣେଷ ପ୍ରସାଦ ପାଢୀଙ୍କ ନେତୃତ୍ୱରେ ଏକ ବୈଠକ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ଉପାଧ୍ୟକ୍ଷଙ୍କ କକ୍ଷ ଠାରେ ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ଅଧ୍ୟକ୍ଷା ତିଲୋତ୍ତମା ମଦୁଲୀ ମନମୁଖୀ କାର୍ଯ୍ୟକୁ ବିରୋଧ କରିବା ସହ ସରକାରୀ ନିୟମକୁ ଉଲଂଘନ କରି କାର୍ଯ୍ୟ କରାଯାଉଛି। ଉନ୍ନତୀ ମୂଳକ କାର୍ଯ୍ୟ ନିମନ୍ତେ ଆକ୍ସନ ପ୍ଲାନ ପ୍ରସ୍ତୁତ ପୂର୍ବରୁ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କ କୌଣସି ମତାମତ ଗ୍ରହଣ କରାଯାଉନାହିଁ। ସଠିକ୍ ସମୟରେ ପଞ୍ଚାୟତ ସମିତି ବୈଠକ ମଧ ଅଧକ୍ଷା ଆହ୍ୱାନ କରୁନାହାନ୍ତି। ଫଳରେ ସରକାରଙ୍କ ବିଭିନ୍ନ ଯୋଜନାରେ ଉନ୍ନତିମୂଳକ କାର୍ଯ୍ୟ ନେଇ କୌଣସି ଆଲୋଚନା କରାଯାଉନାହିଁ। ସରକାରୀ ଏବଂ ବ୍ଲକ କାର୍ଯ୍ୟରେ ଅଧକ୍ଷାଙ୍କ ସ୍ୱାମୀ ଅଯଥା ହସ୍ତକ୍ଷେପ କରୁଛନ୍ତି। ବ୍ଲକ ଅଧକ୍ଷା ନିଜ ପଦବୀ ଗ୍ରହଣ କରିବାର ଦୀର୍ଘ ୩ ବର୍ଷରୁ ଅଧିକ ସମୟ ହୋଇଯାଇଥିଲେ ସୁଦ୍ଧା ବ୍ଲକର ୨୨ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ରହିଥିଲେ ମଧ ଅଧିକାଂଶ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଦେଖିନାହାଁନ୍ତି ବୋଲି ବୈଠକରେ ଅଭିଯୋଗ କରାଯାଇଛି। ସରକାରଙ୍କ ପକ୍ଷରୁ ପଞ୍ଚାୟତ ସମିତିର ବିଭିନ୍ନ କାର୍ଯ୍ୟ ନେଇ ଯେଉଁ ଗାଇଡ୍‌ଲାଇନ୍ ରହିଛି। ଏହାକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯିବା ଏବଂ ବିଭିନ୍ନ ଯୋଜନା ପାଇଁ ଯେଉଁ ଅର୍ଥରାଶି ସରକାର ପ୍ରଦାନ କରୁଛନ୍ତି, ଏହାକୁ ଠିକ୍ ଭାବେ ବିନିଯୋଗ ନକରି ଅଧକ୍ଷା ନିଜେ ମନମୁଖୀ ଭାବେ କାର୍ଯ୍ୟ କରୁଛନ୍ତି। ଅଧକ୍ଷାଙ୍କ ବେଆଇନ କାର୍ଯ୍ୟ ଏବଂ ଅଣଦେଖା ମନୋଭାବ ଯୋଗୁଁ ତାଙ୍କ ଉପରେ କୌଣସି ସରପଞ୍ଚ, ସମିତି ସଭ୍ୟ ଏବଂ ଲୋକପ୍ରତିନିଧି ମାନେ ଆସ୍ଥା ରଖିନାହାଁନ୍ତି। ତେଣୁ ତାଙ୍କ ବିରୋଧରେ ଅନସ୍ଥା ପ୍ରସ୍ତାବ ଗ୍ରହଣ କରିବାକୁ ନିଷ୍ପତି। ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପଜିଲ୍ଲାପାଳ ଏ.ଶଶ୍ୟା ରେଡିଙ୍କୁ ସାକ୍ଷାତ କରିବାକୁ ସରପଞ୍ଚ ଓ ସମିତି ସଭ୍ୟ ମାନେ ଦାବି କରିଛନ୍ତି।

## ଆତ୍ମାହୁତି ଘଟଣା ର ତୀବ୍ର ନିନ୍ଦା, କଂଗ୍ରେସର ବନ୍ଦ ଆନ୍ଦୋଳନ ସଫଳ

**ବୋରିଗୁମ୍ମା,୧୭।୭ (ସଂଚାର ବ୍ୟୁର):** ବାଲେଶ୍ୱର ଫକୀର ମୋହନ କଲେଜ ର ଛାତ୍ରୀ ସୌମ୍ୟଶ୍ରୀ ବିଶି ଙ୍କ ଆତ୍ମାହୁତି ଘଟଣା ର ତୀବ୍ର ନିନ୍ଦା କରିଛି ପ୍ରଦେଶ କଂଗ୍ରେସ। ଘଟଣା ରେ ମୋହନ ସରକାର ଙ୍କୁ ଦାୟୀ କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ରାଜ୍ୟ ସରକାରଙ୍କ ଅବହେଳାରୁ ଗୋଟିଏ ନିରୀହ ଝିଅ ର ଜୀବନ ଗଲା ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହାର ପ୍ରତିବାଦ କରି ରାଜ୍ୟ କଂଗ୍ରେସ ଆଜି ସକାଳ ୬ ଟା ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ପାଳନ କରିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ଙ୍କ ଆହ୍ୱାନ କ୍ରମେ ରାଜ୍ୟରେ କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ବୋରିଗୁମ୍ମା ବ୍ଲକ କଂଗ୍ରେସ ସଭାପତି ଅଶୋକ କୁମାର ଗନ୍ତାୟତ ଙ୍କ ନେତୃତ୍ୱରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ସହର ଦେଇ ଯାଇଥିବା ୨୬ ଓ ୬୩ ନମ୍ବର ଜାତୀୟ ରାଜପଥ ଉଭୟ ପଟୁ ବିଭିନ୍ନ ଗାଡି ଅଟକି ରହିଥିଲା।

## ଡେଲାଙ୍ଗରେ ୧୨ଘଣ୍ଟିଆ ଓଡ଼ିଶା ବନ୍ଦ

**ଡେଲାଙ୍ଗ,୧୭।୭ (ସଂଚାର ବ୍ୟୁର):** ଏଫ ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିସି ଙ୍କ ଆତ୍ମାହୂତି ଘଟଣା ରେ ତାଙ୍କୁ ନ୍ୟାୟ ପ୍ରଦାନ ଏବଂ ରାଜ୍ୟ ରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରସଙ୍ଗ ଉଠାଇ ସକାଳ ୬ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଓଡିଶା ବନ୍ଦ ଡାକରା ଦେଇଥିବା ବେଳେ ମୁଖ୍ୟମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ଏସପି, କଲେକ୍ଟର ଙ୍କ ଇସ୍ତଫା ଦାବି କରିଛି କଂଗ୍ରେସ। ସମ୍ପୂର୍ଣ୍ଣ ରୂପେ ବନ୍ଦ ସଫଳ ହୋଇଛି। ୧୨ଘଣ୍ଟିଆ ବନ୍ଦ ପ୍ରଭାବରେ ଡେଲାଙ୍ଗ ହାଟ ବଜ଼ାର, ଷ୍ଟେସନ ବଜାର, କଲ୍ୟାଣପୁର, ଘୋରଡ଼ିଆ ଆଦି ବନ୍ଦ ରହିବା ସହିତ ସବୁ ଯାତ୍ରୀବାହି ବସ୍, ପଞ୍ଚାୟତରୁ ବ୍ଲକ କୁ ଯାଉଥିବା ସରକାରୀ ବସ ଗୁଡିକ ଚଳାଚଳ ବନ୍ଦ ରହିଥିଲା। ସମସ୍ତ ସରକାରୀ ଓ ବେସରକାରୀ କଲେଜ, ବ୍ୟାଙ୍କ ତହସିଲ, ବ୍ଲକ କାର୍ଯ୍ୟାଳୟ ଗୁଡିକ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା। ଏହି ବନ୍ଦକୁ ସଫଳ କରିବା ପାଇଁ କଂଗ୍ରେସ ଓ ସିପିଆଇ (ଏମଏଲ)ର କର୍ମୀମାନେ ପିକେଟିଙ୍ଗ କରିବା ସହିତ କଣାସ ରୋଡ଼ ରେଳ ଷ୍ଟେସନରେ ରେଳ ରୋକା ଯାଇ ସୈମ୍ୟଶ୍ରୀ ଙ୍କ ପ୍ରତି ଅନ୍ୟାୟ କୁ ପ୍ରତିବାଦ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉବୋଲି ବିକ୍ଷୋଭ କରିଥିଲେ।

**ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ଘଟଣାରେ ବିରୋଧୀଙ୍କୁ ଘେରିଲେ ଅପରାଜିତା**

# ଡାହାଣୀ ହୋଇ ଲାଗୁଛନ୍ତି, ଗୁଣିଆ ହୋଇ ଝାଡୁଛନ୍ତି




**ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ):** ବାଲେଶ୍ୱରର ବହୁଚର୍ଚ୍ଚିତ ଏଫଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପରେ ରାଜ୍ୟରେ ଜୋର ଧରିଛି ରାଜନୀତି। ଏହି ଅବସରରେ ବିରୋଧୀଙ୍କ ସିଧାସଳଖ ଟାର୍ଗେଟ୍ କରିବା ସହ ବର୍ଷିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ। ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସାଂସଦ ଅପରାଜିତା କହିଛନ୍ତି ଯେ ରାସ୍ତାକୁ ଓହ୍ଲାଇବା ପୂର୍ବରୁ ବିରୋଧୀ ବିଜେଡି ନିଜ ସରକାର ଅମଳରେ ଘଟିଥିବା ଘଟଣାବଳୀର ସମୀକ୍ଷା କରିବା ଉଚିତ। ତେଣୁ ସଦ୍ୟ ଘଟଣାରେ ବିଜେଡିର ଆଚରଣ 'ନିଜେ ଡାହାଣୀ ହୋଇ ଲାଗିବା ଓ ନିଜେ ଗୁଣିଆ ହୋଇ ଝାଡ଼ିବା' ସହ ସମାନ। ସେହିପରି କଂଗ୍ରେସ ଗତ ୪୦ ବର୍ଷର କ୍ଷମତା ଓ ବିଜେଡି ୨୪ ବର୍ଷର ସରକାର ଅମଳରେ ମହିଳା ସୁରକ୍ଷା ଓ ସଶକ୍ତିକରଣ ଦିଗରେ ପଦକ୍ଷେପ ନେଇଥିଲେ, ଆଜି ହୁଏତ ଏପରି ଅବସ୍ଥା ଉପୁଜିନଥାନ୍ତା। ସେହିପରି ବିଜେଡି ଅମଳରେ ଯେଉଁସବୁ ଘଟଣା ଘଟିଥିଲା, ସେଥିରେ କେବେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପୀଡିତାଙ୍କ ପରିବାରକୁ ହେଉ କି ଡାକ୍ତରଖାନାରେ ଭେଟିବାର ନଜିର ଅଛି କି? କେବେ ସେମାନଙ୍କୁ ସମବେଦନା ଜଣାଇଛନ୍ତି କି? କିନ୍ତୁ ବିଜେଡି ସରକାରରେ ମୁଖ୍ୟମନ୍ତ୍ରୀ ସମ୍ବେଦନଶୀଳତାର ଉଦାହରଣ ଦେଇ ଦିଲ୍ଲୀରୁ ଫେରିବା କ୍ଷଣି ଅବିଳମ୍ବେ ସିଧା ବିମାନବନ୍ଦରରୁ ଏମ୍ସରେ ପହଞ୍ଚି ପୀଡ଼ିତାଙ୍କୁ ଭେଟିବା ସହ ଡାକ୍ତରୀ ଟିମ ସହ ଆଲୋଚନା କରି ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଥିଲେ। ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଭେଟି ଝିଅର ସ୍ଥିତି ବିଷୟରେ କହିବା ସହ ତାଙ୍କୁ ନିଶ୍ଚିତ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଧିକନ୍ତୁ ଏମ୍ସ ସମାବର୍ତ୍ତନ ଉତ୍ସବରେ ଯୋଗଦେବାକୁ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ପୀଡ଼ିତାଙ୍କ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିବା ସହ ପରିବାର ଲୋକଙ୍କୁ ଭେଟିଥିଲେ। ସେହିପରି ପୀଡ଼ିତାଙ୍କ ଭାଇ ମଧ୍ୟ ଗତକାଲି ଭୋଗରାଇ ଥାନାରେ କଂଗ୍ରେସ ବିରୋଧରେ ଏଫ୍‌ଆଇଆର୍ ଦେବା ସହ ପରିବାର ଅସୁରକ୍ଷିତ ଥିବା ଅଭିଯୋଗ ଆଣିଛନ୍ତି। ଏପରିକି କଂଗ୍ରେସ ଓ ବିଜେଡି ଆମକୁ ନ୍ୟାୟ ମିଳୁ ବୋଲି ଚାହୁଁନଥିବା ମଧ୍ୟ ସେ ଏତଲାରେ ଉଲ୍ଲେଖ କରିଛନ୍ତି। ତେଣୁ ଏହା ବିରୋଧୀ ଦଳର ମୁଖା ଖୋଲିଦେଇଛି ବୋଲି ସାଂସଦ ଅପରାଜିତା କହିବା ସହ ବିଜେପି ସରକାର ଆରମ୍ଭରୁ ପୀଡ଼ିତାଙ୍କ ପରିବାର ସହ ରହିଛନ୍ତି ଓ ଆଗକୁ ନ୍ୟାୟ ପ୍ରଦାନ ଦିଗରେ ସମସ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି। ଏହି ଘଟଣାରେ ବିରୋଧୀ ଦଳଗୁଡ଼ିକ ମଧ୍ୟ ସରକାରଙ୍କୁ ସହଯୋଗ କରିବା ସକାଶେ ସେ ଆହ୍ୱାନ ଦେଇଛନ୍ତି। ଏହି ମାମଲାରେ ଦୋଷୀଙ୍କୁ ନିଶ୍ଚିତ ଭାବେ କଠୋର ଦଣ୍ଡ ଦିଆଯିବ ବୋଲି ମଧ୍ୟ ସାଂସଦ ଅପରାଜିତା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏଥିସହ ସାଂସଦ ଦୁଇ ବିରୋଧୀ ଦଳ ସେମାନଙ୍କ କାର୍ଯ୍ୟକାଳ ସମୟରେ କେତେଦୂର ମହିଳାଙ୍କ ପ୍ରତି ସମ୍ବେଦନଶୀଳ ଥିଲେ, ସେନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ବରଂ ଦୀର୍ଘ ବର୍ଷ ଧରି କ୍ଷମତାରେ ରହିଥିଲେ ମଧ୍ୟ ମହିଳାଙ୍କ ସୁରକ୍ଷା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଇନଥିବା ସେ ଅଭିଯୋଗ କରିଛନ୍ତି। ଏପରି ସ୍ଥିତିରେ ବର୍ତ୍ତମାନର ସମ୍ବେଦନଶୀଳ ଘଟଣାରେ ବିରୋଧୀ ଦଳଗୁଡ଼ିକ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ଆନ୍ଦୋଳନର ଆଶ୍ରା ନେବା ନିନ୍ଦନୀୟ ପଦକ୍ଷେପ ବୋଲି ସାଂସଦ ମତ ଦେଇଛନ୍ତି। ସେହିପରି ବାଲେଶ୍ୱର ପୀଡ଼ିତାଙ୍କୁ ଆତ୍ମହତ୍ୟା ପାଇଁ ଉସକାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ କଂଗ୍ରେସର କେତେକ ସମର୍ଥକ ଥିବା ମଧ୍ୟ ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚା ହେଉଥିବା ସାଂସଦ ଅପରାଜିତ କହିଛନ୍ତି। ଏଥିସହ ଜାତୀୟ ସ୍ତରର କଂଗ୍ରେସ ନେତ୍ରୀ ଅଲକା ଲମ୍ବାଙ୍କ ଆଡ଼କୁ ଇଙ୍ଗିତ କରି ସେ କହିଛନ୍ତି ଯେ ଏଠାକାର ବାତାବରଣ ଅଶାନ୍ତ କରିବା ପାଇଁ ଦିଲ୍ଲୀରୁ ବି ନେତ୍ରୀ ଆସିଥିଲେ। କିନ୍ତୁ ଉଭୟ କଂଗ୍ରେସ ଓ ବିଜେଡିର ଟ୍ରାକ୍ ରେକର୍ଡ ଦେଖିଲେ, ସେମାନଙ୍କର ଏପରି ଏକ ସମ୍ବେଦନଶୀଳ ଘଟଣାରେ କିଛି ବି କହିବାର ନୈତିକ ଅଧିକାର ନାହିଁ ବୋଲି ସେ କହିଛନ୍ତି।

**ଝିଅ ନିଖୋଜ ନେଇ ବାପାଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା**

# ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗୃହ ବିଭାଗର ନିର୍ଦ୍ଦେଶ



- ମେଡିକାଲ୍‌ରେ ସ୍ୱତନ୍ତ୍ର ଟିମ୍‌ର ତନାଘନା
- ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ଅତନୁ

**କେନ୍ଦ୍ରାପଡ଼ା/ମହାକାଳପଡ଼ା (ସଂଚାର ବ୍ୟୁରୋ):** ନାବାଳିକା ଝିଅକୁ ଖୋଜିବାରେ ବିଳମ୍ବ ହେବାରୁ ବାପା ବିଷପିଇ ଆତ୍ମହତ୍ୟା ଉଦ୍ୟମ ଘଟଣା ସାମ୍ନାକୁ ଆସିବା ପରେ କେନ୍ଦ୍ରାପଡା ପୁଲିସର ବେପରୁଆ ଢଙ୍ଗ ଏଥିପାଇଁ ଦାୟୀ ବୋଲି ଚର୍ଚ୍ଚା ହେଉଛି। ଅଭିଯୋଗ ସତ୍ତ୍ୱେ ପୁଲିସ ଚୁପ୍ ରହିବା ଓ ନିଖୋଜ ଝିଅର ବାପା ଆତ୍ମହତ୍ୟା ଭଳି ଚରମ ପନ୍ଥା ଆପଣାଇବା ପରି ଏକ ସମ୍ବେଦନଶୀଳ ଘଟଣା ନେଇ ଉପରିସ୍ଥ ଅଧିକାରୀ ଅବଗତ ନ ହେବା ମଧ୍ୟ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ଓ ସାମାଜିକ ଗଣମାଧ୍ୟମରେ ପୁଲିସ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ ହେବା ପରେ ଗୃହ ବିଭାଗ ଏହାକୁ ଗୁରୁତ୍ୱ ଦେଇ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଡିଜିପି ଓ କେନ୍ଦ୍ରାପଡା ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୃହ ବିଭାଗ ନିର୍ଦ୍ଦେଶ ପରେ କେନ୍ଦ୍ରାପଡା ପୁଲିସର ଏକ ଉଚ୍ଚସ୍ତରୀୟ ଟିମ୍ କଟକସ୍ଥିତ ଘରୋଇ ମେଡିକାଲରେ ପହଞ୍ଚି ଚିକିତ୍ସିତ ହେଉଥିବା ନାବାଳିକାଙ୍କ ବାପା ଓ ତାଙ୍କ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କୁ ଭେଟିଛନ୍ତି। ସେହିପରି ଘଟଣା ନେଇ ଅବଗତ ହେବା ପରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମେଡିକାଲରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ସୂଚନାନୁଯାୟୀ, ମହାକାଳପଡ଼ା ବ୍ଲକ ତନ୍ତିଆପାଳ ଥାନାଞ୍ଚଳର ଚକଡ଼ା ଗୋଗୁଆ ଗ୍ରାମ ନିବାସୀ କଳ୍ପତରୁ ଓଝା (୪୮)ଙ୍କ ନାବାଳିକା ଝିଅ ଆଶାରାଣୀ(୧୬)ଙ୍କୁ ଗ୍ରାମର ଅଜୟ ଜେନାଙ୍କ ଭଣଜା ରାଜେଶ ଜେନା (ଚଗଲା) ବିବାହ ପ୍ରତିଶ୍ରୁତି ଦେଇ କେଉଁଆଡ଼େ ଅପହରଣ କରିନେଇଛନ୍ତି। ଏନେଇ କଳ୍ପତରୁ ଗତ ମେ' ୨୭ ତାରିଖରେ ଅଜୟ ବିରୋଧରେ ତନ୍ତିଆପାଳ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ତଦନ୍ତରେ ଅବହେଳା କରିବାରୁ କଳ୍ପତରୁ ଗତ ଜୁନ୍ ୯ ତାରିଖରେ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ଏହା ସତ୍ତ୍ୱେ ବି ଝିଅର କୌଣସି ପତ୍ତା ମିଳିନପାରିବାରୁ କଳ୍ପତରୁ ଗତକାଲି ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ବର୍ତ୍ତମାନ ସେ ଚିକିତ୍ସାଧୀନ ଥିବା ବେଳେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି। ଏନେଇ ସମାଜସେବୀ ସୌଭାଗ୍ୟ ପରିଡ଼ା ଗତକାଲି ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ୍ କରିବା ସହ ପୁଲିସ୍ ଅବହେଳା ନେଇ ଅଭିଯୋଗ କରିଥିଲେ।

**ପୀଡ଼ିତାଙ୍କ ରୁମ୍‌ମେଟ୍ କଲେ ଖୁଲାସା**

# ପୂର୍ବ ରାତିରେ ଚାପଗ୍ରସ୍ତ ଥିଲେ, ଷଡ଼୍‌ଯନ୍ତ୍ର ହୋଇଛି

**ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ):** ଏଫ୍‌ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ଦେବା ଦାବିରେ ସରକାରଙ୍କୁ ଘେରିଛନ୍ତି ବିରୋଧୀଦଳ। ଗତକାଲି ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିଜେଡି କର୍ମୀ ଆନ୍ଦୋଳନ କରିଥିବା ବେଳେ ଆଜି କଂଗ୍ରେସ ମଧ୍ୟ ଓଡ଼ିଶା ବନ୍ଦ ପାଳନ କରିଛି। ଏହି ସମୟରେ ସୌମ୍ୟାଶ୍ରୀଙ୍କ ସହ ରହୁଥିବା ଜନୈକା ଛାତ୍ରୀ ଆଜି ଚାଞ୍ଚଲ୍ୟକର ଖୁଲାସା କରିଛନ୍ତି। ସେ କହିଛନ୍ତି ଯେ ଘଟଣାର ପୂର୍ବ ରାତିରେ ସେ ଖାଇନଥିଲେ। ସେ ବେଶ୍ ବିଚଳିତ ଜଣାପଡୁଥିଲେ। ମଝିରେ ମଝିରେ ସେ କାନ୍ଦୁଥିଲେ ମଧ୍ୟ। ଏପରିକି ରାତି ୩ଟା ପର୍ଯ୍ୟନ୍ତ ବି ସେ ଶୋଇ ନ ଥିଲେ। ପ୍ରବଳ ଚାପରେ ଥିବା ପରି ମନେ ହେଉଥିଲେ। କାରଣ ତାଙ୍କୁ ସାର୍ ପରୀକ୍ଷାରୁ ବଞ୍ଚିତ କରିଥିଲେ। ପୂର୍ବରୁ ମୋଟ ୯ ଜଣଙ୍କୁ ପରୀକ୍ଷାରୁ ବଞ୍ଚିତ କରିବା ସକାଶେ ନୋଟିସ୍ ହୋଇଥିଲା। କିନ୍ତୁ ପରେ ଅନ୍ୟମାନଙ୍କୁ ପରୀକ୍ଷାରେ ବସିବା ପାଇଁ ଅନୁମତି ଦିଆଯାଇଥିଲେ ହେଁ ପୀଡ଼ିତାଙ୍କ ଉପରୁ ଏହି କଟକଣା ହଟିନଥିଲା ବୋଲି ଛାତ୍ରୀ ଜଣଙ୍କ କହିଛନ୍ତି। ସେ ଘଟଣା ସମ୍ପର୍କରେ ଘର ଲୋକଙ୍କୁ ଜଣାଇ ଚାପମୁକ୍ତ ହେବାକୁ ପୀଡ଼ିତାଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ସେ ତାଙ୍କ କଥା ପ୍ରତି ଗୁରୁତ୍ୱ ଦେଇନଥିଲେ। ତେବେ ପୀଡ଼ିତା ଅନେକ ସମୟରେ ଅନ୍ୟମାନଙ୍କୁ ଜୀବନ ସହ ଲଢ଼ିବା ସକାଶେ ପରାମର୍ଶ ଦେଉଥିଲେ ହେଁ ସେ କିପରି ଭାବେ ଏତେ ଦୁର୍ବଳମନା ହୋଇ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଲା, ସେଥିରେ ଉକ୍ତ ଛାତ୍ରୀ ଜଣଙ୍କ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ ଯିଏ ଦିନେ ଅନ୍ୟ ସମସ୍ତଙ୍କୁ ବୁଝାଉଥିଲା, ସେ କିପରି ଏତେ ବଡ଼ ପଦକ୍ଷେପ ନେଇପାରିବ? ଅବଶ୍ୟ ସେ ଅତ୍ୟଧିକ ଚାପରେ ଥିଲେ। କିନ୍ତୁ ତାଙ୍କ ଆତ୍ମାହୁତି ଘଟଣା ପଛରେ କିଛି ନା କିଛି ଷଡ଼୍‌ଯନ୍ତ୍ର ରହିଛି। କାରଣ ସେ କଦାପି ଆତ୍ମାହୁତି ପାଇଁ ମନସ୍ଥ କରିନଥିଲା। କାରଣ କଲେଜରୁ ଫେରିବା ସମୟରେ ସେ ଖାଇବା ଆଣିକି ଆସିବ ବୋଲି କହିଥିଲା। ତେଣୁ ଏହି ଘଟଣାର ସଠିକ ତଦନ୍ତ ହେଲେ ବହୁତ କିଛି ଗୁମର ପଦାକୁ ଆସିବ ବୋଲି ପୀଡ଼ିତାଙ୍କ ସହ ରୁମ୍ ଶେୟାର୍ କରୁଥିବା ଉକ୍ତ ଛାତ୍ରୀ ଜଣଙ୍କ କହିଛନ୍ତି।

# ଆଉ ଜଣେ ଅଧ୍ୟାପକ ଗିରଫ, ଚାକିରିରୁ ନିଲମ୍ବିତ



**ସମ୍ବଲପୁର,୧୭।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣା ଲୋକଙ୍କ ମନରେ ଭୀଷଣ ପ୍ରତିକ୍ରିୟା ପ୍ରକାଶ ପାଉଥିବା ବେଳେ ଆଉ ଏକ ସାଂଘାତିକ ଅଭିଯୋଗ ଆସିଛି ରାଜ୍ୟର ଅନ୍ୟ ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ନାଁରେ। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଛାତ୍ରୀ ନିର୍ଯାତନା ଅଭିଯୋଗରେ ବନ୍ଧା ହୋଇଛନ୍ତି ଜଣେ ଅଧ୍ୟାପକ। ଗିରଫ ଅଧ୍ୟାପକ ଜଣଙ୍କ ଶିକ୍ଷା ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଗୋପୀକାନ୍ତ ସୁନା। ତାଙ୍କ ବିରୋଧରେ ଜନୈକା ଛାତ୍ରୀ ନିର୍ଯାତନା ଅଭିଯୋଗ ଆଣିବା ପରେ ସ୍ଥାନୀୟ ପୁଲିସ୍ ତାଙ୍କୁ ଗିରଫ କରିଛି। ବିବାହ ପ୍ରତିଶ୍ରୁତି ଦେଇ ଅଧ୍ୟାପକ ଜଣଙ୍କ ତାଙ୍କ ସହ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏଭଳି ସାଂଘାତିକ ଅଭିଯୋଗ ଆସିବା ପରେ ପୁଲିସ୍ ଆକ୍ସନ୍ ମୋଡ୍‌କୁ ଆସିଛି। ତୁରନ୍ତ ଅଭିଯୁକ୍ତ ଆସିଷ୍ଟାଣ୍ଟ ପ୍ରଫେସର ଶ୍ରୀ ସୁନାଙ୍କୁ ଗିରଫ କରାଯାଇଥିବା ସମ୍ବଲପୁର ଏସପି ସୂଚନା ଦେଇଛନ୍ତି।

**ଅଶ୍ଳୀଳ ଭିଡିଓ ଭାଇରାଲ୍ ମାମଲା**

# ଅଭିଯୁକ୍ତକୁ ୫ ବର୍ଷ ସଶ୍ରମ କାରାଦଣ୍ଡ

**ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ):** ପାରାଦୀପ ଅଞ୍ଚଳର ଜନୈକା ନାବାଳିକାଙ୍କ ସହ ସାମାଜିକ ଗଣମାଧ୍ୟମରେ ପ୍ରଥମେ ପ୍ରେମ ଓ ପରେ ତାଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ କରିବା ମାମଲାରେ ଆଜି ଶୁଣାଣି କରି ଜଗତସିଂହପୁର ଅତିରିକ୍ତ ଜିଲ୍ଲା ବିଚାରପତି ତଥା ସ୍ୱତନ୍ତ୍ର ପକସୋ କୋର୍ଟ ଦଣ୍ଡାଦେଶ ଶୁଣାଇଛନ୍ତି। କୋର୍ଟ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବା ସକାଶେ ଆଦେଶ ସହ ତାଙ୍କ ଉପରେ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଅଭିଯୁକ୍ତ ଜଣଙ୍କ ମଧ୍ୟପ୍ରଦେଶର ନରସିଂହପୁର ଜିଲ୍ଲାର କେରେଲି ଅଞ୍ଚଳର ଅମନ ରଜାକ ବୋଲି ଜଣାପଡ଼ିଛି। ସୂଚନାନୁସାରେ, ପାରାଦୀପ ଅଞ୍ଚଳର ଉକ୍ତ ଛାତ୍ରୀ ଜଣଙ୍କ ମେଡିକାଲ ପଢ଼ିବା ଲାଗି କୋଚିଂ ନେଉଥିଲେ। ସେହି ସମୟରେ ସେ ଇନଷ୍ଟାଗ୍ରାମ ମାଧ୍ୟମରେ ଅମନ୍ ସଂସ୍ପର୍ଶରେ ଆସିଥିଲେ। ପରେ ଉଭୟଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ ବନ୍ଧୁତା ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଅମନ୍ ଉକ୍ତ ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ରେକର୍ଡିଂ କରି ତାହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେଇଥିଲା। ଏଥିସହ ବିଭିନ୍ନ ସମୟରେ ସେ ଉକ୍ତ ଛାତ୍ରୀଙ୍କୁ ବ୍ଲାକମେଲ୍ ବି କରୁଥିଲା। ଏନେଇ ଛାତ୍ରୀଙ୍କ ପରିବାର ଲୋକେ କ୍ରାଇମବ୍ରାଞ୍ଚ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ତ୍ୱରିତ ପଦକ୍ଷେପ ନେଇ ତଦନ୍ତ କରିବା ସହ ଅମନ୍‌କୁ ମଧ୍ୟପ୍ରଦେଶରୁ ଗିରଫ କରି ଜେଲ୍ ପଠାଇଥିଲା। ସାଇବର ଥାନା ଇନ୍‌ସପେକ୍ଟର ଅବନ୍ତୀରାଣୀ ନାୟକ ମାମଲାର ତଦନ୍ତକାରୀ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ।

# ରାଜ୍ୟରେ ଖୋଲିବ ୫ ନୂଆ ଏନ୍‌ସିସି ବାଟାଲିଅନ



**ଭୁବନେଶ୍ୱର, ୧୭।୭ (ସଂଚାର ବ୍ୟୁରୋ) :** ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ଏକ ବଡ଼ ପଦକ୍ଷେପ ନିଆଯାଇଛି। ଓଡ଼ିଶାରେ ଆଉ ୫ ନୂଆ ମହିଳା ଏନ୍‌ସିସି ବାଟାଲିଅନ ଖୋଲିବାକୁ ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶକଙ୍କୁ ଚିଠି କରିଛି। ଚିଠିରେ କ୍ୟାଡେଟ୍‌ମାନଙ୍କ ଦକ୍ଷତା ବିକାଶ ଏବଂ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି। ଅନ୍ୟପକ୍ଷେ କ୍ୟାଡେଟ ସଂଖ୍ୟା ୬୩ ହଜାରରୁ ୯୦ ହଜାର ବୃଦ୍ଧି କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଛାତ୍ରୀମାନେ ଉପକୃତ ହୋଇପାରିବେ।

# ପୁଲିସ ଅଧିକାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ



**ପାଟଣାଗଡ଼,୧୭।୭(ସଂଚାର ବ୍ୟୁରୋ):** ଜନୈକା ନାବାଳିକାଙ୍କ ମୃତ୍ୟୁର ତଦନ୍ତ ପାଇଁ ଯାଇଥିବା ୭ ଜଣ ପୁଲିସ ଅଧିକାରୀଙ୍କୁ ଗ୍ରାମବାସୀ ଅଟକ ରଖିଛନ୍ତି। ଏଭଳି ଏକ ଘଟଣା ସାମ୍ନାକୁ ଆସିଛି ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଅଞ୍ଚଳରୁ। ମିଳିଥିବା ସୂଚନା ମୁତାବକ, ପାଖାପାଖି ମାସେ ତଳେ ଉକ୍ତ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ପରିବାର ଲୋକ ନାବାଳିକାଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରୁ ନ ଥିବା ବେଳେ ହତ୍ୟା ଅଭିଯୋଗ ଆଣିଥିଲେ। ଏଭଳି ସ୍ଥିତିରେ ଆଜି ତଦନ୍ତ ପାଇଁ ଆଇଆଇସିଙ୍କ ସମେତ ୭ ପୁଲିସ ଅଧିକାରୀ ତଦନ୍ତ ପାଇଁ ଗାଁରେ ପହଞ୍ଚିଥିଲେ। କିନ୍ତୁ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ନେଇ ଗ୍ରାମବାସୀ ଉତ୍‌କ୍ଷିପ୍ତ ହୋଇ ସେମାନଙ୍କୁ ଗାଁ ମଝିରେ ପୁଲିସ୍ ଅଧିକାରୀଙ୍କୁ ଅଟକ ରଖିଥିଲେ। ତେବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି।

# ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚୋରା ବିଦେଶୀ ମଦ ଜବତ



**ଆଠଗଡ଼,୧୭।୭(ସଂଚାର ବ୍ୟୁରୋ):** ଅସଲି ବୋତଲରେ ନକଲି ମଦ। ଏହି ଚୋରା କାରଖାନା ଚାଲିଥିଲା ଆଠଗଡ଼ ମୈତ୍ରୀନଗର ଅଞ୍ଚଳରେ। କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏକ ଚୋରା ମଦ କାରଖାନା ଠାବ ହୋଇଛି । ୩୦୦ ଶହ ପେଟିରୁ ଅଧିକ ନାମୀଦାମୀ ବ୍ରାଣ୍ଡ କମ୍ପାନୀର ଚୋରା ବିଦେଶୀ ମଦ ଭର୍ତ୍ତି ବୋତଲ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବିଭିନ୍ନ ନାମୀଦାମୀ ବିଦେଶୀ ମଦର ଲୋଗୋ, ଠିପି ସହିତ ବିଭିନ୍ନ ସରଞ୍ଜାମ ଜବତ କରିଛି ଗୁଇନ୍ଦା ବିଭାଗ। ତେବେ ଏହାର ଚେର କେଉଁଆଡେ ଲମ୍ବିଛି ଓ ଏଥିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ଖୋଳତାଡ଼ ଆରମ୍ଭ ହୋଇଛି। ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି କହିଛନ୍ତି କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଅଧିକାରୀ ଧିରେନ୍ କୁମାର ବେହେରା।

# ମାଡ଼ିଗଲା ଟ୍ରେନ୍: ଜଣେ ମୃତ, ୨ ଗୁରୁତର

**ରାୟଗଡ଼ା,୧୭।୭ (ସଂଚାର ବ୍ୟୁରୋ):** ରାୟଗଡ଼ା ରେଳ ଷ୍ଟେସନରେ ଘଟିଛି ଦୁର୍ଘଟଣା। ବିଶାଖାପାଟଣାଠାରୁ ଦୁର୍ଗ ଅଭିମୁଖେ ଯାଉଥିବା ଟ୍ରେନ୍ ନମ୍ବର ୫୮୫୨୮ ରେଳଷ୍ଟେସନ ପୂର୍ବରୁ ୩ ନମ୍ବର ପ୍ଲାଟ୍‌ଫର୍ମରେ ଏକ ଲାଇଟ ମୋଟର ଟ୍ରଲିକୁ ପଛପଟୁ ଧକ୍କା ଦେଇଥିଲା। ଏକା ରେଳଧାରଣାରେ ସମାନ ସମୟରେ ଟ୍ରେନ୍ ଓ ଟ୍ରଲି ରହିବାରୁ ଏପରି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଟ୍ରଲିରେ ଥିବା ରେଳବାଇ ଇଞ୍ଜିନିୟରିଂ ବିଭାଗର ୩ ଠିକା କର୍ମଚାରୀଙ୍କ ମଧ୍ୟରୁ ଜଣେ ମୃତ ଓ ଦୁଇ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ମୃତ କର୍ମଚାରୀ ଜଣକ ହେଲେ ସୁନ୍ଦରଗଡ଼ ଜିଲ୍ଲାର ଦେବର୍ଷି କିଶାନ। ଆହତମାନେ ସୁଶାନ୍ତ ଦାସ ଓ ବାବୁଲା ସାହା ବୋଲି ଜଣାପଡ଼ିଛି ଓ ସେମାନଙ୍କ ଅବସ୍ଥା ଗୁରୁତର ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସେମାନଙ୍କର ଚିକିତ୍ସା ଚାଲିଛି। ମୃତକ ଓ ଆହତମାନେ ଟ୍ରଲିରେ କାର୍ଯ୍ୟ କରୁଥିଲେ। ତେବେ କେଉଁଠି ତ୍ରୁଟି ଯୋଗୁ ଏଭଳି ଏକ ଦୁର୍ଘଟଣା ଘଟିଲା, ସେନେଇ ତଦନ୍ତ ଆରମ୍ଭ ହୋଇଛି। ଡିଆରଏମ୍ ଅମିତାଭ ସିଂଘଲଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।




**ହଷ୍ଟେଲ କୋଠାରୁ ଡେଇଁ ଜୀବନ ହାରିବା ଘଟଣା**

# ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କଲା ପୁଲିସ

**ଚମ୍ପୁଆ,୧୭।୭(ସଂଚାର ବ୍ୟୁରୋ):** ଚମ୍ପୁଆ କେରଳା ଇଂରାଜୀ ମିଡିୟମ ସ୍କୁଲ ଛାତ୍ର ଆତ୍ମହତ୍ୟା ମାମଲାରେ ଆଜି ୪ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଚମ୍ପୁଆସ୍ଥିତ କେରଳା ଇଂରାଜୀ ମିଡିୟମ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ଗତ ୧୨ ତାରିଖରେ ହଷ୍ଟେଲର ୪ ମହଲା କୋଠାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହାକୁ କେନ୍ଦ୍ରକରି ମୃତ ଛାତ୍ରଙ୍କ ପରିବାର ଲୋକଙ୍କ ପକ୍ଷରୁ ଡାକ୍ତରଖାନା ପରିସରରେ ଉତ୍ତେଜନା ସୃଷ୍ଟି କରାଯିବା ସହ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଥିଲେ। ଏହି ଘଟଣାରେ ପୁଲିସ ତଦନ୍ତକୁ ଜୋରଦାର କରିବା ସହ ଏକ ମାମଲା ରୁଜୁ କରିଛି। ଆଜି ବିଦ୍ୟାଳୟର କର୍ମଚାରୀ ଦୈତାରୀ ସାହୁ ସହ ଶିଶି ଶେଖର ଝା, ପ୍ରକାଶନ ଟି ଓ ସୁରେନ୍ଦ୍ରନାଥ ମିଶ୍ରଙ୍କୁ ଚମ୍ପୁଆ ପୁଲିସ କୋର୍ଟ ଚାଲାଣ କରିଛି। ତେବେ ଏସଡିଜେଏମ କୋର୍ଟରେ ଜାମିନ୍ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଚମ୍ପୁଆ ସବ୍‌ଜେଲକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

# ଡକାୟତି ମାମଲାରେ ୫ ଗିରଫ



**ବ୍ରହ୍ମପୁର,୧୭।୭(ସଂଚାର ବ୍ୟୁରୋ):** ସ୍ଥାନୀୟ ଝାଡ଼ାଆଙ୍କୁଲି ଗ୍ରାମ ନିକଟସ୍ଥ ଏକ ପଡ଼ିଆରେ ବସି ଡକାୟତି ପାଇଁ ଯୋଜନା କରୁଥିବା ବେଳେ ୫ ଜଣ ଯୁବକଙ୍କୁ ନିମଖଣ୍ଡି ଥାନା ପୋଲିସ୍ କାବୁ କରିଛି। ଅଭିଯୁକ୍ତ ମାନେ ହେଲେ ଝାଡ଼ାଆଙ୍କୁଲି ମାଝୀ ସାହିର ମିଟୁ ସାହୁ ଓରଫ ମୁରଲୀ(୪୮), ନିମଖଣ୍ଡିର ଟୁନା ନାୟକ(୨୮), ମହେଶ୍ୱର ପାତ୍ର ଓରଫ ଜଗା(୨୮), ପୁରୁଣା ଖୋଜୁରିଆ ଗ୍ରାମର କାଳିଆ ସେଠୀ(୨୮) ଓ ଝାଡ଼ାଆଙ୍କୁଲିର ପ୍ରଶାନ୍ତ କୁମାର ସେଠୀ(୩୨)। ପୁଲିସ ଗିରଫ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ବନ୍ଧୁକ, ୪ଟି ଗୁଳି, ଦୁଇଟି ଖଣ୍ଡା, ଗୋଟିଏ ପଞ୍ଚ୍ ଓ ଦୁଇଟି ମୋବାଇଲ ଜବତ କରିଥିବା ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି।

# ମାଟି ତଳେ ମାଓବାଦୀ ଖଞ୍ଜିଥିଲେ ୬୦୦ ଡେଟୋନେଟର୍

**ବଡ଼ ଧରଣର ବିସ୍ଫୋରଣ ଉଦ୍ୟମ ପଣ୍ଡ**



**କନ୍ଧମାଳ,୧୭।୭(ସଂଚାର ବ୍ୟୁରୋ):** ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଛି ମାଓଗଡ଼। ଓଡ଼ିଶାରୁ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ରୁ ଝାଡ଼ଖଣ୍ଡ ଓ ମହାରାଷ୍ଟ୍ର ପର୍ଯ୍ୟନ୍ତ ସବୁଠି ମାଓବାଦୀମାନେ ଏବେ ସଙ୍କଟରେ ପଡ଼ିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଭିନ୍ନ ସମୟରେ ବ୍ୟାପକ ମାତ୍ରାରେ ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେଉଥିବା ବେଳେ କେତେକ ସ୍ଥାନରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିପଡୁଛନ୍ତି ମାଓବାଦୀ। ଏହି ପରିପ୍ରେକ୍ଷୀରେ ଆଜି ମାଓବାଦୀଙ୍କ ବଡ଼ ଚକ୍ରାନ୍ତକୁ ପଣ୍ଡ କରିଛନ୍ତି ସୁରକ୍ଷାକର୍ମୀ। ସତର୍କ ରହି ସୁରକ୍ଷାକର୍ମୀମାନେ ମାଓବାଦୀଙ୍କ କ୍ୟାମ୍ପ ଠାବ କରିବା ସହ ସେମାନଙ୍କ ବିସ୍ଫୋରଣ ଉଦ୍ୟମକୁ ମଧ୍ୟ ବିଫଳ କରିଛନ୍ତି। ମାଟିତଳେ ନକ୍ସଲ ପୋତିଥିବା ପ୍ରାୟ ୬୦୦ ଡିଟୋନେଟର ସହ ରିମୋଟ୍‌କୁ ସୁରକ୍ଷାକର୍ମୀମାନେ ଜବତ କରିଛନ୍ତି। କନ୍ଧମାଳ ଗୁମା ସଂରକ୍ଷିତ ଜଙ୍ଗଲରେ ଡିଭିଏଫ୍ ଓ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ମାଓବାଦୀମାନେ ବିସ୍ଫୋରକ ଲୁଚାଇ ରଖିଥିବା ନେଇ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଆରମ୍ଭ ହୋଇଥିଲା ବଡ଼ ଧରଣର ଅପରେସନ। ସୁରକ୍ଷିତ ବ୍ୟବସ୍ଥା ମଧ୍ୟରେ ମାଟି ତଳେ ପୋତା ଯାଇଥିବା ସମସ୍ତ ଡିଟୋନେଟର ଜବତ ହୋଇଛି। ଘଟଣା ପରେ ଗୁମା ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରହିଛି।

ସୂଚନାଯୋଗ୍ୟ ଯେ ଗତ ସପ୍ତାହରେ ଧରାପଡ଼ିଥିଲା ମାଓବାଦୀଙ୍କ ଆଉ ଏକ ଜଘନ୍ୟକାଣ୍ଡ। ମାଟି ତଳେ ମାଓବାଦୀଙ୍କ ଚାଲ୍। ବଙ୍କର୍ ଖୋଳି ରଚୁଥିଲେ ଆତଙ୍କୀ ଷଡ଼ଯନ୍ତ୍ର। ଝାଡ଼ଖଣ୍ଡ ଚାଇବାସା ଛୋଟାନାଗରାରେ ନକ୍ସଲଙ୍କ ବଡ଼ ଆତଙ୍କବାଦୀ ଯୋଜନାକୁ ଫଣ୍ଡ କରିଛନ୍ତି ସୁରକ୍ଷା ବାହିନୀ। ଆଇଇଡି ଜବତ କରି ନଷ୍ଟ କରିବା ସହ ନକ୍ସଲ ବଙ୍କରକୁ ମଧ୍ୟ ଠାବ କରି ଧ୍ୱଂସ କରାଯାଇଛି। ମାଟି ତଳେ ବଡ଼ ବଡ଼ ବଙ୍କର୍ କରାଯାଇଥିବା ବେଳେ ଏହି ବଙ୍କର୍ ତଳେ ନକ୍ସଲମାନେ ବିସ୍ଫୋରକ ଖଞ୍ଜିଥିଲେ। ଅପରେସନରେ ଦୁଇଟି ଆଇଇଡି, ବିସ୍ଫୋରଣ ପାଇଁ ଆବଶ୍ୟକ ସାମଗ୍ରୀ ଓ ଡେଟୋନେଟର ସହ ବିପୁଳ ପରିମାଣର ଅନ୍ୟାନ୍ୟ ବିସ୍ଫୋରକ ମଧ୍ୟ ଜବତ ହୋଇଛି। ୨୦୨୬ ସୁଦ୍ଧା ପୁରା ଦେଶରୁ ମାଓ ମୁକ୍ତ ହେବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଆହ୍ୱାନ ଦେଇଛନ୍ତି। ଏହି ଧାରାରେ ଏବେ ଜୋରଦାର ଚାଲିଛି ଅପରେସନ୍। ମାଓବାଦୀଙ୍କ ରକ୍ତାକ୍ତ ଯୋଜନାକୁ ଫଣ୍ଡ କରିଚାଲିଛି ସୁରକ୍ଷା ବାହିନୀ। ଏମିତିକି କେତେକ ଅଞ୍ଚଳରେ ଥିବା ମାଓ କ୍ୟାମ୍ପକୁ ମଧ୍ୟ ଟାର୍ଗେଟ କରାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଲଞ୍ଚ ହେଲା ଟିଭିଏସ ଆପାଚି ଆରଟିଆର ୩୧୦



ନୂଆଦିଲ୍ଲୀ, ୧୭।୭: ଟିଭିଏସ ମୋଟର କମ୍ପାନୀ ଭାରତରେ ନିଜର ନୂଆ ପାୱାରଫୁଲ୍ ଏବଂ ଷ୍ଟାଇଲିସ୍ ସ୍ପୋର୍ଟସ୍ ବାଇକ ଆପାଚି ଆରଟିଆର ୩୧୦କୁ ଲଞ୍ଚ କରିଛି। ଏହାର ପ୍ରାରମ୍ଭିକ ଏକ୍ସ-ଶୋରୁମ୍ ପ୍ରାଇସ୍ ୨.୪୦ ଲକ୍ଷ ଟଙ୍କା। ଏହି ବାଇକଟି କେବଳ ମୂଲ୍ୟରେ ନୁହେଁ ବରଂ ପରଫରାନ୍ସ, ଟେକ୍ନୋଲୋଜି ଏବଂ ଡିଜାଇନ୍ ଦୃଷ୍ଟିରୁ ମଧ ଉତ୍କୃଷ୍ଟ। ଆପାଚି ଆରଟିଆର ୩୧୦କୁ ବିଶେଷ ଭାବରେ ସେହି ଯୁବପିଢ଼ିଙ୍କ ପାଇଁ ଡିଜାଇନ୍ କରାଯାଇଛି ଯେଉଁମାନେ ସ୍ପୋର୍ଟସ୍ ରାଇଡିଂ ପସନ୍ଦ କରନ୍ତି ଏବଂ ରାଇଡିଂରେ ପାୱାର ଏବଂ ଟେକ୍ନୋଲୋଜି ଉଭୟ ଚାହାଁନ୍ତି। ଇଞ୍ଜିନ ଏବଂ ପରଫରମାନ୍ସ ଦୃଷ୍ଟିରୁ, ଟିଭିଏସ ଆପାଚି ଆରଟିଆର ୩୧୦ ବହୁତ ପାୱାରଫୁଲ୍ କରାଯାଇଛି। ଏଥିରେ ୩୧୨ସିସିର ଲିକ୍ୟୁଡ୍-କୁଲ୍ଡ ଇଞ୍ଜିନ ଅଛି, ଯାହା ୩୫.୬ ବିଏଚପି ପାୱାର ଏବଂ ୨୮.୭ ଏନଏମ ଟର୍କ ଜେନେରେଟ୍ କରେ। ଏଥି ସହ ଏହାର ଗିୟରିଂ ସ୍ମୁଥ୍ ଏବଂ ଥ୍ରୋଟଲ୍ ରେସପନ୍ସ ଫାଷ୍ଟ ଅଛି, ଯାହା ଚଲାଇବା ଏକ୍ସପେରିୟନ୍ସକୁ ଆହୁରି ଉନ୍ନତ କରିଥାଏ। ଏହା ବ୍ୟତୀତ, ସ୍ମୁଥ୍ ଡାଉନ୍ସିଫ୍ଟିଂ ପାଇଁ ସ୍ଲିପର କ୍ଲଚ୍ ଏବଂ ଡ୍ରାଗ୍ ଟର୍କ କଣ୍ଟ୍ରୋଲ୍ ଭଳି ଟେକ୍ନୋଲୋଜି ଦିଆଯାଇଛି, ଯାହା ରାଇଡିଂକୁ ଅଧିକ କଣ୍ଟ୍ରୋଲରେ ରଖେ। ଏଥି ସହ ଏହାର ଇଞ୍ଜିନ୍ ହାଇ ରେଭ୍ସରେ ମଧ ଷ୍ଟେବଲ୍ ଏବଂ ରିଫାଇନ୍ଡ ପରପରମାନ୍ସ ପ୍ରଦାନ କରେ, ଯାହା ଏହି ବାଇକ୍ କୁ ଲଙ୍ଗ୍ ରାଇଡ୍ ଏବଂ ସ୍ପୋର୍ଟି ରାଇଡିଂ ଉଭୟ ପାଇଁ ଏକ ଭଲ ଅପ୍ସନ କରିଥାଏ। ହାଇ-ଟେକ୍ ଫିଚର୍ସ ବିଷୟରେ କହିବାକୁ ଗଲେ, ଆପାଚି ଆରଟିଆର ୩୧୦ ଟେକ୍ନୋଲୋଜି ଏବଂ ସେଫ୍ଟି ଉଭୟର ଏକ ଉତ୍କୃଷ୍ଟ ମିଶ୍ରଣ ପ୍ରଦାନ କରେ। ଏଥିରେ, ଡ୍ରାଗ୍ ଟର୍କ କଣ୍ଟ୍ରୋଲ୍ ଡାଉନ୍ସିଫ୍ଟିଂକୁ ସ୍ମୁଥ୍ କରିଥାଏ, ସ୍ଲିପର୍ କ୍ଲଚ୍ ଯାତ୍ରାକୁ ଉନ୍ନତ କରିଥାଏ ଏବଂ ଟ୍ରାନ୍ସପରେଣ୍ଟ କ୍ଲଚ୍ କଭର୍ ଏହାକୁ ଏକ ସୁପରବାଇକ୍ ପରି ଲୁକ୍ ମଧ ଦେଇଥାଏ। ଭାରିଆଣ୍ଟ ଏବଂ ମୂଲ୍ୟ ଦୃଷ୍ଟିରୁ, ଆପାଚି ଆରଟିଆର ୩୧୦ ତିନୋଟି ପ୍ରମୁଖ ଅପ୍ସନରେ ଉପଲବ୍ଧ। ବେସ୍ ଭାରିଆଣ୍ଟ ବ୍ଲାକ୍ ର ମୂଲ୍ୟ ୨,୪୦ ଲକ୍ଷ ଟଙ୍କା, ଯାହା କ୍ରୁଜ୍ କଣ୍ଟ୍ରୋଲ୍, ଟ୍ରାକ୍ସନ୍ କଣ୍ଟ୍ରୋଲ୍ ଏବଂ ରିୟର ହୁଇଲ୍ ଲିଫ୍ଟ ମିଟିଗେଶନ୍ ଭଳି ଫିଚର୍ସ ପ୍ରଦାନ କରେ। ମିଡ୍ ଭାରିଆଣ୍ଟ ଯାହା ରେଡ୍ ଏବଂ ୟଲୋ ୨.୫୭ ଲକ୍ଷ ଟଙ୍କାରେ ଉପଲବ୍ଧ। ଯାହା ଏକ ବିଡିରେକ୍ସନାଲ୍ କ୍ୱିକ୍ସିଫ୍ଟର ସହିତ ସମସ୍ତ ଫିଚର୍ସ ପ୍ରଦାନ କରେ। ଏହା ବ୍ୟତୀତ, ବିଟିଓ କିଟ୍ ପରିବର୍ତ୍ତନଶୀଳ ମୂଲ୍ୟ ସହିତ ଆସିଥାଏ, ଯାହା ସ୍ୱତନ୍ତ୍ର ଭାବରେ କଷ୍ଟମାଇଜେସନ୍ ଏବଂ ପରସ୍ନାଲାଇଜେସନ୍ ପାଇଁ ଡିଜାଇନ୍ କରାଯାଇଛି।

ଏଥି ସହ ଜାଣି ରଖନ୍ତୁ ଯେ, ଏହାର ଷ୍ଟାଇଲିସ୍ ଡିଜାଇନ୍ ଯେଉଁଥିରେ ଟ୍ରାନ୍ସପରେଣ୍ଟ କ୍ଲଚ୍, ସରପ୍ ଗ୍ରାଫିକ୍ସ ଏବଂ ବୋଲ୍ଡ କଲର ସାମିଲ, ଏହାକୁ ଦେଖିବାକୁ ଏକ ଆଟ୍ରାକ୍ଟିଭ୍ ବାଇକ୍ ପରି ଲାଗିଥାଏ। ଏଥି ସହ ପରଫରମାନ୍ସ ବିଷୟରେ କହିବାକୁ ଗଲେ, ଏଥିରେ ଏକ ରିଫାଇଣ୍ଡ ଇଞ୍ଜିନ ଏବଂ ଏକ୍ସେଲେଣ୍ଟ ଗିଅର ସେଟଅପ୍ ରହିଛି, ଯେତେବେଳେ ଟେକ୍ନୋଲୋଜି ଦୃଷ୍ଟିରୁ, ଏଥିରେ କ୍ରୁଜ୍ କଣ୍ଟ୍ରୋଲ୍, ଟ୍ରାକ୍ସନ୍ କଣ୍ଟ୍ରୋଲ୍ ଏବଂ ଡ୍ରାଗ୍ ଟର୍କ କଣ୍ଟ୍ରୋଲ୍ ଭଳି ଉନ୍ନତ ଫିଚର୍ସ ରହିଛି। ଯଦି ଆପଣ ଆପଣଙ୍କ ବାଇକ୍କୁ ୟୁନିକ୍ କରିବାକୁ ଚାହାଁନ୍ତି, ତେବେ ବିଟିଓ କିଟ୍ ମାଧ୍ୟମରେ କଷ୍ଟମାଇଜେସନ୍ର ସମ୍ପୂର୍ଣ୍ଣ ଅପ୍ସନ ମଧ ରହିଛି। ସମ୍ପୂର୍ଣ୍ଣ ଭାବରେ, ଯଦି ଆପଣ ଟେକ୍ନୋଲୋଜି ଏବଂ ପାୱାର ମଧରେ କମ୍ପ୍ରମାଇଜ୍ କରିବାକୁ ଚାହୁଁନାହାଁନ୍ତି ଏବଂ ଏକ ଷ୍ଟାଇଲିସ୍, ହାଇ-ପରଫରମାନ୍ସ ସ୍ପୋର୍ଟସ୍ ବାଇକ୍ କିଣିବାକୁ ପ୍ଲାନ୍ କରୁଛନ୍ତି, ତେବେ ଟିଭିଏସ ଆପାଚି ଆରଟିଆର ୩୧୦ ଆପଣଙ୍କ ପାଇଁ ଏକ ବେଷ୍ଟ ଅପ୍ସନ ହୋଇପାରିବ।

## ପିଏଫ୍ ଉଠାଣ ନିୟମରେ ହେବ ପରିବର୍ତ୍ତନ

## ଅବସର ପୂର୍ବରୁ ଉଠାଇହେବ ସବୁ ପିଏଫ୍ ଟଙ୍କା




ନୂଆଦିଲ୍ଲୀ, ୧୭।୭: ବେତନଭୋଗୀ କର୍ମଚାରୀ ଅବସର ପୂର୍ବରୁ ନିଜ ପିଏଫ୍ ଅବସର ପାଣ୍ଠିରୁ ସବୁ ଟଙ୍କା କିମ୍ବା ଏହାର ବଡ଼ ଭାଗ ଉଠାଇପାରିବେ। କେନ୍ଦ୍ର ସରକାର ପିଏଫ୍ ଉଠାଣ ନିୟମରେ ବଡ଼ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି। ଏକ ରିପୋର୍ଟ ଅନୁସାରେ, ନୂଆ ନିୟମ ଲାଗୁ ହେବା ପରେ ପ୍ରତି ୧୦ ବର୍ଷରେ କର୍ମଚାରୀ ନିଜ ପିଏଫ୍ ଟଙ୍କାର ବଡ଼ ଭାଗ ଉଠାଇପାରିବେ। ବର୍ତ୍ତମାନ ନିୟମରେ ଇପିଏଫ୍ର ସମ୍ପୂର୍ଣ୍ଣ ରାଶି କେବଳ ଅବସର କିମ୍ବା ୨ ମାସ ପର୍ଯ୍ୟନ୍ତ ବେକାର ରହିବା ପରେ ହିଁ ଉଠାଇପାରୁଛନ୍ତି। ଯଦି ନୂଆ ପ୍ରସ୍ତାବ ଲାଗୁ ହୁଏ, ତେବେ ଇପିଏଫ୍ ସଦସ୍ୟ ପ୍ରତି ୧୦ ବର୍ଷରେ ଥରେ ନିଜ ପିଏଫ୍ ଅବସର ପାଣ୍ଠିର ବଡ଼ ଭାଗ(ସମ୍ଭାବ୍ୟ ୬୦% କିମ୍ବା ଅଧିକ) ଉଠାଇପାରିବେ। ଫଳରେ ଲୋକେ ନିଜ ଇଚ୍ଛାରେ ୩୦, ୪୦ କିମ୍ବା ଚାକିରି ମଝିରେ ବି ପିଏଫ୍ ପାଣ୍ଠିର ବ୍ୟବହାର ବଡ଼ ଆବଶ୍ୟକତା ପାଇଁ କରିପାରିବେ।

## ଚର୍ଚ୍ଚାରେ ମୟୂରଭଞ୍ଜର ଗ୍ରାମୀଣ ଉଦ୍ୟୋଗୀ ମଞ୍ଜୁଲତା

ଭୁବନେଶ୍ୱର, ୧୭।୭(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ଗ୍ରାମୀଣ ଉଦ୍ୟୋଗୀ ମଞ୍ଜୁଲତା ଦେବୀଙ୍କୁ ନେଇ ଜାତୀୟ ସ୍ତରରେ ଚର୍ଚ୍ଚା ହୋଇଛି। ନୂଆଦିଲ୍ଲୀର ଯଶୋଭୂମି କନ୍ଭେନ୍ସନ୍ ସେଣ୍ଟର୍ରେ ସିଏସ୍ସି ଦିବସ ପାଳନ ଅବସରରେ



### ଦେଉଛନ୍ତି ଜନସେବା କେନ୍ଦ୍ର ସେବା

ତାଙ୍କ କାହାଣୀ ସାମ୍ନାକୁ ଆସିଥିଲା। ମୟୂରଭଞ୍ଜରେ ୬୦-୭୦ ପ୍ରତିଶତ ଅଞ୍ଚଳ ଜଙ୍ଗଲ। ଅନେକ କଠିନ ପରିସ୍ଥିତିକୁ ମଞ୍ଜୁଲତା ସାମ୍ନା କରି ଆଗକୁ ବଢ଼ିଥିଲେ। ସେ ନିଜେ ଡିଜିଟାଲ୍ ଦକ୍ଷତା ହାସଲ କରିବା ପରେ ଏକ ଜନ ସେବା କେନ୍ଦ୍ର (ସିଏସ୍ସି) ଖୋଲିଥିଲେ। ଏବେ ସେ ବହୁ ଚାଷୀଙ୍କୁ ନୂଆ ପଦ୍ଧତି ଉପରେ ଜ୍ଞାନ ପ୍ରଦାନ କରୁଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କୁ କାମ କରିବାକୁ କେମିତି ଲାଗୁଛି ବୋଲି ପଚାରିଥିଲେ। ତାହାର ଉତ୍ତରରେ ମଞ୍ଜୁଲତା କହିଥିଲେ ଯେ ମୁଁ ଜଣେ ଗୃହିଣୀ ଥିଲି। ମୁଁ ସିଏସ୍ସିରେ କାମ କରି ବହୁତ ଖୁସିରେ ଅଛି। ସରକାରୀ ସୁବିଧାଗୁଡ଼ିକୁ ମୁଁ ଆମ ହୋ ସମ୍ପ୍ରଦାୟର ଲୋକମାନଙ୍କ ପାଖରେ ପହଞ୍ଚାଇପାରୁଛି। ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ଗର୍ଭବର୍ତୀ ମା'ମାନଙ୍କ ଘର ଘର ଯାଇ ମୁଁ ବ୍ୟାଙ୍କ ସେବା ଯୋଗାଇ ଦେଉଛି ବୋଲି ମଞ୍ଜୁଲତା କହିଛନ୍ତି।

# ଚାଷ, ଅକ୍ଷୟ ଶକ୍ତିକୁ ୫୦ହଜାର କୋଟି

ନୂଆଦିଲ୍ଲୀ, ୧୭।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ବୈଠକରେ ଚାଷ ଓ ଅକ୍ଷୟ ଶକ୍ତି କ୍ଷେତ୍ର ପାଇଁ ୫୦ ହଜାର କୋଟି ଟଙ୍କା ଅଟକଳର ୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନାକୁ ଅନୁମୋଦନ ମିଳିଛି। ବାର୍ଷିକ ୨୪ହଜାର କୋଟି ଟଙ୍କା ଅଟକଳରେ ଛଅ ବର୍ଷ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହାଦ୍ୱାରା ୧.୭ କୋଟି ଚାଷୀ ଉପକୃତ ହେବେ। ଏଥିରେ ୧୦୦ଟି କୃଷି ଆଧାରିତ ଜିଲ୍ଲା ଗଠନ କରାଯିବ। ପ୍ରତିଟି ରାଜ୍ୟର ଅତିକମ୍‌ରେ ଗୋଟିଏ ଲେଖାଏଁ ଜିଲ୍ଲାକୁ ଏହି ଯୋଜନାରେ ସାମିଲ କରାଯିବ।



ସେହିପରି, ଅକ୍ଷୟ ଶକ୍ତି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଏନ୍‌ଟିପିସିର ସହାୟକ ସଂସ୍ଥା ଏନ୍‌ଟିପିସି ଗ୍ରିନ୍ ଏନର୍ଜିକୁ କେନ୍ଦ୍ର ସରକାର ୨୦ହଜାର କୋଟି ଟଙ୍କାର ଇକ୍ୱିଟି ପ୍ରଦାନ କରିଛନ୍ତି। ସେହି ରାଶିକୁ କମ୍ପାନି ସୌର, ପବନ ଓ ଗ୍ରିନ୍ ହାଇଡ୍ରୋଜେନ ପ୍ରକଳ୍ପରେ ବିନିଯୋଗ କରିବ। ଏଥି ସହିତ ନେଭେଲି ଲିଗନାଇଟ୍ କର୍ପୋରେସନ

### ୩ ପ୍ରସ୍ତାବରେ କେନ୍ଦ୍ର କ୍ୟାବିନେଟ୍ ମୋହର

(ଏନ୍‌ଏଲ୍‌ସି)ର ସହାୟକ କମ୍ପାନି ଏନ୍‌ଏଲ୍‌ସି ଇଣ୍ଡିଆ ରିନୁଏବଲ୍‌ସ ଲିମିଟେଡ୍‌କୁ ମଧ୍ୟ ୭୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏନ୍‌ଏଲ୍‌ସି ଅଧୀନରେ ଥିବା ୬୨୬୩ କୋଟି ଟଙ୍କାର ଅକ୍ଷୟ ଶକ୍ତି ସମ୍ପତ୍ତିକୁ ଏହାର ସହାୟକ ସଂସ୍ଥାକୁ ହସ୍ତାନ୍ତର କରାଯାଇଥିବା ବେଳେ କମ୍ପାନିକୁ ଅତିରିକ୍ତ ୭୦୦ କୋଟି ଟଙ୍କାର ପାଣ୍ଠି ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି।

### ଅଗଷ୍ଟରେ ବସିବ ମୁଦ୍ରା ନୀତି କମିଟି ବୈଠକ

# ରେପୋ ରେଟ୍ କମାଇପାରେ ଆର୍‌ବିଆଇ

ନୂଆଦିଲ୍ଲୀ, ୧୭।୭: ଜୁନ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୨.୧%କୁ ହ୍ରାସ ହୋଇଛି। ଦରଦାମ ଚିନ୍ତାରୁ ଘରୋଇ ବଜାରକୁ ମୁକ୍ତି ମିଳିଛି। ଏଭଳି ସ୍ଥିତିରେ ଋଣ ଉପରେ ସୁଧହାର ଆହୁରି କମିପାରେ। ଅଗଷ୍ଟ ମାସରେ ଅନୁଷ୍ଠିତ ହେବାକୁ ଥିବା ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକରେ ଆର୍‌ବିଆଇ ରେପୋ ରେଟ୍ କମାଇବାର ଢେ଼ର ସମ୍ଭାବନା ରହିଛି। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲ୍‌ହୋତ୍ରା କହିଛନ୍ତି, ଏବେ କେନ୍ଦ୍ରୀୟ ବ୍ୟାଙ୍କ ସୁଧହାର ହ୍ରାସ ଉପରେ କୌଣସି ନିଷ୍ପତ୍ତି ଗ୍ରହଣ କରିନି। ମାତ୍ର ଆବଶ୍ୟକତା ପଡ଼ିଲେ ଏହା ହ୍ରାସ ହୋଇପାରେ। ଜୁନ ମାସରେ ରେପୋରେଟ ୦.୫% ହ୍ରାସ ହୋଇ ୫.୫୦%କୁ ଖସିଥିଲା। ଫେବୃଆରିରୁ ଅଦ୍ୟାବଧି ୧% ଖସିଛି ରେପୋ। ରେପୋ ନିଷ୍ପତ୍ତି ପୂର୍ବରୁ ଭବିଷ୍ୟତର ମୁଦ୍ରାସ୍ଫୀତି, ଅଭିବୃଦ୍ଧି ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡ଼ିକୁ ନଜରରେ ରଖାଯିବ। ଜିଡ଼ିପି ପ୍ରଦର୍ଶନ ଉନ୍ନତ ରହିଲେ ସୁଧହାର ହ୍ରାସ ହୋଇପାରେ।




## ଏର୍ଟିଗା, ବାଲେନୋରେ ୬ ଏୟାରବ୍ୟାଗ୍



ନୂଆଦିଲ୍ଲୀ, ୧୭।୭: ମାରୁତି ସୁଜୁକି ପକ୍ଷରୁ ଏହାର ଦୁଇ ପ୍ରମୁଖ ମଡେଲ୍ ଏର୍ଟିଗା ଓ ବାଲେନୋରେ ୬ଟି ଏୟାରବ୍ୟାଗ୍ ବ୍ୟବହାର ଘୋଷଣା କରାଯାଇଛି। ଏହାର ପ୍ରଭାବରେ ଏର୍ଟିଗା ଦାମ୍‌ରେ ୧.୪ ପ୍ରତିଶତ ଓ ବାଲେନୋ ଦାମ୍‌ରେ ୦.୫ ପ୍ରତିଶତ ବୃଦ୍ଧି ହୋଇଛି। ଏହି ଦରବୃଦ୍ଧି ଜୁଲାଇ ୧୬ରୁ ଲାଗୁ ହୋଇଥିବା ନେଇ କମ୍ପାନି ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରଫେସର ଗଣପତି ପଣ୍ଡାଙ୍କ ୱେବ୍‌ସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର, ୧୭।୭: ସିଭି ରମଣ ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟର ପ୍ରଖ୍ୟାତ ଶିକ୍ଷାବିତ୍ ତଥା ଗବେଷକ ପ୍ରଫେସର ଗଣପତି ପଣ୍ଡାଙ୍କ ବୈଜ୍ଞାନିକ ଯାତ୍ରାକୁ ନେଇ ପ୍ରସ୍ତୁତ ୱେବସାଇଟ୍ www.ganapatipanda.inକୁ ଉନ୍ମୋଚନ କରାଯାଇଛି। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ବଂଶୀଧର ମାଝୀ, ପ୍ରୋ ଭିସି ପ୍ରଫେସର ଡ. ଗୁଡା ଶ୍ରୀଦେବୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। କୋଡ୍‌ଡାଏସ୍ ସଫ୍ଟୱେର ଆଣ୍ଡ ରିସର୍ଚ୍ଚ ପକ୍ଷରୁ ୱେବସାଇଟ୍‌ର ଡିଜାଇନ୍ କରାଯାଇଛି। ଏଥିରେ ପ୍ରଫେସର ପଣ୍ଡାଙ୍କ ଗବେଷଣା ଓ ଉଚ୍ଚ ଶିକ୍ଷା ପ୍ରତି ଅବଦାନ ସମ୍ପର୍କିତ ତଥ୍ୟ ରହିଛି। ପ୍ରଫେସର ପଣ୍ଡା ସିଗ୍ନାଲ୍ ପ୍ରୋସେସିଂ, କୃତ୍ରିମ ବୁଦ୍ଧିମତ୍ତା, ଇଞ୍ଜିନିୟରିଂ ଶିକ୍ଷାରେ ଗଭୀର ଗବେଷଣା କରିଛନ୍ତି। ଆଇଆଇଟି ଭୁବନେଶ୍ୱର, ଏନ୍‌ଆଇଟି ରାଉରକେଲା ଓ ଏନ୍‌ଆଇଟି ଜାମ୍‌ସେଦପୁରରେ ସେ ନେତୃତ୍ୱ ନେଇଛନ୍ତି। ସେ ୬୫୦ରୁ ଅଧିକ ଗବେଷଣାପତ୍ର ପ୍ରକାଶ କରିଛନ୍ତି ଏବଂ ୧୫ ହଜାରରୁ ଅଧିକ ସିଟେସନ୍ ପାଇଛନ୍ତି। ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୨% ବିଶ୍ୱସ୍ତରୀୟ ବୈଜ୍ଞାନିକଙ୍କ ମଧ୍ୟରେ ସେ ସ୍ଥାନ ପାଇଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କ ସଙ୍କେତ

# ଖୁବଶୀଘ୍ର ଶସ୍ତା ହୋଇପାରେ ପେଟ୍ରୋଲ

ନୂଆଦିଲ୍ଲୀ, ୧୭।୭: ଦେଶରେ କମିପାରେ ପେଟ୍ରୋଲ-ଡିଜେଲ ଦାମ୍। ଗୁରୁବାର ଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ। ଏହା ସହ ଦାମ୍ କମିବାର କାରଣ ମଧ କହିଛନ୍ତି ମନ୍ତ୍ରୀ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଯଦି ଅଶୋଧିତ ତେଲ ଦର ଦୀର୍ଘ ସମୟ ପର୍ଯ୍ୟନ୍ତ ୬୫ ଡଲାର ପ୍ରତି ବ୍ୟାରେଲ ରହେ, ତେବେ ଆଶା କରାଯାଇପାରେ ଯେ, ଆଗାମୀ ୨- ୩ ମାସରେ ପେଟ୍ରୋଲ- ଡିଜେଲ ଦାମ୍ କମ୍ ହୋଇପାରେ। ଅବଶ୍ୟ ସେ ଏହା ମଧ କହିଛନ୍ତି, ଏହା ସ୍ଥିର ସ୍ଥିତି ଉପରେ ନିର୍ଭର କରିଥାଏ। କାରଣ ଯଦି ଇରାନ- ଇସ୍ରାଏଲ ତିକ୍ତତା




ଭଳି କୌଣସି ବଡ଼ ଭୂ-ରାଜନୈତିକ ଘଟଣା ଘଟେ ତେବେ ସ୍ଥିତି ପୁଣି ବଦଳିପାରେ। ନିକଟରେ ତେଲ ଦାମ୍ ୬୫ ଡଲାର ପ୍ରତି ବ୍ୟାରେଲକୁ ଖସିଛି। ଏହା ଯୋଗୁ ତୈଳ କମ୍ପାନିଙ୍କ ଲାଭ ବଢୁଛି। ଏମିତିରେ ସରକାର ପେଟ୍ରୋଲ- ଡିଜେଲର ଦାମ୍ କମାଇ ଲୋକଙ୍କୁ ଆଶ୍ୱସ୍ତି ଦେଇପାରନ୍ତି। ରେଟିଂ ଏଜେନ୍ସୀ ଅନୁସାରେ ବର୍ତ୍ତମାନ ତେଲ କମ୍ପାନିମାନେ ପେଟ୍ରୋଲ ଲିଟର ପିଛା ଲିଟର ୧୨- ୧୫ ଟଙ୍କା ଏବଂ ଡିଜେଲ ଲିଟର ଉପରେ ୬ ଟଙ୍କା ୧୨ ପଇସା ଲାଭ କରୁଛନ୍ତି। ହେଲେ ଏହା ସତ୍ତ୍ୱେବି କମ୍ପାନିମାନେ ବିଗତ ଏକ ବର୍ଷରୁ ପେଟ୍ରୋଲ-ଡିଜେଲର ଦାମ୍‌ରେ କୌଣସି ଛାଡ଼ କରିନାହାଁନ୍ତି। ପୂର୍ବରୁ ସରକାର ଏପ୍ରିଲରେ ଲିଟର ପିଛା ୨ ଟଙ୍କା ଏକ୍ସାଇଜ ଡ୍ୟୁଟି ବଢ଼ାଇଥିଲେ। ଏହାର ଆଢୁଆଳରେ କମ୍ପାନି ଦାମ କମାଇବାରୁ ବର୍ତ୍ତିଯାଇଥିଲେ। ଖାଲି ସେତିକି ନୁହେଁ କମ୍ପାନିମାନେ ଦୀର୍ଘ ସମୟରୁ କ୍ଷତିର ଦ୍ୱାହି ଦେଇ ଦାମ୍ କମାଉନାହାଁନ୍ତି।

ଉଲ୍ଲେଖଯୋଗ୍ୟ, ଦେଶରେ ବାର୍ଷିକ ୪,୭୫୦ କୋଟି ଲିଟର ପେଟ୍ରୋଲ ବ୍ୟବହାର ହେଉଛି। ଅର୍ଥାତ୍ ପ୍ରତି ବ୍ୟକ୍ତି ପିଛା ୩୩.୭ ଲିଟର। ସେହିଭଳି ଡିଜେଲର ବାର୍ଷିକ ବ୍ୟବହାର ୧୦,୭୦୦ କୋଟି ଲିଟର ଅର୍ଥାତ୍ ପ୍ରତି ବ୍ୟକ୍ତି ପିଛା ୭୫.୮୮ ଲିଟର। ଏହାର ଅର୍ଥ ହେଉଛି ପ୍ରତି ବ୍ୟକ୍ତି ପିଛା ପେଟ୍ରୋଲ-ଡିଜେଲର ବାର୍ଷିକ ବ୍ୟବହାର ୧୦୯.୬ ଲିଟର ଅର୍ଥାତ୍ ପ୍ରତି ମାସରେ ୯.୧୩ ଲିଟର। ଆଉ ଏହି ବ୍ୟବହାର ବାର୍ଷିକ ୧୦.୬% ହାରରେ ବୃଦ୍ଧି ପାଉଛି।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା, ୯୯, ୩୩୦ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ,୦୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯, ୩୩୦ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୧ ହଜାର ୦୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୦୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯, ୪୮୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯,୩୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧ ହଜାର ୦୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ର ୯୯, ୩୩୦ ଓ ୯୧ ହଜାର ୦୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୪ ,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ପଇସା ରହିଛି।

# ବନ୍ଦର ପ୍ରଭାବ: ଚକ ଅଖ ଜାମ୍, ଦୋକାନ ବଜାର ବନ୍ଦ



**ହିଞ୍ଜିଳିକାଟୁ,୧୭।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଗୁରୁବାର ଦିନ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ସାରା ରାଜ୍ୟରେ ଦେଖିବାକୁ ମିଳିଛି। ରାସ୍ତାରେ ରାଜନୈତିକ ଦଳର କର୍ମୀମାନେ ପିକେଟିଂ କରିଥିଲେ ଓ ଫଳରେ ସାଧାରଣ ଜୀବନଯାତ୍ରା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା ଓ ଏହିପରିପ୍ରେକ୍ଷୀରେ ହିଞ୍ଜିଳିକାଟୁ ଆରଏମସି ଛକ ଓ ଘୋଡହାଡ଼ ବ୍ରିଜ ନିକଟରେ ଯୁବ ନେତା ଶିବରାମ ପ୍ରଧାନ, ସୁନାରାମ ସାବତ, ରାମ ନାରାୟଣ ବିଶ୍ୱାସରାୟ, ସଞ୍ଜୟ ସ୍ୱାଇଁଙ୍କ ସମେତ ବହୁ କଂଗ୍ରେସ କର୍ମୀ ରାସ୍ତା ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ବନ୍ଦ ପାଳନରେ ଅତ୍ୟାବଶ୍ୟକ ଜରୁରୀ ସେବାକୁ ବାଦ ଦିଆଯାଇଥିବା ଦେଖିବାକୁ ମିଳିଥିଲା ଅନ୍ୟପଟେ ହିଞ୍ଜିଳି କଂଗ୍ରେସ ପ୍ରାର୍ଥୀ ରାଜନୀକାନ୍ତ ପାଢ଼ୀଙ୍କ ନେତୃତ୍ୱରେ ବହୁ କର୍ମୀ ମିଶି ବାଇକରେ ସହର ପରିକ୍ରମା କରି ସରକାରଙ୍କ ବିରୋଧରେ ନାରା ବାଜି ଦେବା ସହ ସହରର ସମସ୍ତ ବ୍ୟାଙ୍କ ଯାଇ ବନ୍ଦ କରିଥିଲେ ଓ ପରେ ସହରର ବିଜୁ ପଟ୍ଟନାୟକ ଛକରେ ରାସ୍ତା ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନ୍ୟାୟ ମିଳିବା ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ କଂଗ୍ରେସ କର୍ମୀ। ପୁଲିସ ପକ୍ଷରୁ ପିକେଟିଂ ସ୍ଥଳରେ ସ୍ଥିତି ଉପରେ କଡ଼ା ନଜର ରଖାଯାଇଥିଲା। ଯାତ୍ରୀମାନେ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ବିକଳ୍ପ ବ୍ୟବସ୍ଥା ଖୋଜି ବ୍ୟାଗ୍ ଲଗେଜ୍ ବୋହି ବୋହି ରାସ୍ତାରେ ବୁଲୁଥିବାର ଦେଖିବାକୁ ମିଳିଥିଲା। ବ୍ୟବସାୟ, ବଜାର ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ ରହିଥିବା ବେଳେ ଜରୁରୀକାଳୀନ ସେବାଗୁଡ଼ିକୁ ବନ୍ଦ କରାଯାଇନଥିଲା

# ମାପ ଓ ଓଜନ ଅଫିସରେ ବର୍ଷ ବର୍ଷ ଧରି ତାଲା

● ପାଞ୍ଚ ବର୍ଷ ମଧ୍ୟରେ ଗୋଟିଏ ବି କେଶ୍ ଦରଜ ହୋଇନି



**ଫୁଲବାଣୀ,୧୭।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ରେ ମାପ ଓ ଓଜନ କାର୍ଯ୍ୟାଳୟ ଅଛି ବୋଲି ମନେ ହୁଏ ନାହିଁ। ଦୀର୍ଘ ବର୍ଷ ହେଲା କାର୍ଯ୍ୟାଳୟ ର ନୂତନ କୋଠା ରେ ତାଲା ପଡ଼ିଥିବା ନେଇ ସର୍ବସାଧରଣରେ ଆଲୋଚ୍ୟ ବିଷୟ ହୋଇଛି। କାନ୍ଧମାଳରେ ହଜାର ବ୍ୟବସାୟୀ ଓ ବ୍ୟବସାୟ ଅନୁଷ୍ଠାନ ଓ ପ୍ରତିଷ୍ଠାନ ରହିଛି, ଖାଉଟି ବିଭିନ୍ନ ଜିନିଷ ପତ୍ର ଓ ଅତ୍ୟାବଶକୀୟ ସାମଗ୍ରୀ କ୍ରୟ ବେଳେ ଓଜନରେ ଠକାମୀ ର ଶିକାର ହେଉଛନ୍ତି, ସର୍ବେକ୍ଷଣ ରୁ ଜଣାପଡେ ଜେ ଗତ ପାଞ୍ଚ ବର୍ଷରେ ଗୋଟିଏ ବି ମକଦ୍ଦମା ନାହିଁ। ଗତ ୧୯୯୦ ରୁ, ୨୦୦୦ମଧ୍ୟରେ ଆଠ ରୁ ଦଶ ଟି ମକଦ୍ଦମା ହେଉଥିଲା ବୋଲି ଆଇନଜୀବୀ ଅଶୋକ ବିଶୋଇ ପ୍ରକାଶ କରିଛନ୍ତି। ଓଜନ କଣ୍ଟା ବି ରି ନ୍ୟୁ ହେଉଛି କି ନାହିଁ ଜଣାପଡୁନାହିଁ। ଉଚ୍ଚ କତୃପକ୍ଷ ଙ୍କର ଦୃଷ୍ଟି ପଡୁ ବୋଲି ସାଧାରଣରେ ଦାବୀ ହେଉଛି।

## ଏଫଏମ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ବନ୍ଦ ପାଳନ




**କୋକସରା,୧୭।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଏଫ ଏମ କଲେଜ ର ଛାତ୍ରୀ ସୌମ୍ୟାଶ୍ରୀ ବିଶି କଲେଜ ର ଅଧ୍ୟାପକ ଙ୍କ ବିରୋଧ ରେ ଆଣିଥିବା ଯୌନ ଉତ୍ପିଡ଼ନ ରେ ସଂଘର୍ଷ କରି ମଧ୍ୟ ନ୍ୟାୟ ନପାଇ ଶେଷରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିଲେ। ଏହି ଘଟଣା ରେ ରାଜ୍ୟ ସରକାରଙ୍କୁ ଘେରିଛି କଂଗ୍ରେସ, ବାମପନ୍ଥୀ ସମେତ ୮ ମିଳିତ ସାମୁଖ୍ୟ, ନ୍ୟାୟ ପ୍ରଦାନ ଦାବି ରେ ଆଜି ଓଡିଶା ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ର ପ୍ରଭାବ ଓଡିଶା ର ସମସ୍ତ ସ୍ଥାନରେ ଦେଖିବାକୁ ମିଳିଛି। ଅନୁରୂପ ଭାବେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ରେ ବନ୍ଦ ର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି। ସକାଳ ୬ ଘଣ୍ଟା ରୁ କଂଗ୍ରେସ କର୍ମୀମାନେ କୋକସରା, ଆମପାଣି ଜାତୀୟ ରାଜପଥ ଅବରୋଧ ସହ ପିକେଟିଂ କରି ଦୋକାନ ବଜାର, ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିଛନ୍ତି। କଂଗ୍ରେସ କର୍ମୀମାନେ ରାସ୍ତା ଅବରୋଧ କରିବା ସହ ରାଜ୍ୟ ସରକାର ଙ୍କ ଅବହେଳା କାରଣରୁ ପିଡିତା ମୃତ୍ୟୁ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ କରିବା ସହ ଘଟଣା ରେ ଉଚ୍ଚ ଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ମୁଖ୍ୟମନ୍ତ୍ରୀ ଙ୍କ ଇସ୍ତଫା ଦାବି କରିଥିଲେ। ଏହାସହ ସୌମ୍ୟାଶ୍ରୀ ଙ୍କୁ ମାନସିକ ଚାପ ଦେଇ ମୃତ୍ୟୁ କରିବା ପାଇଁ ବାଧ୍ୟ କରିଥିବା ଅଧ୍ୟାପକ ଓ ଅଧ୍ୟକ୍ଷ ଓ ଦୋଷୀ ଙ୍କ ବିରୋଧ ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। କୋକସରା ସଦର ମହକୁମା ପୋଲିସ ଥାନା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ ରେ ବ୍ଲକ କଂଗ୍ରେସ ସଭାପତି ଙ୍କ ନେତୃତ୍ୱରେ ଲିଙ୍ଗରାଜ ବେହେରା, ବରିଷ୍ଠ ନେତା ପୁରୁଷୋତ୍ତମ ଗୁପ୍ତା, ନିମାଇଁ ଧ. ମାଝୀ, କେଶବ ଚନ୍ଦ୍ର ନାଏକ, ସମ୍ପାଦକ ଅଭିମନ୍ୟୁ ପଟ୍ଟନାୟକ, ରାଜୀବ ଗାନ୍ଧୀ ବ୍ଲକ ସଙ୍ଗଠନ ର ଆବାହକ ଅରୁଣ କୁମାର ମାଝୀ, ତ୍ରିଭୁବନ ନାଏକ, କୋକସରା ଯୋନ ସଭାପତି କମଳ ଲୋଚନ ନାଏକ, ମହେନ୍ଦ୍ର ଧରୁଆ, ରାମେଶ୍ୱର ପୁଞ୍ଜି, ହେମନ୍ତ ବାଗ, ବାବୁଲାଲ ଦୁରିଆ, ପିତାମ୍ବର ଦାସ, ଜିଲ୍ଲା ନାରିନେତ୍ରୀ ତଥା ପୂର୍ବତନ ଧର୍ମଗଡ଼ ବିଧାୟିକା ପ୍ରାର୍ଥୀନି ରଶ୍ମିରେଖା ରାଉତ, ବ୍ଲକ ସଭାନେତ୍ରୀ ଫୁଲତୋଳା ଖମାରି ସମେତ ଶତାଧିକ କର୍ମି ସାମିଲ ରହିଥିଲେ। ସେହିପରି ଲଡୁଗାଁ ଠାରେ ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମଣ ଶବର ଓ ଆମପାଣି ଠାରେ ଯୋନ ସଭାପତି ହରିଶ୍ଚନ୍ଦ୍ର ନାଏକ ଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଛି।କୋକସରା ଓ ଆମପାଣି ପୋଲିସ ପକ୍ଷରୁ ବନ୍ଦ ପାଳନ ସ୍ଥାନରେ ପୋଲିସ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ଉପରେ ସତର୍କ ଦୃଷ୍ଟି ରଖିଥିଲେ।

## ନର୍ଲାରେ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ




**ନର୍ଲା,୧୭।୭(ସଂଚାର ବ୍ୟୁରୋ):** ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ମୃତ୍ୟୁକୁ ନେଇ ସରକାରଙ୍କୁ ଟାର୍ଗେଟ୍ କରି ବିରୋଧି ରାଜରାସ୍ତାକୁ ଓହ୍ଲାଇଛନ୍ତି। ପୀଡ଼ିତା ଛାତ୍ରୀଙ୍କୁ ନ୍ୟାୟ ଓ ରାଜ୍ୟରେ ମହିଳାଙ୍କ ସମ୍ମାନ ଓ ସୁରକ୍ଷା ଦାବିରେ ଗୁରୁବାର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ପାଳନ କରିଛନ୍ତି କଂଗ୍ରେସ ସମେତ ୮ ରାଜନୈତିକ ଦଳ। ଏହି କ୍ରମରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ନର୍ଲାରେ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳିତ ହୋଇଛି। ଏହି ସମୟରେ ନର୍ଲା ସହର ସମେତ ରୁପ୍ରାରୋଡ ଓ ଛତିକୁଡ଼ାରେ ଦୋକାନ ବଜାର, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ୍, ବ୍ୟାଙ୍କ୍ ଏବଂ ବୀମା ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ନର୍ଲାରେ ଅନୁଷ୍ଠିତ ବନ୍ଦ ପାଳନରେ ନର୍ଲା ବ୍ଲକ୍ ଯୁବ କଂଗ୍ରେସ ସଭାପତି ଦୀପୁ ପାତ୍ର, କଂଗ୍ରେସ ନେତା ନିରଜ ଶର୍ମା, ଚୁଲମଣି ଗୌଡ଼ିଆ, ରଜନୀ କୁମାର, ରିତେକର ଦୀପ, ପିଣ୍ଟୁ ନାଗ, ଅଲେଖ ସେନାପତି, ଗଣପତି ପରାଭୋଇ, ଡୋଳାଧର ଜାନୀ, ସନ୍ତୋଷ ମାଝୀ, ଶିବରାମ ମାଝୀ, ଡିଙ୍ଗର ପାତ୍ର, ସୀମା ବେହେରା, ସିପିଆଇ ଏମଏଲ ଜିଲ୍ଲା ସମ୍ପାଦକ କେଶବ ପଧାନ ଓ ସହ ସମ୍ପାଦକ ଦୟାସାଗର ନାଏକଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ।

## ବ୍ୟାସନଗର ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ବିକ୍ଷୋଭ



**ଯାଜପୁର ରୋଡ଼, ୧୭।୭ (ସଂଚାର ବ୍ୟୁରୋ):** କଂଗ୍ରେସ ଡାକରାରେ ବାଲେଶ୍ୱର ଏଫ.ଏମ. କଲେଜରେ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ଆଜି ସାରା ରାଜ୍ୟରେ ବନ୍ଦ ପାଳନ ହେଉଥିବା ବେଳେ ବ୍ୟାସନଗର ପୌରାଅଞ୍ଚଳ ସହରରେ ତାହାର ପ୍ରଭାବ ପଡ଼ିଛି। ଏହି ସହରର କଂଗ୍ରେସ ନେତା ଶ୍ରୀ ତପନ କୁମାର ନାୟକ, ଅନୁପ ନାୟକ, ବିଦ୍ୟାଧର ମହାନ୍ତି, ମାୟାଧର ମଳିକ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ ନେତା-ନେତ୍ରୀ ଓ ୮ ଟି ବାମ ଦଳର ସମର୍ଥନରେ ସହରର ଗୋପବନ୍ଧୁ ଛକ, ବସଷ୍ଟାଣ୍ଡ, ଚୋରଦା ବାଇପାସ୍ ଛକ, କୁଆଁରଦା ଗୋଲେଇ ଛକ, ଦଳା ଛକ ଭଳି ବିଭିନ୍ନ ସ୍ଥାନରେ ଅଖଚକ ବନ୍ଦ ସହ ସ୍କୁଲ, କଲେଜ ଉପରେ ବନ୍ଦର ପ୍ରଭାବ ପଡ଼ିଛି। ମେଡ଼ିକାଲ, ମେଡିସିନ, ଆମ୍ବୁଲାନ୍ସ ସେବା'କୁ ଛାଡ଼ି ପ୍ରାୟ ସବୁ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। କଂଗ୍ରେସ ଓ ବାମ ଦଳର ତୁଙ୍ଗ ନେତା, ନେତ୍ରୀ ମାନେ ଏ ଅପାରଗ ସରକାର'ଙ୍କ ଉପରେ ବନ୍ଦ ପାଳନ କରାଯାଉଥିବା ଛକ, ବଜାର ସ୍ଥାନ ମାନଙ୍କରେ ବିଜେପି ସରକାର ଉପରେ ବର୍ଷୀବା ସହିତ ସୋମ୍ୟଶ୍ରୀଙ୍କ ମୃତ୍ୟୁ ପାଇଁ, ବିଚାର ବିଭାଗୀୟ ତଦନ୍ତ କରାଯିବାକୁ ଦାବି କରିବା ସହିତ, ଯେଉଁମାନେ ଦୋଷୀ ସେମାନଙ୍କୁ ଉପରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ।

## ମୟୂର ସାହିତ୍ୟ ସଂସଦର ବର୍ଷା କବିତା ଆସର



**ବେତନଟୀ, ୧୭।୭ (ସଂଚାର ବ୍ୟୁରୋ):** ବେତନଟୀର ପ୍ରାଚୀନ ତଥା ଅଗ୍ରଣୀ ସାହିତ୍ୟାନୁଷ୍ଠାନ' ମୟୂର ସାହିତ୍ୟ ସଂସଦ' ତରଫରୁ ବର୍ଷାଋତୁକୁ ଲକ୍ଷ୍ୟ କରି କବିତା ଆସର'ବର୍ଷା' ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ଧର୍ମଶାଳା ପରିସରରେ ସନ୍ଧ୍ୟା ସମୟରେ ସଂସଦର କାର୍ଯ୍ୟକାରୀ ସଭାପତି କବି ସଚ୍ଚିଦାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଭା ଓ କବିତା ଆସର ଅନୁଷ୍ଠିତ ହୋଇଥିଲା। ସଂସଦର ସଂପାଦକ ଯତୀନ୍ଦ୍ର ନାଥ ସାହୁ ସଭାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସମ୍ମାନିତ ଅତିଥିଭାବେ ଗୌତମ ଚନ୍ଦ୍ର ବେହେରା ବର୍ଷା ସମ୍ବନ୍ଧୀୟ ଆଲୋଚନାରେ ବକ୍ତବ୍ୟ ରଖିଥିଲେ। କବୟିତ୍ରୀ ସୀମା ଦାସ ଖଟୁଆଙ୍କ ସଂଯୋଜନାରେ ନିଜର ସ୍ୱରଚିତ କବିତା ଗୁଡିକ ପାଠ କରିଥିଲେ ଆଶୁ କବି ବାସୁଦେବ ନାପିତ, ସଚ୍ଚିଦାନନ୍ଦ ମହାନ୍ତି, ହରେନ୍ଦ୍ର ନାଥ ବାରିକ, ସହଦେବ ଗିରି, ସୀମାଦାସ ଖଟୁଆ, ଯତୀନ୍ଦ୍ରନାଥ ସାହୁ, ପର୍ଶୁରାମ ସାହୁ, ମନ୍ଦାକିନୀ ସାହୁ, ନୀରୋଦ ସୁନ୍ଦର ଜେନା ଓ ସୌଦାମିନୀ ପଣ୍ଡା ପ୍ରମୁଖ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରାମଚନ୍ଦ୍ର ପଣ୍ଡା, ବିଜୟ କୁମାର ଦ୍ୱିବେଦୀ, ଦୁର୍ଯ୍ୟୋଧନ ସିଂ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ, ମୁଖପତ୍ର ବନ ମୟୁରୀର ସଂପାଦକ ନୀରୋଦ ସୁନ୍ଦର ଜେନା ।

## ବାରହାଲାକୁ ଲକ୍ଷ୍ମୀ ବସ ଚଳାଚଳ ପାଇଁ ଦାବୀ



**ଫୁଲବାଣୀ,୧୭।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ର କୁଏରମାଣ୍ଡୁ ପଞ୍ଚାୟତ ର ବା ରାହଲା ଗ୍ରାମ ପର୍ଯ୍ୟନ୍ତ ଲକ୍ଷ୍ମୀ ବସ ଚଳାଚଳ କରିବା କୁ ଦାବୀ କରି ପଞ୍ଚାୟତ ଆଗରେ କୋଏରମାଣ୍ଡୁ ସରପଞ୍ଚ ମାଧବ କହ୍ନର ଙ୍କ ନେତୃତ୍ୱ ରେ ଏକ ବୈଠକ ଅନୁଷ୍ଠିତ ହଇଯାଇଛି, ଏହା ଛଡା ଏହି ବୈଠକରେ କୋଏରମାଣ୍ଡୁ ର ପୂର୍ବତନ ସରପଞ୍ଚ ବିଶ୍ୱରଂଜନ କହ୍ନର, ପୂର୍ବତନ ଉପାଧ୍ୟାକ୍ଷା ସଂସ୍ମିତା କହ୍ନର ଓ କୋଏରମାଣ୍ଡୁ ର ସମିତି ସଭ୍ୟ ପଞ୍ଚାନନ ଦିଗାଲ ଯୋଗ ଦେଇଥିଲେ। ଏଥିରେ ସତାଧିକା ରୁ ଉର୍ଦ୍ଧ୍ୱ ମହିଳା ଏବଂ ପୁରୁଷ ଯୋଗ ଦେଇଥିଲେ। ବର୍ତ୍ତମାନ ଲକ୍ଷ୍ମି ବସ ଫିରିଙ୍ଗିଆ ଠାରୁ ବାଲନ୍ଦାପଡା ହୋଇ କୁଏରମାଣ୍ଡୁ ପଯ୍ୟନ୍ତ ଯାଉଛି ତେବେ ଏହି ଲକ୍ଷ୍ମିବସ କୁଏରମାଣ୍ଡୁ ଶେଷ ଷ୍ଟପେଜ ନ ହୋଇ ବାରାହାଲା ଗ୍ରାମ ପଯ୍ୟନ୍ତ ଯାଉ ବୋଲି ଦାବିକରି ଥିଲେ। ବା ରାହଲା ଠାରୁ କୋଏରମାଣ୍ଡୁ କିଛି ବାଟ କିମି ହୋଇଥିବାରୁ ସେଠାରୁ ଓହ୍ଲାଇ ଚାଲି ଚାଲି ଯିବାକୁ ପଡୁଛି ଅଟୋରେ ଯିବାକୁ ପଡୁଛି। ତେଣୁ ଆଜି ବା ରାହଲା ର ୫୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ଆସି ଏହି ସଂକ୍ରାନ୍ତ ରେ ଏକ ଦାବିପତ୍ର ଜିଲ୍ଲପାଳ ଙ୍କୁ ପ୍ରଦାନ କରିଛନ୍ତି।

## ଓଲଟିଲା ସପୁରୀ ବୋଝେଇ ପିକ୍ଅପ ଭ୍ୟାନ୍

**ଲାଞ୍ଜିଗଡ଼,୧୭।୭(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଠାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ନମ୍ବର ରାଜ୍ୟ ରାଜପଥର କିଡିଙ୍ଗ ବେହେରା ପୋଲରେ ଗୁରୁବାର ସକାଳୁ ଗୋଟିଏ ସପୁରୀ ବୋଝେଇ (ସିଜି-୦୭-ସିଓ- ୧୫୭୫) ପିକଅପ୍ ଭ୍ୟାନ ରାସ୍ତା କଡକୁ ଓଲଟି ପଡ଼ିଛି। ତେବେ ଏହି ଦୁର୍ଘଟଣାରେ କାହାର କୌଣସି କ୍ଷୟକ୍ଷତି ଘଟି ନ'ଥିବା ଜଣାଯାଇଛି। ସପୁରୀ ବୋଝେଇ ହୋଇ ଯାଉଥିବା ଏହି ଭ୍ୟାନ୍‌ଟି ରାୟଗଡ଼ା ଜିଲ୍ଲା ଚାଟିକୋଣା ଠାରୁ ଭିଲେଇ ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିୟ ସମବାୟ ପାଳିତ




**ସୁବର୍ଣ୍ଣପୁର,୧୭।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ସମବାୟ ଦିବସ -୨୦୨୫ ସୋନପୁର ସ୍ଥିତ ନୂତନ ଟାଉନ ହଲ ଠାରେ ଉପ ନିବନ୍ଧକ ସମବାୟ ସମିତି, ସୁବର୍ଣ୍ଣପୁର ଙ୍କ ସଭାପତିତ୍ୱ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସମ୍ମାନିତ ଅତିଥି ଓ ବକ୍ତା ଭାବରେ ଶ୍ରୀ ପାଣୁ ଚରଣ ସାହୁ, ସହକାରୀ ନିବନ୍ଧକ, ସୋନପୁର, ଶ୍ରୀ ସତ୍ୟ ସ୍ୱରୂପ ବେଦାନ୍ତ, ଅତିରିକ୍ତ ସାଧାରଣ ପରିଚାଳକ, ନାବାର୍ଡ, ସୁବର୍ଣ୍ଣପୁର, ଶ୍ରୀମତି ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବଲାଙ୍ଗୀର, ଜିଲ୍ଲା କୃଷି ଅଧିକାରୀ, ସୁବର୍ଣ୍ଣପୁର, ଶ୍ରୀ ଗିରିଧାରୀ ନାଗ, ଅତିରିକ୍ତ ବନ ସଂରକ୍ଷକ, ସୁବର୍ଣ୍ଣପୁର, ଜିଲ୍ଲା ପ୍ରାଣୀଧନ ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା ମତ୍ସ୍ୟ ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା ମୁଖ୍ୟ ଖାଦ୍ୟ ଯୋଗାଣ ଅଧିକାରୀ, ସୁବର୍ଣ୍ଣପୁର, ଶ୍ରୀ ଅର୍ଜୁନ ମାଝୀ, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲ୍ଲା ପଞ୍ଚାୟତ ଅଧିକାରୀ, ସୁବର୍ଣ୍ଣପୁର ଉପସ୍ଥିତ ରହି ଆନ୍ତର୍ଜାତୀୟ ସମବାୟ ପାଳନ ଅବସରରେ ସେମାନଙ୍କର ଅଭିଭାଷଣ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଭାରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି, ସମ୍ପାଦକ ଓ ଡାଇରେକ୍ଟର ବା ସଦସ୍ୟ / ସଦସ୍ୟାମାନେ ଉପସ୍ଥିତ ଥିଲେ।

## ଥମୁନି ଝାଡ଼ାବାନ୍ତି,୨୧ ଆକ୍ରାନ୍ତ ଚିହ୍ନଟ



**କଣାସ,୧୭।୭(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକରେ ଦୀର୍ଘ ୨୦ଦିନରୁ ଉର୍ଦ୍ଧ୍ୱ ହେବ ଝାଡାବାନ୍ତି ଲାଗିରହିଥିବା ବେଳେ ପ୍ରତ୍ୟେକ ଦିନ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୫ରୁ ଉର୍ଦ୍ଧ୍ୱ ଝାଡାବାନ୍ତି ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଆଜି ମଧ୍ୟ ମୂଳବସନ୍ତ ଗ୍ରାମର କୃତିବାସ ପ୍ରଧାନ ୫୦ବର୍ଷ, ଗଙ୍ଗାଧରପୁର ଗ୍ରାମର ବାଜି ବେହେରା ୪୫ବର୍ଷ ଓ ଆନନ୍ଦ ବେହେରା ୩୩ବର୍ଷ, ଜାଗୁଲେଇପଦର ଗ୍ରାମର ଅପର୍ଣ୍ଣନା ବେହେରା ୧୫ବର୍ଷ, କଣାସ ଗ୍ରାମର ସୌଦାମିନୀ ରାଉତ ୭୦ବର୍ଷ, ହଳଦିପଦର ଗ୍ରାମର ସୁଇଟ୍ ମଲ୍ଲିକ ୧୪ବର୍ଷ, ଚୁପୁରିଙ୍ଗି ଗ୍ରାମର କବିତା ପ୍ରଧାନ ୪୨ବର୍ଷ, ସୁମା ନାୟକ ୫୫ବର୍ଷ, କଳାପଦର ଗ୍ରାମର ପଞ୍ଚାନନ ଜେନା ୬୩ବର୍ଷ ଓ ଅନ୍ୟାନ୍ୟ ଗ୍ରାମରୁ ୨୧ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଆଜି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶଥାଉକି ଝାଡାବାନ୍ତି ଲାଗିରହିଥିବାରୁ ପୁରୀ ଜିଲ୍ଲାପାଳ ଚଞ୍ଚଳ ରଣା ଏବଂ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅକ୍ଷୟ ଶତପଥୀ କଣାସ ବ୍ଲକର ଝାଡାବାନ୍ତି ଲାଗିଥିବା ଗ୍ରାମକୁ ଯାଇ ଝାଡାବାନ୍ତି ଲାଗିବାର କାରଣ ସମ୍ପର୍କରେ ଅନୁଧ୍ୟାନ କରି ଫେରିଯାଇଥିଲେ ମଧ୍ୟ ଝାଡାବାନ୍ତି ଥମୁନାହିଁ। ପୂର୍ବରୁ ୩ମାସ ତଳେ କଣାସ ବ୍ଲକର ନୂଆଗାଁ, ନଈକୂଳପାଟଣା, ଗଡ଼ିଶାଗୋଦା, ଜାଗୁଲେଇପଦର, କଳାପଦର, ଗୋପିନାଥପୁର ଗ୍ରାମରେ ଝାଡାବାନ୍ତି ଲାଗିରହି ୬ଜଣ ମୃତ୍ୟୁବରଣ କରିଥିଲେ। ସେ ସମୟରେ ବ୍ଲକ, ଜିଲ୍ଲା ଓ ରାଜ୍ୟ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇପଡ଼ିଥିଲା। ଦୟାନଦୀ ଜଳ ପ୍ରଦୂଷିତ ଯୋଗୁଁ ଝାଡାବାନ୍ତି ଲାଗୁଥିବାରୁ ନଦୀଜଳ ବ୍ୟବହାର ନ କରିବାପାଇଁ ଅଧିକାରୀମାନେ ପରାମର୍ଶ ଦେବା ପରେ ଝାଡାବାନ୍ତି ଥମିଥିଲା।

## କଲେଜ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ନୀଳଗିରି,୧୭।୭(ସଂଚାର ବ୍ୟୁରୋ):** ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନାରୁ ଜଣା ପଡ଼ିଛି ନୀଳଗିରି ଥାନା ତଥା ଦକ୍ଷିଣନରସିଂହପୁର ପଞ୍ଚାୟତ ଓଲଡଙ୍ଗ ଗ୍ରାମର ଶମ୍ଭୁ ସିଂ ଙ୍କ ବଡ଼ପୁଅ ମଙ୍ଗଲ ସିଂ (୧୮)ବର୍ଷ ବୁଧବାର ସନ୍ଧାରେ ବାପ ପୁଅ ମିତ୍ରପୁରରୁ ବଜାର କାମ ସିରି ଘରକୁ ଫେରିଥିଲେ। ରାତିରେ ଖାଇବା ପାଇଁ ବାପା ଡାକିଥିଲେ ମଧ୍ୟ ସେ ମନ ଦୁଃଖରେ କାହାକୁ କିଛି ନ କହି ବିଛଣାରେ ଶୋଇପଡ଼ିଥିଲେ। ପରେ ରାତି ପ୍ରାୟ ୧୧ ଟା ବେଳେ ବିଛଣାରୁ ଉଠି ଯୁବକ କୁଆଡ଼େ ପଳେଇଯାଇଥିବା କଥା ବାପା ପ୍ରକାଶ କରିଥିଲେ। ତେବେ ପରିବାର ଲୋକେ ମଙ୍ଗଲ କୁ ବହୁ ଖୋଜାଖୋଜି କରି ନିରାଶ ହୋଇପଡ଼ିଥିଲେ। ଗୁରୁବାର ସକାଳେ ନିଜ ବାଡ଼ି ପଛ ଏକ କରଞ୍ଜିଆ ଗଛରେ ବେକରେ ରସି ଲାଗି ଝୁଲୁଥିବା ଦେଖିବାକୁ ପାଇଥିଲେ। ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ନୀଳଗିରି ମେଡିକାଲରେ ଶବ ବ୍ୟବଚ୍ଛେଦ କରାଯାଇଥିବା ବେଳେ ଏକ ୨୫ନଂ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ତଦନ୍ତ ଜାରି ରହିଛି। ମୃତ ଛାତ୍ର ଜଣକ ବାବାପଞ୍ଚଲିଙ୍ଗେଶ୍ୱର କଲେଜର ଯୁକ୍ତ ଦୁଇ କଳାର ଛାତ୍ର ଥିଲେ।

## କଂଗ୍ରେସ ଦଳ ପକ୍ଷରୁ ବନ୍ଦ ଡାକରା ସଫଳ



**ସୁବର୍ଣ୍ଣପୁର,୧୭।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟଠାରେ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ ଇସ୍ତଫା ଦାବୀ ଏବଂ ସୌମ୍ୟାଶ୍ରୀ ଙ୍କୁ ନ୍ୟାୟ ପ୍ରଦାନ ଦାବୀରେ ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଆଜି ସକାଳୁ ସକାଳୁ ପ୍ରଥମେ କଂଗ୍ରେସ କର୍ମୀ ମାନେ ରାଜରାସ୍ତା ଅବରୋଧ କରିବା ସହ ସୂରଜ ସୂର୍ଯ୍ୟବଂଶୀ ମୂର୍ଦ୍ଧାବାଦ ମୋହନ ନନା ହାଏ ହାଏ ନାରା ଦେଇ ସମସ୍ତ ବସ, ଟ୍ରକ୍, ଦୋକାନ ବଜାର, ସ୍କୁଲ କଲେଜ ଓ ଜିଲ୍ଲା କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ ସଂସ୍ଥା ଗୁଡିକୁ ବନ୍ଦ କରିଥିଲେ। ଏହି ବନ୍ଦ ପାଳନରେ ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ବିନୋଦ ପାତ୍ରଙ୍କ ନେତୃତ୍ୱରେ ପର୍ଯ୍ୟବେକ୍ଷକ ରାଜେଶ ମିଶ୍ର, ଜିଲ୍ଲା ସଧାରଣ ସମ୍ପାଦକ ସୁଧିର ପଣ୍ଡା, ପି ସି ସି ସଦସ୍ୟ ଜିତେନ୍ଦ୍ର ପଟ୍ଟନାୟକ, ସୁମିତ ପୂଜାରୀ, ବିଧାୟକ ପ୍ରାର୍ଥୀ ପ୍ରିୟବ୍ରତ ସାହୁ, ସୋନପୁର ବ୍ଲକ ସଭାପତି ଲକ୍ଷ୍ମଣ ସୁନା, ମହମ୍ମଦ ଇମ୍ରାମ, ରାଜେନ୍ଦ୍ର ମେହେର, ଚିତ୍ତ ରଞ୍ଜନ କୁମ୍ଭାର, ଜ୍ଞାନ ରଞ୍ଜନ ମିଶ୍ର, ଲକ୍ଷ୍ମଣ ଦାସ, ମାଧବ କୁମ୍ଭାର, ତରଣୀ ବାରିକ, ବରୁଣ ସୁନା, ଆନନ୍ଦ ରଣା, ହରି ଶଙ୍କର ପାଣ୍ଡେ, ବଳଦେବ ଦାସ, କଳାଚାନ୍ଦ ବଗର୍ତ୍ତୀ, ସଚିତା ନନ୍ଦ ସାହୁ, ଭରତ ଜେନା, ସେଖ ତାରା ହୁସେନ, ପ୍ରମୋଦ ଗୁରୁ, ମୁନୁ ଦାଶ, ନିମେଇଁ ପାଣିଗ୍ରାହୀ ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇ ସହର ର ବିଭିନ୍ନ ଛକ ରେ ପିକେଟିଂ କରିବା ସହ ବନ୍ଦ ପାଳନକୁ ସଫଳ କରିଥିଲେ।

## କଣାସରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ

**କଣାସ,୧୭।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଓ ମୃତ୍ୟୁ ଘଟଣାକୁ ନେଇ ଉଠୁଛି ପଡୁଛି ସାରାରାଜ୍ୟ। ବିରୋଧି ଏହି ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ୍ କରି ହା ହୋଲା କରୁଛନ୍ତି। ସାର ରାଜ୍ୟରେ ଛାତ୍ରୀ ଆତ୍ମହତ୍ୟାକୁ ନେଇ ୧୨ଘଣ୍ଟିଆ ବନ୍ଦ ପାଳନ ଡାକରା ଦିଆଯାଇଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକରେ କଂଗ୍ରେସ ଓ ବାମପନ୍ଥି ଦଳ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦପାଳନ ହୋଇଯାଇଛି। କଣାସ ବ୍ଲକ ସଭାପତି ଆଇନ୍‌ଜିବୀ ସଦାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ପାଣ୍ଡିଆକେରା ସରପଞ୍ଚ ପ୍ରତିନିଧି ତ୍ରିନାଥ ଛୋଟରାୟ, ନିରଞ୍ଜନ ଜେନା, ପୂର୍ବତନ ସମିତି ସଭ୍ୟ ସୁମନ୍ତ ବଳବନ୍ତରାୟ, ଅଭିମନ୍ୟୁ ସମାନ୍ତରାୟ ପ୍ରମୁଖ ଶାତାଧିକ କର୍ମୀ ଏକ ରାଲିରେ କଣାସ ଗୋଲାବଜାର,ବ୍ଲକ ବଜାର, ଜଙ୍କିଆ ବଜାର, ବିଜିପୁର ବଜାର ପରିକ୍ରମା କରି ଦୋକାନ ବଜାର, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ଗାଡିମଟର ବନ୍ଦ କରିବାକୁ ନିବେଦନ କରିବାପରେ ସମସ୍ତ ଦୋକାନି, ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟ ଅଧିକାରୀମାନେ ବନ୍ଦ କରିଦେଇଥିଲେ। ବନ୍ଦ ପାଳନ ଫଟୋ ଇ-ମେଲ୍‌ରେ ପଠାଗଲା।

## ଟାଟା ପାୱାର ବେତନଟୀ ଷ୍ଟୋର ସୁପରଭାଇଜରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବେତନଟୀ,୧୭।୭(ସଂଚାର ବ୍ୟୁରୋ):** ବେତନଟୀସ୍ଥିତ ଟାଟା ପାୱାର କାର୍ଯ୍ୟାଳୟରେ ଷ୍ଟୋର ସୁପରଭାଇଜର ଭାବେ କାର୍ଯ୍ୟରତ ଜଣେ ଯାଜପୁର ଅଞ୍ଚଳର କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ବୁଧବାର ରାତିରେ ଏକ ବନ୍ଦ କୋଠରୀ ଭିତରୁ କବାଟ ଭାଙ୍ଗି ଉଦ୍ଧାର କରାଯାଇଛି। ମୃତକ ହେଉଛନ୍ତି ଯାଜପୁର ଜିଲ୍ଲା ବଡ଼ଚଣା ଉପକଣ୍ଠର ଉପୁଳା ଅଞ୍ଚଳର ରଞ୍ଜନ ମଲ୍ଲିକଙ୍କ ପୁତ୍ର ଶଶାଙ୍କ ଶେଖର ମଲ୍ଲିକ, ଯାହାଙ୍କ ବୟସ ୩୦ ବର୍ଷ। ପ୍ରାପ୍ତ ସୂଚନା ଅନୁଯାୟୀ, ଶଶାଙ୍କ ପ୍ରାୟ ଅଢେଇ ବର୍ଷ ହେବ ଟାଟା ପାଓ୍ୱାର ବେତନଟୀ ଷ୍ଟୋର ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ଘଟଣା ଦିନ ଅପରାହ୍ନରେ ସେ ନିଜ କାର୍ଯ୍ୟ ସାରି ବେତନଟୀରେ ଥିବା ଭଡାଘରକୁ ଫେରିଥିଲେ। ସହକର୍ମୀମାନେ ତାଙ୍କୁ ବାରମ୍ବାର ଫୋନ କରିଥିଲେ, କିନ୍ତୁ ଶଶାଙ୍କ ଫୋନ ନ ଉଠାଇବାରୁ ସେମାନେ ତାଙ୍କ ଭଡାଘରକୁ ଯାଇ କବାଟ ଠକ ଠକ କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ କବାଟ ଖୋଲାନଯିବା ଓ କୌଣସି ପ୍ରତିକ୍ରିୟା ନ ମିଳିବାରୁ ସନ୍ଦେହ ହୋଇ ସହକର୍ମୀମାନେ



ଛାତ ଉପରେ ଚଢି ସ୍କାଏଲାଇଟ ଦେଇ ଭିତରକୁ ଦେଖିଲା ବେଳକୁ ଶଶାଙ୍କଙ୍କ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଏହାପରେ ଘରମାଲିକ ଓ ପଡୋଶୀଙ୍କ ସହାୟତାରେ କବାଟ ଭାଙ୍ଗି ଦେଖାଯାଇଥିଲା ଯେ, ଶଶାଙ୍କ ସିଲିଂ ହୁକ ରେ ଲୁଙ୍ଗି ବାନ୍ଧି ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି ବୋଲି ଦେଖିବାକୁ ମିଳିଥିଲା। ଖବର ପାଇ ବେତନଟୀ ଥାନାର ଏଏସଆଇ ସାନନ୍ଦ ନାଏକ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ଶଶାଙ୍କଙ୍କ ପରିବାରକୁ ସୂଚନା ଦିଆଯାଇଛି ଏବଂ ସେମାନେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ ପାଇଁ ଆଗାମୀ ପଦକ୍ଷେପ ନିଆଯିବ ବୋଲି ପୁଲିସ ସୂଚନା ଦେଇଛି। ଏହି ଘଟଣା ସମ୍ପର୍କରେ ବେତନଟୀ ପୁଲିସ ଏକ ଅପମୃତ୍ୟୁ ମାମଲା (ନମ୍ବର ୩୨) ରୁଜୁ କରି ତଦନ୍ତ ଜାରି ରଖିଛି। ପରିବାର ଲୋକ ପହଞ୍ଚିବା ପରେ ମର ଶରୀର କୁ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଥିବା ନେଇ ପୁଲିସ ସୂଚନା ଦେଇଛି।



# ପର୍ଯ୍ୟଟନ

## ସାମୁଦ୍ରିକ ସଂଗ୍ରହାଳୟ



କଟକ ଯୋବ୍ରାଠାରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟରେ ଆଧୁନିକ ସଂଗ୍ରହାଳୟରେ ଆବଶ୍ୟକ ଅନୁଯାୟୀ ୧୦ଟି ଗ୍ୟାଲେରୀ ସହ ଏହାର ଆନୁଷଙ୍ଗିକ ଉପାଦାନ ରହିଛି। ବ୍ରିଟିଶ ଭାରତର ବେଙ୍ଗଲ ପ୍ରେସିଡେନ୍ସି ଅଧୀନରେ ବିହାର, ବଙ୍ଗଳା ଏବଂ ଓଡ଼ିଶାର ତିନୋଟି ପ୍ରଦେଶର ଆବଶ୍ୟକତାକୁ ପୂରଣ କରୁଥିବା ଏକମାତ୍ର କର୍ମଶାଳା ଭାବରେ ଏହି ସ୍ଥାନର ଅନନ୍ୟ ଗୌରବ ରହିଛି। ୧୮୬୬ ମସିହାରେ ଓଡ଼ିଶାରେ ମହାଦୁର୍ଭିକ୍ଷ ପରେ ବ୍ରିଟିଶ ପ୍ରଶାସନର ତତ୍କାଳୀନ ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ଜଣେ ସ୍କଟିଶ ଇଞ୍ଜିନିୟର ଶ୍ରୀ ଜିଏଚ୍ ଫକନରଙ୍କ ଉଦ୍ୟମରେ ଏହା ପ୍ରତିଷ୍ଠା କରାଯାଇଥିଲା। ବ୍ରିଟିଶ ପ୍ରଶାସନ ମରୁଡ଼ିର ପ୍ରଭାବର ମୁକାବିଲା ପାଇଁ ଉପକୂଳ କେନାଲ, ତାଳଦଣ୍ଡା କେନାଲ ଏବଂ ଅନ୍ୟାନ୍ୟ ଜଳସେଚନ ପ୍ରକଳ୍ପ ଖନନ କାର୍ଯ୍ୟ ହାତକୁ ନେଇଥିଲା। ଏହି କର୍ମଶାଳା ମୁଖ୍ୟତଃ ଆନିକଟ, ଡ୍ୟାମ୍, କେନାଲ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଭ୍ୟନ୍ତରୀଣ ଜଳ ପରିବହନ ବ୍ୟବସ୍ଥାର ଆବଶ୍ୟକତାକୁ ପୂରଣ କରିଥିଲା। ସେହି ସମୟରେ କଟକରୁ କଲିକତାକୁ ପ୍ରବେଶ କେବଳ ମହାନଦୀ ଉପରେ ପାରାଦୀପ ନିକଟରେ ଥିବା ଫଲ୍ସ ପଏଣ୍ଟକୁ ଏବଂ ସମୁଦ୍ର ପଥରେ କଲିକତା କିମ୍ବା ଚାନ୍ଦବାଲିରୁ କଲିକତା ପର୍ଯ୍ୟନ୍ତ ଯାତ୍ରା ମାଧ୍ୟମରେ ଥିଲା। ଉଚ୍ଚ ସମୁଦ୍ରରେ ଥିବା ଜାହାଜର ଗତିପଥ ଠିକ୍ ଭାବରେ ଚାର୍ଟ କରିବା ପାଇଁ ନେଭିଗେସନ୍ ଗୁରୁତ୍ୱପୂର୍ଣ୍ଣ। ଉଚ୍ଚ ସମୁଦ୍ରରେ ଯାତ୍ରା




କରିବା ସଭ୍ୟତା ଏବଂ ପ୍ରାଚୀନ ସଂସ୍କୃତି ସହିତ ପ୍ରାୟ ସମାନ। ଖୁବ୍ ପ୍ରାରମ୍ଭିକ ସମୟରୁ ସମୁଦ୍ର ଯାତ୍ରା ଆରମ୍ଭ ହୋଇପାରେ। ତଦନୁଯାୟୀ ଧୀରେ ଧୀରେ ନେଭିଗେସନ୍ କୌଶଳ ବିକଶିତ ହେଲା। ପ୍ରାରମ୍ଭରେ ସୂର୍ଯ୍ୟ, ଚନ୍ଦ୍ର, ସୂର୍ଯ୍ୟ ଏବଂ ଭାରତୀୟ ପରିପ୍ରେକ୍ଷୀରେ ଉତ୍ତର ନକ୍ଷତ୍ର (ଧ୍ରୁବ ତାରା) ଭଳି ନକ୍ଷତ୍ର ପୃଥିବୀ ଉଚ୍ଚ ସମୁଦ୍ରରେ ନେଭିଗେସନ୍ ପାଇଁ ମାର୍ଗଦର୍ଶକ ବିନ୍ଦୁ ଥିଲା। ପରବର୍ତ୍ତୀ ସମୟରେ କମ୍ପାସ୍, ଅକ୍ଷାଂଶ ଓ ଦ୍ରାଘିମା, ମେରିଡିଆନ୍ ଏବଂ ଟ୍ରପିକାଲ ରେଖାଗୁଡ଼ିକ ନାଭିଗେଟର୍ମାନଙ୍କ ଦ୍ୱାରା ଆବିଷ୍କୃତ ଏବଂ ବ୍ୟବହାର କରାଯାଇଥିଲା। ଏହି ଗ୍ୟାଲେରୀରେ ବସ୍ତୁ, ଚାର୍ଟ, ଫଟୋଗ୍ରାଫ୍ ଏବଂ ମଡେଲ୍ ମାଧ୍ୟମରେ ନେଭିଗେସନର ଇତିହାସକୁ ଚିତ୍ରିତ କରାଯାଇଛି।



## ଦହିବରା ଆଳୁଦମ୍

ଓଡ଼ିଆ ଲୋକଙ୍କ ପାଇଁ ଦହିବରା କେବଳ ଖାଦ୍ୟ ନୁହେଁ, ଏହା ଏକ ଭାବନା। କଟକ ଦହିବରାର ସ୍ୱାଦ ଅନ୍ୟମାନଙ୍କଠାରୁ ସ୍ପଷ୍ଟ ଭାବରେ ଅଲଗା। ମାର୍ଚ୍ଚ ପହିଲାକୁ ଓଡ଼ିଶାରେ ଦହିବରା ଆଳୁଦମ୍ ଦିବସଭାବେ ପାଳନ କରାଯାଏ। ଦହିବରା ହେଉଛି ଦହି ଏବଂ ବରାର ମିଶ୍ରଣ। ବିରି ଏବଂ ଚାଉଳରେ ଏହାକୁ ପ୍ରସ୍ତୁତ କରାଯାଏ। ଦହିବରାରୁ ଅତିରିକ୍ତ ତେଲ ବାହାର କରିବା ପାଇଁ ବରାକୁ ପାଣିରେ ଭିଜାଇ ଦହି ଭର୍ତ୍ତି ଏକ ପାତ୍ରରେ ପକାଇ ଦହିବରା ତିଆରି କରାଯାଏ। ସେହିଭଳି ଆଳୁଦମ୍ ହେଉଛି ବିଭିନ୍ନ ଭାରତୀୟ ମସଲାର ମିଶ୍ରଣରେ ସିଝା ଆଳୁର ଏକ ମସଲାଯୁକ୍ତ ତରକାରୀ। ବିଶେଷକରି ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ଦହିବରା ଓ ଆଳୁଦମ୍ ସାଧାରଣ ଓଡ଼ିଆଙ୍କ ପାଇଁ ଆକର୍ଷଣୀୟ। ଦହିବରା ବିଷୟରେ କହିବାବେଳେ କଟକର ସିଲଭର ସିଟି ବିଷୟରେ ଉଲ୍ଲେଖ କରିବା ଜରୁରୀ। ଏହି ସହରର ଅନେକ ଆକର୍ଷଣ ରହିଛି କିନ୍ତୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦହିବରା ଆଳୁଦମ୍ ପ୍ରତି ଥିବା ଭଲପାଇବାକୁ ବିଶ୍ୱାସ କରାଯିବା ଉଚିତ। ସ୍ଥାନୀୟ ଲୋକମାନେ ଦିନର ଯେକୌଣସି ସମୟରେ ଦହିବରା ଖାଇପାରିବେ, କାରଣ ଏହାର ସ୍ୱାଦ ଏବଂ ଗଠନ ହେତୁ ସେମାନେ ଏହାକୁ ଏକ ମୁଖ୍ୟ ଷ୍ଟ୍ରିଟ୍ ଫୁଡ୍ ଭାବରେ ବିବେଚନା କରନ୍ତି।

ଏହା ନୁହେଁ ଯେ ଦହିବରା ଓ ଆଳୁଦମ୍ ଘରେ ତିଆରି ହୋଇପାରିବ ନାହିଁ, ବରଂ ଓଡ଼ିଶାବାସୀ ଏହାକୁ ଖାଦ୍ୟ ଷ୍ଟଲରୁ ଖାଇବାକୁ ପସନ୍ଦ କରନ୍ତି। ଦହିବରାକୁ ଏକ ଯୋଡ଼ା ପତ୍ର ପ୍ଲେଟରେ ଗରମ ଆଳୁ ଝୋଳ କିମ୍ବା ଆଳୁଦମ୍ ସହିତ ସେଓ, ଧନିଆ ପତ୍ର ଏବଂ କଟା ପିଆଜରେ ସଜାଇ ଦିଆଯାଏ। ପୂର୍ବରୁ ବିକ୍ରେତାମାନେ ନିଜ ସାଇକେଲରେ ଦୁଇଟି ବଡ଼ ପାତ୍ର ରଖି ଦହିବରା ବିକ୍ରି କରୁଥିଲେ କିନ୍ତୁ ଏବେ ସେମାନେ ଷ୍ଟଲ୍ ଲଗାଇଛନ୍ତି। ଶେଷରେ ଏକ ପ୍ଲେଟ୍ ଦହିବରା ଖାଇବା ପରେ ଦହି ପିଇବା ଦ୍ୱାରା ଦହିବରା ଆଳୁଦମ୍ ପ୍ରେମୀଙ୍କୁ ଏକ ସ୍ୱତନ୍ତ୍ର ସ୍ତରର ସନ୍ତୋଷ ମିଳିଥାଏ।










## ଶିମିଳିପାଳ ଜାତୀୟ ଉଦ୍ୟାନ



ଶିମିଳିପାଳ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ ଏକ ଜାତୀୟ ଉଦ୍ୟାନ ଓ ବ୍ୟାଘ୍ର ଅଭୟାରଣ୍ୟ ଯାହା ୨,୭୫୦ ବର୍ଗ କିଲୋମିଟର (୧,୦୬୦ ବର୍ଗ ମାଇଲ) ପର୍ଯ୍ୟନ୍ତ ବ୍ୟାପିଛି। ଏହା ମୟୂରଭଞ୍ଜ ହାତୀ ଅଭୟାରଣ୍ୟର ଏକ ଅଂଶ, ଯେଉଁଥିରେ ତିନିଟି ସଂରକ୍ଷିତ ଅଞ୍ଚଳ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ, ହଦଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ୧୯୧.୦୬ ବର୍ଗ କିଲୋମିଟର (୭୩.୭୭ ବର୍ଗ ମାଇଲ) ଏବଂ କୁଲଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ ୨୭୨.୭୫ ବର୍ଗ କିଲୋମିଟର (୧୦୫.୩୧ ବର୍ଗ ମାଇଲ) ଅନ୍ତର୍ଭୁକ୍ତ। ଶିମିଳିପାଳ ଜାତୀୟ ଉଦ୍ୟାନର ନାମ ଏହି ଅଞ୍ଚଳରେ ବଢ଼ୁଥିବା ଲାଲ ରେଶମ କପା ଗଛର ପ୍ରଚୁରତାରୁ ସୃଷ୍ଟି ହୋଇଛି। ଏହି ଉଦ୍ୟାନରେ ବେଙ୍ଗଲ ଟାଇଗର, ଏସୀୟ ହାତୀ, ଗୌର ଓ ଚୌସିଂହା ହରିଣ ରହୁଛନ୍ତି। ଏହି ସଂରକ୍ଷିତ ଅଞ୍ଚଳ ୨୦୦୯ ମସିହାରୁ ୟୁନେସ୍କୋ ୱାର୍ଲ୍ଡ ନେଟୱାର୍କ ଅଫ୍ ବାୟୋସ୍ଫିୟର ରିଜର୍ଭର ଏକ ଅଂଶ ଅଟେ। ଏହି ଅଭୟାରଣ୍ୟକୁ ଦୁଇଟି ଭିନ୍ନ ଜୋନରେ ବିଭକ୍ତ କରାଯାଇଛି: ଦକ୍ଷିଣ ଜୋନ୍, ଯେଉଁଥିରେ ମେଘାସାନି ଏବଂ ଖରିବୁରୁ ପରି ଉଚ୍ଚଭୂମି ଅନ୍ତର୍ଭୁକ୍ତ ଏବଂ ଅଧିକାଂଶ ମୁଖ୍ୟ ଅଞ୍ଚଳକୁ ସେବା ଯୋଗାଇଥାଏ, ଏବଂ ଉତ୍ତର ଜୋନ୍, ବାରେହିପାଣି, ଯୋରନ୍ଦା, ସୀତାକୁଣ୍ଡ ଏବଂ ଲୁଲୁଙ୍ଗ ପରି ଧୀରେ ଧୀରେ ଝୁଲୁଥିବା ପର୍ବତ ଏବଂ ମନୋରମ ସ୍ଥାନ ପାଇଁ ଜଣାଶୁଣା, ସମସ୍ତେ ପର୍ଯ୍ୟଟନ ପାଇଁ ସକ୍ରିୟ ଭାବରେ ପ୍ରୋତ୍ସାହିତ ହୁଅନ୍ତି। ଏହି ବିଶାଳ ଜଙ୍ଗଲରେ ଦୁଇଟି ପ୍ରମୁଖ ଜଳପ୍ରପାତ ରହିଛି - ଯୋରନ୍ଦା ୧୮୧ ମିଟର (୫୯୪ ଫୁଟ) ଏବଂ ବରେଇପାଣି ୨୧୭ ମିଟର (୭୧୨ ଫୁଟ)। ଗ୍ରୀଷ୍ମଋତୁରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ (୧୦୪ ଡିଗ୍ରୀ ଫାରେନହାଇଟ୍) ଥିବାବେଳେ ଶୀତ ଋତୁ ୧୪ ଡିଗ୍ରୀ ସେଲସିୟସ (୫୭ ଡିଗ୍ରୀ ଫାରେନହାଇଟ) ପର୍ଯ୍ୟନ୍ତ ରହିପାରେ। ମଧ୍ୟମରୁ ପ୍ରବଳ ବର୍ଷା ହୋଇଥାଏ।

## ମୁଢ଼ି-ମାଂସ



ପ୍ରାୟତଃ 'ଯୋଦ୍ଧାମାନଙ୍କର କ୍ଲାସିକ୍ ଜଳଖିଆ' ଭାବରେ ପରିଗଣିତ ମୁଢ଼ି-ମାଂସ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଏକ ବିକାଶଶୀଳ ସହର ବାରିପଦାର ଏକ ସାଧାରଣ ଖାଦ୍ୟ। ମୁଢ଼ି ଶବ୍ଦର ଅର୍ଥ ହେଉଛି ଚାଉଳ ଭଜା ଏବଂ ମାଂସ। ମୁଢ଼ୀ ରାଜ୍ୟର ଏକ ମୁଖ୍ୟ ଖାଦ୍ୟ ଏବଂ ଏହାକୁ ମୁଖ୍ୟତଃ ବାରିପଦାବାସୀ ଖାଆନ୍ତି। ଏଠାକାର ଲୋକମାନେ ମୁଢ଼ିରେ ବିଭିନ୍ନ ଉପାଦାନ ମିଶାଉଥିବାବେଳେ ଏହାର ସବୁଠାରୁ ଲୋକପ୍ରିୟ ସାଥୀ ହେଉଛି ମାଂସ ତରକାରୀ। କଟା ପିଆଜ, ସବୁଜ ଲଙ୍କା, ଧନିଆ, ଦହି ଏବଂ ଆଚାର ସହିତ ମଟନ୍ ତରକାରୀ ସହିତ ଭାତ ପିନ୍ଧିବା ଅତ୍ୟନ୍ତ ଆନନ୍ଦଦାୟକ ଅଟେ। ଏହି ଖାଦ୍ୟ ମୟୂରଭଞ୍ଜର ଖାଦ୍ୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏହା ସହିତ ଲୋକଙ୍କ ଗଭୀର ଭାବନାତ୍ମକ ସମ୍ପର୍କ ରହିଛି। ଆପଣ ସହରରେ ରେଷ୍ଟୁରାଣ୍ଟ ପାଇପାରିବେ ଯେଉଁମାନେ ଏବେବି ଉତ୍ସର୍ଗୀକୃତ ଭାବରେ ମୁଦି ମାଂସ ବିକ୍ରି କରନ୍ତି, ଅନ୍ୟ ରାଜ୍ୟରେ ଏବଂ ଜାତୀୟ ଖାଦ୍ୟ ପର୍ବ ସମୟରେ ମଧ୍ୟ ଖାଦ୍ୟ ପରିବେଷଣ କରାଯାଏ। ଏହି

## ପାଳୁଅ ଲଡୁ

ଓଡ଼ିଶା ବିଦେଶୀ ସଂସ୍କୃତି ଏବଂ ସୁନ୍ଦର ଦୃଶ୍ୟର ଏକ ସୁନ୍ଦର ମିଶ୍ରଣ କିନ୍ତୁ ଏହା ଏହାର ଖାଦ୍ୟପେୟରେ ମଧ୍ୟ ସମାନ ଭାବରେ ସମୃଦ୍ଧ। ବିଗତ କିଛିବର୍ଷ ମଧ୍ୟରେ ଓଡ଼ିଶାର ଖାଦ୍ୟରେ ଅନେକ ପରିବର୍ତ୍ତନ ଆସିଛି କିନ୍ତୁ ଏହାର ସତ୍ୟତାକୁ ବଜାୟ ରଖିବାରେ ସଫଳ ହୋଇଛି। ଏଠାକାର ଲୋକମାନେ ମିଠାକୁ ଭଲ ପାଆନ୍ତି ଏବଂ ଏଭଳି ଏକ ପ୍ରସିଦ୍ଧ ମିଠା ହେଉଛି 'ପାଳୁଅ ଲଡୁ'। ଓଡ଼ିଶାର ଭଦ୍ରକ ଜିଲ୍ଲାରେ ଉତ୍ପନ୍ନ ହୋଇଥିବା ଏହି ମିଠା ଓ ସ୍ୱାଦିଷ୍ଟ ମିଠା ମଧ୍ୟରୁ ଅନ୍ୟତମ। ପାଳୁଅ ଆରୋରୁଟକୁ ବୁଝାଏ। ଏହା ଏକ ଉଦ୍ଭିଦ ଯାହାର ମୂଳକୁ ରୋଷେଇ ପାଇଁ ବ୍ୟବହାର କରାଯାଏ। ଏହି ଉଦ୍ଭିଦ ଭିତ୍ତିକ ଶସ୍ୟ ମୁକ୍ତ ଷ୍ଟାର୍ଚ ବିଭିନ୍ନ ଖାଦ୍ୟର ଉତ୍ତମ ଗଠନ ପାଇଁ କାମ କରିବାରେ ସାହାଯ୍ୟ କରିଥାଏ। ଏହି ଲଡୁର ରେସିପି ପ୍ରାୟ ଶହେ ବର୍ଷ ପୁରୁଣା ଏବଂ ଏବେ ବି ଏହାକୁ କଡ଼ାକଡ଼ିଭାବେ ସୁରକ୍ଷା ଦିଆଯାଉଛି। ତେଣୁ ଏହା ଖୁବ୍ କମ୍ ସ୍ଥାନରେ ଦେଖିବାକୁ ମିଳେ। ଏଥିରେ ଗହମ/ରିଫାଇଣ୍ଡ ଅଟା, ସୁଜି(ସୁଜି), ପାଳୁଅ(ଏରୋରୁଟ୍ ପାଉଡର), ଚିନି, ପାଣି, ତେଲ ଓ ବେକିଂ ସୋଡା ଭଳି ଉପାଦାନ ରହିଛି। ପାଳୁଓ ସ୍ୱାଦ ପ୍ରତି ନିରପେକ୍ଷ, ଉଭୟ ମିଠା ଏବଂ ଲୁଣିଆ। 'ଭଦ୍ରକ ପାଳୁଅ ଲଡୁ' ପାଇଁ ପ୍ରସିଦ୍ଧ। ଏଠାକୁ ଆସୁଥିବା ଲୋକମାନେ ସବୁବେଳେ ଏହି ମିଠାର ସ୍ୱାଦ ନେଇଥାନ୍ତି।ଯେକୌଣସି 'ଅବାଞ୍ଛିତ' ମିଠା ଖାଦ୍ୟର ବିକଳ୍ପ ଭାବରେ ପ୍ରସ୍ତୁତ କରିବା ପାଇଁ ଏହା ସମସ୍ତଙ୍କ ପାଇଁ ଏକ ଅତ୍ୟନ୍ତ ଆକର୍ଷଣୀୟ ଏବଂ ଚମତ୍କାର ଫର୍ମୁଲା। ପାଳୁଅ ଲଡୁ ପୁରୀ ଜଗନ୍ନାଥ ମନ୍ଦିରର ଚପନ ଭୋଗ ମଧ୍ୟରୁ ଅନ୍ୟତମ। ପାଳୁଅ ଲଡୁ ଭଦ୍ରକାଳୀ ମନ୍ଦିର ପାଇଁ ବହୁତ ପ୍ରସିଦ୍ଧ।



# ସରକାର ଯୋଜନା ବାଟବଣା ମିଳୁନି ପ୍ରଧାନମନ୍ତ୍ରୀ ଆବାସ ଗୃହ



**କନ୍ଧମାଳ,୧୭।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ଅନ୍ତର୍ଗତ ସାସିପଡ଼ା ଗ୍ରାମର ଗୋଲାପ ପୂଜାରୀ ଙ୍କ ସ୍ୱାମୀ ଦେହାନ୍ତ ହେବାର ତ:୦୬/୦୪/୦୨୫ ରିଖ ଆଜି ପର୍ଯ୍ୟନ୍ତ ତାଙ୍କୁ କୌଣସି ସରକାର ଯୋଜନା ମିଳି ନଥିବା ଅଭିଯୋଗ କରିଛନ୍ତି ହିତାଧିକାରୀ। ସରକାର ମାଳ ମାଳ ଯୋଜନା କାର୍ଯ୍ୟକାରୀ ପ୍ରସ୍ତୁତି କରନ୍ତି ସତ କିନ୍ତୁ ପ୍ରଶାସନ ଇଛା ଶକ୍ତି ଅଭାବ ଅବହେଳା ଯୋଗୁଁ ଆଜି ବି ପହଞ୍ଚି ପାରୁନଥିବା ଅଭିଯୋଗ ହେଉଛି। କୋଉଠି ନା କୋଉଠି ବାଟବଣା ହୋଇ ଯାଉଛି ସରକାର ଯୋଜନା। ଯାହା ଫଳରେ ଗରିବ ଅସହାୟ ବାସହୀନ ବିଧବା ପରିବାରକୁ ଆଜି ବି ଝାଟିମାଟି ଭଙ୍ଗା ଦଦରା କୁଡ଼ିଆରେ ଜିବନ ବିତାଉଛନ୍ତି ଗୋଲାପ ପୂଜାରୀ। ଘର ଖଣ୍ଡିଏ ଓ ବିଧବା ଭତ୍ତା ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ୍ୟ କୌଣସି ସଫଳ ମିଳିନଥିବା କହିଛନ୍ତି ହିତାଧିକାରୀ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଗୋଲାପ ପୂଜାରୀ ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ, ବିଧବା ଭତ୍ତା ଓ ଅନ୍ତୋଦୟ ରାସନ୍ କାର୍ଡ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟ ପଟେ ଦେଖିବାକୁ ବାକି ରହିଲା ଓଡ଼ିଶାର ନୂତନ ସରକାର କେବେ ଗୋଲାପ ଙ୍କ ଦୁଃଖ ଦୂର କରୁଛନ୍ତି।

# ଖରସ୍ରୋତାର ଜଳପ୍ରବାହ ଅନୁଧ୍ୟାନ କଲେ ମୁଖ୍ୟଯନ୍ତ୍ରୀ

**ବିଞ୍ଝାରପୁର,୧୭।୭ (ସଂଚାର ବ୍ୟୁରୋ):** ଜେନାପୁର ଠାରେ ବନ୍ୟା ଜଳ ସ୍ଥିର ରହିଛି। ଖରସ୍ରୋତା, ତନ୍ତୀଘାଇ, କାଣୀ ନଦୀରେ ବଡ ବନ୍ୟା ଆଶଙ୍କା କ୍ଷୀଣ ବୋଲି ଆଜି ଖରସ୍ରୋତା ନଦୀର ବନ୍ୟା ସ୍ଥିତି ଅନୁଧ୍ୟାନ କରିବାକୁ ଆସି ଜଳସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ ବିଘ୍ନେଶ୍ୱର ପୁରୋହିତ ପ୍ରକାଶ କରିଛନ୍ତି। ବିଂଝାରପୁର ଜଳସମ୍ପଦ ବିଭାଗ ଅଧୀନ ନୁଆମାହରା ହାଇଲେବୁଲ ସେତୁ ଉପରେ ଖରସ୍ରୋତା ନଦୀର ସ୍ଥିତି ଅନୁଧ୍ୟାନ କରିଥିଲେ ମୁଖ୍ୟ ଯନ୍ତ୍ରୀ ଶ୍ରୀ ପୁରୋହିତ। ତେବେ ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ୟା ମୁକାବିଲା ପାଇଁ ସକଳ ପ୍ରସ୍ତୁତି ହୋଇଛି। ବିଭାଗ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ନଦୀ ବନ୍ଧରେ ବିଭାଗ ପକ୍ଷରୁ ପଇଁତରା ମରାଯାଉଛି। ସମସ୍ତ କର୍ମଚାରୀ ସଜାଗ ଓ ସତର୍କ ରହିଛନ୍ତି। ତେବେ ନଦୀ କୂଳିଆ ଓ ସାଧାରଣ ଜନତା ବନ୍ୟା ନେଇ ଭୟଭିତ ନହେବାକୁ ମୁଖ୍ୟ ଯନ୍ତ୍ରୀ ଶ୍ରୀ ପୁରୋହିତ ପରାମର୍ଶ ଦେଇଛନ୍ତି। ଆଜି ମୁଖ୍ୟ ଯନ୍ତ୍ରୀ ଶ୍ରୀ ପୁରୋହିତ, ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇ, ଏସଡିଓ ଚୈତନ୍ୟ ଜେନା, କନିଷ୍ଠ ଯନ୍ତ୍ରୀ ତପସ୍ୱିନୀ ସାହୁ, ଓ ଅନ୍ୟ ବିଭାଗୀୟ କର୍ମଚାରୀଙ୍କ ସହ ଖରସ୍ରୋତା ନଦୀର ଜଳ ପ୍ରବାହ, ସାମ୍ପ୍ରତିକ ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ। ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଦଳେଇ ବିଂଝାରପୁର ଏସଡିଓ ଶ୍ରୀ ଜେନାଙ୍କୁ ବନ୍ୟା ମୁକାବିଲା ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ପ୍ରସ୍ତୁତି ସଂପର୍କରେ ପଚାରି ବୁଝିଥିଲେ।



# ଟ୍ରାନ୍ସଫର୍ମର ଅଞ୍ଚଳ ମରାମତି ଦାବି କଲେ ଗ୍ରାମବାସୀ



**କୋଲନରା,୧୭।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କ୍ରାଣ୍ତିବାଲି ପଞ୍ଚାୟତ ଅନ୍ତର୍ଗତ ସିପାଡ଼ି ଗ୍ରାମରେ ଟ୍ରାନ୍ସଫର୍ମ ଅଚଳ ହୋଇଛି। ଏହି ଗାଁ ରେ ୩୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି।ଆଜକୁ ୧୮ ଦିନ ହେଲା ମରାମତି ନ ହେବା ଯୋଗୁଁ ସିପାଡ଼ି ଗ୍ରାମବାସୀ ବହୁତ ଅସୁବିଧାରେ ରହୁଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିଦ୍ୟୁତ୍ ଟ୍ରାନ୍ସଫର୍ମ ମରାମତି କରିବାକୁ ସିପାଡ଼ି ଗ୍ରାମବାସୀ ଦାବି କରିଛନ୍ତି ଦେଖିବାକୁ ବାକି ରହିଲା ଏହି ସମସ୍ୟାର ସମାଧାନ କେବେ ହେଇ ପାରୁଛି।

# ଭେଡେନରେ ବନ୍ଦ ଶାନ୍ତିପୂର୍ଣ୍ଣ



**ଭେଡେନ,୧୭।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଛାତ୍ରୀ ଆତ୍ମଦାହ ତଥା ମୃତ୍ୟୁ ଘଟଣା କୁ ନେଇ କଂଗ୍ରେସ ଦଳ ପକ୍ଷରୁ ଓଡିଶା ବନ୍ଦ ପରିପ୍ରେକ୍ଷୀରେ ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ରେ ମଧ୍ୟ ବନ୍ଦ ପାଳିତ ହୋଇଛି। ଶାନ୍ତିପୂର୍ଣ୍ଣ ଭାବେ ହୋଇଥିବା ଏହି ବନ୍ଦ ରେ ଭେଡେନ ର ସମସ୍ତ ଦୋକାନ ବଜାର ସରକାରୀ ବେସରକାରୀ ସ୍କୁଲ କଲେଜ ଅଫିସ ସବୁ ସକାଳ ଛଅ ରୁ ସନ୍ଧ୍ୟା ଛଅ ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଏହାସହସମସ୍ତ ଗାଡି ମଟର ଚଳାଚଳ ବନ୍ଦ ରହିବା ସହ ବ୍ୟାଙ୍କ ଓ ପେଟ୍ରୋଲ ପମ୍ପ ମାନେ ବନ୍ଦ ରହିଥିଲା। ବ୍ଲକ କଂଗ୍ରେସ ସଭାପତି ରମେଶଚନ୍ଦ୍ର ପଣ୍ଡା ଙ୍କ ନେତୃତ୍ୱ ରେ ଦଶରଥ ମେହେର, ସଞ୍ଜୟ କୁମାର ନନ୍ଦ, ଦିଲୀପ ଦାଶ ଙ୍କ ସମେତ ଦଳର ବହୁବରିଷ୍ଠ ଏବଂ ଯୁବ କର୍ମୀ ଶୋଭାଯାତ୍ରା ରେ ଯାଇ ପିକେଟିଂ କରିବା ସହ ଅଫିସ ଆଦି ବନ୍ଦ କରିଥିଲେ। ଏହାସହ ବ୍ଲକ ର ବିଭିନ୍ନ ଗ୍ରାମ ତଥା ଛକ ରେମଣ୍ଡା ଜାଣ୍ଡୋଲ ଥୁଆପାଲି ମହୁଲପାଲି ଖୁଣ୍ଟୁଲିପାଲି ପପଙ୍ଗା ରେ ମଧ୍ୟ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳିତ ହୋଇଛି ।

# ‘ସ୍ମୃତି ସାନ୍ତ୍ୱନା’ ଉନ୍ମୋଚିତ

**ବାଲିପାଟଣା,୧୭।୭(ସଂଚାର ବ୍ୟୁରୋ):** ପବିତ୍ର ଶିଶୁ ଅନନ୍ତ ଙ୍କ ପୀଠ ଠାରେ ବୁଧବାର ପୂର୍ବାହ୍ନରେ ମହିଳା ମାନଙ୍କ ପାଇଁ ସମର୍ପିତ ସାହିତ୍ୟ ସଂସ୍କୃତି ସଂପନ୍ନ ପତ୍ରିକା ସ୍ମୃତି ସାନ୍ତ୍ୱନା ର ୧୪ ତମ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସାନ୍ତ୍ୱନା ସାହିତ୍ୟ ସଂସଦ ର ଉପ ସଭାନେତ୍ରୀ ସୁଚେତା ରାଉତ ଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସମାଜସେବୀ



ବରଦା ପ୍ରସନ୍ନ ମହାପାତ୍ର, ତନୟା ଦାସ ଗୋସ୍ୱାମୀ, ନିରୋଦ କୁମାର ରାଉତ, ଅନିମା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।ଏହି ଅବସରରେ ସାହିତ୍ୟ କ୍ଷେତ୍ର କୁ ଅବଦାନ ପାଇଁ ଲେଖିକା ଶଶିପ୍ରଭା ଦାସ ଓ ଇତିଶ୍ରୀ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦିକା ସବିତା ବାଳା ବେହେରା ଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ଶତାଧିକ କବି, ଲେଖକ ଓ ସାହିତ୍ୟ ପ୍ରେମୀ ଯୋଗଦେଇ ଏହାର ସଫଳତାରେ ସହଯୋଗ କରିଥିଲେ। ଅନୀମା ଙ୍କ ସଂଯୋଜନା ରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ରେ କବି ଓ କବୟିତ୍ରୀ ମାନେ ସ୍ୱରଚିତ କବିତା ପାଠ କରିଥିଲେ। ମନୋରମା ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଥେରୁବାଲିରେ ଓଡିଶା ବନ୍ଦର ପ୍ରଭାବ



**କୋଲନରା,୧୭।୭(ସଂଚାର ବ୍ୟୁରୋ):** ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟଶ୍ରୀ ବିଶି ଙ୍କ ନ୍ୟାୟ ଦାବିରେ କଂଗ୍ରେସ ତରଫରୁ ଆଜି ସାରା ଓଡ଼ିଶାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଉଥିବା ବେଳେ ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍ ଅନ୍ତର୍ଗତ ଥେରୁବାଲି ଡିପିକେମ୍ପ ମୁଖ୍ୟ ରାସ୍ତାରେ କଂଗ୍ରେସ କର୍ମୀ ମାନଙ୍କ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା। ସହରର ଛୋଟ ବଡ ଦୋକାନ ବଜାର ପକ୍ଷରୁ ବନ୍ଦ ଡାକରା ସମର୍ଥନ ଜଣାଇ ସହର ପ୍ରତ୍ୟେକ ଦୋକାନ ବଜାର ବନ୍ଦ ରଖିବା ସହ ବନ୍ଧ ସମୟରେ ହସପିଟାଲ, ଆମ୍ବୁଲାନ୍ସ ସେବା, ଜରୁରୀକାଳୀନ ସେବାକୁ ଛାଡ଼ି ସମସ୍ତ ଦୋକାନ ବଜାର, ଯାନବାହାନ ଚଳାଚଳ ସକାଳ ୬ ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି କଂଗ୍ରେସ କର୍ମୀ ଶ୍ରୀ ଲକ୍ଷ୍ମୀଧର ମିଶ୍ର ସୂଚନା ଦେଇଥିଲେ। କଂଗ୍ରେସର କର୍ମୀ ମାନେ ଉକ୍ତ ଘଟଣାରେ ବର୍ତ୍ତମାନର ସରକାରଙ୍କୁ ଦାୟୀ କରି ବିଭିନ୍ନ ପ୍ରକାରର ସରକାରୀ ବିରୋଧୀ ସ୍ଲୋଗାନ ଦେଇ ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଞ୍ଜୟ ପାଣିଗ୍ରାହୀ, ଲକ୍ଷ୍ମୀଧର ମିଶ୍ର, ଲଖି ହନ୍ତାଳ, ଅନବର୍ ସାହା, ଗୋପାଲ ହିକକା, ଧ୍ରୁବ ଜାଲ୍, ମୋହନ ହିକକା, ରାଜେଶ କାଡ୍ରାକା, କୃଷ୍ଣ ମିଣିଆକା, ଶିବ ହିକକା, ଲକ୍ଷ୍ମଣ ପିଡିସିକା ଙ୍କ ସହ କଂଗ୍ରେସରେ ବହୁ କର୍ମୀ ଉପସ୍ଥିତ ଥିଲେ।

# ସ୍ୱାମୀ ମୃତ୍ୟୁକୁ ୬ ମାସ ପରେବି ତରଙ୍ଗିଣୀଙ୍କୁ ମିଳୁନି ବିଧବା ଭତ୍ତା



**କନ୍ଧମାଳ,୧୭।୭(ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଅସହାୟ ଭିନ୍ନକ୍ଷମ, ଦୃଷ୍ଟିହୀନ, ବିଧବା, ବାର୍ଦ୍ଧକ୍ୟ ଜୀବନ କୁ ସହଜ ସମ୍ମାନ ଜନକ କରିବାର କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ସହିତ ଅନେକ ଯୋଜନା କାର୍ଯ୍ୟକାରୀ ପ୍ରସ୍ତୁତି କରନ୍ତି ସତ କିନ୍ତୁ ପ୍ରଶାସନକ ଅବହେଳା ଯୋଗୁଁ କୋଉଠି ନା କୋଉଠି ବାଟବଣା ହୋଇ ଯାଉଛି ବୋଲି ଆଜି ବି ପହଞ୍ଚି ପାରୁନଥିବା ଅଭିଯୋଗ କରିଛନ୍ତି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ଅନ୍ତର୍ଗତ ସଲାଗୁଡ଼ା ଗ୍ରାମ ପଦାସାହିର ତରଙ୍ଗିଣୀ ବେହେରା ଙ୍କ ସ୍ୱାମୀ ଦେହାନ୍ତ ହେବାର ୬ ମାସ ବିତିଯାଇଥିଲେ ମଧ୍ୟ ବିଧବା ଭତ୍ତାରୁ ବଞ୍ଚିତ ଅଛନ୍ତି।

# କୁନିଙ୍କୁ ମିଳୁନି ବିଧବା ଭତ୍ତା

**କନ୍ଧମାଳ,୧୭।୭(ସଂଚାର ବ୍ୟୁରୋ):** ସରକାର ସାମାଜିକ ସୁରକ୍ଷା ଯୋଜନାରେ ଗରିବ ବୃଦ୍ଧ ବୃଦ୍ଧା ଓ ବିଧବା ଓ ଦିବ୍ୟାଙ୍ଗମାନଙ୍କୁ ଭତ୍ତା ଯୋଗାଇବାର ବ୍ୟବସ୍ଥା କରିଛନ୍ତି। ମାତ୍ର କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ରେ ଏହି ଯୋଜନା ର ସଠିକ ତଦାରଖ ହେଉନଥିବାରୁ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି କୁନି ସ୍ୱାଇଁ। ଏମିତି ଦେଖିବାକୁ ମିଳିଛି ସାରଙ୍ଗଡ଼ ପଞ୍ଚାୟତ ପାଟ ଖଣ୍ଡା ସାହିର କୁନି ସ୍ୱାଇଁ। ସ୍ୱାମୀ ଙ୍କ ଦେହାନ୍ତ ହେବାର ୭ ମାସ ବିତିଯାଇଥିଲେ ମଧ୍ୟ ବିଧବା ଭତ୍ତା ଓ ରାସନ୍ ଚାଉଳ ବଞ୍ଚିତ ଅଛନ୍ତି। ଭତ୍ତା ପାଇଁ ବାରମ୍ବାର ଆବେଦନ କରିଛନ୍ତି କିନ୍ତୁ ଏଯାଏଁ ମିଳିପାରିନାହିଁ ବିଧବା ଭତ୍ତା ଏନେଇ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ଆବେଦନ କରିଛନ୍ତି କିନ୍ତୁ ଏଯାଏଁ ମିଳିପାରିନାହିଁ ବୋଲି କହିଛନ୍ତି କୁନି ସ୍ୱାଇଁ। ଏହି ବିଷୟ ରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଙ୍କୁ ପଚାରିବାରୁ ତୁରନ୍ତ ଭତ୍ତା ପାଇପାରିବେ ବୋଲି କହିଛନ୍ତି।

# କଂଗ୍ରେସ ଓ ସହଯୋଗୀ ଦଳଙ୍କୁ ମିଳିଲା ଓଡ଼ିଶା ବନ୍ଦର ସଫଳତା



**ବୈଶିଙ୍ଗା,୧୭।୭(ସଂଚାର ବ୍ୟୁରୋ):** ଫକୀର ମୋହନ ବିଏଡ଼ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅକାଳ ମୃତ୍ୟୁ ରେ ସମଗ୍ର ରାଜ୍ୟ ଜଳୁଥିବାବେଳେ ଏହାକୁ ବିରୋଧ କରି ଗୁରୁବାର ସକାଳ ୬ ଟା ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ୧୨ ଘଣ୍ଟା ବ୍ୟାପି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ବେତନଟୀ ବ୍ଲକ କଂଗ୍ରେସ ସଭାପତି କୁଶଧର ବେହେରାଙ୍କ ତତ୍ତ୍ୱାବଧାନ ତଥା କଂଗ୍ରେସ ନେତା କ୍ଷୀରୋଦ ପାତ୍ରଙ୍କ ପରିଚାଳନାରେ ରେ ଶହ ଶହ ଯୁବ ଛାତ୍ର ଓ ପୁରୁଖା ଦଳୀୟ ନେତା ଓ କର୍ମୀ ଉତ୍ସାହର ସହିତ ଏକତ୍ରିତ ହୋଇ ଦଳୀୟ ପତାକା ଧରି ଜାତୀୟ ରାଜପଥ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ୟାଙ୍କ ସହିତ ବିଚାର ବିଭାଗ ଅଦାଲତ ପର୍ଯ୍ୟନ୍ତ ବନ୍ଦ ରହିଥିବାର ଦେଖାଯାଇଥିଲା। ମୃତ ସୌମ୍ୟାଶ୍ରୀର ମୃତ୍ୟୁ ସାଧାରଣରେ ଏତେ ପ୍ରଭାବ ପକାଇଥିଲା ଯେ ବହୁତ ଅନୁଷ୍ଠାନ ସ୍ୱତ ପ୍ରବୃତ ଭାବେ ବନ୍ଦ କରିବା ସହ କେତେକ ଅନୁଷ୍ଠାନ ଚାହିଁ ବସିଥିଲେ କେତେବେଳେ କଂଗ୍ରେସ କର୍ମୀ ଆସିବେ ଓ ସେମାନେ ବନ୍ଦ କରିବେ। ମୃତ ସୌମ୍ୟାଶ୍ରୀ ରାଜ୍ୟ ନିମନ୍ତେ ଏକ ଉଦାହରଣ ପାଲଟି ଯାଇଥିବାରୁ ସରକାରୀ ଅନୁଷ୍ଠାନ ଗୁଡିକ ମଧ୍ୟ ବନ୍ଦ ରହିଥିବାର ଦେଖା ଯାଇଥିଲା। ଏଥି ସହିତ କଂଗ୍ରେସ ନେତ୍ରୀ ମାଧବୀ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ, ଆଗରିଆ, ଯୁଗଳ ଛକ, ବୈଶିଙ୍ଗା ବଜାର, ଗଡ଼ଦେଉଳିଆ, କଳମା ଛକ ଇତ୍ୟାଦି ରେ ଦୋକାନ ଓ ବିଭିନ୍ନ ଅନୁଷ୍ଠାନ ବନ୍ଦ ରହିଥିଲା। ବୈଶିଙ୍ଗା ବଜାର ରେ ବ୍ୟାଙ୍କ, ପୋଷ୍ଟ ଅଫିସ, ଲ୍ୟାମ୍ପସ, ରାଜସ୍ୱ କାର୍ଯ୍ୟାଳୟ ଓ ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ଏବଂ ସମସ୍ତ ସ୍କୁଲ ବନ୍ଦ ରହିଥିଲା। ଏହି ବନ୍ଦର ପ୍ରଭାବରେ ଜାତୀୟ ରାଜପଥ ରେ ରାଜ୍ୟ ତଥା ରାଜ୍ୟ ବାହାରର ଶହ ଶହ ବିଭିନ୍ନ ଯାନ ବାହାନ ଛିଡା ହୋଇ ରହିଥିଲା।

# ‘ପ୍ରାଇଡ୍’ର ବିଶ୍ୱ ଯୁବ କୌଶଳ ଦିବସ ପାଳନ

**ବୈଶିଙ୍ଗା,୧୭।୭ (ସଂଚାର ବ୍ୟୁରୋ):** ‘ପ୍ରାଇଡ୍‘ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ‘ ମେରା ଯୁବା ଭାରତ, ମୟୂରଭଞ୍ଜ‘ ଶାଖା ସହିତ ମିଳିତ ଭାବରେ ବିଶ୍ୱ ଯୁବ କୌଶଳ ଦିବସ, ଜୁଲାଇ ୧୫ ତାରିଖରେ ରଙ୍ଗକ୍ଷମଟିଆ ସ୍ଥିତ ପଣ୍ଡା ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ସେଣ୍ଟର୍ କ୍ୟାମ୍ପସରେ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷା ଅନୁଷ୍ଠାନର ପ୍ରିନ୍ସିପକ୍ଷଲ୍ ଶ୍ରୀଯୁକ୍ତ ଆଶୁତୋଷ ଦାସ ଓ ପ୍ରଶିକ୍ଷକ ଶ୍ରୀଯୁକ୍ତ ଜଗତ ଜୀବନ ଧଳ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ବିଶ୍ୱ ଯୁବ କୌଶଳ ଦିବସ- ୨୦୨୫ ର ମୁଖ୍ୟ ବିଷୟବସ୍ତୁ କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିଜିଟାଲ କୌଶଳ ପ୍ରୟୋଗ ଦ୍ୱାରା ଯୁବ ସଶକ୍ତୀକରଣ ବାବଦରେ ଆଲୋକପାତ କରିଥିଲେ। ଏଥି ସହ ଶିକ୍ଷା ଅନୁଷ୍ଠାନର ଛାତ୍ରମାନଙ୍କ ମଧ୍ୟରେ ଏକ ସାଧାରଣ ଜ୍ଞାନର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ପ୍ରାଇଡ୍‘ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସାଧକ୍ଷରଣ ସମ୍ପାଦକ ଆଶିଷ ପରିଡ଼ା ସମସ୍ତଙ୍କ ସହଯୋଗ ନିମନ୍ତେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିବାଜୀ ଯୁବକ ସଂଘ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**ବୈଶିଙ୍ଗା,୧୭।୭ (ସଂଚାର ବ୍ୟୁରୋ):** ସୌମ୍ୟାଶ୍ରୀ ଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟ ତଥା ଦେଶ ରେ ବିକ୍ଷୋଭ ପ୍ରଦର୍ଶନ ଏବଂ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ପାଇଁ ବିଭିନ୍ନ ସ୍ଥାନରେ କ୍ୟାଣ୍ଡେଲ ଶୋଭାଯାତ୍ରା ପ୍ରଦର୍ଶିତ ହୋଇଥିବାର ଦେଖାଯାଇଛି। ଏହି ପରିପେକ୍ଷୀ ରେ ବୈଶିଙ୍ଗା ସ୍ଥିତ ଶିବାଜୀ ଯୁବକ ସଂଘ ଅନୁକୂଲ୍ୟରେ ଆଜି ଗୁରୁବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଥିଲା। ଯୁବକ ସଂଘ ର ସଭାପତି ସୀତାକାନ୍ତ ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱା ବଧାନରେ ସଂଘର କର୍ମକର୍ତ୍ତା ସବ୍ୟସାଚୀ ପଣ୍ଡା, ଶାନ୍ତନୁ କୁମାର ପଣ୍ଡା, ରାଜେଶ କୁମାର ସାହୁ, ଦିଲ୍ଲୀପ ନାୟକ, ରାଜେଶ ଭୂୟାଁ, ବ୍ରହ୍ମାନନ୍ଦ ମହାପାତ୍ର ଙ୍କ ସମେତ ବହୁ କର୍ମ କର୍ତ୍ତା ସହଯୋଗ କରିଥିଲେ। ସୌମ୍ୟାଶ୍ରୀ ଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଥମେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଭବିଷ୍ୟତରେ ଏଭଳି ଘଟଣା ର ପୁନରାବୃତ୍ତି ନ ହେଉ ସେଥିପାଇଁ ସରକାରଙ୍କୁ ଚେତାବନୀ ଦିଆଯାଇଥିଲା।ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଭାବେ ସୀତାନାଥ ବେହେରା, ସଞ୍ଜୟ କୁମାର ମିଶ୍ର, ବିମଳେନ୍ଦୁ ମହାପାତ୍ର, ସତ୍ୟଜିତ୍ ରାଉତ, ମଧୁସୂଦନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# କଂଗ୍ରେସର ଓଡିଶା ବନ୍ଦର ପ୍ରଭାବ



**କଳିଙ୍ଗନଗର,୧୭।୭ (ସଂଚାର ବ୍ୟୁରୋ):** ବାଲେଶ୍ୱର ଏଫ. ଏମ. କଲେଜ ଛାତ୍ରୀ ସୋମ୍ୟା ଶ୍ରୀ ବିଶି ଙ୍କ ଆତ୍ମହୂତି କୁ ନେଇ ଆଜି ପ୍ରଦେଶ କଂଗ୍ରେସ ଡାକରା ରେ ଓଡିଶା ରେ ସବୁ ସ୍ଥାନରେ ବନ୍ଦ ର ପ୍ରଭାବ ପଡ଼ିଛି, ସୁକିନ୍ଦା ନିର୍ବାଚନ ମଣ୍ଡଳୀ ର ଦାନଗଦି ମିଲିଟାରୀ ଛକ ରେ, ବଙ୍ଗଳା ଛକ, ଡୁବୁରୀ ଛକ ଓ ଟମକା ଛକ ରେ ସକାଳୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗାଡି ମୋଟର କୁ ରାଜରାସ୍ତା ରେ ବନ୍ଦ କରିଥିଲେ। ସମସ୍ତଦୋକାନ ବଜାର, ଅଫିସ ବନ୍ଦ ଥିଲା, ବାଇକ ରେ ଯାତ୍ରୀ ମାନେ ଯାତାୟାତ କରୁଥିବା ବେଳେ ଜରୁରୀ କାଳୀନ ଗାଡି ଗୁଡିକୁ କଂଗ୍ରେସ କର୍ମୀ ଛାଡି ଦେଉଥିବା ର ଦେଖିବାକୁ ମିଳିଥିଲା। ମିଲିଟାରୀ ଛକ ରେ ପୋଲିସ କଂଗ୍ରେସ ର ନେତୃତ୍ୱ ନେଉଥିବା ନେତା ମାନଙ୍କୁ ଗିରଫ କରି ନେଇଯାଇଥିଲା। ଡୁବୁରୀ ରେ ଶ୍ରମିକ ନେତା ବାବୁଲି ପୂର୍ତ୍ତୀ, ତେଣୁ କଂଗ୍ରେସ ର ବିଧାୟକ ପ୍ରାର୍ଥୀ ବିଭୂଭୂଷଣ ରାଉତ ଓ ମହେନ୍ଦ୍ର ଦାସ ଏହାକୁ ନେଇ ସରକାର ଓ ପୋଲିସ ପ୍ରଶାସନ କୁ ନିନ୍ଦା କରିଥିଲେ। ଏହି ଘଟଣା ର ନ୍ୟାୟିକ ତଦନ୍ତ ସହ ରାଜ୍ୟରେ ହେଉଥିବା ନାରୀ ନିର୍ଯ୍ୟାତନା ବନ୍ଦ ପାଇଁ ଏହି ବିକ୍ଷୋଭ ହେଉଛି ଆଗକୁ ସରକାର ଏହାକୁ ବନ୍ଦ ନ କଲେ ଲଢେଇ ଏପରି ଜନସାଧାରଣ ଙ୍କ ପାଇଁ ଜାରୀ ରହିବ ବୋଲି କହିଥିଲେ। ରାସ୍ତା ଘାଟ ଶୂନଶାନ ଥିବା ବେଳେ ସମସ୍ତ କାରଖାନା କୁ ଭୋରୁ ସମୟରୁ ଶ୍ରମିକ ଓ କର୍ମଚାରୀ ମାନେ ପଳାଇ ଯାଇଥିଲେ। ଶିଳ୍ପାଞ୍ଚଳ ର ମାନପୁର ଓଭର ବ୍ରିଜ ସକାଳୁ ଦିନ ୧୦ ଟା ପ୍ରଯ୍ୟନ୍ତ ନାହିଁ ନ ଥିବା ଭିଡ଼ ହୋଇଥିବା ଦେଖିବାକୁ ମିଳିଥିଲା। ଡୁବୁରୀ ଛକ ରେ ଶ୍ରମିକ ନେତା ବାବୁଲି ପୂର୍ତ୍ତୀ, ରଂଜିତ ରାଜ, ସ୍ୱର୍ଣ୍ଣଲତା ବାନରା, ମଳୟ ପାତ୍ର, ହିନ୍ଦୁ ଜାମୁଦା, ଝରଣା ମହାନ୍ତ, ବୀରକିଶୋର ସାହୁ, ନିଲୁ ଦେଓ, ଅଜୟ ଜେନା ପ୍ରମୁଖ ବିକ୍ଷୋଭ ରେ ସାମିଲ ଥିବା ବେଳେ ଟମକା ରେ ଦାମ ଦୋର ପୁହାଣ, ଅଜୟ ସାହୁ, ପ୍ରଭାତୀ ବଳ ପ୍ରଭାତ ସାମନ୍ତ ଦାନଗଦି ରେ ଉମାକାନ୍ତ ଜେନାମ ଣି, ଦୟାନିଧି ପଲାଇ, ପ୍ରମୁଖ ନେତୃତ୍ୱ ନେଇ ଶାନ୍ତି ଶୃଙ୍ଖଳା ର ସହ ବନ୍ଦ ପାଳନ କରିଥିବା ଦେଖିବାକୁ ମିଳିଥିଲା।

# ମାଲବାହୀ ଟ୍ରେନ ଧାରଣାରୁ ଓଲଟିଲା, ଅଟକିଲା ବନ୍ଦେ ଭାରତ

**ଯୋଡା,୧୭।୭ (ସଂଚାର ବ୍ୟୁରୋ):** ଦକ୍ଷିଣ - ପୂର୍ବ ରେଳପଥ ର ଦେଓଝର ଷ୍ଟେସନ ନିକଟସ୍ତ ରେଳ ଧାରଣାରେ ଗୁରୁବାର ଅପରାହ୍ନ ପ୍ରାୟ ୩ ଟା ବେଳେ ଏକ ମାଲବାହୀ ଟ୍ରେନ ଧାରଣା ରୁ ଓଲଟି ପଡ଼ିଛି । ଫଳରେ ଏହି ଲାଇନ୍ ଦେଇ ଯାଉଥିବା ବନ୍ଦେ ଭାରତ ଟ୍ରେନ ଟି ଡ଼ାଙ୍ଗୁଆ ପଶି - ଦେଓଝ ର ଷ୍ଟେସନ ମଧ୍ୟରେ ଅଟକି ରହିଛି । ଏହି ଘଟଣା ଘଟିବା ପରେ ବଂଶପାଣି, ଦେଓ ଝର, ରେଳ କର୍ମଚାରୀ ଘଟଣାସ୍ଥଳ ରେ ପହଂଚି ଟ୍ରାକ୍ କ୍ଲିଅ ର୍ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଡେପୁଟି ଟ୍ରାଫିକ ଇନ୍ସପେକ୍ଟର ଏସ ପି ସିଂ ଘଟଣାସ୍ଥଳ ରେ ପହଂଚି ଥିବା ବେଳେ ଭାରି ମେସିନ ସାହାଯ୍ୟରେ ଟ୍ରାକ୍ ରୁ ମାଲବାହୀ ଟ୍ରେନ କୁ ଉଠାଇବାକୁ ଚେଷ୍ଟା ଚାଲିଛି । ତେବେ ସିଂ ସ୍ୱଳ୍ପ ସୂଚନା ଦେଇ କହିଥିଲେ ଯେ,ଏହି ଟ୍ରେନ ରେ ଖଣିଜ ବୋଝେଇ ହୋଇଥିଲା । ଓଲଟିବା କାରଣ ଜଣାପଡି ନ ଥିବା ବେଳେ ଟ୍ରେନ ଅଖ ଓ ଚକ ଟ୍ରାକ ରୁ ବାହାରି ଯାଇଥିଲା । ଟ୍ରାକ୍ କ୍ଲିଅର କରାଇ ବନ୍ଦେଭାରତ ଟ୍ରେନ କୁ ଲାଇନ୍ କ୍ଲିଅର୍ କରିବା ପ୍ରଥମ କାର୍ଯ୍ୟ ବୋଲି ସେ କହିଥିଲେ ।



# ଶୋଚନୀୟ ଅବସ୍ଥାରେ ଗୋଲଙ୍ଗବନ୍ଦ ରାସ୍ତା

**ଲାଞ୍ଜିଗଡ଼,୧୭।୭(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଠାରୁ ଲାଞ୍ଜିଗଡ଼ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଠାରୁ ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ଅନ୍ତର୍ଗତ ଗୋଲଙ୍ଗବନ୍ଦ ଗାଁକୁ ସଂଯୋଗ କରୁଥିବା ମାଟି ମୁରୁମ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି।ଉକ୍ତ ରାସ୍ତାଟି ମୁଖ୍ୟ ରାସ୍ତାରୁ ଗୋଲାଙ୍ଗବନ୍ଦ ସ୍କୁଲପଡ଼ା ପର୍ଯ୍ୟନ୍ତ ସଂଯୋଗ କରୁଥିବା ହାରାହାରି ୨କି.ମି ରାସ୍ତାର ଆରମ୍ଭରୁ ଅନେକ ସ୍ଥାନରେ ବଡ଼ ବଡ଼ ଖାଲଖମା ସହ ରାସ୍ତା ମଝିରେ ପାଣି ଜମି ରହୁଥିବାରୁ ଲୋକେ ଯାତାୟାତରେ ନାହିଁ ନ'ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ରାସ୍ତା ମଝିରେ ଆଣ୍ଠୁଏ ଲେଖାଏଁ ଖାଲ ଓ ପାଣି ଜମିବା ସହ କାଦୁଅ ପଚପଚ ହୋଇଥିବାରୁ ଲୋକେ ବାଇକରେ



ଯାତାୟାତ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତା ନିର୍ମାଣ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ଏହାର ମରାମତି ହୋଇ ପାରିନାହିଁ।ସୂଚନା ଅନୁସାରେ ଉକ୍ତ ରାସ୍ତା ମନରେଗା ଯୋଜନା ମାଧ୍ୟମରେ ୨୦୨୨-୨୩ ଆର୍ଥିକ ବର୍ଷରେ ୬ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ମାଟି ଓ ମୁରୁମ ପାଇଁ ମଞ୍ଜୁରୀ ହୋଇଥିଲା ଓ ରାସ୍ତା ମଧ୍ୟ ନିର୍ମାଣ ହୋଇଥିଲା କିନ୍ତୁ ନିର୍ମାଣ ପରଠାରୁ ଏବେ ଯାଏଁ ମରାମତି ହୋଇ ନ'ଥିବା ବେଳେ ଏବେ ଖାଲ ଖମାରେ ପୂର୍ଣ୍ଣ ରହିଛି ଯାହାଫଳରେ ଲୋକେ ଯାତାୟାତ ପାଇଁ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଉକ୍ତ ରାସ୍ତାରେ ହାରାହାରି ୨ହଜାରରୁ ଉର୍ଦ୍ଧ ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରିଥାଆନ୍ତି ହେଲେ ବର୍ତମାନ ଏବେ ଉକ୍ତ ରାସ୍ତା ଖାଲ ଖମାରେ ଭର୍ତି ରହିଥିବା ବେଳେ ଯାତାୟାତ ପାଇଁ ଲୋକେ ନାହିଁ ନ'ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି।ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ଏହି ଗାଁ ୩କି.ମି ଦୂରରେ ରହିଥିଲେ ସୁଦ୍ଧା ପଞ୍ଚାୟତ ତଥା ବ୍ଲକ ପ୍ରଶାସନର ନଜର ପଡୁନି ବୋଲି ଗ୍ରାମ ବାସି ମତପ୍ରକାଶ କରିଛନ୍ତି।ତେବେ ପଞ୍ଚାୟତ,ବ୍ଲକ ଅଫିସ ଠାରୁ ଆରମ୍ଭ କରି ହାଟ ବଜାର, ଡାକ୍ତରଖାନା ପାଇଁ ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ ଥିବାବେଳେ ରାସ୍ତା କିନ୍ତୁ ଗମନାଗମନରେ ଲୋକଙ୍କୁ ସୁବିଧା ହେବା ପରିବର୍ତ୍ତେ ବାଧା ସାଜିଛି। ରାସ୍ତା ଏପରି ଅବସ୍ଥା ହୋଇଛି ଯେ'ଆମ୍ବୁଲାନ୍ସ ଯିବା ତ ଦୂରର କଥା ଦୁଇ ଚକିଆ ଯାନବାହାନ ଯାତାୟାତରେ ବି ଅସମ୍ଭବ ହୋଇପଡ଼ିଛି ଯାହାଫଳରେ କୌଣସି ରୋଗୀ କିମ୍ବା ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ନେବାପାଇଁ ବାଧକ ସାଜିଛି।